# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୧୨/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, June 12/2019 | ★★★★★★

୪୫ଶ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### ଅମିତାଭଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍

ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ଟୁଇଟର ଆକାଉଣ୍ଟକୁ ହ୍ୟାକ୍ କରାଯିବା ସହିତ ତାଙ୍କର ପ୍ରୋଫାଇଲ୍ ପିକ୍ଚର ବଦଳରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫଟୋ ପୋଷ୍ଟ କରାଯାଇଛି । ୦୭

୧୮

### ବାଦ୍ ପଡ଼ିଲେ ଧାୱନ

ବାମହାତ ବୁଢ଼ା ଅଙ୍ଗୁଳି ଭାଙ୍ଗିବା କାରଣରୁ ଅତିକମ୍‌ରେ ଆଇସିସି ବିଶ୍ୱକପର ୩ ମ୍ୟାଚରୁ ବାଦ୍ ପଡ଼ିଛନ୍ତି ଭାରତର ଶିଖର ଧାୱନ ।





ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ମୋଦିଙ୍କୁ ଭେଟିଲେ ନବୀନ**

## ସ୍ୱତନ୍ତ୍ର ପାହ୍ୟା ଦାବି ଦୋହରାଇଲେ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ସାକ୍ଷାତ୍ କରିଛନ୍ତି। ରାଜ୍ୟରେ ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ନବୀନ ପ୍ରଥମ କରି ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି। ମୋଦି ଦ୍ୱିତୀୟଥର କେନ୍ଦ୍ରରେ ସରକାର ଗଢ଼ିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନୁରୂପଭାବେ ବିଧାନସଭା ନିର୍ବାଚନରେ ବିଜେଡିର ସଫଳତା ପାଇଁ ମୋଦି ମଧ୍ୟ ନବୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦୁହିଁଙ୍କ ମଧ୍ୟରେ ହୋଇଥିବା ପ୍ରାୟ ୨୦ ମିନିଟ ସାକ୍ଷାତ୍ ସମୟରେ ନବୀନ ରାଜ୍ୟ ସମ୍ପର୍କିତ ଏକାଧିକ ଦାବି ଉପସ୍ଥାପନ କରିଥିଲେ। ଦୀର୍ଘଦିନର ଦାବି ତଥା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା, କୋଇଲା ରୟାଲଟି ସଂଶୋଧନ କରିବା ପ୍ରସଙ୍ଗ ମୁଖ୍ୟମନ୍ତ୍ରୀ ଉଠାଇଥିଲେ। ସେହିଭଳି ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଉପକୂଳ ଓଡ଼ିଶାର ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ସାମ୍ପ୍ରତିକ ସ୍ଥିତିରେ ☞ପୃଷ୍ଠା-୧୬

- ପୁଣି ଉଠାଇଲେ କୋଇଲା ରୟାଲଟି ସଂଶୋଧନ ଦାବି
- ଫନୀରେ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ମାଗିଲେ ୫୨୨୮ କୋଟି
- ଆୟୁଷ୍ମାନ ଭାରତ, ପିଏମ୍ କିଷାନ ଯୋଜନା ନେଇ ଆଲୋଚନା ହେଲାନି
- ବିଜୟ ପାଇଁ ପରସ୍ପରକୁ ଶୁଭେଚ୍ଛା ଜଣାଇଲେ

## ଏବର୍ଷ ବଢ଼ିବନି ବିଦ୍ୟୁତ୍ ଶୁଳ୍କ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହେବ ନାହିଁ। ପୂର୍ବ ବର୍ଷ ଭଳି ଘରୋଇ ଉପଭୋକ୍ତାମାନେ ବିଦ୍ୟୁତ୍ ଦେୟ ପଇଠ କରିବେ। ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ କମ୍ପାନୀଗୁଡିକର ଶୁଳ୍କ ବୃଦ୍ଧି ଆବେଦନର ଶୁଣାଣି କରି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଏହି ନିଷ୍ପତ୍ତି ନେଇଛି। ଏହି ନିର୍ଦ୍ଦେଶନାମା ଜୁନ୍ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ସମସ୍ତ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକର ବଲ୍କ ସପ୍ଲାଏ ଶୁଳ୍କରୁ ଦୁଇ ପ୍ରତିଶତ ହ୍ରାସ କରାଯାଇଛି। ବିଦ୍ୟୁତ୍ ପରିବହନ ଶୁଳ୍କରେ ଅପରିବର୍ତ୍ତିତ ରହିଛି। ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ(ଓଏଚପିସି) ପାଇଁ ବିଦ୍ୟୁତ୍ ଉତ୍ପାଦନ ଶୁଳ୍କ ଏକ ପ୍ରତିଶତ ହ୍ରାସ କରାଯାଇଥିବା ବେଳେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି)ର ଉତ୍ପାଦନ ଶୁଳ୍କରେ ୧୫ ପ୍ରତିଶତ ବୃଦ୍ଧି କରାଯାଇଛି। ଯେଉଁ ଘରୋଇ ଏଲଟି ଲାଇନ ଉପଭୋକ୍ତା ଠିକ୍ ସମୟରେ ବିଦ୍ୟୁତ୍ ଦେୟ ପଇଠ କରୁଛନ୍ତି ସେମାନଙ୍କୁ ମାର୍ଚ୍ଚ ମାସରେ ଅତିରିକ୍ତ ରିହାତି ପ୍ରଦାନ କରାଯିବ। ଡିଜିଟାଲ ପେମେଣ୍ଟ କରୁଥିବା ଗ୍ରାହକମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ବିଦ୍ୟୁତ୍ ଶୁଳ୍କରେ ରିହାତିକୁ ୧ ପ୍ରତିଶତରୁ ୨ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବଣ୍ଟନ କମ୍ପାନୀଗୁଡିକ ୬୦ ମାସ ପର୍ଯ୍ୟନ୍ତ ଉପଭୋକ୍ତାଙ୍କଠାରୁ ମିଟର ରେଣ୍ଟ ଆଦାୟ କରିପାରିବେ। ଘରୋଇ ଉପଭୋକ୍ତା, କୃଷି କ୍ଷେତ୍ର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ବିଦ୍ୟୁତ୍ ସଂଯୋଗ ପାଇଁ ତତ୍କାଳ ଯୋଜନା ଲାଗୁ ହେବ। ଏଚ୍‌ଟି ଏବଂ ଇଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରତି ୟୁନିଟରେ ସରଚାର୍ଜ ୧୦ ପଇସା ଲାଗୁ ହେବ। ଏସ୍‌ସି/ଏସ୍‌ଟି ବିଭାଗ ଦ୍ୱାରା ପରିଚାଳିତ ଛାତ୍ରାବାସଗୁଡିକ ୟୁନିଟ୍ ପିଛା ୨ଟଙ୍କା ୪୦ ପଇସା ରିହାତି ପାଇବେ। ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ସ୍ୱଜଳା ଧାରା ଉପଭୋକ୍ତାଙ୍କୁ ସ୍ୱତନ୍ତ୍ର ଭାବେ ୧୦ ପ୍ରତିଶତ ଅତିରିକ୍ତ ରିହାତି ଯୋଗାଇ ଦେବାକୁ ଓଇଆରସି ନିର୍ଦ୍ଦେଶ ଦେଇଛନ୍ତି।

**ଓଇଆର୍‌ସିର ନିଷ୍ପତ୍ତି**

- ଡିଜିଟାଲ ପେମେଣ୍ଟ ପାଇଁ ୨% ରିହାତି
- ନୂଆ ବିଦ୍ୟୁତ ସଂଯୋଗ ପାଇଁ ତତ୍କାଳ ଯୋଜନା ଲାଗୁ ହେବ

**ନେପାଳରେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା: ୨ ଓଡ଼ିଆ ମୃତ** ୪

# ବିଚକ୍ଷଣ ସଂସଦୀୟ ତଥ୍ୟ

ସୁନୀତ୍ ମିଶ୍ର

ଭୁବନେଶ୍ୱର, ୧୧।୬

ଓଡିଶା ବିଧାନସଭାର ପ୍ରାୟ ୧ବର୍ଷ ଜୀବନକାଳ ଥିବା ସତ୍ତ୍ୱେ ୨୦୦୪ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିନ୍ନ ନିଷ୍ପତ୍ତି ନେଇଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ବର୍ଷକ ଆଗରୁ ଗୃହର ମୁଖ୍ୟଭାବେ ବିଧାନସଭା ଭାଙ୍ଗି ଏକାସଙ୍ଗେ ଲୋକ ସଭା ସହିତ ବିଧାନସଭା ନିର୍ବାଚନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଫଳରେ ବିଜେଡି ତା'ର ସୁଫଳ ଏ ପର୍ଯ୍ୟନ୍ତ ପାଇଆସୁଛି। ଗତ ନିର୍ବାଚନରେ ମଧ୍ୟ ଏହାର ଏକ ସ୍ପଷ୍ଟ ଝଲକ ଦେଖିବାକୁ ମିଳିଛି। ୨୦୧୯ ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇବା ସହିତ ବିଜୁ ଜନତା ଦଳ(ବିଜେଡି) ରାଜ୍ୟରେ ୫ମ ପାଳି ପାଇଁ ସରକାର ଗଠନ କରିଛି। ସେହିପରି ପ୍ରଥମ ଥର ଲାଗି ଭାଜପା ମୁଖ୍ୟ ବିରୋଧୀ ଦଳ ଆସନରେ ବସିବାକୁ ଯାଉଛି। ଅନ୍ୟପଟେ ଦୀର୍ଘଦିନ ହେବ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇ ଆସୁଥିବା କଂଗ୍ରେସ ତୃତୀୟ ସ୍ଥାନକୁ ଖସିଆସିଛି। ଯଦି ଏହି ତଥ୍ୟକୁ ବାଦ୍‌ଦିଆଯାଇ କେବଳ ଲୋକ ସଭା ଆସନର ଫଳାଫଳକୁ ଭିନ୍ନ ଭାବେ ଦେଖାଯାଏ ତେବେ ଏହାର ଏକ ନୂଆ ଚିତ୍ର ସାମ୍ନାକୁ ଆସୁଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡିଶାର ପ୍ରତ୍ୟେକ ଲୋକ ସଭା କ୍ଷେତ୍ରରେ ୭ଟି ଲେଖାଏ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଅର୍ଥାତ୍ ୨୧ ଏମ୍‌ପି ଆସନକୁ ୭ରେ ଗୁଣନ କଲେ ୧୪୭ ବିଧାନସଭା ଆସନ ହେଉଛି। ଯଦି କେବଳ ଲୋକ ସଭା ଆସନ ଫଳାଫଳକୁ ହିସାବକୁ ନିଆଯାଏ, ତେବେ ବିଜେଡି ଜିତିଥିବା ଲୋକ ସଭା ଆସନଗୁଡିକର କିଛି ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। କେନ୍ଦୁଝରର ନବନିର୍ବାଚିତ ବିଜେଡି ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ତାଙ୍କ ଲୋକ ସଭା କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ୫ଟିରେ ବିଜୟୀ ହୋଇଥିଲେ ମଧ୍ୟ ଦୁଇଟି ଆସନ ତଥା ପାଟଣା ଏବଂ କେନ୍ଦୁଝରରେ ପରାଜିତ ହୋଇଛନ୍ତି। ଭଦ୍ରକରୁ ନବନିର୍ବାଚିତ ବିଜେଡି ଏମ୍‌ପି ମଞ୍ଜୁଲତା ମଣ୍ଡଳ ସୋର ଏବଂ ଧାମନଗର ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। ଯାଜପୁରର ନବନିର୍ବାଚିତ ଏମ୍‌ପି ଶର୍ମିଷ୍ଠା ସେଠୀ କିନ୍ତୁ ତାଙ୍କ ଲୋକ ସଭା ଆସନ ଅନ୍ତର୍ଗତ ସମସ୍ତ ବିଧାନସଭା କ୍ଷେତ୍ରରେ ବିଜୟୀ ହୋଇପାରିଛନ୍ତି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ପରଜଙ୍ଗ ଏବଂ ପାଲଲହଡା ଆସନରେ ପରାଜୟର ମୁହଁ ଦେଖିଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ମାଝୀ ନିଜ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉମରକୋଟ, ନବରଙ୍ଗପୁର, କୋଟପାଡ଼ ଏବଂ ମାଲକାନଗିରି ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ତାଙ୍କ ଲୋକ ସଭା ଆସନ ଅନ୍ତର୍ଗତ ସବୁ ବିଧାନସଭା କ୍ଷେତ୍ରରେ ବିଜୟୀ ହୋଇଛନ୍ତି। ସେହିପରି କଟକ ଏମ୍‌ପି ଭର୍ତ୍ତୃହରି ମହତାବ ବାରବାଟୀ-କଟକ ଏବଂ ଚୌଦ୍ୱାର-କଟକ ଆସନରେ ପରାଜିତ ହୋଇଛନ୍ତି। ହେଲେ କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ତାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସବୁ ବିଧାନସଭା କ୍ଷେତ୍ରରେ ବିଜୟ ହାସଲ କରିଛନ୍ତି। ଅନୁରୂପଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ମଧ୍ୟ ତାଙ୍କ କ୍ଷେତ୍ରରେ ଯାଉଥିବା ସମସ୍ତ ବିଧାନସଭା ଆସନରେ ବିଜୟୀ ହେବାରେ ସଫଳ ହୋଇଛନ୍ତି। ପୁରୀ ଏମ୍‌ପି ପିନାକୀ ମିଶ୍ର କିନ୍ତୁ ନିଜ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ୨ଟି ଆସନ ଯଥା ପୁରୀ ଓ ବ୍ରହ୍ମଗିରିରେ ପରାଜୟ ସ୍ୱାଦ ଚାଖିଛନ୍ତି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ତାଙ୍କ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇଛନ୍ତି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ନିଜ କ୍ଷେତ୍ର ଅନ୍ତର୍ଗତ ୫ ବିଧାନସଭା ଆସନରେ ବିଜୟୀ ହୋଇଥିଲା ବେଳେ ପାରଳାଖେମୁଣ୍ଡି ଓ ମୋହନା ଆସନରେ ପରାଜିତ ହୋଇଛନ୍ତି।

ସେହିପରି ଭାଜପାର ୮ ଏମ୍‌ପି କ୍ଷେତ୍ରକୁ ଯଦି ଲକ୍ଷ୍ୟ କରାଯାଏ, ତେବେ ଏଥର ଦଳ ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ମୟୂରଭଞ୍ଜ, ବାଲେଶ୍ୱର, ବଲାଙ୍ଗୀର, କଳାହାଣ୍ଡି ଏବଂ ଭୁବନେଶ୍ୱର ଆସନରେ ବିଜୟ ବାନା ଉଡାଇଛି। ସେଥିମଧ୍ୟରୁ ବରଗଡ଼ ଲୋକ ସଭା ଆସନରୁ ସୁରେଶ ପୂଜାରୀ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ଆସନ ମଧ୍ୟରୁ ସେ ବିଜେପୁରରେ ପରାଜିତ ହୋଇଛନ୍ତି। ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ତାଙ୍କ କ୍ଷେତ୍ର ଅନ୍ତର୍ଗତ ବଣାଇ ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। ☞ପୃଷ୍ଠା-୧୬


**ଦେଖନ୍ତୁ ରଜ ଉପରେ Man Mijaj ର ସ୍ୱତନ୍ତ୍ର ଉପସ୍ଥାପନା...**


YouTube DharitriLive ଚ୍ୟାନେଲରେ



For more videos subscribe YouTube DharitriLive now.



**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

**ଅବିଶ୍ୱସନୀୟ ମନେହେଉଛି**

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି ସରକାର ସାମ୍ପ୍ରଦାୟିକ ରୋଗ ଓ ତୁଷ୍ଟୀକରଣ ରାଜନୀତି ଦୂର କରିଛନ୍ତି।
-ମୁଖ୍‌ତାର ଅବାସ ନକ୍‌ଭୀ, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

**କିଛି ତଥ୍ୟ**

ନାଫେଡ୍ ମାଧ୍ୟମରେ ଦେଶରେ ହରଡ ଡାଲିର ଆମଦାନୀ ଦ୍ୱିଗୁଣ ବୃଦ୍ଧି ପାଇ ୪ ଲକ୍ଷ ଟନ ହୋଇଛି।
-କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 11.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 119 | 183 | 193 |
| CTC | 119 | 183 | 193 |
| DKL | 117 | 180 | 190 |
| BDK | 117 | 180 | 190 |
| BLS | 114 | 176 | 186 |
| ANG | 117 | 180 | 190 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers



**ଡ଼ିପ୍ଲୋମା ଇଂଜିନିୟରିଂ ଆଡ୍‌ମିଶନ୍ ବିଜ୍ଞପ୍ତି - ୨୦୧୯**

ଚଳିତ ବର୍ଷ ୨୦୧୯ ନିମନ୍ତେ ଓଡ଼ିଶା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ **ଜିଇସି ପଲିଟେକ୍‌ନିକ୍** ତରଫରୁ ଓଡ଼ିଶାର ମେଟ୍ରିକ ଉତୀର୍ଣ୍ଣ କରିଥିବା ଛାତ୍ରଛାତ୍ରୀ ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ଶିକ୍ଷାନୁଷ୍ଠାନ ଟି ଓଡ଼ିଶାର ସୁନାମଧନ୍ୟ ପ୍ରତିଷ୍ଠାନ ଗାନ୍ଧୀ ଗ୍ରୁପର ଏକମାତ୍ର ଅନୁଷ୍ଠାନ ଯିଏ କି କେବଳ ଡ଼ିପ୍ଲୋମା ପାଠ୍ୟକ୍ରମ ବାର୍ଷିକ ମାତ୍ର ୨୬,୫୦୦ ଟଙ୍କାରେ ପ୍ରଦାନ କରୁଛି । ଏତତ୍ ବ୍ୟତିତ ସମସ୍ତ SC / ST ଛାତ୍ରଛାତ୍ରୀ ମାନଙ୍କୁ ସରକାରୀ ସ୍କଲାରସିପ୍ ରେ ଶିକ୍ଷାଦାନ କରାଯାଉଛି ।



ଆଗ୍ରହି ଛାତ୍ରଛାତ୍ରୀ ମାନେ ନିଜର ଓରିଜିନାଲ୍ ୧୦ମ ସାର୍ଟିଫିକେଟ୍, ଜାତିଗତ ପ୍ରମାଣ ପତ୍ର ଏବଂ ଆଧାର କାର୍ଡ ସହ ନିମ୍ନ ଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।

**ଜିଇସି ପଲିଟେକ୍‌ନିକ୍ , ଭୁବନେଶ୍ୱର**
ଫୋନ : +୯୧ ୭୩୮୧୦୫୪୫୧୩୯ / ୭୩୮୧୦୫୪୫୧୩୬






ସୁଧ ହାର* 3.99% | ଡାଉନ୍ ପେମେଣ୍ଟ* ₹3250/- | ଏକ୍ସଚେଞ୍ଜ ବୋନସ* ₹4000 ପର୍ଯ୍ୟନ୍ତ | 5 Year^^ Warranty ଅତିରିକ୍ତ ଖର୍ଚ୍ଚ ବିନା | TVS 24X7 ASSISTANCE 1800-419-2077 ରୋଡ୍‌ସାଇଡ୍ ଆସିଷ୍ଟାନ୍ସ ସହିତ | 18003157557 (Toll Free)

^Based on On-road price & mileage data as per WMTC in scooter category. Accessories shown in the ad may not be a part of the standard equipment.
*Finance at the sole discretion on the financier and offers cannot be clubbed together. ^^5 year warranty without any additional charges. *Exchange as per dealer's discretion and subject to vehicle condition & prevailing market rate. **Ex-showroom price – Odisha. T&C apply.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com: Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dharitree Associates Pvt Ltd., Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051; Naugoan, Saitirtha Automobiles, Ph : 06724-222717, 9778802623; Balitutha, Sanjukta Motors, Ph : 8093099967, 9777773277 ; Narasinghpur, Bholeswar Motors, Ph : 9658410027 ; Balikuda, Krishna Traders, Ph : 9439370305 ; Gothopatna, Sai Laxmi Motors, Ph : 9337950051, 8249710415.

GD Symbol of Trust

# GUPTA DISTRIBUTORS
## NO.1 RETAIL CHAIN OF ODISHA

## GUPTA'S ରଜ OFFER
NEVER BEFORE IN TRADE HISTORY, FIRST TIME IN ODISHA

## • WIN •

| 15 WASHING MACHINES | 15 GUPTA STORES | 15 LUCKY LADIES |
|---|---|---|

GUPTA'S RAJA QUEEN



WIN FREE HONDA ACTIVA

BUY 1 GET 2
କେବଳ ଗୁପ୍ତାରୁ କିଣି ରଜ QUEEN ବନନ୍ତୁ

କେବଳ ଏହି ରଜରେ
ନାଁ କେବେ ଥିଲା,
ନାଁ କେବେ ଆସିବ

SPOT FINANCE AVAILABLE
IDFC BANK | EASY EMI | BAJAJ FINSERV | HDB FINANCIAL SERVICES | HDFC BANK We understand your world

UPTO 40% OFF



JAJPUR TOWN
Grand Gala Opening
Mega Showroom Opening
ଆସନ୍ତା ୧୪ ତାରିଖ ଶୁକ୍ରବାର ଦିନ
ପ୍ରତେକ କ୍ରୟ ଉପରେ ୫ଟି ସୁନିଶ୍ଚିତ ଉପାହାର
NC College Road, Laliteswar, Bola Mula Chhak, Mob - 8144920820



ଲୁଟ୍ ମାର୍ ଲୋନ୍ ମେଳା

Odisha's most trusted Electronics, Home Appliances & Digital Products Dealer Since 1972

GD Symbol of Trust
# GUPTA DISTRIBUTORS
No.1 Retail Chain Stores

| | | | | | | | | | | | |
|---|---|---|---|---|---|---|---|---|---|---|---|
| LG | SONY | SAMSUNG | Panasonic | SHARP | Godrej | Whirlpool | HITACHI Inspire the Next | VOLTAS | BLUE STAR | LUMINOUS | dishtv |
| Carrier | IFB | CARE | HAVELLS | Haier | BOSCH Invented for life | LLOYD | airtel digital TV | TATA Sky | Nikon | Samsung GALAXY | hp |
| Canon | MILTON | vivo Camera & Music | USHA | STANDARD | DELL | mi | V-GUARD | Hawkins | KENT | EUREKA FORBES | Symphony |

BHUBANESWAR- Main Road, Baramunda, Front of Kali Mandir, Mob: 7008989309, KIIT Square, Patia, Near Reliance Trends, Mob: 7008989302, 9778047796 Laxmi Sagar, Cuttack Road, Mob: 7008989301, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, Digital Store, Tinikonia Bagicha, Mob: 7008989313, NEAR JUDICIAL ACADEMY, (UTKAL HYUNDAI), CDA, CUTTACK, Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATANI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, ODOGAON- Studio Chhack, Main Road, Mob: 9438076064, BHADRAK- Main Road, Chappulia, Mob: 7008989314, JAGATSINGHPUR- Near Bus Stand, Mob: 7008989317 GUPTA FURNITURE PLAZA, Gandhi Chhak, Jagatsinghpur

*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only *On Payment of Rs. 500/-




# ଅରୁଣାଚଳରେ ଏଏନ୍-୩୨ ଭଗ୍ନାବଶେଷ ଠାବ

ଇଟାନଗର,୧୧।୬(ପି.ଟି./ଆଇଏଏନ୍ଏସ୍)

## ସମସ୍ତ ୧୩ ଜଣଙ୍କ ମୃତ୍ୟୁ ଆଶଙ୍କା



ନିଖୋଜ ହେବାର ୮ ଦିନ ପରେ ଭାରତୀୟ ବାୟୁସେନା (ଆଇଏଏଫ୍) ବିମାନ ଏଏନ୍-୩୨ର ଭଗ୍ନାବଶେଷ ମିଳିଛି। ଅରୁଣାଚଳ ପ୍ରଦେଶର ଲିପୋ ଅଞ୍ଚଳରେ ମଙ୍ଗଳବାର ଏହାକୁ ଠାବ କରାଯାଇଛି। ଏଥିସହ ସେଥିରେ ଥିବା ଓଡ଼ିଆ ପାଇଲଟ ସୁନୀତ୍ ମହାନ୍ତିଙ୍କ ସମେତ ସମସ୍ତ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।

ରୁଷିଆ ନିର୍ମିତ ଏଏନ୍-୩୨ ବିମାନ ଜୁନ୍ ୩ ଅପରାହ୍ନ ୧୨ଟା ୨୭ରେ ଆସାମର ଜୋର୍‌ହାଟରୁ ଚାଇନା ସୀମାନ୍ତ ଅରୁଣାଚଳର ଶି-ୟୋମି ଜିଲା ମେଚୁକା ଆଡଭାନ୍ସ ଲ୍ୟାଣ୍ଡିଂ ଗ୍ରାଉଣ୍ଡ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଉଡାଣର କିଛି ସମୟ ପରେ ଅର୍ଥାତ୍ ୧ଟା ୩୦ରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତିନିସେନା ପକ୍ଷରୁ ମିଳିତ ଭାବେ ଏହାର ତଲାସି ଜାରିରହିଥିଲା। ହେଲେ ପ୍ରତିକୂଳ ପାଗ ଏଥିରେ ବାଧକ ସାଜିଥିଲା। ନିଖୋଜ ବିମାନ ସମ୍ପର୍କିତ ସୂଚନା ଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ୮ ତାରିଖରେ ଆଇଏଏଫ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଶେଷରେ ମଙ୍ଗଳବାର ବିମାନର ଭଗ୍ନାବଶେଷକୁ ଟାଟୋର ଉତ୍ତର-ପୂର୍ବରେ ଥିବା ଲିପୋଠାରେ ଠାବ କରାଯାଇଛି। ସମୁଦ୍ର ପତ୍ତନଠାରୁ ୧୨,୦୦୦ ଫୁଟ୍ ଉଚ୍ଚରେ ମିଗ୍୧୭ ହେଲିକପ୍ଟର ଏହାକୁ ଠାବ କରିଛି ବୋଲି ଆଇଏଏଫ୍ ମୁଖପାତ୍ର ୱିଙ୍ଗ୍ କମାଣ୍ଡର ରତ୍ନାକର ସିଂ ସୂଚନା ଦେଇଛନ୍ତି। ଭଗ୍ନାବଶେଷ ସ୍ଥଳରୁ ବିମାନରେ ଥିବା ସମସ୍ତ ୧୩ ଜଣଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ଓ ଏହାର ବ୍ଲାକ୍ ବକ୍ସ ଖୋଜିବା ପାଇଁ ଉଦ୍ୟମ ଜାରି ରହିଛି। ଇଷ୍ଟର୍ନ ଏୟାର କମାଣ୍ଡର କମାଣ୍ଡିଂ-ଇନ୍-ଚିଫ୍ ଏୟାର ମାର୍ଶାଲ ଆର୍.ଡି. ମାଥୁର ଉଦ୍ଧାର କାର୍ଯ୍ୟର ସମୀକ୍ଷା କରୁଛନ୍ତି। ପ୍ରକାଶ ଯେ, ଏହି ବିମାନରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବଳିଆପଲ୍ଲୀର ସୁନୀତ୍ ମହାନ୍ତି କୋ-ପାଇଲଟ ଭାବେ ଥିଲେ। ସେ ୨୦୧୨ରେ ବାୟୁସେନାରେ ସାମିଲ ହୋଇଥିଲେ।

# ଆସିବ ନୂଆ କୃଷି ନୀତି-୨୦୧୯

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ରାଜ୍ୟରେ କୃଷକମାନଙ୍କର ଆୟ ବୃଦ୍ଧି କରିବା ଏବଂ ବଜାର ସୁବିଧା କରିବା ସକାଶେ ରାଜ୍ୟ ସରକାର ଖୁବଶୀଘ୍ର ଓଡ଼ିଶା କୃଷି ନୀତି-୨୦୧୯ ଆଣିବାକୁ ଯାଉଛନ୍ତି। ଏ ନେଇ ଚିଠା ନୀତି ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ନୂତନ କୃଷି ନୀତି ସକାଶେ ଆସନ୍ତା ୨ ସପ୍ତାହ ମଧ୍ୟରେ ନିଜର ମତାମତ ଦେବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବହୁମୁଖୀ ଚାଷ ସହ ଉତ୍ପାଦନକୁ ମୂଲ୍ୟଯୁକ୍ତ କରିବା ଉପରେ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଥିବା ବେଳେ କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ ଜଳବାୟୁ ପରିବର୍ତ୍ତନ ଉପଯୋଗୀ ବିହନ ଉତ୍ପାଦନ କରିବାକୁ ପ୍ରସ୍ତାବ ଦେଇଥିଲେ । ୨୦୧୮-୧୯ରେ କୃଷି କ୍ଷେତ୍ରରେ ୭୧ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ୨୦୧୬-୧୭ରେ ଓଡ଼ିଶା ୧୧୭ ମେଟ୍ରିକ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରି ବଳକା ରାଜ୍ୟ ଭାବେ ପରିଗଣିତ ହୋଇଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସ ଛାଡ଼ିଲେ କେ. ସୁରିଆ ରାଓ


କେ. ସୁରିଆ ରାଓ

- ପରାଜୟ ପାଇଁ ଦଳକୁ ଦାୟୀକଲେ
- ଅଧ୍ୟକ୍ଷ ରାହୁଲଙ୍କୁ ପଠାଇଲେ ଇସ୍ତଫାପତ୍ର
- ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା

**ପାରଳାଖେମୁଣ୍ଡି, ୧୧।୬(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା କେ. ସୁରିଆ ରାଓ ମଙ୍ଗଳବାର ବିଧିବଦ୍ଧ ଭାବେ ଦଳରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ମେଲ୍ କରିଥିବା କହିଛନ୍ତି। ଗତ ନିର୍ବାଚନରେ ଦଳୀୟ ଅଣଦେଖା ଓ ଅସହଯୋଗର ବିଭିନ୍ନ କାରଣ ଦର୍ଶାଇ ସେ ଏଭଳି ନିଷ୍ପତ୍ତି ନେଇଥିବା ଦର୍ଶାଇଛନ୍ତି। ଏବେ ସେ କେଉଁ ଦଳକୁ ଯିବେ, ତାହା ସ୍ପଷ୍ଟ କରି ନ ଥିଲେ ମଧ୍ୟ ବିଜେଡିରେ ଯୋଗଦେବା ନେଇ ପୂର୍ବାଭାସ ମିଳିଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଛି।

କେ. ସୁରିଆ ରାଓ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ନିଜ ଇସ୍ତଫାର ବିସ୍ତୃତ କାରଣ ରଖିଛନ୍ତି। ଗତ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଟିକେଟ୍ ଦେବାରେ ବିଳମ୍ବ କରିବାରୁ ସେ ପ୍ରଚାର ପାଇଁ ସମୟ ପାଇ ନ ଥିଲେ ଓ ପରାସ୍ତ ହୋଇଥିଲେ। ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ପାଇଁ ବହୁ ତାରକା ପ୍ରଚାରକ ନିର୍ବାଚନୀ ପ୍ରଚାର କରିଥିବାବେଳେ କଂଗ୍ରେସ ପକ୍ଷରୁ କୌଣସି ହେଭିୱେଟ୍ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅଞ୍ଚଳକୁ ନ ଆସିବା ତାଙ୍କୁ ପଛରେ ପକାଇଦେଲା। ଅନ୍ୟପକ୍ଷରେ ଏହି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ଭାବେ ଲଢ଼ିଥିବା ଜଣେ ପ୍ରାର୍ଥୀଙ୍କ ସହ କଂଗ୍ରେସର ଅନେକ କର୍ମକର୍ତ୍ତା ସାମିଲ ହେବାରୁ ରାଓଙ୍କ ପରାଜୟର ଏକ ପ୍ରମୁଖ କାରଣ ବୋଲି ସେ କହିଛନ୍ତି। ଏବେ ସେ ବିଜେଡି କିମ୍ବା ଭାଜପାକୁ ଯିବେ, ତାହାକୁ ନେଇ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରହ୍ମପୁର ଲୋକସଭା ଅଧୀନରେ ପାରଳାଖେମୁଣ୍ଡି ବିଧାନସଭା ଆସନ ଥିବାବେଳେ କଂଗ୍ରେସର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ ବିଜେଡି ପ୍ରାର୍ଥୀ ହୋଇ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ସେ କଂଗ୍ରେସରେ ଥିବାବେଳେ ତାଙ୍କର ନିକଟତମ ଥିବା କେ. ସୁରିଆ ରାଓ ନିଜ ପରାଜୟ ପରେ ତାଙ୍କୁ ଭେଟି ଆଲୋଚନା କରିଥିବା ତାଙ୍କ କର୍ମୀଙ୍କ ସୂତ୍ରରୁ ଜଣାପଡ଼ିଛି। ପାରଳା ରାଜକୁମାରୀଙ୍କୁ ବିଜେଡି ଟିକେଟ୍ ଦେବା ପରେ ଦଳର ବରିଷ୍ଠ ନେତା କେ. ନାରାୟଣ ରାଓ ଭାଜପା ଟିକେଟ୍‌ରେ ନିର୍ବାଚନ ଲଢ଼ି ବିଧାୟକ ହୋଇଛନ୍ତି। ତେଣୁ କେ. ସୁରିଆ ରାଓ ପଦ୍ମ ବଦଳରେ ଶଙ୍ଖ ଶିବିରରେ ଯୋଗ ଦେଇପାରନ୍ତି ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ରାଓ ନିଜେ ଏ ବାବଦରେ କୌଣସି ନିଷ୍ପତ୍ତି ନେଇ ନଥିବା ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି । ରାଓ ୨୦୧୨ ପଞ୍ଚାୟତ ନିର୍ବାଚନରେ ପ୍ରଥମେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିଥିଲେ । କଂଗ୍ରେସର ବରିଷ୍ଠନେତା ତ୍ରିନାଥ ସାହୁଙ୍କ ପ୍ରମୁଖ ସହଯୋଗୀ ଭାବେ ସେ କାମ କରିଥିଲେ। ତାଙ୍କର ମୃତ୍ୟୁ ପରେ ୨୦୧୩ ପୌର ନିର୍ବାଚନରେ ପାରଳାଖେମୁଣ୍ଡି ପୌରପରିଷଦ ଓ କାଶୀନଗର ଏନ୍ଏସି ସଙ୍ଗଠନ ଦାୟିତ୍ୱ ନେଇ ରାଓ କଂଗ୍ରେସକୁ ପାରଳାଖେମୁଣ୍ଡି ପୌର ପରିଷଦ ହାତେଇବାରେ ପ୍ରମୁଖ ଭୂମିକା ନେଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ହୋଇ ୬୧ ହଜାର ୧୪ ଖଣ୍ଡ ଭୋଟ୍ ପାଇଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର କେ. ନାରାୟଣ ରାଓଙ୍କୁ ଦେଢ଼ ହଜାରରୁ ଅଧିକ ଭୋଟ୍‌ରେ ହରାଇ ବିଧାୟକ ହୋଇଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ତାଙ୍କୁ ମାତ୍ର ୨୪ ହଜାର ଭୋଟ୍ ମିଳିବା ସହ ସେ ଚତୁର୍ଥ ସ୍ଥାନକୁ ଖସିଆସିଥିଲେ।

■ ନେପାଳରେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା

# ୨ ଓଡ଼ିଆ ମୃତ, ୨୧ ଆହତ

**କାଠମାଣ୍ଡୁ,(ପି.ଟି.)/ ଖୋର୍ଦ୍ଧା ଅଫିସ,୧୧।୬**

ନେପାଳର ରାଉତ୍‌ହାଟ ଜିଲାରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଓଡ଼ିଆ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୧ ଜଣ ଆହତ ହୋଇଥିବା ଜଣାପଡ଼ିଛି।

୬୦ ଭାରତୀୟ ତୀର୍ଥଯାତ୍ରୀଙ୍କୁ ନେଇ ଏକ ବସ୍ କାଠମାଣ୍ଡୁ ଅଭିମୁଖେ ଯାଉଥିଲା। ଯାତ୍ରୀଙ୍କ ସୁବିଧା ପାଇଁ ବସ୍ ଚନ୍ଦ୍ରପୁର ମ୍ୟୁନିସିପାଲିଟି-୧ ଅଞ୍ଚଳର ପଡରାଇ ଜଙ୍ଗଲରେ ଅଟକିଥିବାବେଳେ ପଛପଟୁ ଏକ ଟ୍ରକ୍ ଏହାକୁ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ୨୦ ମିଟର ଜଙ୍ଗଲ ଭିତରକୁ ଚାଲିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ ପୁରୀ ଜିଲା ଡେଲାଙ୍ଗ ଥାନା ଜମୁନା ଗାଁର ବିଜୟ କୁମାର ଜେନା (୫୨) ଓ ଖୋର୍ଦ୍ଧା ବ୍ଲକ୍ କଁପୁର ପଞ୍ଚାୟତ ମଳିପଡ଼ା ଗାଁର ଚରଣ ବିଶ୍ୱାଳ (୫୪)ଙ୍କ ମୃତ୍ୟୁ ଘଟିଛି। ଏହାସହ ୨୧ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଆହତ ଯାତ୍ରୀଙ୍କ ମଧ୍ୟରୁ ସର୍ବେଶ୍ୱର ଜେନା (୫୫), ଶେଷଦେବ ଜେନା (୫୩) ଓ କରୁଣା କର୍ଜୁନ ଅଓ୍ୱସ୍ତି (୬୩)ଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ବୀରଜଙ୍ଘସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଫେରାର ହୋଇଯାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଧରିବା ଲାଗି ତଲାସି ଜାରି ରହିଛି ବୋଲି ରାଉତ୍‌ହାଟ ଜିଲା ମୁଖ୍ୟ ଅଧିକାରୀ କିରନ୍ ଥପ୍ପା ସୂଚନା ଦେଇଛନ୍ତି। ଖୋର୍ଦ୍ଧା ବ୍ଲକ କଁପୁର ପଞ୍ଚାୟତ ମଳିପଡ଼ା ଉପରସାହିର ଚରଣଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଚରଣ ଗତ ୬ ତାରିଖରେ ସ୍ତ୍ରୀ ମଞ୍ଜୁଲତା(୫୫), ଭାଇ ବଳଭଦ୍ର(୭୫), ଭାଉଜ ଗୌରୀ(୭୦), ମା' ରେଖା(୮୦), ଜ୍ୱାଇଁ ପଦ୍ମଚରଣ ଗୁମାନସିଂହ, ଝିଅ ଲିପିକା, ନାତି ରୁଦ୍ର ପ୍ରତାପଙ୍କ ସହ କାଠମାଣ୍ଡୁକୁ ତୀର୍ଥ ଭ୍ରମଣରେ ଯାଇଥିଲେ। ତୀର୍ଥଯାତ୍ରା ସାରି ସେମାନେ ଆସନ୍ତା ୧୯ ତାରିଖରେ ଗାଁକୁ ଫେରିଥାନ୍ତେ। ହେଲେ ସୋମବାର ରାତି ୧୨ଟା ୪୫ରେ ଚରଣଙ୍କ ପୁଅଙ୍କ ପାଖକୁ ଫୋନ ଆସିଲା ଯେ, ବସ୍ ଦୁର୍ଘଟଣାରେ ତାଙ୍କ ବାପାଙ୍କ ମୃତ୍ୟୁ ଘଟିଛି। ସେହିପରି ଚରଣଙ୍କ ବଡ଼ଭାଇ ବଳଭଦ୍ରଙ୍କ ବାମଗୋଡ଼ ଭାଙ୍ଗିଯାଇଛି। ଆହତ ବ୍ୟକ୍ତିମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କ ଭାଷା ସେଠାକାର ପୋଲିସ ବୁଝି ପାରୁ ନ ଥିବାରୁ ଠିକ୍ ସହଯୋଗ ମିଳୁନି ବୋଲି ପରିବାର ଲୋକେ ଜଣାଇଥିଲେ। ମୃତଦେହ ଗାଁକୁ ଆଣିବା, ଆହତଙ୍କୁ ଚିକିତ୍ସା ଓ ପରିବାରର ଅନ୍ୟ ସଦସ୍ୟ ଘରକୁ ଫେରାଇ ଆଣିବାରେ ସହଯୋଗ ଉଦ୍ଦେଶ୍ୟରେ ମଳିପଡା ଗ୍ରାମବାସୀ ଜିଲାପାଳଙ୍କୁ ମଙ୍ଗଳବାର ଭେଟିଥିଲେ। ଦୁର୍ଘଟଣା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ଓ ସରକାର ଚଳଚଞ୍ଚଳ ହୋଇ ଉଠିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ସବୁ ପ୍ରକାର ସହାୟତା ସହ ଦୁଇ ଓଡ଼ିଆ ତୀର୍ଥଯାତ୍ରୀଙ୍କ ମୃତଦେହ ଗାଁକୁ ପଠାଇବା, ଆହତ ଯାତ୍ରୀଙ୍କୁ ଚିକିତ୍ସା ଯୋଗାଇବାର ବ୍ୟବସ୍ଥା କରିବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।


ମୃତ ଚରଣ ବିଶ୍ୱାଳ ଓ ବିଜୟ କୁମାର ଜେନା

**ସହାୟତା ଯୋଗାଇବାକୁ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି**


ନେପାଳରେ ଦୁର୍ଘଟଣାଗ୍ରସ୍ତ ତୀର୍ଥଯାତ୍ରୀ ବସ୍।

# ଏସ୍ଏସ୍ବି ଅଧ୍ୟାପକ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିଯୁକ୍ତି ପାଇଁ ହୋଇଥିବା ଏସ୍ଏସ୍ବି ଅଧ୍ୟାପକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନ ଷ୍ଟେଟ୍ ସିଲେକ୍ସନ ବୋର୍ଡ(ଏସ୍ଏସ୍ବି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାର ବିଭିନ୍ନ ବିଷୟ ପାଇଁ ଅନେକ ଛାତ୍ରୀଛାତ୍ର ମୌଖିକ ପରୀକ୍ଷା ଲାଗି ମନୋନୀତ ହୋଇଛନ୍ତି। ଆସନ୍ତା ୧୮ରୁ ଜୁଲାଇ ୩ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ଭେରିଫିକେଶନ କରିପାରିବେ। ପରୀକ୍ଷାର୍ଥୀମାନେ ଏସ୍ଏସ୍ବିର ଅଫିସିଆଲ ୱେବ୍‌ସାଇଟ୍ www.ssbodisha.nic.inରେ ଫଳାଫଳ ଦେଖିପାରିବେ। ଗତ ମାର୍ଚ୍ଚ ୧୦ରେ ଏହି ପରୀକ୍ଷା ହୋଇଥିଲା। ମୋଟ ୮୩୩ (ମହିଳା ୨୭୩) ସିଟ୍ ପାଇଁ ଏହି ପରୀକ୍ଷା ହୋଇଛି। ଏଥିମଧ୍ୟରେ ଏସ୍‌ଟି ପାଇଁ ୧୮୩, ଏସ୍‌ସି ପାଇଁ ୧୩୨, ଏସ୍ଇବିସି ପାଇଁ ୯୦, ୟୁଆର୍ ପାଇଁ ୪୨୮ ସିଟ୍ ରହିଛି। ଏହି ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ସହିତ କ୍ୟାରିୟର ଓ ମୌଖିକ ପରୀକ୍ଷା ମଧ୍ୟ ରହିଛି। ମୋଟ ୨୦୦ ମାର୍କ ପରୀକ୍ଷା ମଧ୍ୟରେ ଲିଖିତ ପରୀକ୍ଷା ୧୬୫ ମାର୍କର ହୋଇଥିଲା। କ୍ୟାରିୟର ପାଇଁ ୨୫ ଓ ମୌଖିକ ପାଇଁ ୧୦ ମାର୍କ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଗ୍ରହମାନଙ୍କ ଶୁଭ ସମ୍ବନ୍ଧ ଅଭାବରୁ ଯେକୌଣସି ପ୍ରକାରର ପରିସ୍ଥିତିରେ ମଧ୍ୟ ଆପଣ ନିଜକୁ ଠିକ୍ ଭାବେ ଆଡଜଷ୍ଟ କରି ଚଳାଇ ନେଇ ପାରିବେ ନାହିଁ। ଯଦିଓ ବିଶେଷ କିଛି ସମସ୍ୟା ନାହିଁ, ତଥାପି ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିବେ। କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଦ୍ୱାରା ସ୍ୱାଭିମାନ ବିଡମ୍ବିତ ହେବ । ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ । ଟେନସନ୍ କିଛି ମାତ୍ରାରେ ଲାଗିରହିବ । ପାରିବାରିକ କ୍ଷେତ୍ରରେ ଏମିତି କେତେକ କଥା ରହିଛି ଯାହାକୁ କହିପାରିବେ ନାହିଁ, ଯାହା ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ଦୀର୍ଘଦିନରୁ ଆପଣ ଯେଉଁ କାମଟିକୁ ଆଜି ଯାଏ କରି ପାରୁ ନ ଥିଲେ, କେତେକ ବନ୍ଧୁଙ୍କ ସାହାଯ୍ୟରେ ଆଜି ତାହା ସୁବିଧାରେ ହୋଇଯିବ। ଅଫିସରେ ଅଟକି ରହିଥିବା କାମଗୁଡିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ,ପରିବହନ ସନ୍ତୋଷଜନକ ରହିବ ଏବଂ ଲାଭ ମଧ୍ୟ କିଛି କମ୍ ହେବନି ।

**କର୍କଟ** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁଙ୍କ ପକ୍ଷପାତିତାକୁ ଦେଖି ମଧ୍ୟ ନ ଦେଖିଲା ପରି ରହି ସମାଲୋଚିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ଅନ୍ୟଥା କ୍ଷତିରେ ପଡିପାରନ୍ତି। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ ଘର କଥା ବୁଝିବାକୁ ସମୟ ମଧ୍ୟ ପାଇ ପାରିବେ ନାହିଁ ।

**ସିଂହ** ଆଜି ପରିବାରରେ କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ । ଜମିଜମା, ଯାନବାହନ, ଦେଣନେଣ ପ୍ରଭୃତିକୁ କେନ୍ଦ୍ରକରି ବିତର୍କ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କିଛିଟା ହଇରାଣ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ତାହା ନିୟନ୍ତ୍ରଣ ମଧ୍ୟରେ ହିଁ ରହିବ।

**କନ୍ୟା** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ । ଅତୀତରେ ଉପକୃତ ହୋଇଥିବା ବନ୍ଧୁମାନଙ୍କ ନିକଟରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ ନାହିଁ । ଦୀର୍ଘଦିନ ହେଲା ଯେଉଁ କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇଥିଲେ ଆଜି ତାହା କରିବା କାରଣରୁ ମନ ଖୁସି ରହିବ।

**ତୁଳା** ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ ଯୁକ୍ତିତର୍କ ଲାଗିପାରେ କିମ୍ବା ଘରୋଇ କଳହକୁ ନେଇ ପରିବାରରେ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ସରକାରୀସ୍ତରରୁ ଅର୍ଥ ପାଇବା ସକାଶେ ଉଦ୍ୟମ କରି କେତେକାଂଶରେ ସଫଳତା ପାଇପାରନ୍ତି।

**ବିଛା** ଏଣୁ ତେଣୁ ଗୁଡାଏ ଚିନ୍ତା କରି ମନ ଅସ୍ଥିର ରହିବାର ସୂଚନା ରହିଛି । ଯାହାଙ୍କ ଠାରୁ ଯାହା ପାଇବା ପାଇଁ ପ୍ରତଶ୍ରୁତି ପାଇଥିଲେ ତାହା ନ ପାଇବା କାରଣରୁ ମନେ ମନେ କ୍ଷୁବ୍ଧ ହୋଇ ପାରନ୍ତି। ଜମିଜମା, ଆଇନ, ଅଦାଲତ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ । ମାନସିକ ସ୍ତରରେ କେତେକ ବ୍ୟତିକ୍ରମ ରହିପାରେ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପରିବାରରେ ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ କିନ୍ତୁ ଏଥିପାଇଁ ପରେ ମନସ୍ତାପ କରିପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ,ପରିବହନ ଓ ନୂତନ କର୍ମାରମ୍ଭରେ କୌଣସି ଅସୁବିଧା ହେବନାହିଁ।

**ମକର** ମନ ଭଲ ନ ଥିବା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ତଥାପି ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ,ବନ୍ଧୁ ଗହଣରେ, ଅନ୍ୟମାନଙ୍କ ନିକଟରୁ ଶ୍ରଦ୍ଧା ଓ ସମ୍ମାନ ପାଇ ସାମୟିକ ଦୁଃଖକୁ ଭୁଲିଯିବେ। ଅର୍ଥ ସମ୍ପର୍କରୁ, ସେବା ଓ ପରୋପକାର ହେତୁ କିମ୍ବା ସାମାଜିକ ସ୍ତରରେ ପ୍ରଶଂସା ହେତୁ ଖୁସି ରହିପାରନ୍ତି।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। କେତେକ ଆକସ୍ମିକ ଅସୁବିଧା ଉପୁଜିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ଆଜି ଆପଣ ଆର୍ଥିକ ଦୃଷ୍ଟିକୋଣରୁ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ । ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଦଶହରା ଦଶମୀ ବୁଧବାର, ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ, ଜୁନ୍ ୧୨ ତାରିଖ, ଅନ୍ତଃରାଷ୍ଟ୍ରୀୟ ଶିଶୁଶ୍ରମ ନିଷେଧ ଦିବସ, ରାଶି ନକ୍ଷତ୍ର-ଦିବା ଘ୧୨ ।୩୫ମି. ଗତେ, ଚିତ୍ରା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ,ବିଦ୍ୟାରମ୍ଭ ଓ ଗୃହ ପ୍ରତିଷ୍ଠା ପାଇଁ ଶୁଭଦିନ। ଦିବା ଘ୬ ।୪୯ମି. ଗତେ ଘ୮ ।୨୮ମି. ମଧ୍ୟେ, ଘ୩ ।୦୪ମି. ଗତେ ଘ୪ ।୪୩ମି. ମଧ୍ୟେ ଅମୃତ ବେଳା ।


# classifieds Everyday
0674-2580101, 2549302




**BRIDE WANTED**

31yrs MBA ପାସ୍‌କରି Flipkart କମ୍ପାନୀରେ ବାର୍ଷିକ ୭ଲକ୍ଷ ୮୦ ହଜାର ଦରମାରେ ଚାକିରି କରିଥିବା ବଣିଆ ପାତ୍ର ପାଇଁ ସରକାରୀ ସ୍ତରରେ ଶିକ୍ଷୟିତ୍ରୀ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୮୦୯୩୪୮୯୯୪୭। ଧ-୬୪୦୬୭

Looking for Gauda educated beautiful girl for Software Professional in Bangalore from Sambalpur age 29 5'4". Contact: 8904203320. D-12913

Wanted Brahmin homely bride for 1980 born 5'9", Diploma Engineer Brahmin boy. Contact: 8917628852, 6370737397. D-66139

**GROOM WANTED**

SM4 beautiful girl 45/ 5'4" BSC/PGDCA Govt. job working Govt. Teacher, monthly income 8LPM 20k, Unmarried, divorced, house husband. Contact: 9009491423. D-12898

Pvt. companyରେ Account holder 39 ବର୍ଷ ଝିଅ ପାଇଁ Job/Business man proposal ଆବଶ୍ୟକ। 8895398591. D-12899

କେନ୍ଦ୍ରାପଡ଼ା ସ୍ଥିତ 30 ବୟସ୍କା, ସୁନ୍ଦର, ଚାକିରିଆ ଛାଡ଼ପତ୍ର ପ୍ରାପ୍ତ ଗୁଡ଼ିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7008080967. D-12931

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




**SALE**

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 9370292040. D-66395

ଭୁବନେଶ୍ୱର Tamando କେନ୍ଦ୍ରିୟ ବିହାର କଲୋନୀରେ 30' ରାସ୍ତା ଥାଇ plot କିଣନ୍ତୁ। 9348767829. D-66400

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

Plot for sale at Gudiapokhari NH side near tollgate. 9437112668, 9438621932. D-60835

2400 sqft. commercial plot near Siridi Sai Mandir on NH-203 Bhubaneswar, Price- 60lakh. Mobile: 7326084916. D-66562

1750 sqft. residential plot near ITER College, Jagamara, Bhubaneswar. Price- 52lakh. Mobile- 9078151122. D-66563

Sthitiban plot near Bigbazar, Patia to 3km Singada mouza 405 dcml Rs/- 12lakh. Contact: 8270495179. D-12900

1200 sqft land, 900 sqft construction simplex, Brahmanjharilo, 6k.m from Nakhara 25lakhs LIC approved. 9861281504. D-12941

Well renovated & reputed A/C restaurant with fast food counter all modern facilities at Cuttack road, Bhubaneswar for immediate sale. Contact: 9348600654, 9437585977, 7008257791. D-56175

8000 sqft (25 nos) farm house land in a pollution noise free atmosphere just 100k.m from BBSR. 8763244211. D-66901

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12932

**8000 Sft plot sale at Satya Nagar, Bhubaneswar, directly buyer contact: Deepak- 9937329999 (Broker excuse).** D-66240

GA free hold land 2400 sqft at Bharatpur with booking builtup 2000 sqft duplex- 9937560970. D-66242

**Plot @ 120/- per sqft with road 20km from Cuttack, Bhubaneswar 7809525452, 8249851363.** D-66902




Around 1200 sqft area 1st floor near Sainik School, DL-15, VSS Nagar, Bhubaneswar available on rent for Banks/ offices. Contact: 7855930192, 9861134232. D-65654




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Experience full body massage with us (ex-pert). Call: 7377048581, 0674- 2597822. D-66555

Full body massage with refreshment, expert therapist. 7381239385, 0674-2540855. D-66554

Herbal full body massage by smart/expert therapist. Contact: 8338067247. D-66556

Newly opening ayurvedic body massage smart therapist, Shree herbal. 7750020754. D-66557

Summer special mesmerizing offer expert therapeutic refreshing massage appointment. 9668374480. D-66560

Home service newly open full body massage A/C room available: 7438851534. D-38555

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Medical registration- BAMS, BHMS, BUMS, BDS, D.Pharma, ANM, GNM (ଘରେରହି Course କରିପାରିବେ). Call: 9893869473. D-66564

**LOST**

ମୁଁ ସବିତା ସାହୁ ଜଣାଉଛି ଯେ ମୋର ଜମି ପଟ୍ଟା ନଂ 663/ 672 ଖାତା ନଂ 10391000098 ପୋଡ଼ି ଯାଇଅଛି। ଧ-୧୨୯୩୪

**ASTROLOGY**

ଘରେ ବସି ସବୁ ସମସ୍ୟାରୁ ମୁକ୍ତି ପାଆନ୍ତୁ। ପ୍ରେମବିବାହ, ବଶୀକରଣ, ବ୍ୟବସାୟ, ସନ୍ତାନ ସମ୍ବନ୍ଧୀୟ, ଗୁଣିଗାରେଡ଼ି, ସଉତୁଣୀ ଶତ୍ରୁ ମୁକ୍ତି, ଗ୍ୟାରେଣ୍ଟି ସହ ସମାଧାନ। 9888156887. D-12935

**ବିବାହ ଶୁଭେଚ୍ଛା**


ପ୍ରତାପ (ବୁନୁ)
ସହିତ
ଦୀପାଞ୍ଜଳି (ଲିକା)
ଲେଖନପୁର, ସାଲେପୁର, କଟକ
ଆଜି ଜୀବନର ଏକ ବିଶେଷ ମୁହୂର୍ତ୍ତରେ ମମତାର ଏକ ଅଛିଣ୍ଡା ଖିଅରେ, ବାନ୍ଧିହେବେ ଚୀର ବନ୍ଧନରେ।
ଶୁଭେଚ୍ଛାସହ: ଧରିତ୍ରୀ ପରିବାର
ଧ-୧୨୯୪୨

**ବିବାହ ଶୁଭେଚ୍ଛା**


ମନୋରଞ୍ଜନ (ମୁନା)
ସୌଦାମିନୀ (ପିଙ୍କି)
ଆପଣଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛାସହ:
ବାବା, ମା, ମାମୁ, ମାଇଁ, ଭାଇ, ଭାଉଜ, ନନା, ଦିଦି, ରୋଶନି, ସୌଭାଗ୍ୟ ପରିବାର ଓ ବନ୍ଧୁବର୍ଗ।
ଧ-୧୨୯୧୦



## ଜିଲା ଚିଠି ସୁବର୍ଣ୍ଣପୁର

# ବ୍ୟାରେଜ୍ ନିର୍ମାଣ କହି ଭଣ୍ଡାଇଲେ

ସମୁଦ୍ରକୁ ବହିଯାଉଥିବା ନଦୀ ଜଳ ଅଟକିବ। ରାଜ୍ୟ ସରକାର ବଡ ଯୋଜନା କରିଛନ୍ତି। ମହାନଦୀର ତଳମୁଣ୍ଡରେ ବ୍ୟାରେଜ୍ ନିର୍ମାଣ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେଉଛି। ୭ଟି ବ୍ୟାରେଜ୍ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ଏହା ସହ ମହାନଦୀର ଶାଖା ଓ ଉପନଦୀରେ ମଧ୍ୟ ୨୨ଟି ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରାଯିବ। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାନୀୟ ଜଳ ଓ ଜଳସେଚନର ସମସ୍ୟା ଦୂରହେବ। ୨୦୧୮ ମେ ୧୨ତାରିଖରେ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଓ ସଚିବ ରାଜ୍ୟବାସୀଙ୍କୁ ଏଭଳି ସୁନେଲି ସ୍ୱପ୍ନ ଦେଖାଇଥିଲେ। ବ୍ୟାରେଜ୍, ଆନିକଟ୍ ପ୍ରକଳ୍ପ ପାଇଁ ସର୍ଭେ ମଧ୍ୟ ହେଲା। ସୋନପୁର ସହରର ରାମେଶ୍ୱର ଘାଟଠାରୁ ୩ କିମି ଦୂର ଖଇରମାଳରେ ନଦୀବନ୍ଧ ପ୍ରକଳ୍ପ ଟେକ୍ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦିତ ହୋଇଛି। ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପରେ ବ୍ୟୟ ଅଟକଳ ପ୍ରସ୍ତୁତ ହେବ ବୋଲି କୁହାଗଲା। ସ୍ୱାଧୀନତାର ୭୦ବର୍ଷ ପରେ ମହାନଦୀରେ ଦ୍ୱିତୀୟ ବ୍ୟାରେଜ୍ ନିର୍ମାଣ ହେବ ବୋଲି ଲୋକେ ଆଶା ବାନ୍ଧିଥିଲେ। କିନ୍ତୁ ଗତ ବଜେଟ୍‌ରେ ସରକାର ଏଥିପାଇଁ ଆଦୌ ଅର୍ଥର ବ୍ୟବସ୍ଥା କଲେନି। ସରକାର ପ୍ରତିଶ୍ରୁତି ଦେଇ ଅଞ୍ଚଳବାସୀଙ୍କୁ ଭଣ୍ଡାଇଲେ। ଆସନ୍ତା ୨୮ତାରିଖରେ ବିଧାନସଭାରେ ବଜେଟ୍ ଉପସ୍ଥାପନ ହେବ। ରାଜ୍ୟ ସରକାର ଏଥିପାଇଁ ଅର୍ଥର ବ୍ୟବସ୍ଥା କରିବେ ବୋଲି ବୁଦ୍ଧିଜୀବୀ ଆଶା ବାନ୍ଧିଛନ୍ତି। ଛତିଶଗଡ ସରକାର ମହାନଦୀରେ ଶତାଧିକ ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରିବା ପରେ ଓଡିଶାରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିଲା। ଏହା ଆନ୍ତଃରାଜ୍ୟ ନଦୀ ହୋଇଥିଲେ ବି ଏଥିରୁ ଓଡ଼ିଶା ୧୨ ମ୍ୟାପ୍ ଏବଂ ଛତିଶଗଡ଼ ୮ ମ୍ୟାପ୍ ଜଳ ପାଇବା କଥା। ଏଥିରେ ଛତିଶଗଡ ଖିଲାପ କରି ଶତାଧିକ ବ୍ୟାରେଜ୍ ନିର୍ମାଣ କରିଥିବାରୁ ଏହାକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଜଳ ବିବାଦ ଉପୁଜିଛି। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ଇସ୍ୟୁକୁ ମୁଖ୍ୟ ପ୍ରସଙ୍ଗ କରାଯାଇଥିଲା। ଓଡିଶାରେ ମଧ୍ୟ ବ୍ୟାରେଜ ଓ ଆନିକଟ କରିବା ପାଇଁ ଉଭୟ ଶାସକ ଓ ବିରୋଧୀଙ୍କ ପକ୍ଷରୁ ଦାବି ଉଠିଥିଲା। କାରଣ ବିଜେଡି ୨୦୧୪ ନିର୍ବାଚନ ଇସ୍ତାହାରରେ ୧୦ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ନଦୀ ନାଳ ବହୁଳ ଅଞ୍ଚଳରେ ଜଳସେଚନର ଅପାର ସମ୍ଭାବନା ଥିଲେ ମଧ୍ୟ ଏହି ଦିଗ ପ୍ରତି ସରକାର ଅଣଦେଖା କରି ଆସିଥିଲେ। ଛତିଶଗଡ ଘଟଣା ପରେ ଏକ୍ଷେତ୍ରରେ ସରକାରଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା। ତେଣୁ ସମୁଦ୍ରକୁ ବହି ଯାଉଥିବା ମହାନଦୀର ଜଳକୁ ପିଇବା ପାଣି, ଜଳସେଚନ ନିମନ୍ତେ ବ୍ୟବହାର କରାଯିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଥିଲେ। ପ୍ରସ୍ତାବିତ ବ୍ୟାରେଜ୍ ମଧ୍ୟରେ ଖଇରମାଳ ଓ ଗୋଧନେଶ୍ୱର ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା। ଖଇରମାଳ, ଗୋଧନେଶ୍ୱର ବ୍ୟାରେଜ୍ ନିର୍ମାଣ ଘୋଷଣାକୁ ନେଇ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଥିଲା। ଖଇରମାଳ ବ୍ୟାରେଜ୍ ନିର୍ମାଣ ହେଲେ ସୋନପୁର ସହରର ଦୁଇପାର୍ଶ୍ୱରେ ପ୍ରବାହିତ ମହାନଦୀ ଓ ତେଲନଦୀ ବର୍ଷସାରା ଜଳପୂର୍ଣ୍ଣ ରହିବ। ମିନି ଚିଲିକାର ଭ୍ରମ ସୃଷ୍ଟି ହୁଅନ୍ତା। ଖରାଦିନେ ଏହି ଉତ୍ତପ୍ତ ସହରର ତାପମାତ୍ରା କମ୍ ରହିବା ସହ ଜଳ ପର୍ଯ୍ୟଟନର ବିକାଶ ହୋଇଥାନ୍ତା। ମତ୍ସ୍ୟଜୀବୀ, ଚାଷୀ ଉପକୃତ ହୋଇଥାନ୍ତେ। ମାତ୍ର ନିର୍ବାଚନ ପରେ ମହାନଦୀ ଜଳ ସମସ୍ୟାକୁ ସବୁ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନଗୁଡିକ ଭୁଲିଯାଇଛନ୍ତି। ଏବେ ଗ୍ରୀଷ୍ମଋତୁରେ ମହାନଦୀର ଜଳ ପ୍ରବାହ କମିଛି। ଏହାର ପ୍ରଭାବ ଜିଲାର କୃଷି କ୍ଷେତ୍ରରେ ପଡିଛି। ହୀରାକୁଦ କମାଣ୍ଡ ଅଞ୍ଚଳରେ ଥିବାରୁ ଜିଲାର ୪୨.୬୧% ଜମି ରବିଋତୁରେ ଜଳସେଚିତ ହୋଇଥାଏ। ଏବେ କେନାଲ ତଳମୁଣ୍ଡକୁ ଆବଶ୍ୟକ ପାଣି ଆସୁନି। ନଦୀ ଶୁଖିଲା ପଡିଥିବାରୁ ଉଠା ଜଳସେଚନ ଓ ବୃହତ୍ ଉଠା ଜଳସେଚନ ପ୍ରକଳ୍ପଗୁଡିକ ଚାଲି ପାରୁନି। ଏହି ଜିଲାରେ ମହାନଦୀ ପ୍ରାୟ ୧୦୦କିମି ଲମ୍ବା ପଥ ଦେଇ ପ୍ରବାହିତ ହେଉଛି। ମହାନଦୀ କୂଳରେ ଏହି ଜିଲା ରହିଥିଲେ ହେଁ ଜିଲା କେତେବେଳେ ମରୁଡିର ଶିକାର ହେଉଛି ତ ପୁଣି କେତେବେଳେ ବନ୍ୟା ବିଭୀଷିକାରେ ଲୋକେ ଥରି ଉଠୁଛନ୍ତି। ଜଳ ସଂରକ୍ଷଣ ପ୍ରତି ଦୃଷ୍ଟି ଦିଆ ନ ଯିବାରୁ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ପରିବର୍ତ୍ତିତ ପରିସ୍ଥିତିରେ ମହାନଦୀର ଅସ୍ତିତ୍ୱକୁ ନେଇ ଏବେ ସନ୍ଦିହାନ ହେବାକୁ ପଡୁଛି। ଓଡିଶାର ବଡ ନଦୀ ବୋଲି ଆମେ ମହାନଦୀକୁ ନେଇ ଗର୍ବ କରୁଛୁ। ହେଲେ ନଦୀର ସୁରକ୍ଷା ପ୍ରତି ଦୃଷ୍ଟି ଦେଉନୁ, କି ଜଳର ଉପଯୋଗ କରୁନୁ। ସରକାର କେବଳ ଘୋଷଣାରେ ସୀମିତ ନରଖି ଲୋକଙ୍କ ସ୍ୱାର୍ଥ ଓ ବିକାଶ ସହ ଜଡିତ ପ୍ରକଳ୍ପ ନିର୍ମାଣ କରନ୍ତୁ।

– ମୃତ୍ୟୁଞ୍ଜୟ ଶତପଥୀ

## ରଥଯାତ୍ରା ସିଧା ପ୍ରସାରଣ ପ୍ରସଙ୍ଗ

# ସମସ୍ତ ଚ୍ୟାନେଲକୁ ମିଳିବ ସୁଯୋଗ

- ନିଲାମ ନିଷ୍ପତ୍ତିରୁ ଓହରିଲା ଶ୍ରୀମନ୍ଦିର ପ୍ରଶାସନ
- ଚ୍ୟାନେଲ ମୁଖ୍ୟଙ୍କ ସହ ବୈଠକ ଖୁବ୍‌ଶୀଘ୍ର
- ଘୋଷକଙ୍କ ଉପରେ ଲାଗିଲା କଟକଣା


**ପୁରୀ ଅଫିସ, ୧୧।୬**

ରଥଯାତ୍ରା ସିଧା ପ୍ରସାରଣକୁ ନେଇ ୟୁ ଟର୍ନ ମାରିଛି ଶ୍ରୀମନ୍ଦିର ପ୍ରଶାସନ। ଆଗକୁ ସ୍ନାନଯାତ୍ରା ଓ ରଥଯାତ୍ରା ଆସୁଥିବାରୁ ବିବାଦକୁ ଆଗକୁ ବଢାଇବାକୁ ଚାହିଁନାହିଁ। ସିଧା ପ୍ରସାରଣ ପାଇଁ ମନ୍ଦିର ପ୍ରଶାସନ ଯେଉଁ ନିଲାମ ଆହ୍ୱାନ କରିଥିଲା ସେଥିରୁ ଓହରିଯାଇଛି। ଗୋଟିଏ ନୁହେଁ ବରଂ ସମସ୍ତ ଟିଭି ଚ୍ୟାନେଲକୁ ମିଳିବ ରଥଯାତ୍ରା ସିଧା ପ୍ରସାରଣ ଅଧିକାର। ସ୍ନାନଯାତ୍ରାଠୁ ଆରମ୍ଭ କରି ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସବୁ ଚ୍ୟାନେଲ ସିଧା ପ୍ରସାରଣ କରିପାରିବେ। କୌଣସି ଚ୍ୟାନେଲକୁ ରଥଯାତ୍ରାର ସିଧା ପ୍ରସାରଣରୁ ବାଦ୍ ଦିଆଯିବ ନାହିଁ। ତେବେ ଏଥିପାଇଁ ଚ୍ୟାନେଲଗୁଡ଼ିକୁ ଶ୍ରୀମନ୍ଦିର ପାଣ୍ଠିକୁ କିଛି ଅନୁଦାନ ଦେବାକୁ ପଡ଼ିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ଫଳରେ ଏହି ପ୍ରସଙ୍ଗକୁ ନେଇ ଆଗକୁ ଯେଉଁ ବଡ଼ଧରଣର ବିବାଦ ଉପୁଜିବା ଆଶଙ୍କା କରାଯାଉଥିଲା ତାହା ଏକ ପ୍ରକାର ଟଳିଯାଇଥିବା କୁହାଯାଉଛି।

ପୂର୍ବରୁ ସିଧା ପ୍ରସାରଣ ଅଧିକାର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଟେଣ୍ଡର ପେପର ଆହ୍ୱାନ କରାଯାଇ ଥିବାବେଳେ ଏଥିରେ ୭ଟି ଚ୍ୟାନେଲ ଭାଗ ନେଇଥିଲେ। ହେଲେ ଏହାକୁ ବିରୋଧ କରି ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ନିଲାମ ପ୍ରକ୍ରିୟା ଶ୍ରୀମନ୍ଦିର ଆଇନର ଉଲ୍ଲଂଘନ କରୁଥିବାରୁ ବିଜ୍ଞପ୍ତିକୁ ରଦ୍ଦ କରିବା ଲାଗି ପୁରୀର ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଏହି ମାମଲା ଦାଏର କରିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ସେନା ମଧ ବିରୋଧ କରିଥିଲା। ସିଧା ପ୍ରସାରଣକୁ ନେଇ ବିବାଦ ଉଠିବାରୁ ମଙ୍ଗଳବାର ପରିଚାଳନା କମିଟି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିପାଇଁ ଟେଣ୍ଡର କରାଗଲେ ଏହାକୁ ନେଇ ଅଶାନ୍ତିକର ବାତାବରଣ ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଥିଲା। ତେଣୁ ଶେଷରେ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ବଦଳାଇଥିଲା।

ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ମହାପାତ୍ର କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଆମ ସମସ୍ତଙ୍କ ଦାୟିତ୍ୱ। କୌଣସି ଚ୍ୟାନେଲକୁ ରଥଯାତ୍ରା ସିଧା ପ୍ରସାରଣରୁ ବାଦ୍ ଦେବା ନିଲାମର ଉଦ୍ଦେଶ୍ୟ ନୁହେଁ। ଶ୍ରୀମନ୍ଦିର ଏହାଦ୍ୱାରା କିଛି ରାଜସ୍ୱ ପାଉ ଏହା ହେଉଛି ମୁଖ୍ୟ ଉଦ୍ଦେଶ୍ୟ। ଖୁବ୍‌ଶୀଘ୍ର ସବୁ ଚ୍ୟାନେଲ କର୍ତ୍ତୃପକ୍ଷଙ୍କ ସହ ବୈଠକ କରାଯିବ। ମହାପ୍ରଭୁଙ୍କ ପ୍ରଚାର ପ୍ରସାର ଭଳି ଭଲ କାମରେ କିଏ କେତେ ଟଙ୍କା ଦେଇପାରିବେ ତାହା ନିଷ୍ପତ୍ତି ନିଆଯିବ। କୌଣସି ଚ୍ୟାନେଲକୁ ରଥଯାତ୍ରା ପ୍ରସାରଣରୁ ବାଦ୍ ଦିଆଯିବ ନାହିଁ। ସମସ୍ତେ ପ୍ରସାରଣ ଅଧିକାର ପାଇବେ। ନିଲାମ ପ୍ରକ୍ରିୟାରେ ଯେଉଁ ସର୍ବୋଚ୍ଚ ମୂଲ୍ୟ ଆସିଛି ତାକୁ ନଜରରେ ରଖି ଶ୍ରୀମନ୍ଦିର ପାଣ୍ଠିକୁ କିଏ କେତେ ଅର୍ଥ ଦେବେ ତାହା ମୁଖ୍ୟ ପ୍ରଶାସକ ନିଷ୍ପତ୍ତି ନେବେ। ତେବେ ଯେ କୌଣସି ଚ୍ୟାନେଲ ବ୍ୟବସାୟିକ ବିଜ୍ଞାପନ ବିନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଚାର, ପ୍ରସାର କରିବ ଶ୍ରୀମନ୍ଦିର ପ୍ରଶାସନ ସମ୍ପୃକ୍ତ ଚ୍ୟାନେଲଠାରୁ କୌଣସି ଅର୍ଥ ନେବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏଥର ଘୋଷକମାନଙ୍କ ଉପରେ କଟକଣା ଲଗାଇଛି ମନ୍ଦିର ପ୍ରଶାସନ। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି, ରଥଯାତ୍ରା ସମୟରେ ବିଭିନ୍ନ ଚ୍ୟାନେଲ ଘୋଷକଙ୍କୁ ଡାକିଥାନ୍ତି। କିନ୍ତୁ ଅଧିକାଂଶ ଘୋଷକଙ୍କ ରଥଯାତ୍ରା ଏବଂ ଜଗନ୍ନାଥ ସଂସ୍କୃତି, ପରମ୍ପରା ସମ୍ପର୍କରେ ଜ୍ଞାନ କମ୍ ରହୁଥିବା ଦେଖିବାକୁ ମିଳୁଛି। ସେମାନେ ବିଭିନ୍ନ ପ୍ରସଙ୍ଗ କହିବା ବେଳେ ଭୁଲ୍ ସୂଚନା ଦେଉଛନ୍ତି। ଏମିତି କି ଅନେକ ମନଗଢା କାହାଣୀ ବି କହୁଛନ୍ତି। ଏ ନେଇ ପୂର୍ବରୁ ଅନେକ ଥର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇଛି। କିନ୍ତୁ ଚଳିତବର୍ଷ ଏଥିପାଇଁ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଉଛି। ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ଉପରେ ଯେଉଁମାନଙ୍କର ଯଥେଷ୍ଟ ଜ୍ଞାନ ଥିବ ସେହିମାନଙ୍କୁ ଆଣିବା ଲାଗି ଚ୍ୟାନେଲ କର୍ତ୍ତୃପକ୍ଷଙ୍କୁ କୁହାଯିବ। ଏଥିସହ ସମ୍ପୃକ୍ତ ଘୋଷକମାନଙ୍କର ତାଲିକା ପ୍ରଦାନ ଲାଗି ଚ୍ୟାନେଲଗୁଡ଼ିକୁ ଚିଠି କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି।




## ମୃତ୍ୟୁଞ୍ଜୟ ମହାପାତ୍ର ଡବ୍ଲ୍ୟୁଏମ୍‌ଓରେ ଭାରତର ସ୍ଥାୟୀ ସଦସ୍ୟ



**ନୂଆଦିଲ୍ଲୀ,୧୧।୬ :** ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ)ରେ ଭାରତର ସ୍ଥାୟୀ ସଦସ୍ୟଭାବେ ନିଯୁକ୍ତି ପାଇଛନ୍ତି। ଜଣେ ବିଶିଷ୍ଟ ବୈଜ୍ଞାନିକ ତଥା ବାତ୍ୟା ସତର୍କତା ବିଶାରଦଭାବେ ଜଣାଶୁଣା ମୃତ୍ୟୁଞ୍ଜୟ ଓ ତାଙ୍କ ଟିମ୍ 'ଫନୀ' ବାତ୍ୟା ସମ୍ପର୍କରେ ଠିକ୍ ଆକଳନ କରି ପ୍ରଶଂସାର ପାତ୍ର ହୋଇଥିଲେ। ବାତ୍ୟା ଆସିବାର ସମୟ ଆକଳନ, ପୂର୍ବାଭାସ, ପବନର ଗତି ଓ ଜନଜୀବନ ଉପରେ ଏହାର ପ୍ରଭାବ, କ୍ଷୟକ୍ଷତି, ସମ୍ପର୍କରେ ସେ ଓ ତାଙ୍କ ଟିମ୍ ଠିକ୍ ସୂଚନା ପ୍ରଦାନ କରିଥିଲେ। ଗତ ୬ ବର୍ଷ ହେବ ମୃତ୍ୟୁଞ୍ଜୟ ଆଇଏମ୍‌ଡିରେ ବାତ୍ୟା ଚେତାବନୀ ବିଭାଗର ନେତୃତ୍ୱ ନେଇଥିଲେ। ୨୦୧୩ରେ 'ଫାଇଲିନ୍', ୨୦୧୪ରେ 'ହୁଡ୍‌ହୁଡ୍', ୨୦୧୮ରେ 'ତିତ୍‌ଲି' ପୂର୍ବ ଉପକୂଳରେ ତାଣ୍ଡବ ରଚନା କରିଥିବାବେଳେ ଆଇଏମ୍‌ଡିରେ ବାତ୍ୟା ଚେତାବନୀ ବିଭାଗ ଦ୍ୱାରା ଠିକ୍ ତଥ୍ୟ ଠିକ୍ ସମୟରେ ପ୍ରଦାନ କରାଯାଇଥିଲା। ଆଇଏମ୍‌ଡି ଜିଜିଭାବେ ଯୋଗଦେବା ପୂର୍ବରୁ ମୃତ୍ୟୁଞ୍ଜୟ ୧୯୮୮ରେ ପ୍ରଥମ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷାବେଳେ ଚାନ୍ଦିପୁରର ଡିଆର୍‌ଡିଓ ଲାବରେଟୋରୀରେ କାର୍ଯ୍ୟ କରିଥିଲେ।

## ୩ ବଖରା ଜଳିଗଲା

**ବାହାନଗା, ୧୧।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ରେମୁଣା ବ୍ଲକ ଶ୍ରଜଙ୍ଗ ପଞ୍ଚାୟତର ଇଙ୍କଡ ଗ୍ରାମରେ ଅଗ୍ନିକାଣ୍ଡ ଘଟି ରାମଚନ୍ଦ୍ର ସାହୁଙ୍କ ୩ ବଖରା ଘର ପୋଡିଯାଇଛି। ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି।

ବ୍ରତୋପନୟନ ଶୁଭେଚ୍ଛା



ଶୁଭମ୍
ଶୁଭମର ବ୍ରତୋପନୟନ ଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
ଶୁଭେଚ୍ଛାସହ:
କେକେ ଘନଶ୍ୟାମ ଦାଶ ଓ ପରିବାରବର୍ଗ– ଟିଣାଶାସନ, ବିଂଝାରପୁର, ଯାଜପୁର
ଧ–୧୨୯୩୩

## ଚିଟ୍‌ଫଣ୍ଡ ଠକେଇ: ପୋଲିସ କର୍ମଚାରୀ ସ୍ତ୍ରୀଙ୍କ ସମେତ ୨ ଗିରଫ

**ଭଦ୍ରକ ଅଫିସ,୧୧।୬**

ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଦୀର୍ଘଦିନ ପରେ ଶକୁନ୍ତଳା ସାହୁ ଏବଂ ପ୍ରତାପ ବେହେରା ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗିରଫ ମହିଳା ଜଣେ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ ହୋଇଥିବାରୁ ତାଙ୍କୁ ଗିରଫ କରାଯାଉ ନ ଥିବା ନେଇ ଏସପି ଗଙ୍ଗାଧର ବାତୁଲଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏହି ଚିଟ୍ ଫଣ୍ଡ ଠକେଇ ଘଟଣାର ପୋଲିସ ଅଧିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୨୭୪/୧୯) ରୁଜୁ ହୋଇଛି। ସହରରେ 'ବିଟି କଏନ' ନାମକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲି ଏମାନେ ଅଧିକ ସୁଧ ଦେବା ପ୍ରଲୋଭନ ଦେଖାଇ ବହୁ ଜମାରାଶି ସଂଗ୍ରହ କରି ଲୋକଙ୍କୁ ଠକିଥିଲେ ବୋଲି ପୂର୍ବରୁ ଅଭିଯୋଗ ହୋଇଥିଲା।

ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍ / ଭୁବନେଶ୍ୱର ବେଞ୍ଚ୍ ନିମନ୍ତେ ରେଳବାଇ ଆଡ୍‌ଭୋକେଟ୍ ମାନଙ୍କର ତାଲିକାଭୁକ୍ତିକରଣ

ରେଳବାଇ ପ୍ରଶାସନ ତରଫରୁ ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍, ଭୁବନେଶ୍ୱର ବେଞ୍ଚ୍‌ର ନିକଟରେ କ୍ଲେମ୍‌ସ ମାମଲାଗୁଡ଼ିକର ପରିଚାଳନା ପାଇଁ ରେଳବାଇ ଆଡ୍‌ଭୋକେଟ୍ ମାନଙ୍କର ଏକ ପ୍ୟାନେଲ୍ ଗଠନ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ସେହି ଅନୁଯାୟୀ ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍, ଭୁବନେଶ୍ୱର ବେଞ୍ଚ୍ ନିମନ୍ତେ ରେଳବାଇ ଆଡ୍‌ଭୋକେଟ୍ ରୂପେ ତାଲିକାଭୁକ୍ତ ହେବା ନିମନ୍ତେ ସର୍ବନିମ୍ନ 10 ବର୍ଷର ବାର୍ (BAR) ଅଭିଜ୍ଞତା ଥିବା ପେଶାଦାର ଆଡ୍‌ଭୋକେଟ୍ ମାନଙ୍କଠାରୁ ଆବେଦନପତ୍ର ଆମନ୍ତ୍ରଣ କରାଯାଉଛି। ଆଡଭୋକେଟ୍ ରୂପେ ନାମାଙ୍କିତ ହୋଇଥିବା ଅବସରପ୍ରାପ୍ତ ରେଳବାଇ ଅଧିକାରୀମାନଙ୍କ କ୍ଷେତ୍ରରେ 10 ବର୍ଷ ପେଶାଗତ ଅଭିଜ୍ଞତା ପ୍ରଯୁଜ୍ୟ ହେବ ନାହିଁ, ଯେଉଁମାନେ ରେଳବାଇ ସମ୍ବନ୍ଧୀୟ ବାଣିଜ୍ୟିକ ଓ କ୍ଲେମ୍‌ସ ମାମଲା ବିଷୟରେ ଜ୍ଞାନ ଓ ଅଭିଜ୍ଞତା ହାସଲ କରିଥିବେ।

ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍, ଭୁବନେଶ୍ୱର ବେଞ୍ଚ୍ ନିକଟରେ ରେଳ ପ୍ରଶାସନର ପକ୍ଷ ରଖିବା ନିମନ୍ତେ ତାଲିକାଭୁକ୍ତ ହୋଇଥିବା ଆଡଭୋକେଟ ମାନଙ୍କୁ ସମୟ ସମୟରେ ସଂଶୋଧିତ / ପରିବର୍ତ୍ତିତ ଏବଂ ରେଳ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ଶୁଳ୍କର ଅନୁସୂଚୀ ତଥା ପ୍ରଚଳିତ ନିୟମ ଏବଂ ସର୍ତ୍ତଗୁଡ଼ିକ ଆଧାରରେ ଏକ ରାଜିନାମା ସ୍ୱାକ୍ଷର କରିବାକୁ ହେବ। ରେଲ୍‌ୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ/ଭୁବନେଶ୍ୱର ବେଞ୍ଚ୍ ନିମନ୍ତେ ରେଲ୍‌ୱେ ଆଡ୍‌ଭୋକେଟ୍ ମାନଙ୍କର ତାଲିକାଭୁକ୍ତିକରଣ କରାଯିବା ବିଷୟ ମହାପ୍ରବନ୍ଧକ, ପୂର୍ବ ତଟ ରେଳପଥଙ୍କ ଅନ୍ତିମ ନିଷ୍ପତ୍ତି ଏବଂ ପରବର୍ତ୍ତୀ ସମୟରେ ଏହି ସମ୍ବନ୍ଧୀୟ ପତ୍ରବିନିମୟକୁ ବିଚାରକୁ ନିଆଯିବନାହିଁ। ଆଡ୍‌ଭୋକେଟ୍ ମାନଙ୍କର ତାଲିକାଭୁକ୍ତିକରଣର ଅବଧି 03 (ତିନି) ବର୍ଷ କିମ୍ବା ପରବର୍ତ୍ତୀ ଆଦେଶ ଜାରି ହେବା ପର୍ଯ୍ୟନ୍ତ, ଯେଉଁଟି ଆଗୁଆ ସେହି ପର୍ଯ୍ୟନ୍ତ ବଳବତ୍ତର ରହିବ।

**ବାୟୋଡ଼ାଟା ସହିତ ନିମ୍ନଲିଖିତ ବିବରଣୀଗୁଡ଼ିକ ଉଲ୍ଲେଖକରି ଦରଖାସ୍ତ ଗୁଡ଼ିକ ଦାଖଲ କରିବାକୁ ହେବ :**
(i) ନାମ ଏବଂ ପିତାଙ୍କ ନାମ, (ii) ଟେଲିଫୋନ୍ ନମ୍ବର ଏବଂ ଇ-ମେଲ୍ ସହିତ ବର୍ତ୍ତମାନ ଓ ସ୍ଥାୟୀ ଠିକଣା, (iii) ଜନ୍ମତାରିଖ, (iv) ନାମାଙ୍କନ ସଂ. ଏବଂ ତାରିଖ, (v) ପ୍ରାକ୍ଟିସ୍ କରୁଥିବା ସ୍ଥାନ (ସତ୍ୟତା ପ୍ରତିପାଦନ ନିମନ୍ତେ ଜିଲ୍ଲା ଜଜ୍ / ରେଜିଷ୍ଟ୍ରାରଙ୍କ ଦ୍ୱାରା ଜାରି ହୋଇଥିବା ଅଭିଜ୍ଞତା ପ୍ରମାଣପତ୍ର), (vi) ଶିକ୍ଷାଗତ ଏବଂ ପେଶାଗତ ଯୋଗ୍ୟତା, (vii) ଅଭିଜ୍ଞତା (viii) ଆୟକର ପ୍ୟାନ୍ ନମ୍ବର, (ix) ଚ୍ୟାମ୍ବର ଓ ଲାଇବ୍ରେରୀର ବିସ୍ତୃତ ବିବରଣୀ, (x) କନିଷ୍ଠ କିରାଣୀ ଏବଂ ଅନ୍ୟ କର୍ମଚାରୀ, (xi) ଅନ୍ୟ କୌଣସି ସରକାରୀ, ରାଷ୍ଟ୍ରାୟତ୍ତ ସଂସ୍ଥା କିମ୍ବା ଅନ୍ୟାନ୍ୟ ସରକାରୀ ସଂସ୍ଥାର ଉପକ୍ରମ / ସଂଗଠନରେ ତାଲିକାଭୁକ୍ତ ହୋଇଥିବାର ବିସ୍ତୃତ ବିବରଣୀ। (xii) ଅନ୍ୟାନ୍ୟ ତଥ୍ୟ, ଯଦି ଥାଏ।

**ବି.ଦ୍ର.: ବିଜ୍ଞାପନ ପ୍ରକାଶିତ ହେବା ତାରିଖ ସୁଦ୍ଧା 10 ବର୍ଷରୁ କମ୍ ଅଭିଜ୍ଞତା / ପ୍ରାକ୍ଟିସ୍ ଥିବା ଆଡ୍‌ଭୋକେଟ୍‌ମାନେ ଆବେଦନ କରିବାର ଆବଶ୍ୟକତା ନାହିଁ।**

ଦରଖାସ୍ତଗୁଡ଼ିକ ନିଜସ୍ୱ ଠିକଣା ଉଲ୍ଲେଖ ଥିବା ଲଫାପା ଓ ଯୋଗ୍ୟତାର ପ୍ରମାଣପତ୍ର ସହିତ **ଉପ ମହାପ୍ରବନ୍ଧକ (ଆଇନ୍), ପୂର୍ବ ତଟ ରେଳପଥ, ମହାପ୍ରବନ୍ଧକ (ଆଇନ୍)ଙ୍କ କାର୍ଯ୍ୟାଳୟ, ରେଳ ସଦନ, ସାଉଥ୍ ବ୍ଲକ୍, ପ୍ରଥମ ମହଲା, ସାମନ୍ତବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017**ଙ୍କ ଠିକଣାରେ **ତା.05.07.2019**ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଏହି ତାରିଖ ପରେ ପ୍ରାପ୍ତ କରାଯାଇଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।

PR-147/K/19-20
ଉପ ମହାପ୍ରବନ୍ଧକ (ଆଇନ୍)/ଭୁବନେଶ୍ୱର
ପୂର୍ବ ତଟ ରେଳପଥ

# ରାଷ୍ଟ୍ରପତିଙ୍କୁ ଭେଟିଲେ ନବୀନ



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୧୧।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନୂଆଦିଲ୍ଲୀରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛନ୍ତି। ଲଗାତର ପଞ୍ଚମଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ରାଷ୍ଟ୍ରପତି କୋବିନ୍ଦଙ୍କ ସହ ନବୀନଙ୍କ ଏହା ପ୍ରଥମ ସାକ୍ଷାତ। ଦୁହିଁଙ୍କ ମଧ୍ୟରେ ହୋଇଥିବା ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ସାମୁଦ୍ରିକ ଝଡ଼ ଫନୀ ପରିବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ରାଜ୍ୟରେ ହୋଇଥିବା କ୍ଷତି ସମ୍ପର୍କରେ ରାଷ୍ଟ୍ରପତି କୋବିନ୍ଦ ମୁଖ୍ୟମନ୍ତ୍ରୀଙ୍କଠାରୁ ପଚାରି ବୁଝିଥିଲେ। ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଦୃଢତାର ସହ ସମ୍ମୁଖୀନ ହୋଇଥିବା ଓଡ଼ିଆ ଜନଗଣଙ୍କ ସହ ସବୁ ସମୟରେ ସେ ଅଛନ୍ତି ବୋଲି ରାଷ୍ଟ୍ରପତି କୋବିନ୍ଦ କହିଛନ୍ତି।


## ଚୂଡ଼ାନ୍ତ ପର୍ଯ୍ୟାୟ ପୁସ୍ତକ ତାଲିକା ପ୍ରକାଶ କରିବ କେନ୍ଦ୍ର ସାହିତ୍ୟ ଏକାଡେମୀ

**ଭୁବନେଶ୍ୱର,୧୧।୬(ବ୍ୟୁରୋ):** କେନ୍ଦ୍ର ସାହିତ୍ୟ ଏକାଡେମୀ ଏଥର ଏକାଡେମୀ ପୁରସ୍କାର ଘୋଷଣା କରିବା ସହ ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ପୁସ୍ତକ ଓ ଏହାର ଲେଖକମାନଙ୍କ ନାମ ତାଲିକା ପ୍ରକାଶ କରିବ। ଏ ନେଇ ଏକାଡେମୀ ସଚିବ କେ. ଶ୍ରୀନିବାସନ୍ ଲେଖିଥିବା ଏକ ଚିଠିରୁ ସୂଚନା ମିଳିଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରତିବର୍ଷ ୪ ବିଭାଗରେ ସମୁଦାୟ ୨୪ ଭାଷାରେ ସାହିତ୍ୟିକ ତଥା ଲେଖକଙ୍କୁ ପୁରସ୍କୃତ କରିଥାଏ। ସାହିତ୍ୟ ଏକାଡେମୀ ପୁରସ୍କାର ସହ ଏକାଡେମୀ ଯୁବ ପୁରସ୍କାର, ବାଲ୍ ସାହିତ୍ୟ ପୁରସ୍କାର ଓ ଏକାଡେମୀ ଅନୁବାଦ ପୁରସ୍କାର ବଛା ବଛା ସାହିତ୍ୟିକମାନଙ୍କୁ ପ୍ରଦାନ କରାଯାଇଥାଏ। ତେବେ ଆଗାମୀ ବର୍ଷଠାରୁ ଏକାଡେମୀ ଚୟନ ପ୍ରକ୍ରିୟାର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ପୁସ୍ତକଗୁଡ଼ିକର ନାମ ଘୋଷଣା କରାଯିବ। ଏକାଡେମୀ ଏହାର ପୁରସ୍କାର ନିୟମ ପାଳନ କରି ପୁରସ୍କାର ଘୋଷଣା ସହିତ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକଙ୍କ ନାମ ଓ ଚୂଡ଼ାନ୍ତ ଚୟନରେ ଥିବା ପୁସ୍ତକଗୁଡ଼ିକର ତାଲିକା ନିଶ୍ଚିତ ଭାବରେ ଘୋଷଣା କରିବ ବୋଲି ସଚିବ କେ. ଶ୍ରୀନିବାସନ୍ ଅନୁବାଦକ ନରେନ୍ଦ୍ର ନାରାୟଣ ଦାଶଙ୍କ ଏକ ଚିଠିର ଉତ୍ତର ଦେଇ ଉଲ୍ଲେଖ କରିଛନ୍ତି। ଏକାଡେମୀ ପକ୍ଷରୁ ୨୦୧୮ ବର୍ଷ ପାଇଁ ତ୍ରିପୁରା ରାଜଧାନୀ ଅଗରତାଲାଠାରେ ଆସନ୍ତା ୧୪ ତାରିଖରେ ଅନୁବାଦ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ସାଧାରଣ ପରିଷଦ ବୈଠକ ବସି ୨୦୧୯ ମସିହା ପାଇଁ ଯୁବ ପୁରସ୍କାର ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯିବ।

JOINTLY DEVELOPED BY
GOVT. OF INDIA & GOVT. OF ODISHA
SIHM NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org

ADMISSIONS OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

Authorised Dealer : Volkswagen Bhubaneswar : N.H-5, Pahal, Bhubaneswar - 752101, Mob.: 8599011591/ 626

“ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ- ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। -ଶ୍ରୀଅରବିନ୍ଦ

# ଅବିଶ୍ୱସନୀୟ ମନେହେଉଛି

ଭାରତର ସଂସଦୀୟ ଗଣତନ୍ତ୍ରର ଶାସନ ପଦ୍ଧତି ଦେଖିଲେ ଆଇନ ପ୍ରଣେତାମାନେ ବିଭିନ୍ନ ପ୍ରକାର ନୀତି, ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିଥାଆନ୍ତି। ଯୋଜନାର ସ୍ୱରୂପ ଦେଖି ଅମଲାତନ୍ତ୍ରୀ ବା ବିଶେଷଜ୍ଞମାନେ ତାହାକୁ କାର୍ଯ୍ୟକାରୀ କରିଥାଆନ୍ତି। ଯେହେତୁ ଲୋକଙ୍କ ସହ ସରକାରୀ ଅଧିକାରୀମାନେ ସିଧାସଳଖ ଯୋଗାଯୋଗରେ ଆସିଥାଆନ୍ତି, ସେହେତୁ ସେମାନଙ୍କୁ ବାସ୍ତବ ସରକାର ଭାବେ ଧରି ନିଆଯାଇଥାଏ। ସାଧାରଣତଃ ଭାରତବର୍ଷରେ ପ୍ରାୟ ଅଧିକାରୀ କେନ୍ଦ୍ରର ମନ୍ତ୍ରଣାଳୟ ବା ରାଜ୍ୟଗୁଡ଼ିକର ବିଭାଗରେ ଥିବା ମନ୍ତ୍ରୀଙ୍କ ପାଖରେ ଉତ୍ତରଦାୟୀ ହେଉ ନ ଥିବାରୁ ସେମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ବିଶେଷକରି ଅତ୍ୟଧିକ କ୍ଷମତାକୁ ନିଜ ହାତରେ ଠୁଳ କରି ରଖିଥିବା ସର୍ବଭାରତୀୟ ଅଧିକାରୀମାନେ ସ୍ଥଳବିଶେଷରେ ତା'ର ଅପବ୍ୟବହାର କରି ଆର୍ଥିକ ଓ ଅନ୍ୟାନ୍ୟ ପ୍ରକାରର ଫାଇଦା ଉଠାଇ ଚାଲିଛନ୍ତି। କଦବା କେତେବେଳେ ଦୁର୍ନୀତି ଅଭିଯୋଗରେ କେହି ଧରାପଡ଼ିଲେ ଚାକିରିରୁ ନିଲମ୍ବିତ କିମ୍ବା ସବୁଆଡୁ ବହୁତ ଖୋଳତାଡ଼ ହେଲେ ବହିଷ୍କାର ଯାଏ କଥା ଯାଇଥାଏ। ନ ହେଲେ ଅଧିକାଂଶ ଲୁଚିଲୁଚି ଅବସର ପର୍ଯ୍ୟନ୍ତ ଚାକିରିକୁ ନେଇଯାଇଥାଆନ୍ତି। ସେଥିପାଇଁ କୁହାଯାଇଥାଏ, ସରକାରୀ ଚାକିରି ହେଉଛି ସବୁଠାରୁ ନିରାପଦ। କାର୍ଯ୍ୟ ପ୍ରତି ଉତ୍ତରଦାୟିତ୍ୱର ଘୋର ଅଭାବ ଏହିଭଳି ଅନେକଙ୍କୁ ନିକମା ଅଧିକାରୀ ବା କର୍ମଚାରୀ କରାଇଥାଏ। ଡେରିରେ ହେଲେ ମଧ୍ୟ ଏବେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୧୨ ବରିଷ୍ଠ ଆୟକର ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଘଟଣା ନୂଆ ଉଦାହରଣ ସୃଷ୍ଟି କରିଛି। ଯେଉଁମାନଙ୍କ ବିରୋଧରେ ଏପରି କଠୋର ଆଭିମୁଖ୍ୟ ପୋଷଣ କରାଯାଇଛି, ସେମାନଙ୍କ ନାମରେ ଦୁର୍ନୀତି, ଆୟବହିର୍ଭୂତ ସମ୍ପତ୍ତି ଠୁଳ, ଅପାରଗ ଏବଂ ଯୌନ ନିର୍ଯାତନା ଅଭିଯୋଗ ଆସିଛି। ଏମାନଙ୍କ ମଧ୍ୟରେ ଚିଫ୍ କମିଶନର, ପ୍ରିନ୍ସିପାଲ କମିଶନର ଏବଂ କମିଶନ ର୍ୟାଙ୍କର ଅଧିକାରୀମାନେ ରହିବା ଅବଶ୍ୟ କାହାରିକୁ ଆଶ୍ଚର୍ଯ୍ୟ ଲାଗୁ ନ ଥାଇପାରେ। ଦୁର୍ନୀତିର ଇତିହାସ ଦେଖିଲେ ଅନେକ ସମୟରେ ପ୍ରଶାସନର ଶୀର୍ଷ ସ୍ଥାନରେ ଥିବା ଅଧିକାରୀ ଅମଲାତନ୍ତ୍ରରେ କଳଙ୍କ ଆଣିଥାଆନ୍ତି।

ଭାରତରେ ଯେଉଁ ସ୍ତରରେ ଦୁର୍ନୀତି ହୋଇଥିଲେ ମଧ୍ୟ ପ୍ରଥମେ ରାଜନେତାଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥାଏ। ବାସ୍ତବରେ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ତଥା ସମ୍ପୂର୍ଣ୍ଣ ସମ୍ପୃକ୍ତି ବିନା ଦୁର୍ନୀତି ଅସମ୍ଭବ। ଓଡ଼ିଶାରୁ ଆରମ୍ଭ କରି ପ୍ରତ୍ୟେକ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସର୍ବୋପରି କେନ୍ଦ୍ରୀୟ ଯୋଜନା ବା ପ୍ରକଳ୍ପ କ୍ଷେତ୍ରରେ ପର୍ସେଣ୍ଟେଜ୍ ବା ପିସି ଭଳି ଶବ୍ଦ ସହ ସମସ୍ତେ ଅଭ୍ୟସ୍ତ ଥାଆନ୍ତି। ହାତଗୁଞ୍ଜା ନ ଦେଲେ କାମ ହେବ ନାହିଁ ବୋଲି ଧାରଣା ରହିଛି। କର୍ମଚାରୀ ଓ ଅଧିକାରୀମାନଙ୍କ ବାଟ ଦେଇ ଲାଞ୍ଚ ସର୍ବୋଚ୍ଚ ସ୍ତରରେ ଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚିଥାଏ। ଲାଞ୍ଚ ଉପରକୁ ଯିବା ବାଟରେ ସେହି କାମରେ ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ଛାଣି ହୋଇଯାଇଥାଏ। ଲାଞ୍ଚ ଦେଇ ଅନୈତିକ ଉପାୟରେ କାମ କରି ନେବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଯଦି ପ୍ରାରମ୍ଭିକ ଅବସ୍ଥାରେ ବାଧା ଦିଆଯାଇପାରନ୍ତା, ତାହା ହେଲେ ସାଧାରଣରେ ଏକ ସକାରାତ୍ମକ ବାର୍ତ୍ତା ଯାଆନ୍ତା ଯେ, ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟର ଅଧିକାରୀମାନେ ସଚ୍ଚୋଟ ଅଛନ୍ତି। ହେଲେ ସେଭଳି ବ୍ୟକ୍ତିଙ୍କୁ ପାଇବା ଲାଗି ଦିନରେ ଟର୍ଚ୍ଚ ଧରି ଖୋଜିବାକୁ ପଡ଼ିବ।

ନିକଟରେ ବଲାଙ୍ଗୀର ଜିଲା ପାଟଣାଗଡ଼ରେ ସର୍ବନିମ୍ନ ସ୍ତରର ଦୁର୍ନୀତି ଦେଖିବାକୁ ମିଳିଥିଲା। ସେଠାରେ ନିକୃଷ୍ଟ ଧରଣର ରାସ୍ତାକାମ ହୋଇଥିବା ଦର୍ଶାଇ ଲୋକମାନେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଥିଲେ। ଏପରିକି ସ୍ଥାନୀୟ ବିଧାୟକ ସର୍ବସମ୍ମୁଖରେ ଯନ୍ତ୍ରୀଙ୍କୁ ୧୦୦ ଥର ଉଠ୍‌ବସ୍ ହେବା ପାଇଁ ନିର୍ଦ୍ଦେଶ ଦେଇ ଏବେ ଅଡୁଆରେ ପଡ଼ିଛନ୍ତି। ଏ ସଂକ୍ରାନ୍ତ ଭାଇରାଲ ହୋଇଥିବା ଭିଡିଓକୁ ଦେଖିଲେ ରାସ୍ତାକାମ ନିମ୍ନମାନର ହୋଇଥିବା ଦୃଶ୍ୟମାନ ହେଉଛି। ହେଲେ ବିଧାୟକଙ୍କ ଉପସ୍ଥିତିରେ କନିଷ୍ଠ ଯନ୍ତ୍ରୀଙ୍କ ଉଠ୍‌ବସ୍ ହୋଇଗଲା ଗଣମାଧ୍ୟମ ପାଇଁ ମୁଖ୍ୟ ବିଷୟ। ସେତେବେଳେ ରାଜନେତାଙ୍କୁ ଦୋଷ ଦିଆଯାଉଥିବା ବେଳେ ବାସ୍ତବ ଦୁର୍ନୀତିରେ ଜଡ଼ିତ ବ୍ୟକ୍ତି ଖସିଗଲେ। ଏଭଳି ଛୋଟ ସ୍ତରର ଦୁର୍ନୀତିଠାରୁ ଆରମ୍ଭ କରି ରାଫାଲ ଯାଏ ବଡ଼ ଦୁର୍ନୀତି ଭାରତୀୟ ସମାଜରେ ଏକ ଅଙ୍ଗ ହୋଇଯାଇଥିବାରୁ ଏଗୁଡ଼ିକର କୁପ୍ରଭାବ ଦେଖିବା ପାଇଁ କାହାରି ସମୟ ନାହିଁ। ଏହାଦ୍ୱାରା ଅପାରଗତା ଓ ଦୁର୍ନୀତି ଉଭୟେ ସାମାଜିକ ସ୍ୱୀକୃତି ଲାଭ କରିସାରିଲେଣି। ଏଭଳି ପରିସ୍ଥିତିରେ ୧୨ ଜଣ ଉଚ୍ଚପଦସ୍ଥ ଆୟକର ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ସନ୍ଦେହ ଘେରରେ ରହିଯାଉଛି। କେଉଁ ଗୋଟିଏ ଶକ୍ତିଶାଳୀ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀର କ୍ଷତି ଘଟିଥିଲେ ଏଭଳି 'ଦୃଢ଼' କାର୍ଯ୍ୟାନୁଷ୍ଠାନ ଭାରତରେ ସମ୍ଭବପର। ଯଦି କେହି କୁହେ ଯେ, ଏହା ସରକାରଙ୍କ ଦୃଢ଼ ମନୋଭାବର ପରିଚୟ, ତେବେ ତାହା ବିଶ୍ୱାସଯୋଗ୍ୟ ହେବ ନାହିଁ। ଆଜିର ଭାରତରେ କୌଣସି ପଦକ୍ଷେପ ବିନା ସ୍ୱାର୍ଥରେ ନିଆଯାଇ ନାହିଁ। ସେଥିପାଇଁ ଆୟକର ଅଧିକାରୀଙ୍କ ବାଧ୍ୟତାମୂଳକ ଅବସରକୁ ସହଜରେ ଗ୍ରହଣ କରି ହେଉନାହିଁ। ଉଦାହରଣସ୍ୱରୂପ ଏହି ୧୨ ଜଣଙ୍କ ମଧ୍ୟରୁ କେତେ ଜଣଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆସିଛି। ଯଦି ଏହି ଅପରାଧ ପାଇଁ ଅଧିକାରୀଙ୍କୁ ବିଦା କରାଗଲା, ତେବେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଶୀର୍ଷ ଅଧିକାରୀଙ୍କ ବିରୋଧରେ ଅଣାଯାଇଥିବା ଯୌନ ବ୍ୟଭିଚାର ଅଭିଯୋଗକୁ କେଉଁ ଭାବେ ରଫାଦଫା କରିଦିଆଗଲା ସେ ସମ୍ପର୍କରେ ପ୍ରଶ୍ନ ଉଠୁଛି। ନ୍ୟାୟ ସମ୍ମୁଖରେ ସମସ୍ତଙ୍କ ପାଇଁ ଗୋଟିଏ ମାପକାଠି। କିନ୍ତୁ ଭାରତରେ କେବଳ କଥାରେ କୁହାଯାଏ, 'ନ୍ୟାୟ ତା' ବାଟରେ ଯିବ'। ନ୍ୟାୟର ଯେହେତୁ ଆଖିରେ ପୁଟୁଳି ବନ୍ଧାଯାଇଛି, ସେଥିପାଇଁ ନିଜ ବାଟ ଖୋଜି ଯିବା ସମ୍ଭବପର ହୁଏ ନାହିଁ। ଏ ଦେଶରେ ମୁଷ୍ଟିମେୟ ଲୋକ ବ୍ୟବସ୍ଥାକୁ ହାତେଇ ନେବା ଫଳରେ ସବୁ ପଦକ୍ଷେପ-ଭଲ ହେଉ ବା ମନ୍ଦ-ଅବିଶ୍ୱସନୀୟ ମନେହେଉଛି।

# କାହିଁ ସେଦିନର ଲୁହ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଓଡ଼ିଶାରେ ଫନୀର ତାଣ୍ଡବ ପରେ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଖାଇବାକୁ ପାଉନାହାନ୍ତି। ଜୀବିକା ହରାଇଛନ୍ତି। ଅବଶ୍ୟ ସରକାର ଯଥାସାଧ୍ୟ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏନଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ପୋଲିସ ବାହିନୀ ଇତ୍ୟାଦି ଜନଜୀବନର ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଅକ୍ଳାନ୍ତ ଉଦ୍ୟମ କରିଛନ୍ତି। ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବହୁ କୁଶଳୀ କର୍ମଚାରୀ ଓଡ଼ିଶାକୁ ଆସି ଦିନରାତି ପରିଶ୍ରମ କରିଛନ୍ତି। ମାତ୍ର ସମସ୍ତଙ୍କ ମନରେ ଥିଲା ଗୋଟିଏ ପ୍ରଶ୍ନ। ଯେଉଁମାନେ ନିର୍ବାଚନ ପୂର୍ବରୁ ଭୋଟ ମାଗିବା ପାଇଁ ଘର ଘର ବୁଲୁଥିଲେ ଏହି ଦୁର୍ଦ୍ଦିନ ସମୟରେ ସେମାନେ କାହାନ୍ତି? ଯେଉଁମାନେ ଦୀନଦୁଃଖୀ ଓ ଦରିଦ୍ରମାନଙ୍କ ପାଇଁ କାନ୍ଦୁଛନ୍ତି ବୋଲି କହିଥିଲେ ଆଜି ସେମାନଙ୍କ ଲୁହ କାହିଁ? ଆଜି ମନେପଡନ୍ତି ସେମାନେ ଯେଉଁମାନେ ମଣିଷର ଦୁର୍ଦ୍ଦିନ ସମୟରେ ଅଶ୍ରୁପାତ କରିବାର ଅଭିନୟ କରୁ ନ ଥିଲେ, ବରଂ ମଣିଷର ଦୁର୍ଦ୍ଦଶା ଦେଖି ଯନ୍ତ୍ରଣାରେ ଛଟପଟ ହେଉଥିଲେ ଓ ସମସ୍ତଙ୍କ ଅନ୍ତରାଳରେ ଅଶ୍ରୁପାତ କରୁଥିଲେ।

ଗୋପବନ୍ଧୁଙ୍କ ଜୀବନର କଥା। ସେତେବେଳେ ଚାରିଆଡେ ବନ୍ୟା। ଅର୍ଦ୍ଧରାତ୍ର ସମୟ। ଭୀଷଣ ବର୍ଷା ହେଉଥାଏ। ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ହଠାତ୍ କାହାର ବିକଳ କ୍ରନ୍ଦନ ଶୁଣିଲେ। ଆଲୁଅ ଜାଳି ଦେଖିଲେ ଗୋପବନ୍ଧୁ ପିଲାଙ୍କ ଭଳି ଭୋ ଭୋ କାନ୍ଦୁଛନ୍ତି। ପଣ୍ଡିତ ଗୋଦାବରୀଶ ପଚାରିଲେ, ''କ'ଣ ହେଲା, କାନ୍ଦୁଛନ୍ତି କାହିଁକି?'' ଗୋପବନ୍ଧୁ କାନ୍ଦି କାନ୍ଦି କହିଲେ, ''ଆଜି ବନ୍ୟାଞ୍ଚଳକୁ ଯାଇଥିଲି। ଲୋକଙ୍କ ଦୁଃଖ କହିଲେ ନ ସରେ। ଘରେ କାହାରି ଚାଳ ନାହିଁ। ବର୍ଷାରେ ସେମାନେ କେତେ କଷ୍ଟ ନ ଭୋଗିବେ? ''ଦୀନଦୁଃଖୀଙ୍କ ସେବା, ବନ୍ୟାବାତ୍ୟା-ପ୍ରପୀଡିତ ଲୋକଙ୍କ ଦୁଃଖଦୈନ୍ୟ ଦୂରକରିବା ପାଇଁ ତାଙ୍କର ସମଗ୍ର ଜୀବନ କଟିଥିଲା। ବନ୍ୟାପ୍ରପୀଡିତ ଲୋକଙ୍କ ସେବା ପାଇଁ ସେ ନିଜ ପୁଅକୁ ମୃତ୍ୟୁଶଯ୍ୟାରେ ଛାଡି ଚାଲିଯାଇଥିଲେ। ପ୍ରଳୟଙ୍କରୀ ବାତ୍ୟାରେ ଘର ହରାଇଥିବା ଲୋକଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଘର ଦେବା, ଭୋକ ଉପାସରେ ଶଢୁଥିବା ନିରନ୍ନ ଜନତାର ମୁଖରେ ଗଣ୍ଡାଏ ଅନ୍ନ ଦେବା ପାଇଁ ଗୋପବନ୍ଧୁ ସର୍ବଦା ଚିନ୍ତିତ ଥିଲେ। ୧୯୨୦ ମାର୍ଚ୍ଚରେ ସେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ପ୍ରତିନିଧି ଭାବରେ ଓଡ଼ିଶାର ବନ୍ୟା ଓ ମରୁଡି ଚିତ୍ରକୁ ଯେଭଳି ଯଥାର୍ଥ ଭାବରେ ଭାବବିହ୍ୱଳ ହୋଇ ଉପସ୍ଥାପନ କରିଥିଲେ ତାହା ସମସ୍ତଙ୍କୁ ଚକିତ କରିଦେଇଥିଲା। ସେ କହିଥିଲେ, ''ଏ ଦେଶରେ ଯଦି କୌଣସି ଲୋକ ଉପବାସରେ ମୃତ୍ୟୁବରଣ କରେ ତେବେ ତା'ର ନିଃଶ୍ୱାସ ସରକାରଙ୍କ ଉପରେ ପଡିବ। ସରକାର ଦୁଃଖୀଦରିଦ୍ର ଜନତାର ମୁହଁରେ ଅନ୍ନ ଦିଅନ୍ତୁ। ଏତିକି କହୁ କହୁ ଗୋପବନ୍ଧୁ ବ୍ୟବସ୍ଥାପକ ସଭାରେ ଭୋଭୋ ହୋଇ କାନ୍ଦିଉଠିଲେ। ଏହି ଘଟଣାରେ ଲାଟ୍ ସାହେବଙ୍କ ହୃଦୟ ତରଳିଯାଇଥିଲା ଓ ସେ ନିଜେ ବନ୍ୟାଞ୍ଚଳକୁ ଆସି ଲୋକଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖିଥିଲେ ଓ ସାହାଯ୍ୟ ଯୋଗାଇ ଦେଇଥିଲେ।

ସ୍ୱାମୀ ବିବେକାନନ୍ଦଙ୍କ ଜୀବନର କଥା। ସେ ଆମେରିକାରୁ ଫେରି ବେଲୁଡ ମଠରେ ଗୋଟିଏ କୋଠରିରେ ରହୁଥାନ୍ତି। ତାଙ୍କ ପାଖ କୋଠରିରେ ରହୁଥାନ୍ତି ସ୍ୱାମୀ ବିଜ୍ଞାନାନନ୍ଦ। ରାତି ଅଧରେ ବିଜ୍ଞାନାନନ୍ଦ ଶୁଣିଲେ ଏକ ଚାପା କାନ୍ଦଣାର ସ୍ୱର। ବାହାରକୁ ଆସି ଝରକାବାଟେ ଦେଖିଲେ ବିବେକାନନ୍ଦ ତାଙ୍କ କୋଠରି ଭିତରେ ଚଟାଣ ଉପରେ ମୁହଁ ତଳକୁ କରି କଇଁକଇଁ ହୋଇ କାନ୍ଦୁଛନ୍ତି। ବିଜ୍ଞାନାନନ୍ଦ ତାଙ୍କ କାନ୍ଦିବାର କାରଣ ପଚାରନ୍ତେ ସେ କହିଲେ, ଐଶ୍ୱର୍ଯ୍ୟଶାଳୀ ଆମେରିକାକୁ ଦେଖିବା ପରେ ଭାରତରେ ଦୁଃଖକଷ୍ଟପୀଡ଼ିତ, କ୍ଷୁଧାର୍ତ୍ତ ଓ ରୁଗ୍ଣ ଜନସାଧାରଣଙ୍କ କଥା ଭାବିବା ବେଳକୁ ମୁଁ ନ କାନ୍ଦି ରହି ପାରୁନାହିଁ। ଆଉ ଦିନକର ଘଟଣା ବିବେକାନନ୍ଦ ଆଶ୍ରମରେ ଋଗ୍‌ବେଦର ଅଧ୍ୟାପନା କାର୍ଯ୍ୟ କରୁଥାନ୍ତି। ପାଖରେ ବସିଥାନ୍ତି ତାଙ୍କର ଶିଷ୍ୟ ଶରତ୍‌ଚନ୍ଦ୍ର ଚକ୍ରବର୍ତ୍ତୀ। ଏହି ସମୟରେ ନାଟ୍ୟ ସମ୍ରାଟ୍ ଗିରୀଶଚନ୍ଦ୍ର ଘୋଷ ସେଠାରେ ପହଞ୍ଚିଲେ। ସ୍ୱାମିଜୀ ବ୍ରହ୍ମଜ୍ଞାନ ସମ୍ପର୍କରେ ବୁଝାଉଥାନ୍ତି। କୌତୁକ ଛଳରେ ଗିରୀଶ ବାବୁ ବିବେକାନନ୍ଦଙ୍କୁ ପଚାରିଲେ, ''ଆଚ୍ଛା ନରେନ୍! ବେଦବେଦାନ୍ତ ତ ଅନେକ ପଢିଛ। କ୍ଷୁଧିତର ଅନ୍ନ ପାଇଁ ହାହାକାର, ଦରିଦ୍ରର ଦୁଃଖ, ଅନ୍ୟାୟ ଓ ଅତ୍ୟାଚାର- ଯାହା ଆମେ ସଚରାଚର ଦେଖିବାକୁ ପାଉ- ତା'ର କୌଣସି ପ୍ରତିବିଧାନ ତୁମ ବେଦବେଦାନ୍ତ ଲେଖିଛି କି? ଜଣେ ଗୃହିଣୀ, ଯିଏ ପ୍ରତ୍ୟହ ପଚାଶଜଣ ଲୋକଙ୍କୁ ଅନ୍ନ ବିତରଣ କରୁଥିଲେ ଆଜି ତିନିଦିନ ହେଲା ଅନ୍ନାଭାବ ହେତୁ ପୁତ୍ରକନ୍ୟା ସହ ଅନାହାରରେ ଅଛନ୍ତି। କେହି କେହି ମହିଳା ଲାଞ୍ଛିତା ଓ ଉତ୍ପୀଡିତା ହୋଇ ପ୍ରାଣତ୍ୟାଗ କରୁଛନ୍ତି। ନରେନ୍, ବେଦବେଦାନ୍ତରୁ ଏହାର କିଛି ପ୍ରତିକାର ପାଇଛ? ଗିରୀଶବାବୁଙ୍କ ଏହି କଥା ଶୁଣି ବିବେକାନନ୍ଦଙ୍କ ଚକ୍ଷୁଦ୍ୱୟ ଅଶ୍ରୁସିକ୍ତ ହୋଇଗଲା। ଭାବାବେଗକୁ ଦମନ କରି ନ ପାରି ସେ ବିଚଳିତ-ହୃଦୟରେ ତତ୍‌କ୍ଷଣାତ୍ ସେ ସ୍ଥାନ ପରିତ୍ୟାଗ କରି ଅନ୍ୟ କକ୍ଷକୁ ଚାଲିଗଲେ।

ସ୍ୱାମିଜୀ ପ୍ରସ୍ଥାନ କରିବା ପରେ ଗିରୀଶ ବାବୁ ଶିଷ୍ୟମାନଙ୍କୁ କହିଲେ- ଦେଖିଲ! ତୁମ ଗୁରୁଙ୍କ ହୃଦୟ କିପରି ଅନୁକମ୍ପାପୂର୍ଣ୍ଣ। ମଣିଷର ଦୁଃଖ କଷ୍ଟ ଶୁଣିବା ପରେ ବେଦବେଦାନ୍ତର ଯେଉଁ ବ୍ୟାଖ୍ୟା ହେଉଥିଲା ସେସବୁ କୁଆଡେ ଅନ୍ତର୍ହିତ ହୋଇଗଲା। କିଛି ସମୟ ପରେ ବିବେକାନନ୍ଦ ଫେରି ଆସିଲେ। ସ୍ୱାମୀ ସଦାନନ୍ଦଙ୍କୁ କହିଲେ, ତୁମେ ରୁଗ୍ଣ ଓ ଆର୍ତ୍ତର ସେବା ପାଇଁ ଗୋଟିଏ ସେବାଶ୍ରମ ପ୍ରତିଷ୍ଠା କର। ସଦାନନ୍ଦ ଗୁରୁ-ଆଜ୍ଞା ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଲେ। ସ୍ୱାମିଜୀ ଗିରୀଶବାବୁଙ୍କୁ କହିଲେ- ଦେଖ ଜଗତର ଦୁଃଖକଷ୍ଟ ଦୂର କରିବା ପାଇଁ ମୁଁ ସହସ୍ରବାର ଜନ୍ମଗ୍ରହଣ କରିବାକୁ ପ୍ରସ୍ତୁତ ଅଛି। ନିଜ ମୁକ୍ତି ମୁଁ ଚାହେଁନାହିଁ। ମୁଁ ପ୍ରତ୍ୟେକଙ୍କୁ ମୁକ୍ତ ହେବା ପାଇଁ ସାହାଯ୍ୟ କରିବାକୁ ଚାହେଁ।

ଆଜି କାହିଁ ସେହି ଲୁହ? ଯେତେବେଳେ ଲୋକେ ବାତ୍ୟା ବା ବନ୍ୟାପ୍ରପୀଡିତ ହେଉଛନ୍ତି କିଛି ଲୋକଙ୍କ ପାଇଁ ତାହା ଠିକ୍ ସୁଯୋଗ ପାଲଟି ଯାଉଛି। ବ୍ୟବସାୟୀମାନେ ଅତ୍ୟାବଶ୍ୟକ ଜିନିଷଗୁଡିକର ମୂଲ୍ୟବୃଦ୍ଧି କରି ବେଶ୍ ଦି ପଇସା ଅଧିକ ରୋଜଗାର କରୁଛନ୍ତି। ଅତୀତରେ ଓଡ଼ିଶାରେ ରିଲିଫ ସାମଗ୍ରୀ ଲୁଟ୍ ହୋଇଥିବାର ଖବର ମଧ୍ୟ ପ୍ରକାଶିତ ହୋଇଛି। ଲୋକଙ୍କ ଦୁର୍ଦ୍ଦିନ ସମୟରେ ମନେପଡନ୍ତି ବିବେକାନନ୍ଦ ଓ ଗୋପବନ୍ଧୁ। ସେମାନେ କେବେ କାନ୍ଦିବାର ଅଭିନୟ କରିନାହାନ୍ତି। ଯନ୍ତ୍ରଣାରେ ଦଗ୍ଧୀଭୂତ ହୋଇ ସତରେ ଲୁହ ଗଡାଇଛନ୍ତି। ଅବଶ୍ୟ ଆଜିର ତଥାକଥିତ ଆତ୍ମଘୋଷିତ ଜନସେବକମାନେ ବର୍ଷକୁ ଥରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପିନ୍ଧାଇ ଦିଅନ୍ତି। ମାତ୍ର ବନ୍ୟା, ବାତ୍ୟା, ଦୁର୍ବିପାକ ସେମାନଙ୍କ ସମୃଦ୍ଧି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପାଲଟିଯାଏ।

ବିଶିଷ୍ଟ ଲେଖକ ମନୋଜ ଦାସ ଗୋଟିଏ ପ୍ରବନ୍ଧରେ ରୋମ୍ ସମ୍ରାଟ ନିରୋଙ୍କ ଅଶ୍ରୁପାତ କଥା ସ୍ମରଣ କରାଇ ଦେଇଛନ୍ତି। ଦିନେ ନିରୋ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା କଥା ଭାବି କାନ୍ଦିବାର ପ୍ରେରଣା ଅନୁଭବ କରିଥିଲେ। କାନ୍ଦ କାନ୍ଦ ଅବସ୍ଥାରେ ଜଣେ କର୍ମଚାରୀଙ୍କୁ କହିଲେ, ଛିଡା ହୋଇ ଦେଖୁଛ କ'ଣ? ମୋ ଲୁହ ତଳେ ପଡି ନଷ୍ଟ ହେବା ପୂର୍ବରୁ ଧରି ରଖ। କେହି ଜଣେ ଦୌଡିଯାଇ ସୁନାର ପାତ୍ର ନେଇ ଆସିଲା। ଲେଖକ କହିଛନ୍ତି ସେ ଯୁଗରେ ଫଟୋଗ୍ରାଫର ଥିଲେ ନିରୋ ଅବଶ୍ୟ ସେମାନଙ୍କୁ କ୍ୟାମେରା ସଜଡାସଜଡି କରିବାର ସୁଯୋଗ ଦେଇ ଅଶ୍ରୁପାତ କରିଥାନ୍ତେ। ସୁନାପାତ୍ର ଆସିବା ବେଳକୁ ଲୁହ ତଥାପି ଉଦ୍‌ଗତ ଅବସ୍ଥାରେ ରହିଥିଲା କି ଶୁଖିଯାଇଥିଲା ଜଣାନାହିଁ। ନିରୋଙ୍କ ସମ୍ପର୍କିତ ଏହି କାହାଣୀ ଅତିରଞ୍ଜିତ ହୋଇପାରେ, କିନ୍ତୁ ଆଜି ଦେଶପ୍ରାଣତା ଦୃଷ୍ଟିରୁ ଅଶ୍ରୁପାତ ଅଥବା ତଦନୁରୂପ କାର୍ଯ୍ୟାନୁଷ୍ଠାନ କରୁଥିବା ବହୁ ବ୍ୟକ୍ତି ଯେ ଉପରୋକ୍ତ କିମ୍ବଦନ୍ତୀର ନିରୋଙ୍କ ପର୍ଯ୍ୟାୟରେ ପଡିବେ, ଏକଥା କହିଲେ ଅତିରଞ୍ଜନର ସମ୍ଭାବନା ନାହିଁ।

ମୋ- ୯୪୩୭୩୨୯୨୬୩

# ନିର୍ଯାତିତ ଶୈଶବ ଓ ସାର୍ବଜନୀନ ଶିକ୍ଷା



ସବ୍ୟସାଚୀ ଅମିତାଭ

ଆମ ସମାଜରେ ଶିଶୁର ବିକାଶରେ ଶିଶୁଶ୍ରମିକ ପ୍ରଥା ଏକ ବଡ଼ ବାଧକ। ଶିଶୁ ଶ୍ରମିକ ନିଷେଧ ଆଇନ ଅନୁଯାୟୀ ୧୪ ବର୍ଷରୁ କମ୍ ସମସ୍ତ ପିଲା ଶିଶୁ ଭାବେ ପରିଗଣିତ। ଯଦି ଏହି ବୟସର କୌଣସି ପିଲା ନିଜର ଶିକ୍ଷା ଓ ଶୈଶବକୁ ଜଳାଞ୍ଜଳି ଦେଇ ଶ୍ରମଯୁକ୍ତ କାର୍ଯ୍ୟରେ ନିଯୁକ୍ତ ହୁଏ, ତେବେ ତାକୁ ଶିଶୁ ଶ୍ରମିକ ଆଖ୍ୟା ଦିଆଯାଇଥାଏ। ଶିଶୁଟିଏ ଜନ୍ମ ନେବା ପରେ ତା'ର ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶର ପରିପୁଷ୍ଟି ପାଇଁ ତା'ର ସବୁ ପ୍ରକାର ଅଧିକାର ରହିଛି। ମାତ୍ର ଉପଯୁକ୍ତ ପରିବେଶ ଓ ସମାଜ ବିନା ଏ ସମସ୍ତର ବିକାଶ ସମ୍ଭବପର ହୁଏନି। ମାନବ ସମ୍ବଳର ବିକାଶ ଶିଶୁମାନଙ୍କ ଶାରୀରିକ, ମାନସିକ, ସାମାଜିକ, ଅର୍ଥନୈତିକ ଉନ୍ନତି ଉପରେ ନିର୍ଭର କରିଥାଏ। ଯଦି ଶିଶୁ ଶିକ୍ଷାଲାଭ ସହ କୌଣସି କାର୍ଯ୍ୟରେ ସାମୟିକ ନିଯୁକ୍ତ ହୁଏ, ତେବେ ସେ ଶିଶୁ ଶ୍ରମିକ ନୁହେଁ, କାରଣ ଏହାଦ୍ୱାରା ଶିଶୁର ଅଧିକାର କ୍ଷୁଣ୍ଣ ହୋଇ ନ ଥାଏ। ଦେଶରେ ଏବେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୫ କୋଟିରୁ ଅଧିକ ବୋଲି ଏକ ତଥ୍ୟରୁ ଜଣାଯାଇଛି। ଯଦି ଆମ ରାଜ୍ୟ ଓଡ଼ିଶା କଥା ବିଚାର କରିବା ତେବେ ଏହି ସଂଖ୍ୟା ୮ ଲକ୍ଷ ଟପିବ।

ଶିଶୁ ଶ୍ରମିକ ସମସ୍ୟାର ଅନେକ କାରଣ ରହିଛି। ପାରମ୍ପରିକ କୌଳିକ ବ୍ୟବସାୟ ବା ବୃତ୍ତିରେ ଶିଶୁମାନଙ୍କ ନିଯୁକ୍ତି, ଆର୍ଥିକ ଦୁରବସ୍ଥା, ୧୪ ବର୍ଷ ପର୍ଯ୍ୟନ୍ତ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାର ଅଭାବ, ବିଦ୍ୟାଳୟରେ ଅନାକର୍ଷଣୀୟ ଶିକ୍ଷା ପରିବେଶ, ମାଆବାପାଙ୍କ ନିରକ୍ଷରତା ଓ ଅବହେଳା, ଉପଯୁକ୍ତ ଖାଦ୍ୟର ଅଭାବ, ଶିଶୁ ଶ୍ରମିକ ଆଇନରେ ସ୍ଥାଣୁତା, ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପ୍ରଶାସନିକ ଦୂରଦୃଷ୍ଟିର ଅଭାବ ଆଦି କାରଣ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ।

ତେବେ ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ସମ୍ଭବପର କି? ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ଯଦିଓ ଏକ ଜଟିଳ ସମସ୍ୟା ତଥାପି ଏହି ସମସ୍ୟା ବିରୋଧରେ ଏକ ବିଧିବଦ୍ଧ ସାମୂହିକ ସଂଗ୍ରାମର ଆବଶ୍ୟକତା ରହିଛି। ଉକ୍ତ କୁପ୍ରଥା ବିରୋଧରେ ଜନମତ ସଂଗ୍ରହ କରିବା ଏହି ସଂଗ୍ରାମର ଲକ୍ଷ୍ୟ। ଏହାସହ ଅନ୍ୟ କିଛି ଦିଗକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ତାହା ହେଲା- ବାଧ୍ୟତାମୂଳକ ଶିକ୍ଷାର ଠିକ୍ ପ୍ରଚଳନ, ଶିଶୁ ଶ୍ରମିକ ଆଇନର ଉପଯୁକ୍ତ ପ୍ରବର୍ତ୍ତନ, ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଶିଶୁ ଶ୍ରମିକ ପରିବାରଗୁଡ଼ିକୁ ସାମିଲ କରିବା ତଥା ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଶିଶୁ ଶ୍ରମିକମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା।

ଶିଶୁ ଶ୍ରମିକ ନିରାକରଣ ପ୍ରକ୍ରିୟାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଉପଲକ୍ଷେ

ବିଗତ ଦଶକରେ ଶିକ୍ଷା ତଥା ବିକାଶର କଚ୍ଛପ ଗତିକୁ ଲକ୍ଷ୍ୟକରି ଭାରତ ସରକାର ସାମାଜିକ ଓ ଆର୍ଥିକ ଉନ୍ନତିରେ ପଞ୍ଚାୟତକୁ ସାମିଲ କରିବା ପାଇଁ ନିଷ୍ପତ୍ତି ନେଲେ, ଯାହା ସମ୍ବିଧାନର ୭୩ତମ ସଂଶୋଧନ ଅଧିନିୟମ ଭାବେ ପରିଚିତ। ଏହି ସଂଶୋଧିତ ଅଧିନିୟମର ଧାରା ୨୪୩ ଅନୁଯାୟୀ ଗୋଷ୍ଠୀକୁ ଶିକ୍ଷା ପରିଚାଳନା ଭାର ଦିଆଯାଇଛି। ୨୦୦୧ ମସିହା ପରଠାରୁ ରାଜ୍ୟସ୍ତରରେ ଶିକ୍ଷାର ହାର କ୍ରମାଗତ ବଢୁଛି। ତେବେ ବହୁ ଶିକ୍ଷା ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏବେ ମଧ୍ୟ ଅଗମ୍ୟ ଗ୍ରାମାଞ୍ଚଳ ଓ କିଛି ସହରାଞ୍ଚଳରେ ସାମାଜିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନେ ଶିକ୍ଷାଠାରୁ ବେଶ୍ ଦୂରରେ ରହିଛନ୍ତି। ପ୍ରାଥମିକସ୍ତରରେ ଅଧାରୁ ପାଠ ଛାଡୁଥିବା ସାଧାରଣ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ଥିବାବେଳେ ଆଦିବାସୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭୦ ପ୍ରତିଶତରୁ ଅଧିକ। ସେହିପରି ଉଚ୍ଚ ପ୍ରାଥମିକ (୩ୟରୁ ୭ମ)ସ୍ତରରେ ସାଧାରଣ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୯ ପ୍ରତିଶତ ଥିବାବେଳେ ଆଦିବାସୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮୦ ପ୍ରତିଶତ ଟପିଛି। ସରକାରୀ ପରିସଂଖ୍ୟାନରୁ ଜଣାଯାଇଛି, ଓଡ଼ିଶାରେ ୭୦୦ରୁ ଅଧିକ ପ୍ରାଥମିକ ସ୍କୁଲରେ କୌଣସି ଘର ନାହିଁ, ପାଖାପାଖି ୧୦୦୦ ସ୍କୁଲର ପିଲା ମୁକ୍ତାକାଶ ତଳେ ପାଠ ପଢ଼ନ୍ତି। ପ୍ରଥମ ଶ୍ରେଣୀରେ ନାମ ଲେଖାଉଥିବା ୧୦୦ ପିଲାଙ୍କ ମଧ୍ୟରୁ ୩୮ ଜଣ ଓ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ ମାତ୍ର ୧୮ ଜଣ ସ୍କୁଲ ଆସିବାର ସୁଯୋଗ ପାଆନ୍ତି। ଜାତି, ଲିଙ୍ଗଗତ ବୈଷମ୍ୟ ଓ ସାର୍ବଜନୀନ ଶିକ୍ଷାର ଅଭାବ ବିଶେଷକରି ମହିଳା ଓ ପଛୁଆବର୍ଗର ଶିଶୁଙ୍କ ଶିକ୍ଷାରେ ଅନ୍ତରାୟ ସୃଷ୍ଟି କରୁଛି।

୯୦ ପ୍ରତିଶତରୁ ଅଧିକ ଶିଶୁ ଶ୍ରମିକ ଗ୍ରାମାଞ୍ଚଳର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ପଞ୍ଚାୟତସ୍ତରରେ ଉଦ୍ୟମ ହେଲେ ହିଁ ଶିଶୁ ଶ୍ରମିକ ସମସ୍ୟା ଦୂର ହୋଇପାରିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ଶିଶୁମାନଙ୍କ ଉନ୍ନତି ପାଇଁ ବ୍ୟବସ୍ଥା ଥିବାବେଳେ ଏହି ବିଷୟକୁ ପ୍ରାୟତଃ ଅଣଦେଖା କରାଯାଏ। ଗ୍ରାମସଭା ଓ ପଲ୍ଲିସଭା ଜରିଆରେ ଶିଶୁ ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ଯୋଜନା ପ୍ରସ୍ତୁତ କରାଯିବା ଦରକାର। ପ୍ରାଥମିକ ଶିକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଅଧିକ ବ୍ୟୟବରାଦ ହେବା ଆବଶ୍ୟକ।

ଶିଶୁ ଶ୍ରମିକ ପ୍ରଥାର ନିରାକରଣ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାର ବିଶେଷ ଭୂମିକା ରହିଛି। ସେଗୁଡିକ ହେଲା- ପଞ୍ଚାୟତ ରାଜସ୍ୱରୁ ପ୍ରାଥମିକ ଶିକ୍ଷା ପାଇଁ ଅତିରିକ୍ତ ସମ୍ବଳ ସଂଗ୍ରହ, ସ୍କୁଲ ଯାଉ ନ ଥିବା ପିଲାଙ୍କୁ ଚିହ୍ନଟ କରିବା, ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା, ପିଲାମାନଙ୍କୁ ସ୍କୁଲରେ ନାଁ ଲେଖାଇବା ପାଇଁ ପ୍ରବର୍ତ୍ତାଇବା ଓ ସ୍କୁଲ ପରିଚାଳନାକୁ ତଦାରଖ କରିବା। ଏହାସହ ପଞ୍ଚାୟତସ୍ତରର ନିର୍ବାଚିତ ପ୍ରତିନିଧିମାନେ ଏନ୍‌ଜିଓଙ୍କ ସହାୟତାରେ ଲୋକଙ୍କୁ ଶିଶୁ ଶ୍ରମିକଙ୍କ ଅବସ୍ଥା ବାବଦରେ ସଚେତନ କରାଇବା ସହିତ ଏହାର ସମାଧାନ ପାଇଁ ବାଟ ବାହାର କରିବା ଆବଶ୍ୟକ। ଏପରି କରାଗଲେ ଶିଶୁ ଶ୍ରମିକ ପ୍ରଥାର ବିଲୋପ ସହଜରେ ହୋଇପାରିବ।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

## ଏଇ ଭାରତରେ

ଆସାମର ଦିସ୍‌ପୁରରେ ଥିବା ଅକ୍ଷର ଫୋରମ୍ ସ୍କୁଲ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଏଠାରେ ପାଖାପାଖି ୧୧୦ ପିଲା ପଢୁଥିବା ବେଳେ ଏମାନେ ସ୍କୁଲ ଫି ବାବଦରେ ପ୍ଲାଷ୍ଟିକ୍‌ର ବର୍ଜ୍ୟବସ୍ତୁ ଦାଖଲ କରିଥାଆନ୍ତି। ପ୍ରତି ସପ୍ତାହରେ ପିଲାଙ୍କୁ ବର୍ଜ୍ୟ ପ୍ଲାଷ୍ଟିକ୍‌ଗୁଡିକୁ ଏକ ଥଳିରେ ଆଣିବାକୁ ପଡ଼ିଥାଏ। ଏହାକୁ ସ୍କୁଲ ଘର, ଶୌଚାଳୟ ଓ ସଡ଼କ ନିର୍ମାଣରେ ବ୍ୟବହାର କରାଯାଉଛି। ନ୍ୟୁୟର୍କରେ ରହୁଥିବା ପାରମିତା ଶର୍ମା ଓ ତାଙ୍କ ସ୍ୱାମୀ ମଜିନ ମୁଖ୍‌ତାର ଏହି ସ୍କୁଲ ନିର୍ମାଣ କରିଥିଲେ। ପ୍ରଥମେ ସେ ଏଠାରେ ପଢୁଥିବା ପିଲାଙ୍କୁ ମାଗଣାରେ ପଢାଉଥିଲେ। ପରେ ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣକୁ ରୋକିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ଦିସ୍‌ପୁରରେ ପାଖାପାଖି ୧୦ ଲକ୍ଷ ଲୋକ ରହୁଥିବା ବେଳେ ଏଠାରେ ପ୍ରତିଦିନ ୩୭ ଟନ୍ ବର୍ଜ୍ୟବସ୍ତୁ ବାହାରିଥାଏ। ପୂର୍ବରୁ ଏଠାକାର ଲୋକେ ପ୍ଲାଷ୍ଟିକ୍‌କୁ ପୋଡ଼ି ଦେଉଥିବାରୁ ପରିବେଶ ପ୍ରଦୂଷଣର ମାତ୍ରା ବଢ଼ି ଯାଉଥିଲା। ଏବେ କିନ୍ତୁ ଏହାର ପୁନଃବ୍ୟବହାର ଫଳରେ ପ୍ରଦୂଷଣ ମାତ୍ରା ହ୍ରାସ ପାଇଛି।

## ୨୫ ବର୍ଷ ତଳେ ଧରିତ୍ରୀ

୧୨ ଜୁନ୍ ୧୯୯୪

- ଭାରତରେ ମାଲ ପରିବହନର ସମ୍ପ୍ରସାରଣ ନିମନ୍ତେ ୯୪ ନିୟୁତ ଡଲାର ଋଣ ସାହାଯ୍ୟ କରିବାକୁ ବିଶ୍ୱବ୍ୟାଙ୍କର ଘୋଷଣା।
- ବାଂଲାଦେଶର ବିବାଦୀୟ ଲେଖିକା ତସ୍‌ଲିମା ନସରିନଙ୍କୁ ହତ୍ୟା କରିବା ଲାଗି ଜଣେ ମୁସଲମାନ ନେତା ମୁଫ୍‌ତି ସୟଦ ନଜ୍ରୁଲ ଏକଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି।

## ଚିରନ୍ତନୀ

ପୃଥିବୀ-ଗ୍ରହର କୁହାଟ ଉଠଇ
ସୌର ଜଗତ ମଥି
ସବୁଠାରୁ ବଡ଼ ଫଉଜ ହୋଇଛି ରଥୀ!
ଆଣବିକ ବୋମାଠାରୁ ବଳି ବଳୀୟାନ
ପଦନିକ୍ଷେପେ ପାହାଡ଼ ଲସଇ
ଅଗଣିତ ଆଗୁଆନ!

(ଅଗଣିତ ଆଗୁଆନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | 3 | | 2 | E | C | | 8 | | | | 5 |
| | 0 | 3 | D | C | | | | 5 | B | | | | | 4 |
| A | 6 | | 7 | | 1 | | | | | C | 2 | | | |
| D | | | B | | | | | 8 | | | | A | 2 | 3 |
| E | 1 | | 8 | | | | 7 | 3 | | | 6 | | | |
| | | | | | | 7 | | 1 | | E | | | | 2 |
| 9 | 8 | A | | | | 6 | | D | | | 5 | | | 7 |
| 6 | D | 4 | | | C | | 2 | | | | A | | | 8 |
| | | 1 | | 4 | | | 0 | E | | 9 | | | | |
| 7 | | E | 2 | 8 | | | | | | | | | 4 | |
| 3 | | | 9 | | 0 | | | 6 | | | | | | |
| | | | | | | 5 | A | | | | 0 | | | 9 |
| | | 6 | E | A | | 3 | | | | | | | | C |
| | C | D | | 7 | | | 1 | | 4 | | | | | 0 |
| | 7 | | | 2 | | 0 | B | 4 | D | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟ ଖବର ଛାପୁଥିବା କାଗଜ

ମହାଶୟ,

ଧରିତ୍ରୀ ହିଁ ନିରପେକ୍ଷ, ସତ୍ୟ ଓ ନିର୍ଭୀକ ଖବର ପରିବେଷଣ କରିଆସୁଥିବାରୁ ସାରା ଓଡ଼ିଶା ଓ ବାହାରେ ଏତେସଂଖ୍ୟକ ପାଠକ ବୃଦ୍ଧି ହୋଇଛନ୍ତି। ଯେଉଁ ଖବର ସତ୍ୟ ଅଥଚ ଆପଣା ଉପରେ ବିପଦ ଆସିବାର ସମ୍ଭାବନା ଥାଏ, ସେ ପ୍ରକାର ଖବର ଛାପିବାକୁ ଅନ୍ୟ ଖବରକାଗଜ ଭୟ କରୁଥିବା ବେଳେ ଏକମାତ୍ର ଧରିତ୍ରୀ ହିଁ ନିର୍ଭୀକତାର ପରିଚୟ ଦେଇ ଛାପିଥାଏ। ଏଥିପାଇଁ ଧରିତ୍ରୀ ପାଠକଙ୍କ ନିକଟରେ ଆଦୃତ ହୋଇ ରହିଛି ଓ ରହିବ। ସବୁଠାରୁ ଆନନ୍ଦର କଥା ଏହା କାହାର ମୁହଁ ଦେଖେନା, ଦେଖେ ଲେଖାକୁ। ଉତ୍ସାହିତ କରିଆସିଛି ନୂତନ ଲେଖକ ପିଢ଼ିକୁ ଓ ସୃଷ୍ଟି କରିଛି ପ୍ରକୃତ ପାଠକ ଗୋଷ୍ଠୀକୁ।

ସାରଥି ମଲିକ, ଅମରପାଲି, ବୀରମହାରାଜପୁର, ସୋନପୁର

### ସେସୁର ଗ୍ରାହକ ଶୋଷଣ

ସେସୁ ମାସିକିଆ ବିଲ୍ ଆଦାୟ ବଦଳରେ ମେ ମାସରେ ଦେଢ଼ମାସର ବିଲ୍ କରିଛି। ଅର୍ଥାତ୍ ଯେଉଁ ୧୫ ଦିନର ବିଲ୍ ଜୁନ୍ ୧୫ ତାରିଖରେ ହୋଇଥାନ୍ତା, ଏହା ଜୁନ୍ ଶେଷରେ ଆଦାୟ ହୋଇଥାନ୍ତା। ତାହା ଏବେ ଆଦାୟ ପାଇଁ ମେ ମାସ ବିଲ୍‌ରେ ରଖିଛନ୍ତି। ବାତ୍ୟା ଲାଗି ଲୋକେ ଦୁର୍ଦ୍ଦଶାରେ ଥିବା ବେଳେ ସେସୁର ଏହା ଏକ ଅମାନବୀୟ କାର୍ଯ୍ୟ। ପୁନଶ୍ଚ ଏହା ଆଦାୟ ପାଇଁ ୧୫ ଦିନ ସମୟ ଦିଆଯାଇଥାଏ। କିନ୍ତୁ ଏହା ୪ ଦିନ ମଧ୍ୟରେ ଦେବାକୁ ବିଲ୍‌ରେ ରହିଛି। ଏପରି କରିବା ଦ୍ୱାରା ସେସୁ ଶହ ଶହ ଟଙ୍କା ଗ୍ରାହକଙ୍କଠାରୁ ଲୁଟୁଛି। ଯେହେତୁ ୟୁନିଟ୍ ଯେତେ ଅଧିକ ହେବ, ଦର ମଧ୍ୟ ୟୁନିଟ୍ ପିଛା ସେତେ ଅଧିକ ହେବ। ଏଣୁ ସେସୁ ବିଲ୍‌କୁ ଦୁଇ ତୃତୀୟାଂଶ ଏକମାସ ଏବଂ ଏକ ତୃତୀୟାଂଶ ୧୫ ଦିନ ଆଧାରରେ ସଂଶୋଧନ କରି ପଇଠ ହୋଇଥିବା ବିଲ୍‌ରେ ଅଧିକ ନିଆଯାଇଥିବା ଟଙ୍କାକୁ ପରବର୍ତ୍ତୀ ବିଲ୍‌ରେ କାଟନ୍ତୁ।

ପଣ୍ଡିତ ରାମକୃଷ୍ଣ ମିଶ୍ର, ଏଏଲ୍-୫୩, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

### ମାଟ୍ରିକ୍ ପରୀକ୍ଷା ଫଳର ସରକାରୀ ସମୀକ୍ଷା

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ବିଭିନ୍ନ ଦୃଷ୍ଟିକୋଣରୁ ନୈରାଶ୍ୟଜନକ। ଚଳିତ ବର୍ଷ ୭୦.୭୮ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି ଯାହା ଗତ ୭ ବର୍ଷରେ ସର୍ବନିମ୍ନ। ଚଳିତ ବର୍ଷ ୮୨ ହାଇସ୍କୁଲରେ କେହି ପାସ୍ କରିନାହାନ୍ତି। ଏହିସବୁ ହାଇସ୍କୁଲର ଦୁର୍ବଳ ପ୍ରଦର୍ଶନ ସମ୍ପର୍କରେ ସମୀକ୍ଷା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସୂଚନା ଦେଇଛନ୍ତି। ଗତବର୍ଷ ସମୀକ୍ଷାର ଫଳ କ'ଣ ହେଲା, ତାହା ପ୍ରକାଶ ପାଇନାହିଁ। ଚଳିତ ବର୍ଷର ସମୀକ୍ଷା ଫଳ କ'ଣ ହେବ ତାହା ଜନସାଧାରଣ ଜାଣିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



୩ ମହିଳାଙ୍କ ସମେତ ୭ ଭାରତୀୟ ବଂଶୋଦ୍ଭବ ଅଷ୍ଟ୍ରେଲୀୟଙ୍କୁ ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଅଷ୍ଟ୍ରେଲିଆର ସର୍ବୋଚ୍ଚ ସମ୍ମାନ ଦିଆଯାଇଛି। ମୋନାସ ଆଲଫ୍ରେଡ ସାଇକିଆଟ୍ରି ସେଣ୍ଟର୍ ନିର୍ଦ୍ଦେଶକ ଜୟଶ୍ରୀ କୁଲକର୍ଣ୍ଣି (ଚିକିତ୍ସା), ଜୟଶ୍ରୀ ରାମଚନ୍ଦ୍ରନ୍ (ସଂଗୀତ ଓ ନୃତ୍ୟ), ବିନିତା ହାର୍ଦ୍ଦିକର(ଚିକିତ୍ସା), ଶଶିକାନ୍ତ କୋଚର(ଦାତବ୍ୟ ସଂସ୍ଥା), ଅରୁଣ କୁମାର(ଆର୍ଥିକ ଯୋଜନା), କ୍ରିଷ୍ଣ ଧନ ନଦିମପାଲି(ସଂସ୍କୃତି) ଏବଂ ମହା ସିନ୍ନାଥାମ୍ବି (ସମ୍ପତ୍ତି ଶିଳ୍ପ)ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

# ନାସା ଲଞ୍ଚ୍ କରିବ ଟ୍ୱିନ୍ ସାଟେଲାଇଟ୍

ୱାଶିଂଟନ୍

ଆମେରିକୀୟ ମହାକାଶ ଗବେଷଣା କେନ୍ଦ୍ର ନାସା ଦୁଇଟି କ୍ଷୁଦ୍ର ସାଟେଲାଇଟ୍ ମହାକାଶକୁ ଲଞ୍ଚ୍ କରିବ। ପୃଥିବୀର ଉପର ବାୟୁମଣ୍ଡଳରେ ସାମରିକ ଓ ଏୟାରଲାଇନ୍ ଯୋଗାଯୋଗ ଏବଂ ଜିପିଏସ୍ ସିଗ୍‌ନାଲ୍ କ୍ଷେତ୍ରରେ ଉପୁଜିଥିବା ଅସୁବିଧା ଦୂରକରିବାରେ ଏହା ସହାୟକ ହୋଇପାରିବ। ଯମଜ ଏନ୍‌ହାନ୍ସଡ ଟାଣ୍ଡେମ ବିକନ୍ ଏକ୍ସପେରିମେଣ୍ଟ ସଂକ୍ଷେପରେ 'ଇ-ଟିବିଏକ୍ସ' କ୍ୟୁବ୍‌ସାଟ୍‌କୁ ଜୁନ୍ ୨୪ରେ ଆମେରିକା ପ୍ରତିରକ୍ଷା ବିଭାଗର ସ୍ପେସ୍ ଟେଷ୍ଟ ପ୍ରୋଗ୍ରାମ-୨ ଲଞ୍ଚ୍‌ପ୍ୟାଡ୍‌ରୁ ଉତ୍‌କ୍ଷେପଣ କରାଯିବ। ଏଥିସହିତ ୨୪ଟି ସାଟେଲାଇଟ୍‌କୁ ଏକକାଳୀନ ଲଞ୍ଚ୍ କରାଯିବ। ପୃଥିବୀର ଆୟୋନୋସ୍ଫିୟର ଦ୍ୱାରା ରେଡିଓ ସଂକେତ କିପରି ପ୍ରତିହତ ହେଉଛି ତାହା ଉପରେ ଇ-ଟିବିଏକ୍ସ କ୍ୟୁବ୍‌ସାଟ୍ ଦୃଷ୍ଟିପାତ କରିବ।



ବିଶେଷକରି ବିଷୁବରେଖାରେ ସାମରିକ ଓ ବିମାନ ଯୋଗାଯୋଗ ଏବଂ ଜିପିଏସ୍ ସଂକେତ ଆଦାନପ୍ରଦାନ କ୍ଷେତ୍ରରେ ଯେଉଁ ସମସ୍ୟା ସୃଷ୍ଟି ହେଉଛି ତାହାକୁ ସୁଧାରିବାରେ ଏହି ଟୁଇନ୍ ସାଟେଲାଇଟ୍ ସହାୟକ ହୋଇପାରିବ ବୋଲି ମହାକାଶ ବିଜ୍ଞାନୀମାନେ ସୂଚନା ଦେଇଛନ୍ତି।

# ଅମିତାଭଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍

**ମୁମ୍ବାଇ:** ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ଟୁଇଟର ଆକାଉଣ୍ଟକୁ ସୋମବାର ରାତିରେ ହ୍ୟାକ୍ (ବିନା ଅନୁମତିରେ ଅନ୍ୟ ନେଟୱର୍କରେ ପ୍ରବେଶ) କରାଯାଇଛି। ତାଙ୍କର ପ୍ରୋଫାଇଲ୍ ପିକ୍ଚରକୁ ବଦଳାଯାଇ ସେ ସ୍ଥାନରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫଟୋ ପୋଷ୍ଟ କରାଯାଇଛି। ଅମିତାଭଙ୍କ ଟୁଇଟର ବାୟୋଗ୍ରାଫିରେ ସାଧାରଣତଃ ଅଭିନେତା...ଠୁ ଆରମ୍ଭ ହୋଇ ସେ ସମ୍ପର୍କିତ କିଛି ଲେଖା ଉଲ୍ଲେଖ ଥାଏ। ଏହି ଲେଖା ପରିବର୍ତ୍ତେ 'ଲଭ୍ ପାକିସ୍ତାନ' ବୋଲି ଲେଖାଯାଇଛି। ତାଙ୍କ ଟୁଇଟର ଆକାଉଣ୍ଟରୁ ୩ଟି ପୋଷ୍ଟ ଉଡାଇ ଦିଆଯିବା ସହିତ ଭେରିଫାଏଡ୍ ପ୍ରୋଫାଇଲ୍‌ର କଭର ଇମେଜକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଗୋଟିଏ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫଟୋ ସହିତ ପାକିସ୍ତାନୀ ପତାକା ଲଗାଯାଇଛି। ଏଥିସହିତ ଟୁଇଟ୍ କରାଯାଇଛି, 'ସାରା ଦୁନିଆକୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ତୁର୍କୀ ଫୁଟବଲ ଖେଳାଳିଙ୍କୁ ଆଇସ୍‌ଲାଣ୍ଡ ରିପବ୍ଲିକ୍‌ର ଅସମ୍ମାନଜନକ ବ୍ୟବହାରକୁ ଆମେ ତୀବ୍ର ନିନ୍ଦା କରୁ। ଆମେ ମୃଦୁଭାଷାରେ କହୁଥିଲେ ମଧ୍ୟ ଏକ ବାଡ଼ି ଧରିଛୁ ଏବଂ ବଡ଼ ଧରଣର ସାଇବର ଆକ୍ରମଣ ସମ୍ପର୍କରେ ସୂଚାଇ ଦେଉଛୁ।' ଅମିତାଭଙ୍କ ଟୁଇଟର ଆକାଉଣ୍ଟ ହ୍ୟାକିଂ ସମ୍ପର୍କରେ ତୁରନ୍ତ ମହାରାଷ୍ଟ୍ର ସାଇବର ସଂସ୍ଥାକୁ ସୂଚନା ଦିଆଯାଇଥିଲା। ଏ ସମ୍ପର୍କରେ ତଦନ୍ତ କାର୍ଯ୍ୟ ଜାରି ରହିଥିବା ଜଣେ ପୋଲିସ ମୁଖପାତ୍ର ସୂଚନା ଦେଇଛନ୍ତି। ଅମିତାଭଙ୍କର ଟୁଇଟର ଆକାଉଣ୍ଟର ୩୭.୪ ନିୟୁତ ଅନୁଗାମୀ ଅଛନ୍ତି। ସେ ନିୟମିତ ଉକ୍ତ ଆକାଉଣ୍ଟରେ ଶେୟାର କରିବା ସହିତ ଏହାକୁ 'ସମ୍ପ୍ରସାରିତ ପରିବାର' ବୋଲି ବର୍ଣ୍ଣନା କରନ୍ତି।




# ଆଜି ନୂଆ ମନ୍ତ୍ରୀଙ୍କ ପ୍ରଥମ ବୈଠକ

**ନୂଆଦିଲ୍ଲୀ,୧୧।୬(ପି.ଟି.)** : ପ୍ରଥମ ବୈଠକ ବୁଧବାର କେନ୍ଦ୍ର ସରକାରରେ ସ୍ଥାନ ଅନୁଷ୍ଠିତ ହେବ। ଏହି ବୈଠକରେ ପାଇଥିବା ନୂଆ ମନ୍ତ୍ରୀମାନଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆମନ୍ତ୍ରୀଙ୍କୁ ସରକାରଙ୍କ ରୋଡ୍‌ମ୍ୟାପ ସମ୍ପର୍କରେ ସୂଚନା ଦେବେ ବୋଲି ଜଣାପଡ଼ିଛି। ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଓ ଯୋଜନାର ସୁଫଳ କିପରି ସେମାନଙ୍କୁ ମିଳିବା, ସେ ନେଇ ମୋଦି ବୈଠକ ପରେ ଉଦ୍‌ବୋଧନ ଦେବେ। ମନ୍ତ୍ରୀମାନଙ୍କ ବୈଠକ ପରେ କେନ୍ଦ୍ର କ୍ୟାବିନେଟ ବୈଠକ ବୁଧବାର ବସିବ। ପାର୍ଲାମେଣ୍ଟର ପ୍ରଥମ ଅଧିବେଶନରେ ବିଭିନ୍ନ ପ୍ରଶ୍ନର ଉତ୍ତର ମନ୍ତ୍ରୀମାନେ ଦେବା ଲାଗି ନିଜକୁ ପ୍ରସ୍ତୁତ ରହିବାକୁ ବୈଠକରେ ପରାମର୍ଶ ଦିଆଯିବ ବୋଲି ଜଣାପଡ଼ିଛି।

# ୧୧୦ ଘଣ୍ଟା ପରେ ବୋର୍‌ୱେଲ୍‌ରୁ ମୃତ ଶିଶୁ ଉଦ୍ଧାର

ସଙ୍ଗ୍ରୁର୍(ପଞ୍ଜାବ),୧୧।୬(ପି.ଟି.)

ପଞ୍ଜାବର ସଙ୍ଗ୍ରୁର୍‌ରେ ବୋର୍‌ୱେଲ୍‌ରେ ଖସିପଡ଼ି ୧୫୦ ଫୁଟ ତଳକୁ ଚାଲିଯାଇଥିବା ଏକ ୨ ବର୍ଷର ଶିଶୁ ଫତେବୀର ସିଂକୁ ୧୧୦ ଘଣ୍ଟା ପରେ ମଙ୍ଗଳବାର ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କରିଛି। ତେବେ ଶିଶୁଟିକୁ ବଞ୍ଚାଯାଇ ପାରିନାହିଁ। ବୋର୍‌ୱେଲ୍‌ରୁ ଉଦ୍ଧାର କରାଯିବା ପରେ ଶିଶୁଟିକୁ ସଙ୍ଗେ ସଙ୍ଗେ କଡ଼ା ସୁରକ୍ଷା ସହ ଆମ୍ବୁଲାନ୍ସରେ ଚଣ୍ଡିଗଡସ୍ଥିତ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ(ପିଜିଆଇଏମ୍‌ଇଆର୍)କୁ ନିଆଯାଇଥିଲା। ତେବେ ଶିଶୁଟି ମୃତ୍ୟୁବରଣ କରିଥିବା ଡାକ୍ତର କହିଥିଲେ। ପ୍ରକାଶଥାଉ କି, ଗତ ଗୁରୁବାର ଅପରାହ୍ନ ୪ଟାରେ ଶିଶୁଟି ଭଗବାନ୍‌ପୁର ଗ୍ରାମରେ ଖେଳୁଥିବାବେଳେ ୭ ଇଞ୍ଚ ଚଉଡ଼ା ଓ ୧୨୫ ଫୁଟ ଗଭୀରର ଏକ ବୋର୍‌ୱେଲ୍‌ରେ ଗଳିପଡ଼ିଥିଲା। ଶିଶୁଟିକୁ ଜୀବିତ ଉଦ୍ଧାର କରିବା ଲାଗି ଚେଷ୍ଟା କରାଯାଇଥିବାବେଳେ ସବୁ ଉଦ୍ୟମ ଫେଲ୍ ମାରିଛି। ଶବ ବ୍ୟବଚ୍ଛେଦ କରାଯିବା ପରେ ଗ୍ରାମରେ ଶିଶୁଟିର ଅନ୍ତିମ ସଂସ୍କାର କରାଯାଇଛି।



ଶ୍ରଦ୍ଧାଞ୍ଜଳି ଲାଗି ଅମୃତସରରେ କ୍ୟାଣ୍ଡେଲ ଶୋଭାଯାତ୍ରା।

# ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ପ୍ରୟୁଥ ଚାନ୍-ଓଚା

**ବ୍ୟାଙ୍କକ୍,୧୧।୬(ଆଇଏଏନ୍‌ଏସ୍):** ସେନାମୁଖ୍ୟ ଜେନେରାଲ ପ୍ରୟୁଥ ଚାନ୍-ଓଚା ମଙ୍ଗଳବାର ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାମରିକ ଶାସନର ଦୀର୍ଘ ୫ବର୍ଷ ପରେ ଦେଶରେ ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଜୁନ୍ ୫ରେ ପାର୍ଲାମେଣ୍ଟ ଭୋଟରେ ପ୍ରୟୁଥ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିଲେ। ରାଜା ମହା ବାଜିରାଲୋଙ୍ଗକର୍ନଙ୍କ ସ୍ୱୀକୃତି ଦେଶର ଅଫିସିଆଲ ବୁଲେଟିନ୍ ରୟାଲ ଗ୍ୟାଜେଟରେ ପ୍ରକାଶ ପାଇବା ପରେ ପ୍ରୟୁଥଙ୍କ ନିଯୁକ୍ତିକୁ ସ୍ୱୀକୃତି ମିଳିଥିଲା। ୬୫ ବର୍ଷୀୟ ପ୍ରୟୁଥ ଧଳା ୟୁନିଫର୍ମ ପରିଧାନ କରି ରାଜା ମହା ବାଜିରାଲୋଙ୍ଗକର୍ନଙ୍କ ଛବି ନିକଟରେ ନତଜାନୁ ହୋଇ ଶପଥପାଠ କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ସେ ରାଜତନ୍ତ୍ର ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ଦୁର୍ନୀତି ଓ ଅସମାନତା ବିରୋଧରେ ଲଢ଼େଇ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଦେଶକୁ ଅର୍ଥନୈତିକ ଓ ସାମାଜିକ ପ୍ରଗତି ପଥରେ ଆଗେଇ ନେବା ପାଇଁ କର୍ତ୍ତବ୍ୟ ପାଳନ କରିବା ସହିତ ଲୋକଙ୍କ ସ୍ୱର ଶୁଣିବେ ବୋଲି ପ୍ରୟୁଥ କହିଥିଲେ। ୨୦୧୪ରେ ସରକାର ବିରୋଧୀ ସ୍ୱର ତୀବ୍ର ହେବାରୁ ଦେଶରେ ନିର୍ବାଚନ ହୋଇପାରି ନ ଥିଲା। କିଛିମାସ ପରେ ସେନାମୁଖ୍ୟ ଥିବା ପ୍ରୟୁଥ ସେହିବର୍ଷ ମେ'ରେ ଥାଇଲାଣ୍ଡର ଶାସନ କ୍ଷମତା ହାତକୁ ନେଇଥିଲେ।




## ସର୍ବସାଧାରଣ ଅଧିସୂଚନା

ଦକ୍ଷିଣ ପୂର୍ବ ରେଳପଥର ନିମ୍ନଦର୍ଶିତ ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ସମ୍ପୃକ୍ତ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ ୨୫୦୦୦ ଭୋଲ୍ଟ, ୫୦ ଏଚ୍‌ଜେଡ୍, ଏସି ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ। ସେହି ତାରିଖରେ ଏବଂ ସେହି ତାରିଖ ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟ ପାଇଁ ଜୀବନ୍ତ ଭାବେ ବିବେଚନା କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା ଏହା ନିକଟରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| କ୍ର. ସଂ. | ସେକ୍ସନ | ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ |
|---|---|---|
| ୧. | ଚକ୍ରଧରପୁର ଡିଭିଜନର ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ବାମରା ଷ୍ଟେଶନରୁ ଧୁତ୍ରା ସେକ୍ସନ ମଧ୍ୟରେ ନୂଆ ୩ୟ ଲାଇନ୍‌ର ବିଦ୍ୟୁତ୍ ସରବରାହ। | ୩୦।୦୬।୨୦୧୯ |
| ୨. | ଚକ୍ରଧରପୁର ଡିଭିଜନର ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ପାନପାଲି-ଧୁତ୍ରା ସେକ୍ସନ ମଧ୍ୟରେ ଫିଡର୍ ଲାଇନ୍ ସମେତ ଅବସ୍ଥିତି ନଂ.୫୦୦/୧୧-୧୩ ମଧ୍ୟରେ ପାନପାଲିସ୍ଥିତ ନୂଆ ସବ୍ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ଏସ୍‌ପି)ର ବିଦ୍ୟୁତ ସରବରାହ। | ୩୦।୦୬।୨୦୧୯ |
| ୩. | ଚକ୍ରଧରପୁର ଡିଭିଜନର ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ବାଗଡିହି-ଧାରୁଆଡିହ ସେକ୍ସନ ମଧ୍ୟରେ ଫିଡର୍ ଲାଇନ୍ ସମେତ ଅବସ୍ଥିତି ନଂ.୪୯୨/୦୯-୧୧ ମଧ୍ୟରେ ବାଗଡିହି ସ୍ଥିତ ନୂଆ ସବ୍ ସେକ୍ସନିଂ ପୋଷ୍ଟ (ଏସ୍‌ପି)ର ବିଦ୍ୟୁତ୍ ସରବରାହ। | ୩୦।୦୬।୨୦୧୯ |
| ୪. | ଚକ୍ରଧରପୁର ଡିଭିଜନର ରାଉରକେଲା-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଧାରୁଆଡିହ-ବାମରା ସେକ୍ସନ ମଧ୍ୟରେ ଫିଡର୍ ଲାଇନ୍ ସମେତ ଅବସ୍ଥିତି ନଂ.୪୮୬/୧୫-୧୭ ମଧ୍ୟରେ ଧାରୁଆଡିହ ସ୍ଥିତ ସବ୍ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ଏସ୍‌ପି)ର ବିଦ୍ୟୁତ୍ ସରବରାହ। | ୧୫।୦୬।୨୦୧୯ |

### ୨୫ କେଭି ଟ୍ରାକ୍ସନ୍‌ର ପ୍ରଚଳନ
### "ସଡ଼କ ବ୍ୟବହାରକାରୀଙ୍କୁ ଚେତାବନୀ"

ଦକ୍ଷିଣ ପୂର୍ବ ରେଳପଥର **ବାମରା-ଧୁତ୍ରା** ସେକ୍ସନ ମଧ୍ୟରେ ନୂଆ ୩ୟ ଲାଇନ୍ ଉପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ ପ୍ରଚଳନ ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ପ୍ରତ୍ୟେକ ଲେଭଲକ୍ରସିଂରେ ରାସ୍ତା ସ୍ତରରୁ **୪.୬୭ମି.**ର ସ୍ପଷ୍ଟ ଉଚ୍ଚତାରେ **ହାଇଟ୍ ଗେଜ୍** ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସକ୍ରିୟ ଟ୍ରାକ୍ସନ୍ ତାର ସଂସ୍ପର୍ଶରେ କିମ୍ବା ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ । ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ଲୋଡିଂ କରିବା ଉଦ୍ଦେଶ୍ୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ହାଇଟ୍ ଗଜ୍‌ଗୁଡ଼ିକୁ ଯେପରି ଯାନବାହନରେ ଲୋଡ୍ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହା ଦୃଷ୍ଟିରେ ରଖାଯିବା ଆବଶ୍ୟକ ।

ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା: (i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ଏହା ପରବର୍ତ୍ତୀ ରାସ୍ତା ତଥା ରେଳପଥ ଅବରୋଧ । (ii) ନିଆଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ଯାନବାହନ ପ୍ରତି ବିପଦ । (iii) କଣ୍ଡକ୍ଟର ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ନିଆଁ ଓ ଜୀବନର ବିପଦ ମଧ୍ୟ ରହିଛି ।

**ବାମରା-ଧୁତ୍ରା ସେକ୍ସନ ମଧ୍ୟରେ ଲେଭଲ୍ କ୍ରସିଂ ଗେଟ୍ ଅବସ୍ଥିତି:**
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୩୯) ଅବସ୍ଥିତି ନଂ.୪୭୭/୦୧-୦୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୦) ଅବସ୍ଥିତି ନଂ.୪୭୭/୩୩-୩୫ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୧) ଅବସ୍ଥିତି ନଂ.୪୭୮/୧୫-୧୭ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୨) ଅବସ୍ଥିତି ନଂ.୪୭୯/୨୭-୪୮୦/୦୧ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୩) ଅବସ୍ଥିତି ନଂ.୪୮୧/୦୧-୦୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୫) ଅବସ୍ଥିତି ନଂ.୪୮୬/୧୩-୧୫ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୬) ଅବସ୍ଥିତି ନଂ.୪୮୭/୨୧-୨୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୭) ଅବସ୍ଥିତି ନଂ.୪୮୮/୦୫-୦୭ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୪୯) ଅବସ୍ଥିତି ନଂ.୪୯୨/୨୭-୨୯ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୦) ଅବସ୍ଥିତି ନଂ.୪୯୫/୦୯-୧୧ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୧) ଅବସ୍ଥିତି ନଂ.୪୯୮/୧୧-୧୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୨) ଅବସ୍ଥିତି ନଂ.୪୯୯/୧୧-୧୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୩) ଅବସ୍ଥିତି ନଂ.୫୦୧/୧୧-୧୩ ମଧ୍ୟରେ
- ସଡ଼କ ଅବସ୍ଥିତି (ଏଲ୍‌ସି ଗେଟ୍ ନଂ.୨୫୪) ଅବସ୍ଥିତି ନଂ.୫୦୪/୨୭-୫୦୫/୦୧ ମଧ୍ୟରେ

ଉପରୋକ୍ତ ଲେଭଲ କ୍ରସିଂ ଗେଟ୍ ଅବସ୍ଥିତି ପାଇଁ ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ: ୩୦।୦୬।୨୦୧୯

(PR-276) ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍)/ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 323/2018**

Syndicate Bank, Sikharpur Branch, Sikharpur, Dist.: Nayagarh ...Applicant

Versus

Mrs. Pranati Maharana and others ...Defendants

To
1. Mrs. Pranati Maharana, W/o: Harihar Maharana, At/P.O.: Sikharpur, Via: Saranakul, Dist.: Nayagarh-752080
2. Mr. Harihar Maharana, S/o: Narayan Maharana, At/P.O.: Sikharpur, Via: Saranakul, Dist.: Nayagarh-752080

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in O.A. No. 323/2018 in the Court of Debts Recovery Tribunal at Cuttack for a recovery of Rs.22,25,696.37 only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on 12th day of July, 2019 at 10.30 A.M. as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this 29th day of April 2019.

Sd/- Registrar
Debts Recovery Tribunal



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 326/2018**

Syndicate Bank, B.K. Road Branch, B.K. Road, Dist.: Cuttack ...Applicant

Versus

M/s. Shibani Jewellers and others ...Defendants

To
1. M/s. Shibani Jewellers, At: Mangalabag, In front of Baghamangala Temple, P.O.: Buxibazar, Dist.: Cuttack-753001, Represented through its Proprietor Sri Sudhakar Dalai.
2. Sri Sudhakar Dalai, S/o: Kunja Bihari Dalai, At: Oria Bazar, Near Urdu Girls School, P.O.: Buxibazar, Dist.: Cuttack-753001.
3. Sri Ajit Ray, S/o: Late Baishnab Charan Ray, Town Hall Road, P.O.: Telenga Bazar, Dist.: Cuttack.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in O.A. No. 326/2018 in the Court of Debts Recovery Tribunal at Cuttack for a recovery of Rs.21,17,775.68 only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on 12th day of July, 2019 at 10.30 A.M. as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this 29th day of April 2019.

Sd/- Registrar
Debts Recovery Tribunal



## ଏସ୍.ଇ. ରେଳପଥ ଟେଣ୍ଡର

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ପିଏଫ୍-ସିକେପି-୧୯-୨୦-୭, ତାରିଖ: ୦୬।୦୬।୨୦୧୯**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିକ୍ୟୁରିଟି କମିଶନର (ଆର୍‌ପିଏଫ୍), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି ଯେକୌଣସି ଅଫର୍‌କୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଦୁଇବର୍ଷ (୨୪ ମାସ) ପାଇଁ ଏଏସ୍‌ସି/ଆର୍‌ପିଏଫ୍/ଆର୍‌ଓୟୁ ସେକ୍ସନର ଚବିଶଘଣ୍ଟିଆ ବ୍ୟବହାର ନିମନ୍ତେ ଗୋଟିଏ ଚାରି ଚକିଆ ଗାଡ଼ି ଅଣ-ଏସି ଇନ୍ଧନ ସହିତ ଏବଂ ଡ୍ରାଇଭର (ସୁମୋ କିମ୍ବା ସମାନ ଧରଣର) ଡିଜେଲ୍ ଚାଳିତ ଭଡ଼ା ସୂତ୍ରରେ। **ଟେଣ୍ଡର ମୂଲ୍ୟ:** ₹୮,୪୧,୦୧୨/-। **ଇଏମ୍‌ଡି:** ₹୧୬,୮୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୨,୦୦୦/-। **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର୍ ଡିଏସ୍‌ସି/ଆର୍‌ପିଏଫ୍/ସିକେପି, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ। **ଇ-ଟେଣ୍ଡର ସମାପ୍ତି ତାରିଖ ଓ ସମୟ:** ତା୦୮।୦୭।୨୦୧୯ରିଖ ୧୫.୦୦ ଘଟିକା। **ଇ-ଟେଣ୍ଡର ଖୋଲାଯିବା ତାରିଖ:** ତା୦୮।୦୭।୨୦୧୯ରିଖ ୧୫.୩୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। (PR-277)



## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

**File No. DRM/Engg/KUR/19-20/E-Tender/14, Dt. 06.06.2019**
ଟେଣ୍ଡର ବିଜ୍ଞପ୍ତି ସଂ.e-Tender-HQ- KUR-96-2019,ତା.30.05.2019ରିଖ

**ବିବରଣୀ:** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ)/ଖୋର୍ଦ୍ଧା ରୋଡ୍ ସେକ୍ସନରେ ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ/WW)/ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ଠାରେ 30.06.2020 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଫିଲ୍ଟର ହାଉସ୍ ଏବଂ RCC ଓଭର ହେଡ୍ ଟାଙ୍କିରେ ପମ୍ପ ବିତରଣ (Delivery) ଲାଇନ୍ ଏବଂ ଦୟା ପମ୍ପ ହାଉସ୍ ଠାରୁ ଫିଲ୍ଟର ହାଉସ୍ ପର୍ଯ୍ୟନ୍ତ ପାଣି ଲାଇନ୍‌କୁ ଉପରକୁ ଉଠାଇବାଜନିତ ରକ୍ଷଣାବେକ୍ଷଣ ସହିତ ଖୋର୍ଦ୍ଧା ରୋଡ୍ ସେଟେଲମେଣ୍ଟର ବିଭିନ୍ନ ଜୋନ୍ ପର୍ଯ୍ୟନ୍ତ ଜଳ ଯୋଗାଣ, ରେଳ ଷ୍ଟେସନର ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଦୟା ପମ୍ପ ହାଉସ୍ RCC OH ପାଣି ଟାଙ୍କିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସହିତ ବିଭିନ୍ନ ପ୍ରକାର ଜଳ ଯୋଗାଣ କାର୍ଯ୍ୟର ମରାମତି, ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 95.84 ଲକ୍ଷ, EMD (ଟଙ୍କାରେ): 1,91,700/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 30.06.2020।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.06.2019 ରିଖ 1500 ଘଟିକାରେ ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

PR-144/K/19-20 ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ)/ଖୋର୍ଦ୍ଧା ରୋଡ୍



See Career Appointment on every Wednesday & Saturday



## ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
### ବିଜ୍ଞାପନ

**No.05-PP:-** ଚୌଦ୍ୱାରସ୍ଥିତ ବୟନ ବୈଷୟିକ ଅନୁଷ୍ଠାନରେ (Institute of Textile Technology) ବୟନ ବୈଷୟିକ ଡିପ୍ଲୋମା ପାଠ୍ୟକ୍ରମ ୨୦୧୯-୨୦ ଶିକ୍ଷା ବର୍ଷରେ ନାମ ଲେଖାଇ ପଢ଼ିବା ପାଇଁ ୫ (ପାଞ୍ଚ) ଜଣ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଯୋଗ୍ୟତା ଅନୁସାରେ ବଛାଯିବା ପାଇଁ ତା.୦୩।୦୭।୨୦୧୯ ରିଖ ସୁଦ୍ଧା ନିମ୍ନ ପ୍ରଦତ୍ତ ନିର୍ଦ୍ଧାରିତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ ଥିବା ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରାର୍ଥୀମାନଙ୍କର ବୟସ ୨୦୧୯ ଜୁଲାଇ ୧ ତାରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇ ନଥିବ। ପ୍ରାର୍ଥୀ ଦଶମ ଷ୍ଟାଣ୍ଡାର୍ଡ/ ଏଚ୍.ଏସ୍.ସି. ପରୀକ୍ଷାରେ ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟ ଥାଇ ଅନ୍ୟୂନ ଶତକଡ଼ା ୩୫ ଭାଗ ନମ୍ବର ତଥା ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଶତକଡ଼ା ୩୦ ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। କମ୍ପାର୍ଟମେଣ୍ଟାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ଯୋଗ୍ୟ ବିବେଚିତ ହେବା ପାଇଁ, ସେମାନେ ପ୍ରଥମ ସୁଯୋଗ ପରୀକ୍ଷାରେ ରଖିଥିବା ସର୍ବନିମ୍ନ ଶତକଡ଼ା ନମ୍ବରକୁ ବିଚାରକୁ ନିଆଯିବ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦରଖାସ୍ତ ନିଜର ସମ୍ପୂର୍ଣ୍ଣ ବିବରଣୀ ସହିତ ନିମ୍ନଲିଖିତ ମୂଳ ପ୍ରମାଣପତ୍ର (ଅରିଜିନାଲ)ର ଅବିକଳ ନକଲ ଓ ନିଜର ଫଟୋ ସହ ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା, ଭୁବନେଶ୍ୱର-୭୫୧୦୦୭ଙ୍କ ନିକଟରେ ତା ୦୩।୦୭।୨୦୧୯ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

୧. ଦଶମ ଷ୍ଟାଣ୍ଡାର୍ଡ/ ଏଚ୍.ଏସ୍.ସି. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରମାଣପତ୍ର।
୨. ଉପରୋକ୍ତ ପରୀକ୍ଷାରେ ହାସଲ କରିଥିବା ନମ୍ବର ତାଲିକା (Mark Sheet) ।
୩. ବୁଣାକାର ସଂପ୍ରଦାୟଭୁକ୍ତ ହୋଇଥିବା ଉପଯୁକ୍ତ ପ୍ରମାଣପତ୍ର।
୪. ପ୍ରାର୍ଥୀମାନେ ଓଡ଼ିଶାର ବାସିନ୍ଦା ହୋଇଥିବାର ଆବଶ୍ୟକୀୟ ପ୍ରମାଣପତ୍ର (Residential Certificate) ଦେବା ଦରକାର।

**ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା**

**APPLICATION FORM FOR ADMISSION TO THREE YEARS DIPLOMA IN TEXTILE TECHNOLOGY FOR THE YEAR 2019-20**
**(FOR WEAVERS COMMUNITY ONLY)**

Affix Passport size Photograph

1. Name of the applicant with Aadhar No.: **Odia:** ______
(Both in Odia & English in Block Letters). **English:** ______
2. Father's Name with Aadhar No. ______
3. Mother's Name with Aadhar No. ______
4. Address to which communication should be sent (with Pin Code) Phone (Land Line) with STD Code/ Mobile No. E-mail ID (if any) ______
5. Permanent Address ______
6. a. Date of Birth ______
b. Age as on 01.07.2019 ______
7. Category- Weaver Community (Certificate to be attached). ______
8. Weather the applicant passed the Qualifying examination in single Sitting or Compartmental pass in 1st Chance. ______
9. Education Qualification (in chronological order)

| Exam./ Board | Year of passing | Name of the School/ Institute | Name of the Board/ University | Division & Percentage of Marks. | Subject studied |
|---|---|---|---|---|---|
| | | | | | |
| | | | | | |
| | | | | | |

**DECLARATION**

I hereby declare that the information furnished by me above are true and correct to the best of my knowledge and belief.

Place: ______ Signature of applicant
Date: ______ Signature of father (or) Guardian.

Note: **The Candidate shall submit self-attested photocopies of the following.**
a. Certificates in support of his/her educational qualification & Mark Sheet in 10th standard/ H.S.C. Examination.
b. Caste Certificate in support of Weaver Community.
c. Bonafide Resident Certificate.

All the above certificate in original including the Transfer Certificate from the Institution last attended will be produced at the time of verification / interview and admission.

**31003/11/0003/1920**



## ତହସିଲ କାର୍ଯ୍ୟାଳୟ, ବାରଙ୍ଗ

ପତ୍ରସଂଖ୍ୟା.991 ତା: 10.06.2019

### ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କଟକ ଜିଲ୍ଲା ଅନ୍ତର୍ଗତ ବାରଙ୍ଗ ତହସିଲ ଅଧୀନରେ ଥିବା ନିମ୍ନ ସୈରାତ ଉତ୍ସଗୁଡ଼ିକର ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ 2016 ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ 2017 ଅନୁଯାୟୀ ଆଗାମୀ ପାଞ୍ଚବର୍ଷ ନିମନ୍ତେ 2019-20 ଠାରୁ 2023-24 ପର୍ଯ୍ୟନ୍ତ ଦୀର୍ଘମିଆଦୀ ଲିଜ୍‌ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ସୈରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ କଟକ ଜିଲ୍ଲା ୱେବ୍‌ସାଇଟ୍ http://cuttack.nic.in ସୈରାତ ଅଧୀନରେ ଉପଲବ୍ଧ ହେବ। ବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲ କାର୍ଯ୍ୟାଳୟ ବାରଙ୍ଗ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରିବେ।

**ସ୍ୱା./- ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବାରଙ୍ଗ**

### ସୈରାତ ଉତ୍ସଗୁଡ଼ିକର ବିବରଣୀ

| କ୍ରମିକ ସଂଖ୍ୟା | କେସ୍ ନଂ | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ (ଘନ ମିଟରରେ) | ଲଘୁ ଖଣିଜ ପଦାର୍ଥର ସରକାରୀ ଧାର୍ଯ୍ୟ ମୂଲ୍ୟ | ଅତିରିକ୍ତ ମୂଲ୍ୟ |
|---|---|---|---|---|---|---|---|---|---|
| 1 | ସୈରାତ କେସ୍ ନଂ-02/2017-18 | ସିଡୁଆ ନଦୀ ବାଲିଘାଟ | ଦେଓକାଳି | 100 | 293 (ସ୍ବ) | 5.00 | 15,990 (ଏକ ବର୍ଷ ପାଇଁ) | ଟ.35.00ଙ୍କା (ଘନ ମିଟର ପ୍ରତି) | ଟ.2.00ଙ୍କା (ଘନ ମିଟର ପ୍ରତି) |
| 2 | ସୈରାତ କେସ୍ ନଂ-03/2017-18 | ସିଡୁଆ ନଦୀ ବାଲିଘାଟ | କୋରକୋରା | 314 | 385 (ସ୍ବ) | 15.00 | 50,010 (ଏକ ବର୍ଷ ପାଇଁ) | ଟ.35.00ଙ୍କା (ଘନ ମିଟର ପ୍ରତି) | ଟ.2.00ଙ୍କା (ଘନ ମିଟର ପ୍ରତି) |
| 3 | ସୈରାତ କେସ୍ ନଂ-01/2018 | କାଠଯୋଡି ନଦୀ ବାଲିଘାଟ | ବେଙ୍କାରପଡା | 57 | 70 (ସ୍ବ) | 25.00 | 1,05,000 (ଏକ ବର୍ଷ ପାଇଁ) | ଟ.35.00ଙ୍କା (ଘନ ମିଟର ପ୍ରତି) | ଟ.2.00ଙ୍କା (ଘନ ମିଟର ପ୍ରତି) |

**ସ୍ୱା./- ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବାରଙ୍ଗ**

## ସଂକ୍ଷେପରେ

### ୫ହଜାର ଲାଞ୍ଚ: କନିଷ୍ଠ ପରିଚାଳକ ଗିରଫ

କଟକ ଅଫିସ, ୧୧।୬- ୫ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ବାଲେଶ୍ୱରଠାରେ ଥିବା ନର୍ଥ ଇଷ୍ଟର୍ନ ଇଲେକ୍ଟ୍ରିସିଟି ସପ୍ଲାଏ କମ୍ପାନୀ (ନେସ୍କୋ)ର କନିଷ୍ଠ ପରିଚାଳକ କୁମାର ସ୍ମିତିପ୍ରଜ୍ଞ ମହାନ୍ତି। ମଙ୍ଗଳବାର ସେ ଏହି ଲାଞ୍ଚ ବାଲେଶ୍ୱର ଟାଉନ ଥାନା ଅଧୀନ ମକଲପୁର ଗ୍ରାମର ଜିତେନ୍ଦ୍ର କୁମାର ସାହୁଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଏକ ଖରାପ ଡିଜିଟାଲ ବିଦ୍ୟୁତ୍ ମିଟରକୁ ହଟାଇବା ପାଇଁ କନିଷ୍ଠ ପରିଚାଳକ ମହାନ୍ତି ସାହୁଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ବାଲେଶ୍ୱର ମେଣ୍ଢାଶାଳ ନିକଟରେ ମହାନ୍ତି ଲାଞ୍ଚ ଟଙ୍କା ସାହୁଙ୍କଠାରୁ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ସେଲ୍ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ମହାନ୍ତିଙ୍କଠାରୁ ଭିଜିଲାନ୍ସ ଅଧିକାରୀମାନେ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହାପରେ ବାଲିଆ ନିକଟରେ ଥିବା ତାଙ୍କ ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଏ ନେଇ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା(ନଂ.୬/୧୯) ରୁଜୁ ହୋଇଛି।

### ପାଟକୁରାରେ ମୁଖ୍ୟ ନିର୍ବାଚନ ଅଧିକାରୀ

ଡେରାବିଶ/ପାଟକୁରା, ୧୧।୬ (ସ୍ୱ.ପ୍ର./ଡି.ଏନ.ଏ.)- ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାର ମଙ୍ଗଳବାର ପୂର୍ବାହ୍ନରେ ପାଟକୁରା ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଉକ୍ତ ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ, ଗରଦପୁର ଏବଂ ମାର୍ଶାଘାଇ ବ୍ଲକର କେତେକ ମତଦାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଆଗାମୀ ଦିନରେ ପାଟକୁରା ନିର୍ବାଚନ ହେବାକୁ ଥିବା ବେଳେ ଏହାର ପରିଚାଳନା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲାପାଳ ଚୌଧୁରୀ ଓ ଜିଲା ନିର୍ବାଚନ ଅଧିକାରୀ ବିକ୍ରମ କେଶରୀ ପରିଡ଼ାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ଡେରାବିଶ ବ୍ଲକଅଞ୍ଚଳର ୬ଟି ମତଦାନ କେନ୍ଦ୍ର ପରିଦର୍ଶନ କରିଥିଲେ। ଅପରାହ୍ନରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗରଦପୁର ବ୍ଲକ ଗସ୍ତ କରିଥିଲେ।

## ଗରମରେ ସିଝୁଛି ଓଡ଼ିଶା

# ୧୫ ଯାଏ ନିସ୍ତାର ନାହିଁ

- ୪୦ ଡିଗ୍ରୀ ଉପରେ ୧୩ ସହର
- ୧୦ ଜିଲାକୁ ସତର୍କ ସୂଚନା
- ସମ୍ବଲପୁର ପାରଦ ୪୫ ଡିଗ୍ରୀ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ସମଗ୍ର ରାଜ୍ୟ ଗରମ ଓ ଗୁଳୁଗୁଳିରେ ସିଝୁଛି। ସତେ ଯେପରି ଆକାଶରୁ ଅଗ୍ନି ବର୍ଷୁଛି। ପ୍ରଚଣ୍ଡ ଗ୍ରୀଷ୍ମ ପରିବେଶକୁ ଉତ୍ତପ୍ତ କରି ଦେଇଛି। ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ତ୍ରାହି ତ୍ରାହି ଡାକୁଛନ୍ତି। ଖରା ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିବା ବେଳେ ସକାଳ ୯ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ହାତ, ମୁହଁ ଜଳି ପୋଡ଼ି ଯାଉଛି। ପଶ୍ଚିମ, ଆଭ୍ୟନ୍ତରୀଣ ଏବଂ ଉପକୂଳ ପ୍ରଚଣ୍ଡ ଗ୍ରୀଷ୍ମରୁ ବର୍ତ୍ତିପାରି ନାହିଁ। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପର ମୁହାଁ ହୋଇଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ଗୁଳୁଗୁଳିରେ ଅଣନିଃଶ୍ୱାସୀ ହୋଇପଡ଼ିଛି। ଦକ୍ଷିଣ ପଶ୍ଚିମ ମୌସୁମୀ କେରଳ ଛୁଇଁଥିଲେ ମଧ୍ୟ ଓଡ଼ିଶାକୁ କେବେ ଆସିବ, ସେ ନେଇ ଏ ପର୍ଯ୍ୟନ୍ତ ଚିତ୍ର ସ୍ପଷ୍ଟ ହୋଇନାହିଁ। ଆସନ୍ତା ୧୫ ତାରିଖ ଯାଏ ଏଭଳି ପ୍ରଚଣ୍ଡ ଗରମରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଅନ୍ୟପକ୍ଷରେ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଏ ପର୍ଯ୍ୟନ୍ତ ହୋଇ ନ ଥିବାରୁ ପରିବେଶ ଉତ୍ତପ୍ତ ହୋଇ ରହିଛି। କାଁ ଭାଁ କାଳବୈଶାଖୀ ବର୍ଷା ହେଉଥିଲେ ମଧ୍ୟ ତାତି ରୋକିବାରେ ସହାୟକ ହେଉ ନାହିଁ।

ମଙ୍ଗଳବାର ରାଜ୍ୟର ୧୩ ସହରରେ ପାରଦ ୪୦ଡିଗ୍ରୀ ଉପରେ ରହିଥିବା ବେଳେ ୪ ସହରରେ ତାପମାତ୍ରା ୪୪ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ସମ୍ବଲପୁରରେ ରାଜ୍ୟରେ ସର୍ବାଧିକ ତାପମାତ୍ରା ୪୫ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ହୀରାକୁଦ ୪୪.୪, ଝାରସୁଗୁଡ଼ା ୪୪.୨, ସୋନପୁର ୪୪, ଟିଟିଲାଗଡ଼ ୪୩.୪, ତାଳଚେର ୪୨.୫, ବଲାଙ୍ଗୀର ୪୧.୮, ଅନୁଗୋଳ ୪୧.୭, ସୁନ୍ଦରଗଡ଼ ୪୧, ଭବାନୀପାଟଣା ୪୦.୬, ଭୁବନେଶ୍ୱର ୪୦.୩, ମାଲକାନଗିରି ୪୦.୨ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଏହି ସମୟରେ କୋରାପୁଟ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ନୂଆପଡ଼ା, ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବା ସମ୍ଭାବନା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତ୍ୟନ୍ତ ପ୍ରୀତି କଲେ ଲଣ୍ଡଭଣ୍ଡ,**
**ଅତ୍ୟନ୍ତ ପ୍ରୀତି ହଗେ ବାବୁ ମୁଣ୍ଡ ।**

ଅତି ସର୍ବତ୍ର ଗର୍ହିତମ୍। ଅତିର ମାତ୍ରା ସର୍ବଦା କ୍ଷତିକାରକ । ପ୍ରତ୍ୟେକ ବସ୍ତୁ ବା କାର୍ଯ୍ୟର ଅତି ପରିମାଣ କେବେ ବି ଗ୍ରହଣଯୋଗ୍ୟ ହୋଇ ନ ଥାଏ। ସୀମା ଅତିକ୍ରମ କଲେ ଯେକୌଣସି ଜିନିଷ ବା କାର୍ଯ୍ୟର ଫଳ ଓଲଟା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଧଡ଼ ଧଡ଼,**
**ଘରେ ଭାତ ନାହିଁ;**
**ବୁଢ଼ୀ କି ତଡ଼ ।**

ଅଭାବଗ୍ରସ୍ତ ଘର ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବେ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ସମାଜରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନ ଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କେନ୍ଦ୍ରାପଡ଼ାରେ ଭାଜପାର ରଣହୁଙ୍କାର

# ସରକାରୀ କଳ, ଦଳ ସହ ଲଢ଼ିବାକୁ ଭାଜପା ପ୍ରସ୍ତୁତ

କେନ୍ଦ୍ରାପଡା ଅଫିସ, ୧୧।୬

କେନ୍ଦ୍ରାପଡା ଜିଲାର ପାଟକୁରା ବିଧାନସଭା ଆସନ ହାତେଇବା ପାଇଁ ଭାଜପା ପକ୍ଷରୁ ରଣହୁଙ୍କାର ଦିଆଯାଇଛି। ସହରର କାକଟସ୍ଥିତ ଏକ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଏନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୦ରୁ ଊର୍ଦ୍ଧ୍ୱ ନେତା ଯୋଗଦେଇଥିଲେ। ଏହି ଅବସରରେ ବୁଥ ସଂଗଠନକୁ ସୁଦୃଢ଼ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରକାରୀ କଳ ଓ ଦଳ ସହ ଲଢ଼ିବା ପାଇଁ ଭାଜପା ପ୍ରସ୍ତୁତ ଅଛି ବୋଲି ନେତାମାନେ କହିଛନ୍ତି।

ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ମନମୋହନ ସାମଲ, ଭୃଗୁ ବକ୍ସିପାତ୍ର, ଗୌତମ ରାୟ, ଭୁବନମୋହନ ଜେନା, ଦିଲୀପ ମଲ୍ଲିକ ଓ ପ୍ରଭାତି ପରିଡା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ପାଟକୁରା ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ବିଜୟ ନିଶ୍ଚିତ । ସେ ଏଠାରୁ ପୂର୍ବରୁ ବିଜୟୀ ହୋଇଥିଲେ । ଏଥିସହ ଗତ ସାଧାରଣ ନିର୍ବାଚନରେ ପାଟକୁରାବାସୀଙ୍କ ଭାଜପା ପ୍ରତି ଆତ୍ମବିଶ୍ୱାସ ଥିବା ଦେଖିବାକୁ ମିଳିଛି। ଗତ ନିର୍ବାଚନରେ କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ପାଟକୁରା ନିର୍ବାଚନ ମଣ୍ଡଳୀରୁ ମାତ୍ର ୬ ହଜାର ଭୋଟରେ ବିଜେଡି ଆଗୁଆ ରହିଛି। ବାତ୍ୟା ଫନୀକୁ ଆଳ କରି ବିଧାନସଭା ନିର୍ବାଚନକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରାଯାଇଛି। ତେବେ ବିଜୟ ପାଟକୁରାରୁ ବିଧାୟକ ହୋଇ ବିଧାନସଭାରେ ସାଧାରଣ ଲୋକଙ୍କ ସ୍ୱର ଉଠାଇ ପାରିବେ ବୋଲି ସମ୍ମିଳନୀରେ ଯୋଗଦେଇଥିବା ନେତାମାନେ କହିଛନ୍ତି। ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ପୂର୍ବତନ ରାଜ୍ୟ ସଭାପତି ମନମୋହନ ସାମଲ ଦାୟିତ୍ୱ ନେଇଥିବା ବେଳେ କେନ୍ଦ୍ରମନ୍ତ୍ରୀ, ବରିଷ୍ଠ ନେତା ଓ ନବ ନିର୍ବାଚିତ ବିଧାୟକମାନେ ଲୋକଙ୍କ ନିକଟରେ ପହଞ୍ଚିବେ ବୋଲି ନେତାମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମୀ ସମ୍ମିଳନୀରେ ବିଜୟ ମହାପାତ୍ର, ରମାରଞ୍ଜନ ବଳିଆରସିଂ, ବିଭୁକିଶୋର ତରାଇ, ଯତିନ ମହାନ୍ତି, ଶାରଦା ଶତପଥୀ ଓ ପବିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ,ଏପର୍ଯ୍ୟନ୍ତ ପାଟକୁରା ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ନ ଥିବାବେଳେ ଏହି ଆସନକୁ ହାତେଇବା ପାଇଁ ଉଭୟ ଭାଜପା ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ଏନେଇ କେନ୍ଦ୍ରାପଡାରେ ରାଜନୀତି ସରଗରମ ହୋଇଉଠିଛି।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

## ଶ୍ରମିକଙ୍କ ଅଂଶୁଘାତ ମୃତ୍ୟୁ ଅଭିଯୋଗ

ନିରାକାରପୁର,୧୧।୬(ଡି.ଏନ୍.ଏ.)

ଟ୍ରାକ୍ଟରରୁ ବାଲି ଅନ୍‌ଲୋଡ୍ କରୁଥିବା ସମୟରେ ମଙ୍ଗଳବାର ପୂର୍ବାହ୍ନ ୧୦.୩୦ରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନନପଡା ଗ୍ରାମର ଅଭିମନ୍ୟୁ ପ୍ରଧାନ(୪୯) । ସେ ସ୍ଥାନୀୟ ଆର୍‌ଡି କାର୍ଯ୍ୟାଳୟ ନିକଟରେ ରହୁଥିଲେ । କାମ କରୁଥିବା ସମୟରେ ତାଙ୍କର ମୁଣ୍ଡ ବୁଲେଇ ଦେବାରୁ ସେ ତଳେ ବସି ଚେତା ହରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତର ହେବାରୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପରିବାର ପକ୍ଷରୁ ଏହାକୁ ଅଂଶୁଘାତଜନିତ ମୃତ୍ୟୁ ବୋଲି ଅଭିଯୋଗ କରାଯାଇଛି। ଅଭିମନ୍ୟୁଙ୍କ ସ୍ତ୍ରୀ ଲେଖନ ନିରାକାରପୁର ପୋଲିସ ଓ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଅଭିଯୋଗ କରି କହିଛନ୍ତି ଯେ ତାଙ୍କ ସ୍ୱାମୀ କାମ କରୁଥିବାବେଳେ ତଳେ ପଡ଼ି ବେହୋସ ହୋଇପଡ଼ିଥିଲେ। ପ୍ରଥମେ ନିରାକାରପୁର ଓ ପରେ ଖୋର୍ଦ୍ଧା ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ଅଭିମନ୍ୟୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏ ନେଇ ପୋଲିସ ଏଏସ୍‌ଆଇ ଶରତ ଚନ୍ଦ୍ର ପାଇକରାୟ କହିଛନ୍ତି, ଅଭିଯୋଗ କ୍ରମେ କେସ୍ ନଂ ୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।


# CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଆଡ୍‌ଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
CAPITAL ONE FINANCE
ଆଧାର କାର୍ଡ ଋଣ, ଗୃହ ଋଣ, ମାର୍କଶିଟ୍ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ
ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616
8887076388
Add- T-51, Gautampuri Delhi-53

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

DHARITRI Career appointment Every Wednesday and Saturday

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

BUSINESS
BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ (ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨୦୦୦୦/-ର ଅନ୍ୟାନ୍ୟ ସୁବିଧା + ମୋବାଇଲ + ଲାପ୍‌ଟପ୍
9450268843
9499322173
H. No. 412, Subhash Nagar Jind, Haryana.

TO LET

AVAILABLE FOR RENT / LEASE
3 Storied Newly built commercial Building ( 6000 Sq.ft. Each ) ready for possession, Suitable for OFFICE, SHOWROOM, GODOWN, INSTITUTION Adjacent to NH - 16 at Manguli Square, Cuttack, Odisha
Interested Party may Contact
Tel: 9937421865 / 8917293309
Mail: mohanty9437@hotmail.com

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୩ ଏନ୍ଏସିକୁ ପୌର ପରିଷଦ ଘୋଷଣା ମାମଲା
### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

କଟକ ଅଫିସ, ୧୧।୬: ଗଞ୍ଜାମ ଜିଲାର ୩ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)କୁ ପୌର ପରିଷଦ ଘୋଷଣା ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି ହୋଇଛି। ଏହି ଏନ୍ଏସିଗୁଡ଼ିକ ହେଉଛି ଆସ୍କା, ଭଞ୍ଜନଗର ଏବଂ ଛତ୍ରପୁର। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଏନ୍ଏସିଗୁଡ଼ିକୁ ପୌର ପରିଷଦ କରିବା ନେଇ ମାମଲା ରୁଜୁ କରାଯାଇଥିଲା। ମଙ୍ଗଳବାର ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

### ଭିଜିଲାନ୍ସ ଜାଲରେ ସହକାରୀ ପରିସଂଖ୍ୟାନ ଅଧିକାରୀ

ବାଲେଶ୍ୱର ଅଫିସ/ବାସୁଦେବପୁର/କଟକ ଅଫିସ, ୧୧।୬(ଡି.ଏନ.ଏ.): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲା ପରିସଂଖ୍ୟାନ କାର୍ଯ୍ୟାଳୟର ସହକାରୀ ପରିସଂଖ୍ୟାନ ଅଧିକାରୀ ପରମେଶ୍ୱର ରାଉତ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ପଡିଛନ୍ତି। ମଙ୍ଗଳବାର ଏକକାଳୀନ ତାଙ୍କ ବାସସ୍ଥାନ, ପୈତୃକ ଘର ଏବଂ ଅଫିସ ଉପରେ ଚଢାଉ କରାଯାଇଥିଲା। ତାଙ୍କ ନାମରେ ୪ଟି ସ୍ଥାନରେ ସର୍ଚ୍ଚ ୱାରେଣ୍ଟ ରହିଥିବାରୁ ଏପରି ଚଢାଉ କରାଯାଇଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍ପି ସୁନୀଲ କୁମାର ସେନାପତି କହିଛନ୍ତି। ଅଙ୍ଗାରଗଡିଆସ୍ଥିତ ଦୁଇତାଲା ବିଶିଷ୍ଟ ଘର, ସରସ୍ୱତୀପୁର ମୌଜାର ତାମୁଲିଆ ଗେଟ୍ ୧ ମହଲା ଘର, ଭଦ୍ରକ ଜିଲା ବାସୁଦେବପୁର ଥାନା ଆର୍ଡୁଂ ଗ୍ରାମରେ ଥିବା ଘର ଓ ବାଲେଶ୍ୱର ଅଫିସରେ ଏକକାଳୀନ ଚଢାଉ କରାଯାଇଥିଲା । ପ୍ରତ୍ୟେକ ଟିମ୍ ଜଣେ ଡିଏସ୍ପିଙ୍କ ନେତୃତ୍ୱରେ ଚଢାଉ କରିଥିଲା। ଚଢାଉରେ ମୋଟ୍ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୭୧ ଲକ୍ଷ ୭୨ ହଜାର ଟଙ୍କା ବୋଲି ଆକଳନ କରାଯାଇଛି। ଜମି, ପ୍ଲଟ୍, ଘର ୫୫ ଲକ୍ଷ ୪୭ ହଜାର, ନିଜର ଏବଂ ପରିବାର ଲୋକଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୪୫ ହଜାର, ପୋଷ୍ଟାଲରେ ୨୦ହଜାର, ଏଲଆଇସିରେ ୩ଲକ୍ଷ ୨୯ହଜାର, ସୁନାଗହଣା ୨ଲକ୍ଷ ୮୩ ହଜାର, ଆସବାବପତ୍ର ୩ଲକ୍ଷ ୧୩ ହଜାର ଏବଂ ୪ ଲକ୍ଷ ୬୦ ହଜାର ଟଙ୍କାର ଗୋଟିଏ ଚାରିଚକିଆ ଯାନ ସହ ଅନ୍ୟାନ୍ୟ ଆସବାବପତ୍ର ଭିଜିଲାନ୍ସ ମୂଲ୍ୟାୟନ କରିଛି । ବାଲେଶ୍ୱର ଭିଜିଲାନ୍ସ ଅଫିସ୍ରେ ୨୦ନମ୍ବର ଫାଇଲ ପଞ୍ଜିକୃତ କରାଯାଇ ଅଧିକାରୀମାନେ ତଦନ୍ତ ଜାରି ରଖିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏହି ଚଢାଉରେ ଭଦ୍ରକ ଜିଲା ଭିଜିଲାନ୍ସ ଡିଏସ୍ପି ସଞ୍ଜୟ କୁମାର ଦାସ ମହାପାତ୍ର, ଇନ୍ସପେକ୍ଟର ସୁଲୋଚନା ନାୟକ, ଅତିରିକ୍ତ ଏସ୍ପି ନିର୍ମଳ ମହାନ୍ତି, ଇନ୍ସପେକ୍ଟର ଅନନ୍ତ ନାୟକ ଏବଂ ମାନସୀ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ■ ପରିଚାଳନା କମିଟି ବୈଠକ

# ରଥଯାତ୍ରା ନୀତି ନିର୍ଘଣ୍ଟରେ ଲାଗିଲା ମୋହର

ପୁରୀ ଅଫିସ, ୧୧।୬



ବୈଠକରେ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅନ୍ୟମାନେ।

■ ଅପରାହ୍ନ ୪ଟାରେ ନୀଳାଦ୍ରିବିଜେ ପହଣ୍ଡି

■ ପହଣ୍ଡି ବେଳେ ସିଂହଦ୍ୱାର ଚକଡ଼ାକୁ କ୍ୟାମେରା ମନା

ଜୁଲାଇ ୪ରେ ହେବାକୁ ଥିବା ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ନୀତି ସବ୍ କମିଟି ଏବଂ ଛତିଶା ନିଯୋଗରେ ପ୍ରସ୍ତୁତ ଏହି ନୀତିରେ ମଙ୍ଗଳବାର ମୋହର ମାରିଛି ପରିଚାଳନା କମିଟି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯିବା ସହ ସ୍ନାନଯାତ୍ରା ରଥଯାତ୍ରା, ବାହୁଡା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରୀ ବିଜେ ନୀତି ନିର୍ଘଣ୍ଟରେ ମୋହର ଲଗାଯାଇଛି। ଏଥିସହ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡା ଯାତ୍ରା ପାଇଁ ପ୍ରସ୍ତୁତ ବ୍ୟବସ୍ଥାବଳୀକୁ ତର୍ଜମା କରାଯାଇ ଚୂଡ଼ାନ୍ତ ହୋଇଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବରୁ ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ନିର୍ଘଣ୍ଟ କରିଥିବା ନୀତି, ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡା ଯାତ୍ରାର ବ୍ୟବସ୍ଥାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୀତିରେ ସେମିତି କୌଣସି ପରିବର୍ତ୍ତନ ହୋଇ ନ ଥିବାବେଳେ ବ୍ୟବସ୍ଥାବଳୀକୁ ଆହୁରି ସୁଦୃଢ କରିବା ଲାଗି ସାମାନ୍ୟ କେତେକ ପରିବର୍ତ୍ତନ କରାଯାଇ ଏହାକୁ ଅନୁମୋଦନ ଦିଆଯାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଦେବସ୍ନାନ ମଣ୍ଡପରେ ଯେପରି ବିଶୃଙ୍ଖଳା ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଗତବର୍ଷ ସ୍ନାନ ମଣ୍ଡପରେ ବିଶୃଙ୍ଖଳା କରିଥିବା ୪୫ଜଣ ସେବକ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହାପରେ ପ୍ରାୟ ସମସ୍ତେ ସୁଧୁରି ଯାଇଛନ୍ତି। ତେଣୁ ଏବର୍ଷ ଠାକୁରଙ୍କ ଜଳ ଲାଗି ଠିକ୍ଠାକ ହେବ ବୋଲି ଆଶା କରାଯାଉଛି। ସ୍ନାନଯାତ୍ରା, ରଥଯାତ୍ରା, ବାହୁଡା, ସୁନାବେଶ, ଅଧରପଣା, ନୀଳାଦ୍ରିବିଜେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଯାଇଛି। ଦିନେ ଦୁଇଦିନ ମଧ୍ୟରେ ନୀତିପୁସ୍ତିକା ଛପାଯିବ। ଏଥର ନୀଳାଦ୍ରିବିଜେ ପରଦିନ ଚନ୍ଦ୍ରଗ୍ରହଣ ପଡୁଛି। ଏହାକୁ ଦୃଷ୍ଟିରେ ରଖି ନୀଳାଦ୍ରିବିଜେ ପହଣ୍ଡିକୁ ସଅଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ନୀଳାଦ୍ରିବିଜେ ଦିନ ଅପରାହ୍ନ ୪ଟାରେ ପହଣ୍ଡି ଆରମ୍ଭ ହେବ। ରାତି ୧୦ଟାରେ ପହଣ୍ଡି ଶେଷ କରାଯିବ। ରାତି ୧ଟାରୁ ସାଢେ ୧ଟା ମଧ୍ୟରେ ରୁନ୍ଧା କାମ ସାରିବା ଲାଗି ସେବକମାନେ ପ୍ରତିଶ୍ରୁତି ଦେଇଛନ୍ତି। ଭୋର ୫ଟା ବେଳକୁ ପହୁଡ଼ ସରି ସାଢେ ୫ଟା ସୁଦ୍ଧା ଆଳତି ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜୁଲାଇ ୧୬ତାରିଖରେ ମଧ୍ୟାହ୍ନ ଭୋଗ ପରେ ନୀତି ବନ୍ଦ କରାଯିବ। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ନୀତି ଆରମ୍ଭ ହେବ ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର କହିଛନ୍ତି।

ତେବେ ଏଥର ସିଂହଦ୍ୱାର ସମ୍ମୁଖ ଚକଡ଼ାରେ କୌଣସି ଟିଭି କ୍ୟାମେରା ରହିବ ନାହିଁ। ପହଣ୍ଡିରେ ସମ୍ପୃକ୍ତ ସେବକ ଓ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କେହି ସେଠାରେ ରହିପାରିବେ ନାହିଁ। ରଥଯାତ୍ରା ପହଣ୍ଡିକୁ ଶୃଙ୍ଖଳିତ ଏବଂ ସଅଳ କରିବା ଲାଗି ଏହି ନିଷ୍ପତ୍ତି ହୋଇଛି। ସେମାନେ ତାଙ୍କର ଉଦ୍ଦିଷ୍ଟ ସ୍ଥାନରେ ରହି ଶୁଟିଂ କରିବେ ବୋଲି ପରିଚାଳନା କମିଟି ଚୂଡ଼ାନ୍ତ କରିଛି। ପରିଚାଳନା କମିଟି ମୋହର ମାରିଥିବା ନୀତିନିର୍ଘଣ୍ଟ ଅନୁଯାୟୀ, ଆସନ୍ତା ୧୭ତାରିଖ ସ୍ନାନପୂର୍ଣ୍ଣିମାରେ ଅପରାହ୍ନ ୪ଟାରୁ ସ୍ନାନବେଦିରେ ମହାପ୍ରଭୁଙ୍କ ହାତୀବେଶ ହେବ। ଜୁଲାଇ ୪ତାରିଖରେ ରଥଯାତ୍ରା। ଏହିଦିନ ସକାଳ ସାଢେ ୯ଟାରେ ପହଣ୍ଡି ଏବଂ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ଜୁଲାଇ ୧୨ ବାହୁଡ଼ାରେ ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଏବଂ ଅପରାହ୍ନ ୪ଟାରେ ରଥଟଣା ହେବ। ଜୁଲାଇ ୧୩ରେ ରଥ ଉପରେ ଅପରାହ୍ନ ୪ଟାରୁ ସୁନାବେଶ ଆରମ୍ଭ ହୋଇ ରାତି ୧୧ଟାରୁ ୧୨ଟା ମଧ୍ୟରେ ମଇଲମ ହେବ। ଜୁଲାଇ ୧୪ରେ ଅଧରପଣା। ଏହିଦିନ ରାତି ୮ଟାରେ ତିନିରଥରେ ଅଧର ନୀତି ଶେଷ କରିବାକୁ ନୀତି ନିର୍ଘଣ୍ଟ ହୋଇଛି। ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଏସ୍ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ପରିଚାଳନା କମିଟି ସଦସ୍ୟ ଡକ୍ଟର ନୀଳକଣ୍ଠ ମହାପାତ୍ର, ମାଧବ ପୂଜାପଣ୍ଡା, ରାମଚନ୍ଦ୍ର ଦାସମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ ତିଆଡ଼ି, ସିଦ୍ଧେଶ୍ୱର ମହାପାତ୍ର, ବାବା ସଚ୍ଚିଦାନନ୍ଦ ଦାସମହାରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ■ ମଦ ବିରୋଧୀ ଆନ୍ଦୋଳନ

# ଏସ୍ଏଚ୍ଜି ମହିଳାଙ୍କୁ ଗୋଡ଼ାଇ ପିଟିଲେ

ଦେବଗଡ଼,୧୧।୬(ଡି.ଏନ.ଏ.)



ଜଣେ ଆହତ ମହିଳାଙ୍କୁ ଡାକ୍ତରଖାନା ନିଆଯାଉଛି।

■ ଭାଟି ମାଲିକ ବିରୋଧକାରୀଙ୍କୁ ଆକ୍ରମଣ ପାଇଁ ପୋଷାକୁକୁର ଛାଡ଼ିଲେ

■ ୧୦ରୁ ଊର୍ଦ୍ଧ୍ୱ ମହିଳା ଆହତ, ତିନି ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି

ଦେବଗଡ଼ ଜିଲା ରିଆମାଳ ବ୍ଲକ ପଳସମା ପଞ୍ଚାୟତ ଅନ୍ତର୍ଗତ ହାଧସଂହାର ବାବାଜୀ ମଠ ସାହି ଓ ବାଘବର ସୀମାନ୍ତରେ ଦେଶୀ ମଦଭାଟି ନିର୍ମାଣକୁ ବିରୋଧ କାରଣରୁ ମଙ୍ଗଳବାର ତୁମୁଳକାଣ୍ଡ ଘଟିଛି। ବିରୋଧ କରିବାକୁ ଯାଇଥିବା ୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୫୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମଦଭାଟି ମାଲିକ ଓ ତାଙ୍କର ସମର୍ଥକମାନେ ଅତର୍କିତ ଆକ୍ରମଣ କରିଥିଲେ। ଜୀବନ ବିକଳରେ ମହିଳାମାନେ ସେଠାରୁ ଦୌଡି ପଳାଉଥିବା ବେଳେ ଆକ୍ରମଣକାରୀ ସେମାନଙ୍କୁ ଜଙ୍ଗଲ ମଧ୍ୟରେ ଗୋଡ଼ାଇ ଗୋଡ଼ାଇ ଠେଙ୍ଗାରେ ପିଟିବା ସହ ଟେକାପଥର ଫିଙ୍ଗିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଗୁରୁତରଙ୍କୁ ଦେବଗଡ ଡାକ୍ତଖାନାରେ ଭର୍ତ୍ତି କରାଯାଇଛି । କେବଳ ସେତିକି ନୁହେଁ, ଘଟଣାସ୍ଥଳକୁ ଖବର ସଂଗ୍ରହ କରିବାକୁ ଯାଇଥିବା କେତେକ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆହତ ହୋଇଛନ୍ତି। ଅଭିଯୋଗ ହୋଇଛି ଯେ, ମଦଭାଟି ନିର୍ମାଣ କରୁଥିବା ବ୍ୟକ୍ତି ଜଣକ ଅମାନବିକଭାବେ ନିଜର ତିନିଟି ପୋଷା କୁକୁରଙ୍କୁ ମହିଳାମାନଙ୍କୁ ଆକ୍ରମଣ କରିବାକୁ ଛାଡିଦେଇଥିଲେ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ହେଲେ ସ୍ଥାନୀୟ ପୋଲିସ ଏନେଇ ଖବର ପାଇ ମଧ୍ୟ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ରିଆମାଳ ବ୍ଲକ ହାଧସଂହାର ବାବାଜୀ ମଠ ସାହି ଓ ବାଘବର ସୀମାନ୍ତରେ ଏକ ଦେଶୀମଦ ଭାଟି ନିର୍ମାଣ ଚାଲିଛି। ଏହାକୁ ସ୍ଥାନୀୟ ଅଞ୍ଚଳର ଲୋକେ ବିରୋଧ କରି ଆସୁଛନ୍ତି। ସେମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ ଭାଟି ନିର୍ମାଣ ବନ୍ଦ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ଶତାଧିକ ମହିଳାପୁରୁଷ ମଦଭାଟି ନିର୍ମାଣ ସ୍ଥାନକୁ ଯାଇ କାମ ବନ୍ଦ କରିବାକୁ କହିବା ସହ ଧାରଣାରେ ବସିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏ ନେଇ ଦେବଗଡ ଏସ୍ପି ରାହୁଲ ଜୈନଙ୍କୁ ଫୋନ ଯୋଗେ ଜଣାଇଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳକୁ ଯାଇ ନଥିବା ଅଭିଯୋଗ ହୋଇଛି।

# 'ନୀଳଚକ୍ର ସମ୍ପୂର୍ଣ୍ଣ ସୁରକ୍ଷିତ'

ପୁରୀ ଅଫିସ, ୧୧।୬



■ ମୁଖ୍ୟ ମନ୍ଦିରରେ କୌଣସି କ୍ଷତି ହୋଇନି


■ ୧୬ରେ ସ୍ଥାପନ ହେବ ନୂଆ ଜୟ ବିଜୟ ମୂର୍ତ୍ତି

ନୀଳଚକ୍ର ସମ୍ପୂର୍ଣ୍ଣ ସୁରକ୍ଷିତ। ଏଥିରେ କୌଣସି ପ୍ରକାର କ୍ଷତି ହୋଇନାହିଁ। ସେହିପରି ଶ୍ରୀମନ୍ଦିରର ମୁଖ୍ୟ ମନ୍ଦିର ମଧ୍ୟ ସୁରକ୍ଷିତ ଅଛି। ବାତ୍ୟାରେ ନୀଳଚକ୍ର ବଙ୍କା, ତେଢା ହୋଇ ଯାଇଥିବା ନେଇ ଯାହା ଚର୍ଚ୍ଚା ହେଉଥିଲା ତାହା ଭୁଲ୍ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ମଙ୍ଗଳବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଥିଲେ, ଫନୀ ବାତ୍ୟାରେ ଶ୍ରୀମନ୍ଦିରରେ କ୍ଷୟକ୍ଷତି ହୋଇଥିଲା। କିନ୍ତୁ ନୀଳଚକ୍ର ଓ ମୁଖ୍ୟ ମନ୍ଦିରକୁ ନେଇ ଯାହା ଶୁଣିବାକୁ ମିଳୁଥିଲା ତାହାର କୌଣସି ସତ୍ୟତା ନ ଥିବା ଏଏସ୍ଆଇର ଡ୍ରୋନ୍ ଫଟୋଗ୍ରାଫିରୁ ସ୍ପଷ୍ଟ ହୋଇଛି।

ମୁଖ୍ୟ ପ୍ରଶାସକ କହିଛନ୍ତି, ଗତ ପରିଚାଳନା କମିଟି ବୈଠକରେ ଏଏସ୍ଆଇକୁ ଶ୍ରୀମନ୍ଦିରର ଡ୍ରୋନ୍ ଫଟୋଗ୍ରାଫି କରିବା ଲାଗି ଅନୁମତି ଦିଆଯାଇଥିଲା। ବାତ୍ୟା ପରେ ଶ୍ରୀମନ୍ଦିର ଏବଂ ନୀଳଚକ୍ରର ସ୍ଥିତି ଯାଞ୍ଚ ଲାଗି ଏହି ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ମୁତାବକ, ଏଏସ୍ଆଇର ସୁପରିଣ୍ଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ଡ୍ରୋନ୍ ଫଟୋଗ୍ରାଫି କରି କ'ଣ କ୍ଷୟକ୍ଷତି ହୋଇଛି ତାହା ଦେଖାଇଥିଲେ। ପରିଚାଳନା କମିଟି ସଦସ୍ୟମାନେ ସ୍କ୍ରିନ୍ରେ ଏ ସବୁକୁ ଦେଖିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ନୀଳଚକ୍ର ଓ ମୁଖ୍ୟ ମନ୍ଦିରରେ କୌଣସି କ୍ଷତି ହୋଇନାହିଁ। ନୀଳଚକ୍ରକୁ ଭିନ୍ନ ଭିନ୍ନ ଆଙ୍ଗେଲରୁ ଦେଖାଯାଇଥିଲା। ମାତ୍ର ପୂର୍ବରୁ ଯେମିତି ଥିଲା ସେମିତି ରହିଛି, ସାମାନ୍ୟତମ ବଙ୍କା ହୋଇନାହିଁ। ମୋଟାମୋଟି ଭାବେ ମୁଖ୍ୟ ମନ୍ଦିର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି। ଅନ୍ୟପକ୍ଷରେ ଭୋଗମଣ୍ଡପ କଳସ ମରାମତି କାମ ଶେଷ ହୋଇ ସ୍ଥାପନ କରାଯାଇଛି। ମୁଖ୍ୟ ମନ୍ଦିରରୁ ଗଳିପଡ଼ିଥିବା ସିଂହ ମୂର୍ତ୍ତି ମଧ୍ୟ ଲଗା ସରିଛି। ସେହିପରି ବାତ୍ୟାରେ ସିଂହଦ୍ୱାର ପ୍ରବେଶ ପଥରେ ଜୟ ମୂର୍ତ୍ତି ଭାଙ୍ଗି ଯାଇଥିଲା। ବର୍ତ୍ତମାନ ଜୟ ବିଜୟ ମୂର୍ତ୍ତି ତିଆରି ଚାଲିଛି। ଖଣ୍ଡୋଲାଇଟ୍ ପଥରରେ ତିଆରି କରାଯାଉଥିବା ଏହି ମୂର୍ତ୍ତି ଦୁଇଟିକୁ ଆସନ୍ତା ୧୬ତାରିଖରେ ସ୍ଥାପନ କରାଯିବ। ବାତ୍ୟା ପରେ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତି ମଧ୍ୟରେ ଏହି ୩ଟି କାମ ପ୍ରମୁଖ ରହିଥିଲା। ଜୁନ୍ ୧୭ ପୂର୍ବରୁ ଶ୍ରୀମନ୍ଦିରର ମରାମତି କାମ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନଜରରେ ରଖି ଏଏସ୍ଆଇ ଦ୍ରୁତଗତିରେ କାମ କରୁଛି । ଜୟ ବିଜୟ ମୂର୍ତ୍ତି ସ୍ଥାପନ କରିସାରିବା ପରେ ମୁଖ୍ୟ କାମ ଶେଷ ହୋଇଯିବ। ଅନ୍ୟପକ୍ଷରେ ରଥଯାତ୍ରା ପାଇଁ ଶ୍ରୀମନ୍ଦିରରେ ଯେଉଁ କାମ ହୁଏ ସେ ନେଇ ମଙ୍ଗଳବାର ଭୁବନେଶ୍ୱରରେ ଏକ ବୈଠକ ହେବ। ଅପରାହ୍ନ ୪ଟାରେ ଓପେପା ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିବେ। ଏଥିରେ ଶ୍ରୀମନ୍ଦିର କୋର୍ କମିଟି ସଦସ୍ୟମାନେ ମଧ୍ୟ ଯୋଗଦେବେ ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର ସୂଚନା ଦେଇଛନ୍ତି।

# ଚୋରି କରି ଜରିମାନା ଦେଇଥିବା ଖଣି କମ୍ପାନୀକୁ ନିଲାମି ପ୍ରକ୍ରିୟାରୁ ବାଦ୍ ଦିଆଯାଉ

ଭୁବନେଶ୍ୱର,୧୧।୬(ବ୍ୟୁରୋ)



ଶ୍ରୀକାନ୍ତ ଜେନା

**ଶ୍ରୀକାନ୍ତ ଜେନାଙ୍କ ଦାବି**

ପୂର୍ବରୁ ବେଆଇନ ଭାବେ ଖଣି ଉତ୍ତୋଳନ କରି ଜରିମାନା ଦେଇଥିବା କମ୍ପାନୀଗୁଡିକୁ ନୂଆ ନିଲାମିରୁ ବାଦ୍ ଦିଆଯାଉ। ରାଜ୍ୟ ସରକାର ଆଗାମୀ ଦୁଇ ମାସ ମଧ୍ୟରେ ପ୍ରାୟ ୪୦ଟି ଲୁହାପଥର ଖଣି ନିଲାମ କରିବାକୁ ଯାଉଛନ୍ତି। ତେଣୁ ଏହି ନିଲାମି ଯେପରି ସ୍ୱଚ୍ଛ ଏବଂ ରାଜ୍ୟକୁ ଅଧିକ ରାଜସ୍ୱ ଯୋଗାଇପାରିବ, ସେ ନେଇ ପଦକ୍ଷେପ ନେବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଦାବି କରିଛନ୍ତି।

ଶ୍ରୀକାନ୍ତ କହିଛନ୍ତି, ଖଣି ଲିଜ୍, ଉତ୍ତୋଳନ, ପରିବହନ ଓ ବିଦେଶକୁ ରପ୍ତାନି ଆଦି ପ୍ରକ୍ରିୟା ଓଡ଼ିଆ ଉଦ୍ୟୋଗୀଙ୍କ ନିୟନ୍ତ୍ରଣରେ ରହୁ। ଖଣି ନିଲାମି ସମ୍ପର୍କରେ ଥିବା ନିୟମକୁ ରାଜ୍ୟ ସରକାର ସର୍ବସାଧାରଣରେ ପ୍ରକାଶ କରନ୍ତୁ। ରାଜ୍ୟ ସରକାର ଖଣି ନିଲାମ ନ କରି ନିଜସ୍ୱ ସଂସ୍ଥା ନିୟନ୍ତ୍ରଣରେ ରଖନ୍ତୁ, ଯାହା ଦ୍ୱାରା ରାଜକୋଷକୁ ୧୦ଗୁଣା ଅଧିକ ରାଜସ୍ୱ ଆସିବ। ଯଦି ରାଜ୍ୟ ସରକାର ଖଣି ନିଲାମି ପାଇଁ ଏତେ ବ୍ୟାକୁଳ, ତେବେ ଯେଉଁ ଖଣି ମାଲିକମାନେ ଖଣି ଚୋରିରେ ଧରାପଡିଛନ୍ତି, ସେମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଉ। କାରଣ ଏହି କମ୍ପାନୀଗୁଡିକ ଉପରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଖଣି ଜରିମାନା କରାଯାଇଥିଲା। ଚଞ୍ଚକତା କରି ରାଜ୍ୟ ସରକାର ଏହାକୁ ପ୍ରାୟ ୧୮ ହଜାର କୋଟିକୁ ହ୍ରାସ କରିଥିଲେ। ତେଣୁ ରାଜ୍ୟର ଖଣି ଲୁଟି ଜରିମାନା ବାବଦକୁ ସୁବିଧା ହାତେଇଥିବା କମ୍ପାନୀଗୁଡିକୁ ବାଦ୍ ଦେବା ପାଇଁ ଶ୍ରୀକାନ୍ତ ଦୃଢ ଦାବି କରିଛନ୍ତି। ସେହିଭଳି ନିଲାମରେ ଅଂଶଗ୍ରହଣ ପାଇଁ ଚିହ୍ନିତ ଖଣିଗୁଡିକର ନିକଟବର୍ତ୍ତୀ ଗ୍ରାମବାସୀ/ଏସ୍ଏଚ୍ଜି, ଅଥବା ସ୍ଥାନୀୟ ବେକାରି ଯୁବତୀଯୁବକଙ୍କ କୋଅପରେଟିଭ ମଧ୍ୟରେ ସୀମିତ କରାଯାଉ। ସମ୍ପତ୍ତି ଓଡ଼ିଶାବାସୀଙ୍କର , ହେଲେ ଏଠି ଅନ୍ୟମାନେ ମାଲିକଗିରି ଦେଖାଉଛନ୍ତି। ଉପଯୁକ୍ତ ଖଣିନୀତି ଅଭାବରୁ ଓଡ଼ିଆ ଗରିବିରେ ଶଢୁଛନ୍ତି, ହେଲେ ବେଆଇନ ଉତ୍ତୋଳନ କରୁଥିବା ଖଣି କମ୍ପାନୀମାନେ ରାତିରାତି କୋଟିପତି ହେଉଛନ୍ତି। ତେଣୁ ରାଜ୍ୟ ସରକାର ଜନମଙ୍ଗଳକାରୀ ଖଣିନୀତି ଆଣନ୍ତୁ ବୋଲି ଶ୍ରୀକାନ୍ତ ଦାବି କରିଛନ୍ତି। ପ୍ରକାଶ ଯେ, ୪ଦିନ ତଳେ ଖଣି ବିଭାଗୀୟ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ଆଗାମୀ ଦୁଇମାସ ମଧ୍ୟରେ ୩୬ଟି ଖଣି ନିଲାମ କରିବାକୁ ଯାଉଛନ୍ତି। ୪ଟିର ନିଲାମି ପାଇଁ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ଏହିପରି ଭାବେ ୪୦ଟି ଖଣିର ନିଲାମ କରାଯିବ ବୋଲି ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୂଚନା ଦେଇଥିଲେ।

# ବଡ଼ ଭାଇ ଟାଙ୍ଗିଆ ଚୋଟରେ ସାନ ଭାଇ ମୁଣ୍ଡଗଣ୍ଡି ଅଲଗା

## ■ କଟା ମୁଣ୍ଡ ଧରି ଥାନାରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ସମ୍ବଲପୁର,୧୧।୬(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ତିଲେଇମାଲ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ସମ୍ପର୍କୀୟ ବଡ଼ ଭାଇଙ୍କ ଟାଙ୍ଗିଆ ଚୋଟରେ ସାନ ଭାଇ ସତ୍ୟନାରାୟଣ ମୁଣ୍ଡା (୩୮)ଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଛି। କଟା ମୁଣ୍ଡକୁ ଧରି ବଡ ଭାଇ ଉଜ୍ଜଳ ମୁଣ୍ଡା (୫୫) ଅଇଁଠାପାଲି ଥାନାରେ ଆତ୍ମସମର୍ପଣ କରିଛନ୍ତି । ପୋଲିସ ମୃତଦେହ ଓ କଟା ମୁଣ୍ଡ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠା ଯାଇଛି। ଏହି ଘଟଣା ପ୍ରଚାର ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଖବର ପାଇ ସମ୍ବଲପୁର ଏସ୍ପି ସଞ୍ଜୀବ ଅରୋରା, ସାଇଣ୍ଟିଫିକ୍ ଟିମ ଓ ଡଗ୍ ସ୍କ୍ୱାଡ ପହଞ୍ଚି ତଦନ୍ତ କରିଥିଲେ । ୫ ଘଣ୍ଟା ପରେ ମଧ୍ୟ ପୋଲିସ ହତ୍ୟାକାଣ୍ଡର କୌଣସି ସୁରାକ ପାଇ ନ ଥିଲା। ମଙ୍ଗଳବାର ଅପରାହ୍ନ ସାଢ଼େ ୧୧ଟାରେ ଅଭିଯୁକ୍ତ ଉଜ୍ଜଳ ଅଇଁଠାପାଲି ଥାନା ସମ୍ମୁଖ ଗେଟ୍ ନିକଟରେ କଟା ମୁଣ୍ଡକୁ ଏକ ବ୍ୟାଗରେ ଭର୍ତ୍ତି କରି ବସିଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ଆସି ତାଙ୍କୁ ପଚାରିବାରୁ ବ୍ୟାଗ ଭିତରେ କଟା ମୁଣ୍ଡ ଥିବା ସେ ଦେଖାଇ ଥିଲେ । ଏହାପରେ ପୋଲିସ କର୍ମଚାରୀ ଜଣକ ତାଙ୍କୁ ଥାନା ଭିତରକୁ ନେଇ ପଚରାଉଚରା କରିଥିଲା। ଏ ନେଇ ପୋଲିସ ଆଇପିସିର ଦଫା ୩୦୨, ୨୦୧ ଅନୁସାରେ ଏକ ହତ୍ୟା ମାମଲା (ନଂ. ୨୪୦/୧୯) ରୁଜୁ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ହେଲେ ଏହାର ଅନ୍ୟ ଦିଗ ଉପରେ ମଧ୍ୟ ତଦନ୍ତ କରାଯାଉଛି ବୋଲି ସମ୍ବଲପୁର ଏସ୍ପି ଅରୋରା ସୂଚନା ଦେଇଛନ୍ତି।



ଅଭିଯୁକ୍ତ ଉଜ୍ଜଳ ମୁଣ୍ଡା।

ସୂଚନାଯୋଗ୍ୟ, ସତ୍ୟନାରାୟଣ ଓ ଉଜ୍ଜଳଙ୍କ ଘର ପାଖାପାଖି ରହିଛି। କିଛି ଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହି ବିବାଦ ଗ୍ରାମରେ ଆପୋସ ବୁଝାମଣାରେ ସମାଧାନ କରାଯାଇଥିଲା । କିନ୍ତୁ ଉଜ୍ଜଳଙ୍କ କ୍ରୋଧ କମି ନ ଥିଲା । ସେ ସତ୍ୟନାରାୟଣଙ୍କୁ ମାରି ଦେବାକୁ ସୁଯୋଗ ଖୋଜୁଥିଲେ। ସୋମବାର ବିଳମ୍ବିତ ରାତିରେ ଘର ବାହାରେ ସତ୍ୟନାରାୟଣ ମଶାରି ଭିତରେ ଏକୁଟିଆ ଶୋଇଥିଲେ। ଏହାର ସୁଯୋଗ ନେଇ ଭୋର ୪ଟାରେ ଉଜ୍ଜଳ ଏକ ଟାଙ୍ଗିଆରେ ସତ୍ୟନାରାୟଣଙ୍କ ବେକକୁ ଚୋଟ ପକାଇ ଥିଲେ। ଫଳରେ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଥିଲା । କଟା ମୁଣ୍ଡକୁ ଏକ ବ୍ୟାଗରେ ଭର୍ତ୍ତି କରି ସେ ଘରୁ ଫେରାର ହୋଇଯାଇଥିଲେ। ସକାଳେ ସତ୍ୟନାରାୟଣଙ୍କ ପରିବାର ଲୋକେ ଉଠି ଦେଖିଲା ବେଳକୁ ମଶାରି ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡିଥିଲା । ପରିବାର ଲୋକଙ୍କ ଚିତ୍କାର ଶୁଣି ପଡୋଶୀ ଲୋକେ ଧାଇଁ ଆସିଥିଲେ। ଏହାପରେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପ୍ରକାଶଯୋଗ୍ୟ, ୨୦୦୬ରେ ମଧ୍ୟ ସମ୍ବଲପୁର ଜିଲାରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଥିଲା। ସେତେବେଳେ ଉକ୍ତ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା । ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ହତ୍ୟା କରିଥିଲେ। ପରେ ସେ କଟା ମୁଣ୍ଡକୁ ଧରି ଟାଉନ ଥାନାକୁ ଚାଲି ଚାଲି ପହଞ୍ଚିଥିଲେ।

# ଶ୍ରୀମନ୍ଦିର ବାହାରେ ତିଆରି ହେବ ଟଏଲେଟ୍ ବ୍ଲକ

**ପୁରୀ ଅଫିସ, ୧୧।୬:** ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଆଖପାଖରେ ଭଲ ଟଏଲେଟ୍ ନାହିଁ ଫଳରେ ଭକ୍ତମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏଏସ୍ଆଇକୁ ମିଳିଥିବା ଅନୁଦାନରେ ଓଏନ୍‌ଜିସିର ସିଏସ୍ଆର ଫଣ୍ଡରୁ ଏହି ଟଏଲେଟ୍ ବ୍ଲକ ତିଆରି ହେବ ବୋଲି ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ପୂର୍ବରୁ ମନ୍ଦିର ଚତୁଃପାର୍ଶ୍ୱରେ ପାଦଚଲା ରାସ୍ତା ଜିନ୍ଦଲ କମ୍ପାନୀ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଏମ୍ଓୟୁ ଅନୁମୋଦନ ହୋଇସାରିଛି। ରଥଯାତ୍ରା ଯୋଗୁ କାମ ଆରମ୍ଭ ହୋଇପାରି ନାହିଁ। ଏଥିସହିତ ୨ଟି ଟଏଲେଟ୍ ବ୍ଲକ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରୁ ଗୋଟିଏ ଟଏଲେଟ୍ ବ୍ଲକ ଏଏସ୍ଆଇ କରିବା ପାଇଁ ରାଜି ହୋଇଛି। ଏଥିରେ ୧୫/୨୦ଟି ଟଏଲେଟ୍ ରହିବ। ବାଇକ୍ ପାର୍କିଂ ଏବଂ କ୍ଲୋକ୍ ରୁମ୍ ମଧ୍ୟ ରହିବ। ଓଏନ୍‌ଜିସିଠାରୁ ପାଉଥିବା ଫଣ୍ଡରେ ଏଏସ୍ଆଇ ଏହା ତିଆରି କରିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୧।୬:** ଖୋର୍ଦ୍ଧା ଆଦର୍ଶ ଥାନାର ସ୍ୱପ୍ନେଶ୍ୱରସାହି ଉପରେ ମଙ୍ଗଳବାର କଟକ ଓ ଖୋର୍ଦ୍ଧା ଫ୍ଲାଇଂ ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଇ ୩୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ସ୍ୱପ୍ନେଶ୍ୱରସାହିର ଦେବରାଜ ଦଲେଇ(୪୬)ଙ୍କୁ ଗିରଫ କରାଯାଇ ଖୋର୍ଦ୍ଧା କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅବକାରୀ ବିଭାଗ ପକ୍ଷରୁ ନଂ. ୫୪/୧୯ରେ ମାମଲା ରୁଜୁ କରାଯାଇଛି। ଚଢ଼ାଉରେ ଇନ୍ସପେକ୍ଟର ପ୍ରମୋଦ କୁମାର ପଣ୍ଡା, ରଞ୍ଜନ କୁମାର ନାୟକ, ସବଇନ୍ସପେକ୍ଟର କମଳ ଲୋଚନ ପାଇକରାୟ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ମିଳୁନି ଦୁଇ ମୃତ ବ୍ୟକ୍ତିଙ୍କ ପରିଚୟ

**ଜଟଣୀ, ୧୧।୬(ଡି.ଏନ୍.ଏ.):** ଜଟଣୀ ଥାନା ଅଞ୍ଚଳରୁ ପୋଲିସ ଜୁନ ପ୍ରଥମ ସପ୍ତାହରେ ଦୁଇ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲେ ମଧ୍ୟ ସେମାନଙ୍କ ପରିଚୟ ପାଇପାରିନାହିଁ। ଜୁନ ୧ରେ ଏହି ଥାନା ଅନ୍ତର୍ଗତ କୁଶମାଟି ଗ୍ରାମ ନିକଟସ୍ଥ ଭଙ୍ଗିଆ ନାଳର ଯୋଡ଼ରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତ ବ୍ୟକ୍ତିଜଣକ ଲାଲରଙ୍ଗର ବାନିୟନ୍ ଓ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ତାଙ୍କୁ ୫୦ରୁ ୫୫ ବର୍ଷ ହୋଇଥିବା ପୋଲିସ ଅନୁମାନ କରିଥିଲା। ସେହିପରି ଜୁନ ୬ରେ ସ୍ଥାନୀୟ ରେଲୱେ ମାର୍କେଟ୍‌ରେ ଅଚେତ୍ ଅବସ୍ଥାରେ ପଡ଼ିଥିବା ବ୍ୟକ୍ତିଙ୍କୁ ପୋଲିସ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ସରକାରୀ ମେଡିକାଲ ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତିଜଣକ ଧୂସର ରଙ୍ଗର ଶାର୍ଟ ଓ କଳାପ୍ୟାଣ୍ଟ ପିନ୍ଧିଥିଲେ। ତାଙ୍କୁ ୪୫ରୁ ୫୦ବର୍ଷ ବୟସ ହେବ ବୋଲି ପୋଲିସ କହିଛି। ମୃତଦେହକୁ ପୋଲିସ କ୍ୟାପିଟାଲ ହସ୍ପିଟାଲ ଶବଗୃହରେ ରଖିଛି। ଦୁଇ ଘଟଣାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବୈଷ୍ଣବ କବି ସଦାଶିବ ପଣ୍ଡାଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୧୧।୬:** ବୈଷ୍ଣବ କବି ସଦାଶିବ ପଣ୍ଡାଙ୍କର ୭୧ ବର୍ଷ ବୟସରେ ସାମନ୍ତରାପୁର ମଙ୍ଗଳାସାହିସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଅନୁପମା, କନ୍ୟା, ଜାମାତା ପ୍ରମୁଖ ଉପସ୍ଥିତ ଥିଲେ। ଗୌଡ଼ୀୟ ବୈଷ୍ଣବ ଧର୍ମରେ ଦୀକ୍ଷିତ ସ୍ୱର୍ଗତ ପଣ୍ଡା ସରକାରୀ ଚାକିରିରୁ ଅବସର ନେବା ପରେ ଗୀତୋପଦେଶ, ଚିତ୍ତମାର୍ଜନୀ, ଭକ୍ତି ଦୀପିକା, ଭକ୍ତି ପୀୟୂଷ, ଭକ୍ତି ତରଙ୍ଗ ଓ ଭକ୍ତି ଦର୍ପଣ ଆଦି ପୁସ୍ତକ ରଚନା କରିଥିଲେ। ବୋଲଗଡ ବ୍ଲକ ମୁଗୁମଣ୍ଡା ନିକଟ ବାରବାଟୀ ଗ୍ରାମରେ ୧୯୪୯ ରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ପଣ୍ଡା ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାସ୍ କରିବା ପରେ ପ୍ରାଣନାଥ ମହାବିଦ୍ୟାଳୟର ବିଜ୍ଞାନ ବିଭାଗରେ ଡେମୋନଷ୍ଟ୍ରେଟର ଭାବେ ଯୋଗ ଦେଇଥିଲେ। ମୃତ୍ୟୁ ଖବର ପ୍ରଚାରିତ ପରେ ସ୍ଥାନୀୟ ସାମନ୍ତରାପୁର ମଙ୍ଗଳାସାହିସ୍ଥିତ ବାସଭବନରେ ଶ୍ରୀଚୈତନ୍ୟ ଗବେଷଣା ପରିଷଦର ସଦସ୍ୟ ଏବଂ ସହପାଠୀ ଐତିହାସିକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର କରାଯାଇଥିଲା।


**ZILLA SWASTHYA SAMITI, KEONJHAR**
**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**

**CORRIGENDUM**

**Advt. No.: 2820** **Date: 11.06.2019**

**Tender for BMW Management in DHH/ SDH/CHC/PHC of Keonjhar District**

No. 51-E:- With reference to this Office Advt. No. 2730 Dt.29.05.2019 published in daily newspaper on Dt.30.05.2019 & also the tender documents was uploaded in the District NIC website on 30.05.2019 related to tender for Bio Medical Waste (BMW) Management in DHH/ SDH/CHC/PHC of Keonjhar district, the following Corrigendum is being issued.

- In tender document Page No.-2, in Point No.-8, it may be read as agency should have submit valid licence from the OSPCB/ undertaking in shape on affidavit for submission of certificate within 2 months after getting award.
- In point No.-10, it may be read as experience in the field of Bio Medical waste management in the Govt. Hospital/PSU only at least for a period of 2 years instead of 3 years.
- The revised last date of submission of tender is extended to 29.06.2019 till 2 P.M. & opening of tender is on 01.07.2019 at 12.30 P.M. at the O/o. ADPHO(FW), Keonjhar.

All other terms & conditions of the said tender remain unchanged.

Sd./- Chief District Medical & Public Health Officer, Keonjhar

10033/11/0003/1920

**REQUEST FOR PROPOSAL**

**Advt. No.: 3107** **Date: 11.06.19**

**(ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁନ୍ଦରଗଡ଼ରେ ରୋଗୀଙ୍କୁ ଖାଦ୍ୟ ଯୋଗାଣ ପାଇଁ ପ୍ରସ୍ତାବ ଅନୁରୋଧ)**

No. 53-E:- Sealed request for Proposal are invited from interested agencies/firm/NGO/SHG or individuals **for Outsourcing of Diet Service at DHH, Sundargarh**. Details regarding eligibility criteria, terms & conditions and the formats of submission of bid are mentioned in the Request for Proposal which may be downloaded from the website; **www.sundergarh.nic.in**. Interested agencies/firm/NGO/SHG or individuals may submit their bid in a sealed envelope with superscribing on the top of the sealed envelope as **"Outsourcing of Diet Service at DHH, Sundargarh" in reference to Advertisement No.- 3107 Dtd.11.06.19**. The RFP should reach the office of the undersigned by Registered/Speed Post/ Courier on or before 24.6.19 at 5 P.M. The tenders will be opened at 11.30 A.M. on 25.06.19. The undersigned reserves the right to reject any or all the RFP without assigning any reason thereof.

Sd./- Chief District Medical & Public Health Officer, Sundargarh

10100/11/0005/1920

**Government of Odisha**

**"e" Procurement Notice**

**OFFICE OF THE EXECUTIVE ENGINEER KORAPUT (R&B) DIVISION, KORAPUT**

Bid Identification No. E.E. (R&B) KPT-02/2019-20

**No. 11-B:-**

| | | |
|---|---|---|
| 1. | Name of the Work | : Road & Buildings works |
| 2. | Total No. of works | : 5 Nos. |
| 3. | Estimated Cost | : Rs. 35.36 lakhs to 48.04 lakhs |
| 4. | Period of Completion | : 04 (Four) months to 06 (Six) months |
| 5. | Date & time of availability of bid document in the portal | : From 12.06.2019 at 11.00 hours to 26.06.2019 upto 17.00 hours |
| 6. | Last date / time for receipt of bids in the portal | : 26.06.2019 upto 17.00 hours |
| 7. | Date of opening of tender | : 27.06.2019 at 12.00 hours |
| 8. | Name and address of the Officer inviting Bid | : Executive Engineer, Koraput (R&B) Division |

Further details can be seen from the e-Procurement portal https://tendersorissa.gov.in

*Sd./- Executive Engineer Koraput (R&B) Division*

34096/11/0001/1920

**DIRECTORATE OF DRUGS CONTROL, ODISHA**
Near Sainik School, New Nandankanan Road, Bhubaneswar- 751017
Ph : 0674-2300494, 2303646/ FAX:0674-23002624
Email -drugscontrolorissa@gmail.com. dcaodisha@nic.in/
Website: http://dcaodisha.nic.in

No. 2575 / Bhubaneswar Dated. 07.06.2019
DC-MISC-DPCO-31/2016

**TENDER NOTICE FOR AWARD OF CONTRACT FOR PROVIDING OF MANPOWER TO PMRU UNDER DIRECTORATE OF DRUGS CONTROL, ODISHA FOR A PERIOD OF ONE YEAR**

No. 56-E: Sealed tender are invited from reputed/ registered Manpower Agencies/ Service Providers to provide the services of Manpower [like Data Entry Operator] for a period of one year with effect from the date of execution of the agreement with the Service Provider agency by the hirer through on contract basis for day to day official work of PMRU of Directorate of Drugs Control, Odisha.

| | | | |
|---|---|---|---|
| • | Date of sale of Tender paper | - | 17/06/2019 to 12/07/2019 (11 A.M to 4 P.M on all working days) |
| • | Last date of submission of Tender | - | 12/07/2019 up to 3PM |
| • | Pre-Bid conference | - | 02/07/2019 at 4PM |
| • | Date of opening of Tender | - | 12/07/2019 at 4PM |
| • | Cost of Tender paper (Non-refundable) | - | Rs.1050/- (Rupees one thousand Fifty) Bank draft/ Demand Draft/ Pay Order in favour of "Drugs Controller, Directorate of Drugs Control, Odisha" from any Nationalized/ Scheduled Bank payable at Bhubaneswar |
| • | Address for correspondence | - | Directorate of Drugs Control, Near Sainik School, New Nandanakan Road, Bhubaneswar, Odisha -751017. |

The tender will be opened on scheduled date and time in office chamber of the undersigned in presence of the bidders or their authorised representatives. In the event of the date being declared as a holiday for Government of Odisha, the due date of submission of bids and opening of bids will be the next working day. The Bidders can also download the Tender documents directly from Government website available at http://dcaodisha.nic.in (view all Tenders) subject to condition that the money towards tender cost will be applicable as per procedure mentioned above. Any tender received after the due date & time will be rejected and returned to the sender un-opened. The tender will be received through Regd. Post/ Courier Service/ Speed Post only. The authority reserve the right any/ all the Tenders without assigning any reason thereof.

10004/11/0001/1920 Sd./- Drugs Controller, Odisha


**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE CHIEF ENGINEER & NODAL OFFICER, JICA PROJECTS,**
BRAHMANI LEFT BASIN, SUKINDA, AT- JAMUPOSI, PO-AMPLOBA, DIST.- JAJPUR-755 018 (ODISHA).
e-mail: cejicablbeicwr.od@gov.in / cebmblb@gmail.com

No. 62-A

Letter No. 2370 (WE) /Dated: 07.06.19

**PUBLIC NOTICE**

Government of Odisha, Forest & Environment Department
No.10F (Con) 11/18(Pt) 10394/F&E, Bhubaneswar, dated the 30-05-2019.

**ORDER**

Sub: **Diversion of 874.5957 ha. of balance forest land out of total 2107 ha. Stage-1 approved forest land in addition to 812 ha. of forest land already finally approved for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha.**

Sir,

WHEREAS, Department of Water Resources, Government of Odisha had applied for diversion of 2159.43 ha. of forest land for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha.

And whereas, the Ministry of Environment, Forests & Climate Change (hereinafter referred to as MoEF&CC), Government of India had accorded Stage-I clearance/ in-principle approval for diversion of 2107 ha. of forest land for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha vide its letter No.8-53/96-FC dtd. 21.11.1996 **(Annexure-I)**.

And whereas, the MoEF&CC, Government of India, in consideration of the compliance of the conditions of the 'in-principle' approval, has accorded final approval for diversion of said **874.5957 ha.** of balance forest land out of total **2107 ha. Stage-1** approved forest land in addition to **812 ha.** of forest land already finally approved and also allowing change in existing alignment upto 312.8467 ha. (which was not part of the area which was given Stage-I in 1996) for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha vide its letter No.F.No.8-53/1996-FC dtd. 17.05.2019 **(Annexure-II)** under Section 2 of the Forest (Conservation) Act, 1980.

Now therefore, the Government of Odisha, do hereby allow diversion of 874.5957 ha. of balance forest land out of total 2107 ha. Stage-1 approved forest land in addition to 812 ha. of forest land already finally approved for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha as per approved land use patter subject to fulfilment of the conditions of final forest clearance order as stipulated by the MoEF&CC, Government of India.

The Collector, Keonjhar/ Dhenkanal/ Cuttack/ Angul and Divisional Forest Officer, Keonjhar/ Dhenkanal/ Cuttack/ Athagarh/ Keonjhar (WL) Division/ Angul are authorized to hand over the diverted forest land to the user agency subject to having valid lease and compliance of Court's order, if any, following due procedure of law. Before handing over the diverted forest land to the user agency, it shall be ensured that all compensatory levies including NPV/CA and differential amount towards cost of raising balance CA and canal bank plantation as per the present wage rate, is deposited, in full, at applicable rates.

The Divisional Forest Officer, Keonjhar/ Dhenkanal/ Cuttack/Athagarh/ Keonjhar (WL) Division/ Angul are also directed to monitor compliance to the conditions stipulated for such diversion in the respective forest/ Wildlife clearance order and to report violations, if any, to the Nodal Officer, O/o Principal CCF, Odisha and to the Forest & Environment Department.

Execution of project activities will be subject to availability of all other statutory clearances required under relevant Act/Rules for this infrastructure project, deposit of requisite funds and compliance of Court's order, if any.

**By order of Governor**
**Sd/- 25.05.2019 (Debidutta Biswal)**
**Special Secretary to Government**

**Annexure-I**

GOVERNMENT OF INDIA
MINISTRY OF ENVIRONMENT & FORESTS
PARYAVARAN BHAVAN, C.G.O. COMPLEX, LODHI ROAD, NEW DELHI-110 003
**PUBLIC NOTICE**
File No.**8-53/96-FC** dtd.**21.11.1996**

From
Sri D.C. Khanduri
Sr. Asstt. Inspector General of Forests

To
The Secretary
Forest Department, Govt. of Orissa, Bhubaneswar.

Sub: Diversion of 2159.43 ha. of forest land for construction of Rengali Irrigation Project in Angul, Cuttack, Dhenkanal and Keonjhar districts of Orissa.

Sir,

I am directed to refer to your letter No.10F (Cons) 55/96-9492/F&E dated 26.4.1996 on the above mentioned subject seeking prior approval of the Central Government in accordance with Section-2 of the Forest (Conservation) Act, 1980.

2. After careful consideration of the proposal of the State Government, the Central Government hereby **approves in principle** the diversion of **2107 ha.** of forest land (details in the schedule) for construction of Rengali Irrigation Project (Barrage and Canal Systems) in Angul, Cuttack, Dhenkanal and Keonjhar districts of Orissa subject to the fulfilment of following conditions:-

i) Immediate action should be taken for transfer and mutation of equivalent non-forest land in favour of the State Forest Department.

ii) The user agency will transfer the cost of compensatory afforestation (revised as on date to incorporate exiting wage structure) in favour of the Forest Department.

iii) Funds for compensatory afforestation will be provided for afforestation/ rehabilitation an area equivalent to forest area proposed to be diverted in addition to the land offered for compensatory afforestation. This area will be utilised for the purposes of irrigated plantations for which free water will be provided. The State doesn't have such a programme at present. Certain areas will be identified for eco-tourism and will be developed as such.

iv) The Advisory Committee recommends the proposal for approval for diversion of (2159.43 ha. – 52.03 ha.= 2107 ha.) forest land.

v) The project will provide crossing points for wild elephants wherever necessary after consultation with forest officers at local level.

SCHEDULE

Break-up of forest land diverted for non-forestry use by legal status.

(hectares)

| S.No. | Name of Forest Division | RF | PF | Khesra Forests | Village Forest | Total |
|---|---|---|---|---|---|---|
| 1. | Angul | -- | 0.287 | 14.475 | 87.822 | 102.584 |
| 2. | Dhenkanal | 242.54 | 29.33 | 249.76 | 256.18 | 777.81 |
| 3. | Athagarh | 177.62 | 5.64 | -- | 260.61 | 443.87 |
| 4. | Keonjhar | 51.77 | 0.51 | -- | 730.86 | 783.14 |
| | | 471.93 | 35.767 | 264.235 | 1335.472 | 2107.36 |
| | | | | | | or 2107 ha. (say) |

3. After receipt of compliance report on the fulfilment of the above conditions from the State Government, formal approval will be issued in this regard under Section-2 of the Forest (Conservation) Act, 1980. Transfer of forest land to user agency should not be effected by the State Government till formal order approving diversion of forest land are issued by the Central Government.

**Yours faithfully,**
**Sd/-21.11.96 (D.C.KHANDURI)**
**Sr. Asstt. Inspector General of Forests**

**Annexure-II**

Government of India
Ministry of Environment, Forest & Climate Change (FC Division)
Indira Paryavaran Bhawan, Aliganj, Jor Bag Road, New Delhi-110003
**PUBLIC NOTICE**

F. No. **8-53/1996-FC** Date: **17.05.2019**

To
The Principal Secretary (Forest),
Govt. of Odisha, Bhubaneswar.

Sub: Diversion of 874.5957 ha of balance forest land out of total 2107 ha. Stage-1 approved forest land in addition to 812 ha. of forest land already finally approved for construction of Rengali Irrigation Project (Barrage and canal system) in Angul, Dhenkanal, Cuttack and Keonjhar Districts of Odisha.

Sir,

I am directed to refer to the State Government of Odisha's letter No. 10F (Cons) 55/96-9492/F&E dated 26.04.1996 on the subject mentioned above seeking prior approval of the Central Government under Section-2 of the Forest (Conservation) Act, 1980 and to say that the proposal for diversion of 2159.43 ha of forest land for construction of Rengali Irrigation Project (Barrage and canal system) in Angul, Dhenkanal, Cuttack and Keonjhar Districts of Odisha had been examined by the Forest Advisory Committee constituted by the Central Government under Section-3 of the aforesaid Act. After careful examination of the proposal of the State Government and on the basis of the recommendations of the Forest Advisory Committee, ***Stage-I Clearance/ In-principle*** approval of the Central Government was granted on **21.11.1996** for diversion of 2107 ha of forest land for construction of Rengali irrigation Project (Barrage and canal system) in Angul, Dhenkanal, Cuttack and Keonjhar Districts of Odisha under Section 2 (ii) of Forest (Conservation) Act, 1980 subject to certain conditions prescribed therein.

2. Government of Odisha had requested for splitting up the Stage-I forest clearance for the project and requested for **grant of Stage-II forest clearance for an area over 812 ha only** in the year 2002 for execution of project activities in phases owing to financial constraints. Considering the request of State Government, the Ministry accorded Stage-II forest clearance for 812 ha **(out of 2107 ha of forest land agreed in-principle)** vide this Ministry's letter of even number dated 14.5.2003 subject to fulfilment certain conditions prescribed therein.

3. Now, Government of Odisha vide their letter No. 10F (Cons) 212/2016(pt)20941/F&E dated 11.11.2016 requesting for **Stage-II approval for diversion of 874.5957 ha** forest land (out of balance approval of Stage-I for 1295 ha of forest land) under Section 2 of the Forest (Conservation) Act, 1980 and subsequent letters no. 2425/9F(Irrg.)-2015/2004 dated 05.02.2018, 10F (cons)- 11/2018 (pt)/5885/F&E dated 14.03.2018, 10F(cons)-11/2018 (pt)/16220/F&E dated 25.07.2018 and no. 3239/9F(Irrg.)353/2018 dated 20.02.2019 submitted compliance report/ additional information in connection with above subject proposal.

4. Based on the recommendations of Forest Advisory Committee and its acceptance with condonation of the delay by the competent authority, prior approval for diversion of 874.5957 ha of balance forest land out of total 2107 ha. for which Stage-I approved forest land in addition to 812 ha. of forest land already finally approved and also allowing change in existing alignment up to 312.8467 ha (which was not part of the area which was given stage I in 1996) for construction of Rengali Irrigation Project (Barrage and canal system) in Angul, Dhenkanal, Cuttack and Keonjhar Districts of Odisha subject to fulfilment of the following conditions:

i. Legal status of the forest land shall remain unchanged.
ii. Forest land will be handed over only after required non-forest land for the project is handed over to the user agency, if not done earlier.
iii. **The State Government shall ensure that the user agency shall pay differential amount towards cost of raising balance compensatory afforestation and canal plantation as per the present wage rate in CAMPA account before issue of final order for affecting diversion of 874.5957 ha of forest land under intimation to this Ministry**
iv. The State Government ensure that the final order shall be issued on **realization** of admissible funds for all compensatory levies including NPV/CA from the user agency.
v. The admissible non-forest land shall be transferred and mutated, if not done, in favour of the State Forest Department for the purpose of compensatory afforestation and the same shall be declared as Reserved Forest under Section-4 or Protected Forest under Section-29 of the Indian Forest Act, 1927 or under the relevant Section(s) of the State Forest Act.
vi. The State Government shall ensure that funds of Rs. 6,21,71,710/- for compensatory afforestation and Rs. 6,44,75,510/- for irrigated plantation realized from the user agency and deposited in the account of State Forest Department had utilized or being utilized on approved schemes. The documentary evidences for utilization of said funds shall be furnished to this Ministry as well Regional Office, Bhubaneswar.
vii. The State Government ensure that the approved crossing points for wild elephants shall be constructed in consultation with the State Forest Department at the project cost.
viii. The State Government ensure that canal bank plantation shall be raised in consultation with the State Forest Department at the project cost.
ix. The State Government ensure that approved Catchment area treatment plan shall be implemented by the State Forest Department from the funds deposited in CAMPA account.
x. The State Govt. ensure that the user agency shall implement the R&R Plan as per the R&R Policy of State Government in consonance with National R&R Policy, Government of India before the commencement of the project work. The said R&R Plan will be monitored by the State Government/Regional Office of MoEF&CC along with indicators for monitoring and expected observable milestones.
xi. The State Government ensure that reservoir so created shall be declared as "Reserve Forest" under Indian Forest Act 1927 with regulated fishing rights
xii. The complete compliance of the FRA, 2006 shall be ensured by way of prescribed certificate from the concerned District Collector
xiii. The felling of trees shall be restricted to FRL-4 meter only and felling of trees shall be carried out by the State Forest Department. Number of trees to be removed shall be kept at barest minimum during the execution of the project
xiv. User Agency shall obtain Environmental Clearance as per the provisions of the Environmental (Protection) Act, 1986, if applicable.
xv. User agency shall undertake afforestation along the periphery of the reservoir.
xvi. The layout plan of the proposal shall not be changed without prior approval of Central Government.
xvii. No labour camp shall be established on the forest land.
xviii. Sufficient firewood, preferably the alternate fuel, shall be provided by the User Agency to the labourer after purchasing the same from the State Forest Department or the Forest Development Corporation or any other legal source of alternate fuel.
xix. The boundary of the diverted forest land shall be suitably demarcated on ground at the project cost, as per the directions of the concerned Divisional Forest Officer.
xx. No additional or new path will be constructed inside the forest area for transportation of construction materials for execution of the project work.
xxi. The period of diversion under this approval shall be co-terminus with the period of lease to be granted in favour of the user agency or the project life, whichever is less.
xxii. The forest land shall not be used for any purpose other than that specified in the project proposal.
xxiii. The forest land proposed to be diverted shall under no circumstances be transferred to any other agencies, department or person without prior approval of Govt. of India.
xxiv. The User Agency and the State Government shall ensure compliance of all the Court orders, provisions, rules, regulations and guidelines for the time being in force as applicable to the project.
xxv. Violation of any of these conditions will amount to violation of Forest (Conservation) Act, 1980 and action would be taken as per para 1.21 of comprehensive guidelines issued vide this Ministry's letter No.5-2/2017-FC dated 28.03.2019.
xxvi. Any other condition that the Ministry of Environment, Forests & Climate Change may stipulate from time to time in the interest of conservation, protection and development of forests & wildlife.

**Yours faithfully,**
**Sd/-17.05.2019**
**(Sandeep Sharma)**
**Assistant Inspector General of Forests (FC)**

**ଓଡ଼ିଶା ସରକାର, ଜଳ-ସମ୍ପଦ ବିଭାଗ,**
**ଜାଇକା ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଏବଂ ନୋଡାଲ ଅଫିସରଙ୍କ କାର୍ଯ୍ୟାଳୟ,**
**ବ୍ରାହ୍ମଣୀ ବାମ ଅବବାହିକା, ସୁକିନ୍ଦା, ଗ୍ରାମ: ଜାମୁପୋଷି, ପୋଷ୍ଟ: ଆମ୍ପ୍ଲୋବା, ଜିଲ୍ଲା: ଯାଜପୁର, ପିନ୍-755018 (ଓଡ଼ିଶା)**
e-mail: cejicablbeicwr.od@gov.in / cebmblb@gmail.com

ପତ୍ର ସଂଖ୍ୟା-BLB-FC-03/16-17-18-19/ ୨୩୭୦ /WE ତାରିଖ- 07.06.2019

**ସାର୍ବଜନିନ ସୂଚନା**

ଓଡ଼ିଶା ସରକାର, ଜଙ୍ଗଲ ଓ ପରିବେଶ ବିଭାଗ
ସଂଖ୍ୟା- 10F (Con) 11/18(Pt) 10394/F&E, ଭୁବନେଶ୍ୱର, ତାରିଖ- 30.05.2019

**ଆଦେଶ**

**ବିଷୟ- ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ସୋପାନ-1ରେ 2107 ହେକ୍ଟର ଜଙ୍ଗଲ ଜମିରୁ, ପୂର୍ବରୁ ଅନୁମୋଦିତ 812 ହେକ୍ଟର ଜମି ସହ, ବର୍ତ୍ତମାନ ପାଇଁ ବଳକା ଥିବା ଜମିରୁ, 874.5957 ହେକ୍ଟର ଜଙ୍ଗଲ ଜମି, ଅଣ ଜଙ୍ଗଲ କିଷମକୁ ପରିବର୍ତ୍ତନ ପାଇଁ ମଞ୍ଜୁରୀ ।**

ମହାଶୟ,

ଯେହେତୁ, ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ **2159.43** ହେକ୍ଟର ଜମି, ଅଣ ଜଙ୍ଗଲ କିଷମ କରିବା ପାଇ। ଓଡ଼ିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ଆବେଦନ କରିଥିଲେ ।

ଏବଂ ଯେହେତୁ, ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏହା ପରଠାରୁ MoEF&CC ଭାବରେ ସୂଚୀତ ହେବ), ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ନିର୍ମାଣ ହେବାକୁ ଥିବା ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ) ପାଇଁ, ତାଙ୍କର ପତ୍ର ସଂଖ୍ୟା F.No.8-53/1996-FC ତାରିଖ- 21.11.1996 (ଅନୁବନ୍ଧ-1)ରେ **2017** ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ସୋପାନ-1 ଅନୁମତି/ନୀତିଗତ ଅନୁମୋଦନ ଦେଇଥିଲେ ।

ଏବଂ ଯେହେତୁ, ଭାରତ ସରକାରଙ୍କର MoEF&CC, ନୀତିଗତ ଅନୁମୋଦନର ସର୍ତ୍ତଗୁଡିକର ଅନୁପାଳନକୁ ବିଚାରକୁ ନେଇ ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ମୋଟ **2107** ହେକ୍ଟର ସୋପାନ-1 ଅନୁମୋଦିତ ଜଙ୍ଗଲ ଜମିରୁ **874.5957** ହେକ୍ଟର ଅବଶିଷ୍ଟ ଜଙ୍ଗଲ ଜମି, ଏହା ପୂର୍ବରୁ ଅନୁମୋଦିତ **812** ହେକ୍ଟର ଜଙ୍ଗଲ ଜମି ପାଇଁ ଦିଆଯାଇଥିବା ଚୂଡାନ୍ତ ଅନୁମୋଦନ ଓ କେନାଲର ଅନୁସୂଚିତ ସ୍ଥିତିରେ ପରିବର୍ତ୍ତନ (1996 ରେ ସୋପାନ-1ରେ ଦିଆଯାଇଥିବା ଅନୁମୋଦନରେ ଅନ୍ତର୍ଭୁକ୍ତ ନଥିବା) 312.8467 ହେକ୍ଟର ଜମିର) ପରିବର୍ତ୍ତନ ପାଇଁ ପତ୍ର ସଂଖ୍ୟା F.No.8-53/1996-FC ତାରିଖ- 17.05.2019 (ଅନୁବନ୍ଧ-2)ରେ ଜଙ୍ଗଲ (ସଂରକ୍ଷଣ) ଆଇନ-1980 ରେ ଚୂଡାନ୍ତ ଅନୁମୋଦନ ଦେଇଛନ୍ତି ।

ତେଣୁ ଓଡ଼ିଶା ସରକାର ବର୍ତ୍ତମାନ, ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ମୋଟ **2107** ହେକ୍ଟର (ସୋପାନ-1) ଜଙ୍ଗଲ ଜମି ମଧ୍ୟରୁ, ଆଗରୁ ଦିଆଯାଇଥିବା **812** ହେକ୍ଟର ଜଙ୍ଗଲ ଜମିର ଚୂଡାନ୍ତ ଅନୁମୋଦନ ସହିତ, ଅବଶିଷ୍ଟରୁ ବର୍ତ୍ତମାନ **874.5957** ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଭାରତ ସରକାରଙ୍କର MoEF&CC ଦ୍ୱାରା ଦିଆଯାଇଥିବା ସର୍ତ୍ତଗୁଡିକର ଅନୁପାଳନ ସର୍ତ୍ତରେ କିସମ ପରବର୍ତ୍ତନ ପାଇଁ ଅନୁମତି ଦେଇଛନ୍ତି ।

କେନ୍ଦୁଝର, ଢେଙ୍କାନାଳ, କଟକ ଓ ଅନୁଗୋଳ ଜିଲ୍ଲାର ଜିଲ୍ଲାପାଳ ତଥା କେନ୍ଦୁଝର, ଢେଙ୍କାନାଳ, କଟକ, ଆଠଗଡ, କେନ୍ଦୁଝର (ବନ୍ୟ ପ୍ରାଣୀ) ଡିଭିଜନ ଓ ଅନୁଗୋଳ ଡିଭିଜନର ବନ ଅଧିକାରୀ (DFO)ମାନଙ୍କୁ ବ୍ୟବହାରକାରୀ ସଂସ୍ଥାକୁ ବୈଧ ଲିଜ୍ (Lease) ଅଦାଲତଙ୍କର ଆଦେଶ ଯଦି କିଛି ଥାଏ, ଆଇନର ନୀତି ଅନୁସରଣ ପୂର୍ବକ ପରିବର୍ତ୍ତିତ ଜଙ୍ଗଲ ଜମିକୁ ହସ୍ତାନ୍ତର କରିବା ପାଇଁ କ୍ଷମତା ଦିଆଗଲା । ବ୍ୟବହାରକାରୀ ସଂସ୍ଥାକୁ ପରିବର୍ତ୍ତିତ ଜଙ୍ଗଲ ଜମି ହସ୍ତାନ୍ତର କରିବା ପୂର୍ବରୁ, ସେମାନଙ୍କୁ ସୁନିଶ୍ଚିତ କରିବାକୁ ପଡିବ ଯେ, NPV/CA ଏବଂ ବଳକା CA ଓ କେନାଲ ବନ୍ଧରେ ବୃକ୍ଷ ରୋପଣ ପାଇଁ ପ୍ରଚଳିତ ମଜୁରି ଅନୁସାରେ, ସମସ୍ତ ଖର୍ଚ୍ଚ, ଧାର୍ଯ୍ୟ କରାଯାଇଥିବା କ୍ଷତିପୁରଣ (LEVIS) ସହିତ ପୂର୍ଣ୍ଣମାତ୍ରାରେ ଜମା ଦିଆଯାଇଛି ।

କେନ୍ଦୁଝର/ଢେଙ୍କାନାଳ/କଟକ/ଆଠଗଡ/ଅନୁଗୋଳ/ କେନ୍ଦୁଝର (ବନ୍ୟ ପ୍ରାଣୀ) ଡିଭିଜନ ଓ ଅନୁଗୋଳ ଡିଭିଜନର DFOମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ, ନିଜ ନିଜ ଅଞ୍ଚଳରେ ଜଙ୍ଗଲ ଜମି/ବନ୍ୟ ପ୍ରାଣୀ କ୍ଷେତ୍ରରେ ଦିଆଯାଇଥିବା ସର୍ତ୍ତାବଳୀର ପାଳନ ତଦାରଖ କରିବେ ଏବଂ ଯଦି କୌଣସି ତ୍ରୁଟି/ ବିଚ୍ୟୁତି ଘଟେ, ତାହା ଜଙ୍ଗଲ ଓ ପରିବେଶ ବିଭାଗର ପ୍ରିନସ୍ପାଲ୍ CCFଙ୍କ ଅଫିସରେ ଅବସ୍ଥାପିତ ନୋଡାଲ ଅଫିସରଙ୍କୁ ଜଣାଇବେ ।

ଏହି ଭିତ୍ତିଭୂମି ପ୍ରକଳ୍ପର ନିର୍ମାଣ, ଆବଶ୍ୟକୀୟ ଆଇନ/ନିୟମ ଅନୁପାଳନ, ଆବଶ୍ୟକୀୟ ପାଣ୍ଠି ଜମା ଓ ବିଚାରାଳୟର, ଯଦି କୌଣସି ଆଦେଶ ଥାଏ, ତାର ପାଳନ ଉପରେ ନିର୍ଭରଶୀଳ ।

**ରାଜ୍ୟପାଳଙ୍କ ଆଦେଶ ଅନୁସାରେ**
**ସ୍ୱାକ୍ଷର/-25.05.2019**
**(ଦେବୀଦତ୍ତ ବିଶ୍ୱାଳ)**
**ସରକାରଙ୍କ ସ୍ୱତନ୍ତ୍ର ସଚିବ**

ଅନୁବନ୍ଧ-1

ଭାରତ ସରକାର
ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ
ପାର୍ଯ୍ୟାବରଣ ଭବନ, C.G.O. କମ୍ପ୍ଲେକ୍ସ, ଲୋଧି ରୋଡ, ନୂଆଦିଲ୍ଲୀ – 110 003

**ସାର୍ବଜନିନ ସୂଚନା**

F.No.8-53/1996-FC ତାରିଖ- 21.11.1996

ପ୍ରେରକ
ଶ୍ରୀ ଡି.ସି.ଖଣ୍ଡୁରି
ସିନିୟର ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରାଲ ଅଫ ଫରେଷ୍ଟସ

ପ୍ରାପକ
ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ସଚିବ, ଭୁବନେଶ୍ୱର

**ବିଷୟ- ଓଡ଼ିଶାର ଅନୁଗୋଳ, କଟକ, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲ୍ଲାରେ ନିର୍ମାଣ ହେବାକୁ ଥିବା ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ ପାଇଁ 2159.43 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ।**

ମହାଶୟ,

ଆପଣ ଉପରୋକ୍ତ ବିଷୟରେ କେନ୍ଦ୍ର ସରକାରଙ୍କ ଠାରୁ ଜଙ୍ଗଲ (ସଂରକ୍ଷଣ) ଆଇନ 1980ର ସେକ୍ସନ-2 ଅନୁସାରେ, ପୂର୍ବାନୁମୋଦନ ପାଇଁ ଲେଖିଥିବା ପତ୍ର ସଂଖ୍ୟା 10F (CONS) 55-9492/F&E ତା.26.04.1996 କୁ ଉଲ୍ଲେଖ କରିବା ପାଇଁ ଆଦେଶ ପାଇଅଛି ।

2) ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଯତ୍ନଶୀଳ ଭାବରେ ବିଚାର ପୂର୍ବକ, କେନ୍ଦ୍ର ସରକାର **2107** ହେକ୍ଟର ଜଙ୍ଗଲ ଜମି (ତଫସିଲ ମୁତାବକ) ପରିବର୍ତ୍ତନକୁ, ଅନୁଗୋଳ, କଟକ, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ) ନିର୍ମାଣ ପାଇଁ, ନିତିଗତ ଭାବେ ଅନୁମୋଦନ କରୁଅଛନ୍ତି ।

(କ) ସମପରିମାଣର ଜଙ୍ଗଲ ଜମିକୁ ରାଜ୍ୟ ଜଙ୍ଗଲ ବିଭାଗଙ୍କ ସପକ୍ଷରେ ତୁରନ୍ତ ହସ୍ତାନ୍ତର ଓ ମ୍ୟୁଟେସନ କରାଯିବ ।

(ଖ) ବ୍ୟବହାରକାରି ସଂସ୍ଥା କ୍ଷତିପୁରଣ ଜଙ୍ଗଲ ସୃଷ୍ଟି ପାଇଁ (ପ୍ରଚଳିତ ମଜୁରି ଅନୁସାରେ ଉକ୍ତ ତାରିଖରେ ପରିବର୍ତ୍ତନ କରାଯାଇଥିବା) ଉପଯୁକ୍ତ ମୂଲ୍ୟ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିବେ ।

(ଗ) କ୍ଷତିପୁରଣ ଜଙ୍ଗଲ ସୃଷ୍ଟି ପାଇଁ ନୂତନ ବନିକରଣ ନିମନ୍ତେ ପ୍ରସ୍ତାବିତ କ୍ଷେତ୍ର ଅନୁସାରେ ସମାନ ଅତିରିକ୍ତ ଜାଗା ପାଇଁ ପାଣ୍ଠି ଯୋଗାଇବେ । ଏହି ଜାଗାରେ ଜଳ ସେଚିତ ବୃକ୍ଷ ରୋପଣ ପାଇଁ ମାଗଣା ପାଣି ଯୋଗାଇଦେବେ । ବର୍ତ୍ତମାନ ପାଇଁ ରାଜ୍ୟରେ ଏଭଳି କିଛି କାର୍ଯ୍ୟକ୍ରମ ନାହିଁ । ପାର୍ଯ୍ୟାବରଣ-ପର୍ଯ୍ୟଟନ ପାଇଁ କେତେକ ଅଞ୍ଚଳ ଚିହ୍ନଟ ପୂର୍ବକ ବିକାଶ କରାଯିବ ।

(ଘ) ଉପଦେଷ୍ଟା କମିଟି (2159.43 ହେକ୍ଟର–52.03 ହେକ୍ଟର = **2107** ହେକ୍ଟର) ଜଙ୍ଗଲ ଜମି ପରିବର୍ତ୍ତନ ଅନୁମୋଦନ ପାଇଁ ସୁପାରିଶ କରିଛନ୍ତି ।

(ଙ) ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହିତ ପରାମର୍ଶ କରି ପ୍ରକଳ୍ପ ଆବଶ୍ୟକ ଜାଗାମାନଙ୍କରେ ହାତୀମାନଙ୍କ ଗମନାଗମନ ପାଇଁ ସ୍ଥାନ (Crossing Point) ଯୋଗାଇ ଦେବେ ।

**ତଫସିଲ**

ଆଇନଗତ ଭାବେ ଅଣ ଜଙ୍ଗଲ ଜମି ପାଇଁ ପରିବର୍ତ୍ତିତ ହେଉଥିବା ଜଙ୍ଗଲ ଜମି ।

| S.No. | Name of Forest Division | RF | PF | Khesra Forests | Village Forest | Total |
|---|---|---|---|---|---|---|
| 1. | ଅନୁଗୋଳ | -- | 0.287 | 14.475 | 87.822 | 102.584 |
| 2. | ଢେଙ୍କାନାଳ | 242.54 | 29.33 | 249.76 | 256.18 | 777.81 |
| 3. | ଆଠଗଡ | 177.62 | 5.64 | -- | 260.61 | 443.87 |
| 4. | କେନ୍ଦୁଝର | 51.77 | 0.51 | -- | 730.86 | 783.14 |
| | | 471.93 | 35.767 | 264.235 | 1335.472 | 2107.36 |
| | | | | | | or 2107 ha. (say) |

3) ରାଜ୍ୟ ସରକାରଙ୍କ ଠାରୁ ଉପରୋକ୍ତ ସର୍ତ୍ତାବଳୀର ଅନୁପାଳନ ବିବରଣି ପ୍ରାପ୍ତି ପରେ (ଜଙ୍ଗଲ ସଂରକ୍ଷଣ) ଆଇନ 1980ର ସେକ୍ସନ-2 ଅନୁସାରେ ଆନୁଷ୍ଠାନିକ ଅନୁମୋଦନ ଦିଆଯିବ । କେନ୍ଦ୍ର ସରକାର ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ଆନୁଷ୍ଠାନିକ ଆଦେଶ ଦେଲାପର୍ଯ୍ୟନ୍ତ, ବ୍ୟବହାରକାରି ସଂସ୍ଥାକୁ ଜଙ୍ଗଲ ଜମି ହସ୍ତାନ୍ତର କରାଯିବ ନାହିଁ ।

ଆପଣଙ୍କର ବିଶ୍ୱସ୍ତ,

**ସ୍ୱାକ୍ଷର/-21.11.1996**
**(ଡି.ସି.ଖଣ୍ଡୁରି)**
**ସିନିୟର ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରାଲ ଅଫ ଫରେଷ୍ଟସ**

ସଂଲଗ୍ନ-2

**ସାର୍ବଜନିନ ସୂଚନା**

F.No.853-1996-FC ତାରିଖ- 17.05.2019

ପ୍ରାପକ
ପ୍ରମୁଖ ସଚିବ (ଜଙ୍ଗଲ),
ଓଡ଼ିଶା ସରକାର, ଭୁବନେଶ୍ୱର ।

**ବିଷୟ- ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ସୋପାନ-1ରେ 2107 ହେକ୍ଟର ଜଙ୍ଗଲ ଜମିରୁ, ପୂର୍ବରୁ ଅନୁମୋଦିତ 812 ହେକ୍ଟର ଜମି ସହ, ବର୍ତ୍ତମାନ ପାଇଁ ବଳକା ଥିବା ଜମିରୁ, 874.5957 ହେକ୍ଟର ଜଙ୍ଗଲ ଜମି, ଅଣ ଜଙ୍ଗଲ କିଷମକୁ ପରିବର୍ତ୍ତନ ପାଇଁ ମଞ୍ଜୁରୀ ।**

ମହାଶୟ,

ମୁଁ, ସେକ୍ସନ-2 ଅଧିନରେ ଅବା ଉପରୋକ୍ତ ବିଷୟରେ କେନ୍ଦ୍ର ସରକାରଙ୍କ ଠାରୁ ଜଙ୍ଗଲ (ସଂରକ୍ଷଣ) ଆଇନ 1980ର ଓଡ଼ିଶା ସରକାରଙ୍କର ପତ୍ର ସଂଖ୍ୟା 10F (CONS) 55/96-94-92/F&E ତା.26.04.1996 ଉଲ୍ଲେଖ କରି ନିର୍ଦ୍ଦେଶିତ ହୋଇ ଜଣାଉଅଛି ଯେ, ଓଡ଼ିଶା ରାଜ୍ୟର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ 2159.43 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ସକାଶେ ପଠାଯାଇଥିବା ପ୍ରସ୍ତାବ, କେନ୍ଦ୍ର ସରକାରଙ୍କ ଦ୍ୱାରା ଉପରୋକ୍ତ ଆଇନର ସେକ୍ସନ-3 ଅନୁସାରେ ଗଠିତ ଜଙ୍ଗଲ ଉପଦେଷ୍ଟା କମିଟି ଦ୍ୱାରା ପରିକ୍ଷା କରାଯାଇଥିଲା । ଉକ୍ତ ପ୍ରସ୍ତାବକୁ ସତର୍କତାର ସହିତ ପରୀକ୍ଷା କଲାପରେ ଏବଂ ଜଙ୍ଗଲ ଉପଦେଷ୍ଟା କମିଟିଙ୍କ ସୁପାରିଶ କ୍ରମେ 21.11.1996 ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ରାଜ୍ୟରେ ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ନିମନ୍ତେ ଜଙ୍ଗଲ (ସଂରକ୍ଷଣ) ଆଇନ 1980 ସେକ୍ସନ-2 (II) ଅନୁସାରେ କେତେକ ସର୍ତ୍ତାବଳି ସହିତ **2107** ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ପ୍ରଥମ ସୋପାନ ଅନୁମତି/ନୀତିଗତ ଅନୁମୋଦନ ଦିଆଯାଇଥିଲା ।

2) କେତେକ ଆର୍ଥିକ ବାଧତା ହେତୁ ଓଡ଼ିଶା ସରକାର 2002 ମସିହାରେ, ଉକ୍ତ ପ୍ରକଳ୍ପକୁ ଭାଗ ଭାଗରେ କାର୍ଯ୍ୟାନୁୟନ କରିବା ପାଇଁ ସୋପାନ-1 ଜଙ୍ଗଲ ଅନୁମୋଦନ ମଧ୍ୟରୁ **812** ହେକ୍ଟର ପାଇଁ ସୋପାନ-2 ଅନୁମୋଦନ ଲାଗି ଅନୁରୋଧ କରିଥିଲେ । ରାଜ୍ୟ ସରକାରଙ୍କ ଅନୁରୋଧକୁ ବିଚାର କରି ଏହି ମନ୍ତ୍ରଣାଳୟ, ଉପରୋକ୍ତ ପତ୍ର ସଂଖ୍ୟା ତାରିଖ 14.05.2003 ରେ କେତେକ ସର୍ତ୍ତ ଅନୁପାଳନ ସହିତ **812** ହେକ୍ଟର (ନୀତିଗତ ଭାବରେ ଦିଆଯାଇଥିବା **2107** ହେକ୍ଟର ଜଙ୍ଗଲ ଜମିରୁ, 812 ହେକ୍ଟର ସୋପାନ-2 ଜଙ୍ଗଲ ଅନୁମୋଦନ ଦେଇଥିଲେ।

3) ବର୍ତ୍ତମାନ, ଓଡ଼ିଶା ସରକାର ତାଙ୍କର ପତ୍ର ସଂଖ୍ୟା 10F (CONS) 212/2016 (Pt.) 20941/F&E ତାରିଖ 11.11.2016 ରେ 874.5957 ହେକ୍ଟର ଜଙ୍ଗଲ ଜମି (ସୋପାନ-1ର ବାକି ଥିବା 1295 ହେକ୍ଟର ଜଙ୍ଗଲ ଜମି ପାଇଁ ମିଳିଥିବା ଅନୁମୋଦନ ମଧ୍ୟରୁ), ଜଙ୍ଗଲ ସଂରକ୍ଷଣ ଆଇନ 1980 ସୋପାନ-2 ଅଧିନରେ ପରିବର୍ତ୍ତନ ପାଇଁ, ସୋପାନ-2 ଅନୁମୋଦନ ପାଇଁ ଅନୁରୋଧ କରିଅଛନ୍ତି; ଏବଂ ପରବର୍ତ୍ତି ସମୟରେ ପତ୍ର ସଂଖ୍ୟା 2425/9F(Irrg.-2015/2004 ତାରିଖ 05.02.2018, 10F(Cons)-11/ 2018(Pt)/ 5885(F&E) ତାରିଖ 14.03.2018, 10F(Cons)-11/2018(Pt)/ 16220(F&E) ତାରିଖ 25.07.2018 ଏବଂ ସଂଖ୍ୟା 3239/9F (Irrg.) 353/2018 ତାରିଖ 20.02.2019 ଉପରୋକ୍ତ ପ୍ରସ୍ତାବ ଉପରେ ଅନୁପାଳନ ବିବରଣୀ/ ଅତିରିକ୍ତ ସୂଚନା ଦାଖଲ କରିଅଛନ୍ତି ।

4) ଜଙ୍ଗଲ ଉପଦେଷ୍ଟା କମିଟିଙ୍କ ସୁପାରିଶ ଆଧାରରେ ଏବଂ ଯୋଗ୍ୟ କର୍ତ୍ତୁପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ବିଳମ୍ବ ଜନିତ କ୍ଷମା ଅନୁସାରେ, ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର, ନିର୍ମାଣ ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ କରିବା ସହିତ **2107** ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ **874.5957** ହେକ୍ଟର ବଳକା ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ପୂର୍ବାନୁମୋଦନ ଦିଆଗଲା । ପ୍ରଥମ ସୋପାନ ଅନୁମୋଦିତ 2107 ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ ଆଗରୁ 812 ହେକ୍ଟର ପାଇଁ ଅନୁମୋଦନ ଦିଆଯାଇଅଛି ଏବଂ କେନାଲର ଅନୁସୂଚିତ ସ୍ଥିତିରେ 312.8467 ହେକ୍ଟର (ଯାହାକି 1996 ରେ ଦିଆଯାଇଥିବା ସୋପାନ-1ର ଅନ୍ତର୍ଭୁକ୍ତ ନୁହଁ) ପରିବର୍ତ୍ତନ ପାଇଁ ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ (ବ୍ୟାରେଜ ଓ କେନାଲ ବ୍ୟବସ୍ଥା)ର ନିର୍ମାଣ ପାଇଁ ପୂର୍ବାନୁମୋଦନ ଦିଆଗଲା, ଯାହା ନିମ୍ନଲିଖିତ ସର୍ତ୍ତାବଳୀକୁ ପୂରଣ କରିବା ବିଧେୟ:

i) ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ ।
ii) ବ୍ୟବହାର କରୁଥିବା କର୍ତ୍ତୁପକ୍ଷଙ୍କୁ, ଆବଶ୍ୟକ ପରିମାଣର ଅଣ-ଜଙ୍ଗଲ ଜମି ପ୍ରକଳ୍ପ ପାଇଁ ହସ୍ତାନ୍ତର କଲାପରେ, ଜଙ୍ଗଲ ଜମି ଦିଆଯିବ ।
iii) **ରାଜ୍ୟ ସରକାର 874.5957 ହେକ୍ଟର ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ, ବ୍ୟବହାରକାରୀ ସଂସ୍ଥା ଦ୍ୱାରା ବର୍ତ୍ତମାନର ମଜୁରୀ ହାର ଅନୁସାରେ କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ପାଇଁ ଓ କେନାଲରେ ବୃକ୍ଷ ରୋପଣ ପାଇଁ ଅଧିକା ଆବଶ୍ୟକ ପଡୁଥିବା ପାଣ୍ଠି CAMPA ପାଣ୍ଠିରେ ଜମା ହେବା ସୁନିଶ୍ଚିତ କରିବେ ।**
iv) ରାଜ୍ୟ ସରକାର ଚୂଡାନ୍ତ ନିର୍ଦ୍ଦେଶ ଦେବା ପୂର୍ବରୁ କ୍ଷତିପୁରଣ ଲେଭି ସହିତ NPV/CA ପାଇଁ ଆବଶ୍ୟକ ପାଣ୍ଠି ବ୍ୟବହାରକାରୀ ସଂସ୍ଥା ଠାରୁ ଆଦାୟ କରିବେ ।
v) ଯଦି ପୂର୍ବରୁ ଗ୍ରହଣ ଯୋଗ୍ୟ ଅଣ ଜଙ୍ଗଲ ଜମି, ରାଜ୍ୟ ଜଙ୍ଗଲ ବିଭାଗକୁ କ୍ଷତିପୁରଣ ଜଙ୍ଗଲ ସୃଷ୍ଟି ପାଇଁ ହସ୍ତାନ୍ତର ଓ ଦାଖଲ ଖାରଚ ହୋଇନାହିଁ, ତେବେ ହସ୍ତାନ୍ତର ଓ ଦାଖଲ ଖାରଚ ପର। ସେ ଜମିକୁ ଭାରତ ଜଙ୍ଗଲ ଆଇନ 1927ର ସେକ୍ସନ-4 ଅଧିନରେ ସଂରକ୍ଷିତ ଜଙ୍ଗଲ ଅବା ସେକ୍ସନ-29 ଅଧିନରେ ସଂରକ୍ଷିତ ଜଙ୍ଗଲ ଅବା ରାଜ୍ୟ ଜଙ୍ଗଲ ଆଇନର ଉପଯୁକ୍ତ ଧାରା ଅଧିନରେ ଘୋଷଣା କରିବେ ।
vi) ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ, ବ୍ୟବହାରକାରୀ ସଂସ୍ଥା ଠାରୁ ଆଦାୟ ହୋଇ ରାଜ୍ୟ ଜଙ୍ଗଲ ବିଭାଗରେ କ୍ଷତିପୁରଣ ଜଙ୍ଗଲ ସୃଷ୍ଟି ପାଇଁ ଦାଖଲ କରାଯାଇଥିବା ଟ.-6,2171,710/- ଓ ଜଳସେଚିତ ବୃକ୍ଷ ରୋପଣ ପାଇଁ ଟ.6,4175,510/- ଅନୁମୋଦିତ ଯୋଜନାରେ ବ୍ୟବହାର କରାଯାଇଅଛି ଅବା ଉପଯୋଗ ହେଉଅଛି । ଉକ୍ତ ପାଣ୍ଠି ଉପଯୋଗର ପ୍ରାମାଣିକ ଦସ୍ତାବିଜ ଏହି ମନ୍ତ୍ରଣାଳୟ ଏବଂ ଏହାର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ଦାଖଲ କରିବେ ।
vii) ରାଜ୍ୟ ସରକାର ରାଜ୍ୟ ବନ ବିଭାଗ ସହିତ ଆଲୋଚନା କରି ପ୍ରକଳ୍ପ ଖର୍ଚ୍ଚରେ ଅନୁମୋଦିତ ଜାଗାମାନଙ୍କରେ ଜଙ୍ଗଲି ହାତୀମାନଙ୍କ ଯିବା ଆସିବା ପାଇଁ ଚଲାପଥ ନିର୍ମାଣ କରିବେ ।
viii) ରାଜ୍ୟ ସରକାର ରାଜ୍ୟ ବନ ବିଭାଗ ସହିତ ପରାମର୍ଶ କରି ପ୍ରକଳ୍ପ ଖର୍ଚ୍ଚରେ କେନାଲ ବନ୍ଧରେ ବୃକ୍ଷ ରୋପଣ ସୁନିଶ୍ଚିତ କରିବେ ।
ix) ରାଜ୍ୟ ସରକାର ରାଜ୍ୟ ବନ ବିଭାଗ ସହିତ CAMPA ପାଣ୍ଠିରେ ଜମା ହୋଇଥିବା ଟଙ୍କାରେ ଅବବାହିକାର ଉନ୍ନତି ପାଇଁ ଅନୁମୋଦିତ ଯୋଜନା କାର୍ଯ୍ୟକାରି କରିବେ ।
x) ରାଜ୍ୟ ସରକାର ବ୍ୟବହାରକାରୀ ସଂସ୍ଥା ଦ୍ୱାରା ରାଜ୍ୟର ପୁନର୍ବାସ ଓ ଥଇଥାନ ନୀତି ଓ ଭାରତ ସରକାରଙ୍କର ଜାତୀୟ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ପୁନର୍ବାସ ଓ ଥଇଥାନ ଯୋଜନା, ପ୍ରକଳ୍ପ ଆରମ୍ଭ ପୂର୍ବରୁ କାର୍ଯ୍ୟକାରୀ କରିବେ । ଉକ୍ତ ପୁନର୍ବାସ ଓ ଥଇଥାନ ଯୋଜନାକୁ ରାଜ୍ୟ ସରକାର/MoEF&CCର ଆଞ୍ଚଳିକ କାର୍ଯ୍ୟାଳୟ ସୂଚକ ନିର୍ଦ୍ଦେଶକ ଏବଂ ଆଶା କରାଯାଉଥିବା ପରିଦର୍ଶନୀୟ ମାଇଲଖୁଣ୍ଟ ଅନୁସାରେ ଯାଞ୍ଚ କରିବେ ।
xi) ସୃଷ୍ଟି କରାଯାଇଥିବା ଜଳଭଣ୍ଡାରକୁ ଭାରତୀୟ ଜଳ-ଜଙ୍ଗଲ ଆଇନ 1927 ଅନୁସାରେ ନିୟନ୍ତ୍ରିତ ମାଛଧରା ଅଞ୍ଚଳ ସହିତ "ସଂରକ୍ଷିତ ଜଙ୍ଗଲ" ଭାବେ ଘୋଷଣା କରିବେ ।
xii) ସମ୍ପୃକ୍ତ ଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଧାରିତ ପ୍ରମାଣପତ୍ର ଦ୍ୱାରା FRA, 2006 ର ସମ୍ପୂର୍ଣ୍ଣ ପ୍ରତିପାଳନ ସୁନିଶ୍ଚିତ କରାଯିବ ।
xiii) FRL-4 ମିଟର ମଧ୍ୟରେ ଗଛକଟା ନିୟନ୍ତ୍ରିତ ହେବ ଏବଂ କେବଳ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଗଛ କଟାଯିବ । ପ୍ରକଳ୍ପ କାର୍ଯ୍ୟାନ୍ୟୁଅନ ସମୟରେ ଠିକ୍ ଅଣ୍ଟିଗଲା ପରି ଅଳ୍ପ ସଂଖ୍ୟକ ଗଛ କଟାଯିବ ।
xiv) ଆବଶ୍ୟକତା ଅନୁସାରେ ବ୍ୟବହାରକାରୀ ସଂସ୍ଥା ପରିବେଶ ବନ୍ଧନୀ ସଂରକ୍ଷଣ ଆଇନ 1986 ଅନୁସାରେ ପରିବେଶ ଅନୁମୋଦନ ହାସଲ କରିବେ ।
xv) ବ୍ୟବହାରକାରୀ ସଂସ୍ଥା ଜଳାଶୟର ପ୍ରାନ୍ତ ଅଞ୍ଚଳରେ ବନିକରଣ କରିବେ ।
xvi) କେନ୍ଦ୍ର ସରକାରଙ୍କର ପୂର୍ବ ଅନୁମୋଦନ ବିନା ପ୍ରସ୍ତାବରେ ଦିଆଯାଇଥିବା ଲେ-ଆଉଟ ପ୍ଲାନ ପରିବର୍ତ୍ତନ କରାଯାଇପାରିବ ନାହିଁ ।
xvii) ଜଙ୍ଗଲ ଜମିରେ ଶ୍ରମିକ ବସତି ସ୍ଥାପନ କରାଯିବନାହିଁ ।
xviii) ବ୍ୟବହାରକାରୀ ସଂସ୍ଥା, ରାଜ୍ୟ ଜଙ୍ଗଲ ବିଭାଗ କିମ୍ବା ଜଙ୍ଗଲ ଉନ୍ନୟନ କର୍ପୋରେଶନ କିମ୍ବା କୌଣସି ଅନ୍ୟ ଆଇନ ସଂଗତ ସଂସ୍ଥାଠାରୁ ଜାଳେଣୀ କାଠ ଅଥବା ଅନ୍ୟ ପ୍ରକାର ଜାଳେଣୀ ଦ୍ରବ୍ୟ କିଣି ଶ୍ରମିକମାନଙ୍କୁ ଯୋଗାଇଦେବେ ।
xix) ସଂପୃକ୍ତ DFOଙ୍କ ନିର୍ଦ୍ଦେଶ ଅନୁସାରେପ୍ରକଳ୍ପ ଖର୍ଚ୍ଚରେ ପରିବର୍ତ୍ତିତ ଜଙ୍ଗଲ ଜମିର ସୀମା ଚିହ୍ନିତ ହେବ ।
xx) ପ୍ରକଳ୍ପ କାର୍ଯ୍ୟକାରି କରିବା ପାଇଁ ପରିବହନ ନିମନ୍ତେ କୌଣସି ଅତିରିକ୍ତ ଅଥବା ନୂଆ ରାସ୍ତା ଜଙ୍ଗଲ ଭିତରେ ତିଆରି ହେବ ନାହିଁ ।
xxi) ଏହି ଅନୁମୋଦନ ବ୍ୟବହାରକାରୀ ସଂସ୍ଥାକୁ ଦିଆଯାଇଥିବା ଲିଜ୍ ଅବଧି ଅଥବା ପ୍ରକଳ୍ପ ଅବଧି, ଏହି ଦୁଇଟି ମଧ୍ୟରୁ ଯାହାର ଅବଧି କମ୍, ତା ସହିତ ଶେଷ ହେବ ।
xxii) ପ୍ରକଳ୍ପ ପ୍ରସ୍ତାବରେ ଦିଆଯାଇଥିବା ଉଦ୍ଦେଶ୍ୟ ବ୍ୟତୀତ, ଅନ୍ୟ କୌଣସି କାରଣ ପାଇଁ ଏହି ଜଙ୍ଗଲ ଜମି ବ୍ୟବହାର ହେବ ନାହିଁ ।
xxiii) ଭାରତ ସରକାରଙ୍କ ବିନା ଅନୁମତିରେ ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମି କୌଣସି ପରିପ୍ରେକ୍ଷୀରେ କୌଣସି ସଂସ୍ଥା, ବିଭାଗ କିମ୍ବା ବ୍ୟକ୍ତି ବିଶେଷଙ୍କୁ ଦିଆଯାଇପାରିବ ନାହିଁ ।
xxiv) ବ୍ୟବହାରକାରୀ ସଂସ୍ଥା ଏବଂ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ଉପଯୋଗି ନ୍ୟାୟାଳୟର ନିର୍ଦ୍ଦେଶନାମା, ବ୍ୟବସ୍ଥାବଳୀ ଆଇନ ଧାର୍ଯ୍ୟ ନିୟମ ଓ ନିର୍ଦ୍ଦେଶାବଳୀ ପାଳନ ନିଶ୍ଚିତ କରିବେ ।
xxv) ଏ ସର୍ତ୍ତାବଳୀ ମଧ୍ୟରୁ ଯେ କୌଣସିଟିର ଲଂଘନ, ଜଙ୍ଗଲ (ସଂରକ୍ଷଣ ଆଇନ 1980)ର ଉଲଂଘନ ହିସାବରେ ବିଚାର କରାଯିବ ଓ ଏହି ମନ୍ତ୍ରଣାଳୟର ପତ୍ର ସଂଖ୍ୟା 5-2/2017-FC ତାରିଖ 28.03.2019ର ପାରା 1.21 ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।
xxvi) ବନ ଓ ବନ୍ୟ ଜନ୍ତୁ ସଂରକ୍ଷଣ ରକ୍ଷା ଓ ସେମାନଙ୍କର ଉନ୍ନତି ପାଇଁ ବିଭିନ୍ନ ସମୟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିଭିନ୍ନ ସମୟରେ ଅନ୍ୟାନ୍ୟ ସର୍ତ୍ତାବଳୀ ଲାଗୁ କରିପାରନ୍ତି ।

ଆପଣଙ୍କର ବିଶ୍ୱସ୍ତ
**ସ୍ୱାକ୍ଷର/-17.05.2019**
**(ସନ୍ଦିପ ଶର୍ମା)**
**ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରାଲ ଅଫ ଫରେଷ୍ଟସ(FC)**

32343/11/0001/1920

# ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
## ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No.: 04-PP: ୨୦୧୯-୨୦ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। **ବାତ୍ୟା ''ଫନୀ''କୁ ଦୃଷ୍ଟିରେ ରଖି ଆବେଦନ କରିବାର ଅନ୍ତିମ ତାରିଖ ତା୨୯।୦୬।୨୦୧୯ରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଅଛି।**

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ୍ (G.S.P.) | ଜାତୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ/ଜାତୀୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାର ପ୍ରାପ୍ତ/ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ/ରାଜ୍ୟ ନମୁନା ପୁରସ୍କାର ପ୍ରାପ୍ତ ଓ ରାଜ୍ୟ ଦକ୍ଷତା ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ଜଣ ନୂତନ କାରିଗରଙ୍କୁ ତାଲିମ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୂନ ୩ବର୍ଷ କାମ କରିବାର ଅଭିଜ୍ଞତା ଥିବ। ଗୁରୁଙ୍କ ମାସିକ ପାରିତୋଷିକ ଟ.୨୦,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩,୦୦୦/-। ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ - ୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୪ ମାସ। |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCM Training) | ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empanelled MCM)ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁଭାବେ) ୧୫ ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ। ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ବର୍ଷ ବୟସ ମଧ୍ୟରେ ହୋଇଥିବେ। ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ। ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ। ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୧,୦୦୦/-। ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ। |
| | (ଗ) ଶିଳ୍ପୀଗ୍ରାମ ଯୋଜନା (Craft Village Programme) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ, ଯନ୍ତ୍ରପାତି ଯୋଗାଣ ଓ ବ୍ୟାଙ୍କ ଋଣ ପାଇଁ ସହାୟତା। ପ୍ରତି କାର୍ଯ୍ୟକ୍ରମ ପାଇଁ ୨ଟି ବା ତତୋଽଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୂନ ୩୦ଜଣ କାରିଗରଙ୍କୁ ବିଚାରକୁ ନିଆଯିବ। କାରିଗରମାନଙ୍କ ବୟସ ସୀମା ୧୮ରୁ ୫୦ବର୍ଷ। ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଓ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତିର ପରିମାଣ ଟ.୧,୦୦୦/-। ତାଲିମ୍ ଅବଧି; ଗ୍ରୁପ୍ A ହସ୍ତଶିଳ୍ପ - ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ। |
| ୨ | ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (PMJJBY and PMSBY) | ହସ୍ତଶିଳ୍ପ କାରିଗର ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟରତ ଥିବେ। ସେମାନଙ୍କ ବୟସ ତା୦୧।୦୬।୨୦୧୯ ସୁଦ୍ଧା ୧୮ ବର୍ଷରୁ ୫୦ ବର୍ଷ ମଧ୍ୟରେ ହୋଇଥିବ। ଏହି ଯୋଜନାରେ କାରିଗରଙ୍କୁ କୌଣସି ବାର୍ଷିକ ପ୍ରିମିୟମ ଦେବାକୁ ପଡ଼ିବ ନାହିଁ। ଏହି ଯୋଜନାରେ ଆବେଦନ କରିବାକୁ ଚାହୁଁଥିବା ହସ୍ତଶିଳ୍ପ କାରିଗରମାନେ ଆଧାର ନମ୍ବର, ମୋବାଇଲ ନମ୍ବର ଓ ବ୍ୟାଙ୍କ ପାସ୍ ବହିର ବିବରଣୀ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ। |
| ୩ | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ତଥା ବାସଗୃହ ନିର୍ମାଣ ଯୋଜନା (Workshed-cum-Housing) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୭୦ ବର୍ଗ ଫୁଟର କର୍ମଶାଳା ତଥା ବାସଗୃହ ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-)ର ଅନୁଦାନ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା/ଉପଯୁକ୍ତ ଦାରିଦ୍ର୍ୟ ସୀମାରେଖା ଊର୍ଦ୍ଧ୍ୱରେ ଥିବା କାରିଗର ଦରଖାସ୍ତ କରିପାରିବେ। ଆଦିବାସୀ/ହରିଜନ/ମହିଳା/ଭିନ୍ନକ୍ଷମ କାରିଗରମାନଙ୍କୁ ଅଗ୍ରାଧିକାରୀ ପ୍ରଦାନ। ପ୍ରାର୍ଥୀ ହସ୍ତଶିଳ୍ପ କ୍ଷେତ୍ରରେ ଅତିକମ୍‌ରେ ବିଗତ ୫ବର୍ଷ ଧରି କାର୍ଯ୍ୟରତ ଥିବେ। ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ର ନ ଥିବା କ୍ଷେତ୍ରରେ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ/ଜିଲ୍ଲା କୁଟୀର ଶିଳ୍ପ ଅଧିକାରୀ ଏ ବିଷୟରେ ପ୍ରମାଣପତ୍ର ପ୍ରଦାନ କରିବେ। |
| ୪ | ଶିଳ୍ପୀ ଉନ୍ନତି ଯୋଜନା (S.U.Y.) | ୧୮ରୁ ୬୦ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ/ତାଲିମ୍ ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/-ଙ୍କାର ଋଣ ପ୍ରଦାନ। କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର ଓ ଟସରଶିଳ୍ପ, କାଠ ଖୋଦେଇ, ପଥର ଖୋଦେଇ, ଆଦିବାସୀ ଅଳଙ୍କାର, କଂସା ଓ ପିତ୍ତଳ ଏବଂ ଢ଼ୋକ୍ରା କାମପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ। ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/-ର) ଆର୍ଥିକ ଅନୁଦାନ ସହାୟତା। |

**ବି.ଦ୍ର.:** ଗ୍ରୁପ୍ A ହସ୍ତଶିଳ୍ପ - ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟଚିତ୍ର, ରୁପା ତାରକସି କାମ, ଢୋକରା କାମ ଏବଂ କଂସା ଓ ପିତ୍ତଳ କାମ।

ଗ୍ରୁପ୍ B ହସ୍ତଶଳ୍ପ - ଅନୁମୋଦିତ ଅନ୍ୟ ୪୪ଗୋଟି ହସ୍ତଶିଳ୍ପ।

ଉପରୋକ୍ତ ସମସ୍ତ ଯୋଜନା ନିମନ୍ତେ ଦରଖାସ୍ତର ନମୁନା ଓ ସବିଶେଷ ତଥ୍ୟ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ଜିଲ୍ଲା ଶିଳ୍ପ କେନ୍ଦ୍ର/ସ୍ଥାନୀୟ ଶିଳ୍ପ ବିକାଶ ଅଧିକାରୀଙ୍କଠାରୁ ଉପଲବ୍ଧ ହୋଇପାରିବ। ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନାରେ ସହାୟତାପାଇଁ ନିର୍ଦ୍ଧାରିତ ଫର୍ମରେ ଆବଶ୍ୟକୀୟ କାଗଜ ପତ୍ର ସହିତ ସମ୍ପୃକ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର/ଆଞ୍ଚଳିକ ଶିଳ୍ପ କେନ୍ଦ୍ରରେ ତା୨୯।୦୬।୨୦୧୯ରିଖ ସୁଦ୍ଧା ଆବେଦନ କରନ୍ତୁ। ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ।

43002/11/0003/1920 **ସ୍ୱା./- ନିର୍ଦ୍ଦେଶକ, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

---

## OFFICE OF THE PRINCIPAL, SRI RAM HIGHER SECONDARY SCHOOL, KASHINAGAR
**DISTRICT, GAJAPATI, ODISHA, PIN-761206**
**E-Mail ID.srckngr@gmail.com**

**No.01** **Date: 29.05.2019**

No.05-N **QUOTATION CALL NOTICE**

The Principal, Sri Ram Higher Secondary School, Kashinagar, invites sealed Quotations from the registered suppliers/ authorized Dealers / manufacturers who are technically and financially sound and having valid GSTN, PAN, for supply of the Hardware infrastructure for Smart Class and IT Facilitation Lab (SCAIFL) at Sri Ram Higher Secondary School, Kashinagar. Bid documents consisting of required items, specifications, the schedule of quantities, term and conditions of contract and other necessary documents can be obtained from the office the undersigned during office hours except on Sundays and Public holidays and also can be downloaded from website **www.tendersorissa.gov.in //website www.gajapati.nic.in** from 10.00 A.M of 7.06.2019 and closed at 1.00 P.M of 20.06.2019. The bid documents will be received up to 5.00 P.M of Dt.20.06.2019 and opened on 21.06.2019 at 11.00 A.M. by the undersigned. Interested bidders may obtain any further information from the office of the undersigned.
Requirement of Hardware Infrastructure are as detailed below.

| Sl. No. | Name of the Item | Quantity |
|---|---|---|
| 01 | Computer System | 50 |
| 02 | Projector | 01 |
| 03 | Printer | 01 |
| 04 | Internet Hardware | 02 |

Further details of the hardware Infrastructure Requirement with Specification can be seen in the bidding documents.

**Sd./- Principal**
11039/11/0001/1920 **Sri Ram Higher Secondary School, Kashinagar**

---

## GOVERNMENT OF ODISHA
## "e"- PROCUREMENT NOTICE
## OFFICE OF THE SUPERINTENDING ENGINEER, KHORDHA
**(R&B) CIRCLE, KHORDHA WORKS DEPARTMENT**

### Tender Call Notice
**E-mail: rbcirclekhurda@gmail.com**
**Bid Identification No. SE-Khordha (R&B)**
No.14-B **Circle-01/2019-20 Memo No - Dt.**

The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1. Nature of Work : Road Works
2. No. of Work : 1 No.
3. Tender Cost : Rs.10000.00 (On-Line)
4. Class of Contractor : 'B ' Class & 'A ' Class
5. Available of Bid document inthe Website : From Dt. 13.06.2019 10.00 AM to Dt. 24.06.2019, 05.00 PM 6.

Date of opening of Bid : Dt. 25.06.2019 at 11.30 AM

7. The Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in.** Any Addendum / Corrigendum / Cancellation of tender can also be seen in the said website.

34127/11/0001/1920 **Sd./- Superintending Engineer**

---

## GOVT. OF ODISHA
No.84-O
## OFFICE OF THE SUPERINTENDING ENGINEER
## RURAL WORKS CIRCLE, BHAWANIPATNA
**Bid identification No. BPT/Online-04/2019-20**
**Date10.06.2019**
### NOTICE INVITING TENDERS FOR BRIDGE WORK IN ODISHA
### NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of Patelpada to Sandibahali Road under UPANTA for the year 2018 19 in the District of Nuapada.
2. No of Works : 1No.
3. Location details : Nuapada District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/-
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 17.06.2019 11.00 A.M. | 08.07.2019 5.00 P.M. | 06.07.2019 | 09.07.2019 |

Further details can be seen from the website **"www.tendersorissa.gov.in"**

**Sd./- Superintending Engineer**
25102/11/0004/1920 **Rural Works Circle, Bhawanipatna**

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS CIRCLE, Bhawanipatna
### NOTICE
### FOR PRADHAN MANTRI GRAM SADAK YOJANA (PMGSY BATCH-I)
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. BPT/Online-01/2019-20**

**No. 81-O:-** The Superintending Engineer, Rural Works Circle, Bhawanipatna on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Kalahandi & Nuapada for 04 Packages (Four) number of packages with estimated cost totalling to Rs.9.01 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd.17.06.2019.

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB in the O/o the Engineer-In-Chief, Rural Works (PMGSY Branch), Odisha, Bhubaneswar/Superintending Engineer, Rural Works Circle, Bhawanipatna/ Concerned Executive Engineers, R.W.Division (as per Tender Call Notice), on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 08.07.2019 up to 5.00 P.M

For further details and corrigendum/addendum (if any) please log on to www.pmgsytenders.gov.in.

*Sd./- Superintending Engineer*
25102/11/0001/1920 *R.W. Circle, Bhawanipatna*

---

## DIRECTORATE OF FISHERIES, ODISHA, CUTTACK
**Phone no: 0671-2414061, Fax: 0671-2410521,**
**email:director.odifish@gmail.com**
Departmental web site:-www.odishafisheries.com
**DTCN No. 6824 /RD-XVII-DDIF-61/19**
**Dated, Cuttack, 11th June, 2019**

No.10-M: Tender Notice for award of contract for providing of services of 8 Nos of Data Entry Operator, 43 nos of Peon, 32 Nos. of Choukidar and 1 no of Sweeper for a period of one year from the date of agreement.
Sealed tenders are invited from reputed manpower agencies/service provider to provide the services of Data Entry Operators, Peons, Choukidars and Sweeper for a period of one year through a suitable placement agency on contract basis for day to day official work.
The detailed information for outsourcing the services of aforesaid posts has been given in the tender document which shall be downloaded from the Odisha Government portal Tender section link(http://www.odisha.gov.in/tender) from 13/06/2019 to 28/06/2019 till 5p.m. The last date for submission of tender document in complete shape through registered / speed post/Courier only to Director of Fisheries, Odisha, Cuttack in his official postal address is 28/06/2019 by 5 p.m.

06015/11/0003/1920 **Sd./-Director of Fisheries**

---

## Government of Odisha
## "e" Procurement Notice
**WORKS DEPARTMENT**
### Bid Identification No. S.E.K.C., Keonjhar
No.12-B **No. 01 / 2019-20**
**e-mail : sekcpwd_keonjhar@yahoo.com**
**Letter No. 1613 dt. 03.06.2019**

| | | | |
|---|---|---|---|
| 1. | Name of the work: | :- | Construction of One Block E Type Quarters (One Block-6 Nos) at Vigilance unit office Rourkela for the year 2018-19 |
| 2. | Estimated cost | :- | Rs. 134.69 Lakhs |
| 3. | Period of completion | :- | 06 (Six) Calendar Months |
| 4. | Date and Time of availability of Bid document in the portal | :- | From 11.00 Hours of 13.06.2019 to 16.00 Hours of 28.06.2019 |
| 5. | Last date / Time for receipt of bids in the portal | :- | 16.00 Hours of 28.06.2019 |
| 6. | Date of opening of Bid from Portal | :- | 12.00 Hours on 29.06.2019 |
| 7. | Name and address of the officer inviting Bid | :- | Superintending Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal **"http://tendersodisha.gov.in"**

**Sd./- Superintending Engineer**
34033/11/0002/1920 **Keonjhar (R&B) Circle, Keonjhar**

---

## Government of Odisha
No.13-B
## "e" Procurement Notice
**WORKS DEPARTMENT**
**Bid Identification No. S.E.K.C., Keonjhar No. 02 / 2019-20**
**e-mail : sekcpwd_keonjhar@yahoo.com**
**Letter No.1624** **Dt. 03.06.2019**

| | | | |
|---|---|---|---|
| 1. | Name of the work: | :- | Improvement of St.Johns Church Chhak to Koel Bridge Road such as Widening & Strengthening from 0/000 to 1/336 Km with Saucer Drain for the year 2018-19 |
| 2. | Estimated cost | :- | Rs. 174.00 Lakhs |
| 3. | Period of completion | :- | 06 (Six) Calendar Months |
| 4. | Date and Time of availability of Bid document in the portal | :- | From 11.00 hours of 13.06.2019 to 16.00 Hours of 28.06.2019 |
| 5. | Last date / Time for receipt of bids in the portal | :- | 16.00 hours of 28.06.2019 |
| 6. | Date of opening of Bid from Portal | :- | 12.00 hours on 29.06.2019 |
| 7. | Name and address of the officer inviting Bid | :- | Superintending Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal **"http://tendersodisha.gov.in"**

**Sd./- Superintending Engineer**
34033/11/0003/1920 **Keonjhar (R&B) Circle, Keonjhar**

---

## OFFICE OF THE EXECUTIVE ENGINEER
**Rayagada (R&B) Division No-I, Rayagada, Pin – 765001 .**
**Phone/Fax:(06856)222149, e-Mail: eepwd765001@gmail.com**
### Quotation Call Notice No. RC(R&B) RGD :
No.16-B:- **01/2019-20 Dated 07.06.2019**

**No.3129** **Dated: 07.06.2019**

1. The Executive Engineer, Rayagada (R&B) Division No-I, Rayagada on behalf of Governor of Odisha invites Sealed quotation in prescribed schedule from the interested reputed Travel Agencies/ Tour Operators or private individuals having valid GSTIN and PAN in the name of the firm for providing 1(One) No. AC / Non-AC Bolero or a similar type Diesel driven vehicle having sitting capacity not more than ten including driver, which shall conform to the Terms and conditions of Detailed Quotation Call Notice for the use in the office of the Assistant Executive Engineer, Kashipur (R&B) Sub-Division, Kashipur on monthly rent basis.
2. The Detailed quotation call notice containing specifications, all other term and conditions can be obtained from the office of the Executive Engineer, Rayagada (R&B) Division on payment of Rs. 100/- (Rupees One hundred) only from 11.00 hours of dt 22.06.2019 to 16.30 hours of dt. 06.07.2019.
3. The quotation completed in all respect should be delivered in the tender box having quotation No. RC(R&B)RGD-01/2019-20.
4. The quotation received shall be opened at 11.00 AM of 08.07.2019 in the office of the Executive Engineer, Rayagada (R&B) Division No-I at Rayagada.
5. A sum of Rs 5000/- (Rupees five thousand ) only shall be deposited by the intending bidders in shape of Term Deposit Receipt drawn in favour of the Executive Engineer, Rayagada (R&B) Division No-I, Rayagada payable at Rayagada and submitted along with the quotation as security deposit. After completion of tender process, the amount will be refunded to unsuccessful bidders.
6. The other details can be seen in the Detailed Quotation call notice.
7. The authority reserves the right to accept or cancel the above quotation without assigning any reason thereof.

**Sd./- (P.M.Mishra), Executive Engineer**
34040/11/0001/1920 **Rayagada (R&B) Division No-I**

---

See Career Appointment on every Wednesday & Saturday



“ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଭାବେ ମୋ ନିଯୁକ୍ତି ନେଇ ପ୍ରକାଶ ପାଇଥିବା ଖବର ସମ୍ପୂର୍ଣ୍ଣ ମିଛ।

-ସୁଷମା ସ୍ୱରାଜ,
ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ



## ସଂକ୍ଷେପରେ

### ଶାହଙ୍କୁ ଭେଟିଲେ ୬ ରାଜ୍ୟପାଳ

ନୂଆଦିଲ୍ଲୀ,୧୧।୬(ପି.ଟି.) :୬ ରାଜ୍ୟର ରାଜ୍ୟପାଳ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ ସାକ୍ଷାତ କରି ରାଜ୍ୟଗୁଡ଼ିକର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜସ୍ଥାନ ରାଜ୍ୟପାଳ କଲ୍ୟାଣ ସିଂ, ଗୁଜରାଟ ରାଜ୍ୟପାଳ ଓମ୍‌ପ୍ରକାଶ କୋହଲି, କର୍ଣ୍ଣାଟକ ରାଜ୍ୟପାଳ ଭାଜୁଭାଇ ଭାଲା, ହିମାଚଳ ପ୍ରଦେଶ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମଣିପୁର ରାଜ୍ୟପାଳ ନଜ୍‌ମା ହେପ୍‌ତୁଲ୍ଲା, ଉତ୍ତରାଖଣ୍ଡ ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟ ଶାହଙ୍କ ସହ ସାକ୍ଷାତକରି ଅଲଗାଭାବେ ଆଲୋଚନା କରିଥିବା ଜଣାପଡ଼ିଛି। ଜୁନ୍ ୧ରେ ଦାୟିତ୍ୱ ଗ୍ରହଣ କରିବା ପରେ ଶାହ ପ୍ରଥମ ଥର ଲାଗି ରାଜ୍ୟପାଳମାନଙ୍କୁ ଭେଟିଛନ୍ତି।

### ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୧୧।୬(ପି.ଟି.) : ଜମ୍ମୁ-କଶ୍ମୀରର ସୋପିଆନ୍‌ରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୨ ଆତଙ୍କବାଦୀ ମଙ୍ଗଳବାର ନିହତ ହୋଇଛନ୍ତି। ସୋପିଆନ୍‌ର ଆୱ୍ନୀରା ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚିଥିବା ଖବର ପାଇ ସୁରକ୍ଷାକର୍ମୀମାନେ ଚାରିପଟୁ କର୍ଡନ କରି ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଥିଲେ ବୋଲି ପୋଲିସ ମୁଖପାତ୍ର କହିଛନ୍ତି। ଆତଙ୍କବାଦୀଙ୍କ ପଟୁ ଗୁଳିମାଡ଼ କରାଯିବା ପରେ ସୁରକ୍ଷାକର୍ମୀ ଏହାର ଜବାବ୍ ଦେଇଥିଲେ। ଏନ୍‌କାଉଣ୍ଟର୍‌ରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଜଣାପଡ଼ିଛି ବୋଲି ପୋଲିସ ମୁଖପାତ୍ର କହିଛନ୍ତି।

### କେରଳ ଏକ୍ସପ୍ରେସ୍‌ର ୪ ଯାତ୍ରୀ ମୃତ

ଝାନ୍‌ସି, ୧୧।୬ : ପ୍ରବଳ ଗରମ ଗୁଳୁଗୁଳି ଯୋଗୁ କେରଳ ଏକ୍ସପ୍ରେସ୍‌ରେ ଯାଉଥିବା ୪ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଝାନ୍‌ସିରେ ଟ୍ରେନ୍ ପହଞ୍ଚିବା ବାଟରେ ଏଭଳି ଘଟଣା ଘଟିଛି। ଝାନ୍‌ସି ରେଲୱେ ଷ୍ଟେସନରେ ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ଲାଗି ପଠାଯାଇଛି। ଯାତ୍ରୀମାନେ ଏସ୍-୮ ଓ ଏସ୍-୯ ବଗିରେ ବସି ଆଗ୍ରାରୁ କୋଏମ୍ବାଟୁର ଯାଉଥିଲେ। ପୋଷ୍ଟ ମର୍ଟମ ପରେ ମୃତଦେହକୁ କୋଏମ୍ବାଟୁର ପଠାଯିବ ବୋଲି ରେଲ୍‌ୱେ ଡିଭିଜନାଲ ମ୍ୟାନେଜର୍ ନୀରଜ ଆମ୍ବିଷ୍ଟ କହିଛନ୍ତି।

### ଇତିହାସର ଆଇନାରେ
### ଜୁନ୍ ୧୨ର ପ୍ରମୁଖ ଘଟଣା

୧୯୬୪ ଜୁନ୍ ୧୨ରେ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବିଦ୍ୱେଷ ବିରୋଧୀ ନେତା ନେଲସନ୍ ମଣ୍ଡେଲାଙ୍କୁ କାରାଦଣ୍ଡାଦେଶ ଦିଆଯାଇଥିଲା। ସେ ମୁକ୍ତହେବା ପରେ ପରବର୍ତ୍ତୀ ଅବସ୍ଥାରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

୨୦୧୬ ଜୁନ୍ ୧୨ରେ ଫ୍ଲୋରିଡାର ଓର୍ଲାଣ୍ଡୋସ୍ଥିତ ଗେ ନାଇଟ କ୍ଲବ୍‌ରେ ଜଣେ ବନ୍ଧୁକଧାରୀଙ୍କ ଅଚାନକ ଆକ୍ରମଣରେ ୪୯ଜଣ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୫୮ ଆହତ ହୋଇଥିଲେ।

## ଫେଲ୍ ମାରିଛି କେନ୍ଦ୍ରର ଶସ୍ୟ ବୀମା ଯୋଜନା

# ଚାଷୀଙ୍କୁ ମିଳିନି ୫ ହଜାର କୋଟି

ନୂଆଦିଲ୍ଲୀ,୧୧।୬

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ବିଫଳ ହୋଇଛି। ୨୦୧୮ ଡିସେମ୍ବରରେ ଖରିଫ ଋତୁ ଶେଷ ହୋଇଥିବାବେଳେ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କ ଦାବିର ୪୦% ଅର୍ଥ ବୀମା କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ପଇଠ କରିନାହାନ୍ତି। ଏହି ବକେୟା ଅର୍ଥର ପରିମାଣ ୫ ହଜାର କୋଟି ଟଙ୍କା ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।


ଖରିଫ ଋତୁ ଶେଷରେ ଦେଶର ବିଭିନ୍ନ ଭାଗରେ ବ୍ୟାପକ ଫସଲହାନି ନେଇ ରିପୋର୍ଟ ଆସିଥିଲା। ନଷ୍ଟ ହୋଇଥିବା ଫସଲ ବାବଦକୁ ଚାଷୀମାନେ ମୋଟ ୧୨,୮୬୭ କୋଟି ଟଙ୍କା ଦାବି କରିଥିଲେ। ରାଜ୍ୟ ସରକାରଗୁଡ଼ିକ ମଧ୍ୟ ଏହାକୁ ପ୍ରମାଣୀକୃତ କରିଥିଲେ। ପିଏମ୍‌ଏଫ୍‌ବିୱାଇର ନିର୍ଦ୍ଦେଶାବଳୀ ଅନୁସାରେ ଅମଳ ଶେଷ ହେବାର ଦୁଇମାସ ମଧ୍ୟରେ ଚାଷୀଙ୍କୁ ଏହା ପଇଠ କରାଯିବା ଉଚିତ। ଅର୍ଥାତ୍ ୨୦୧୮ ଖରିଫର ଦାବି ଅର୍ଥ ୨୦୧୯ ଫେବୃୟାରୀରେ ଚାଷୀଙ୍କୁ ମିଳିଯିବା ଦରକାର ଥିଲା। ହେଲେ ବୀମା



କମ୍ପାନୀଗୁଡ଼ିକ ଅଦ୍ୟାବଧି କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ମୋଟ ଦାବି ଅର୍ଥର ୪୦% ଅର୍ଥାତ୍ ୫,୧୭୧ କୋଟି ଟଙ୍କା ଦେବାରେ ବିଫଳ ହୋଇଛନ୍ତି। ମେ ୧୦ ସୁଦ୍ଧା ଏତିକି ପରିମାଣ ଅର୍ଥ ବକେୟା ଥିବା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟରୁ ଆର୍‌ଟିଆଇରେ ସୂଚନା ମିଳିଛି। ଉଭୟ ପିଏମ୍‌ଏଫ୍‌ବିୱାଇ ଏବଂ ପୁନର୍ଗଠିତ ପାଣିପାଗ ଭିତ୍ତିକ ଶସ୍ୟ ବୀମା ଯୋଜନା (ଆର୍‌ଡବ୍ଲ୍ୟୁବିସିଆଇଏସ୍)ର ତଥ୍ୟ ମନ୍ତ୍ରଣାୟଳ ପକ୍ଷରୁ ଦିଆଯାଇଛି। ଆର୍‌ଡବ୍ଲ୍ୟୁବିସିଆଇଏସ୍‌ରେ ୫% ବୀମା ଦିଆଯାଉଥିବାବେଳେ ପିଏମ୍‌ଏଫ୍‌ବିୱାଇରେ ଅବଶିଷ୍ଟ ବୀମା ପ୍ରଦାନ କରାଯାଏ। ଯେଉଁ ଋତୁରେ ବୃଷ୍ଟିପାତ ୧୦% ନିଅଣ୍ଟ ହୋଇ ଦେଶର ବିଭିନ୍ନ ଭାଗରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି, ସେଭଳି ସମୟରେ ଚାଷୀଙ୍କୁ ସେମାନଙ୍କ ବୀମା ଅର୍ଥ ମିଳିବାରେ ବିଳମ୍ବ ହୋଇଛି। ଏହି କ୍ଷେତ୍ରରେ ମହାରାଷ୍ଟ୍ରର ସର୍ବାଧିକ ୩,୮୯୩ କୋଟି ଦାବିରୁ ୩୬% ଅର୍ଥାତ୍ ୧,୪୧୬ ଟଙ୍କା ବାକି ରହିଛି। ଏମିତି ୬ଟି ରାଜ୍ୟ ରହିଛି ଯେଉଁଠି ବୀମା ଦାବିର ୧୦୦% ଅର୍ଥ ପଇଠ କରିବା ବାକି ଅଛି। ତହିଁରୁ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ତେଲେଙ୍ଗାନା ସବୁଠୁ ବେଶି ମରୁଡ଼ିର ସମ୍ମୁଖୀନ ହେଉଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏର ପ୍ରଥମ ପାଳିରେ ସରକାର ପିଏମ୍‌ବିଏଫ୍‌ବିୱାଇକୁ ପ୍ରୋତ୍ସାହିତ କରିଥିଲେ। ଫସଲହାନି ଜନିତ ଗ୍ରାମାଞ୍ଚଳରେ ଦୁର୍ଦ୍ଦଶା ଦୂର କରିବା ଥିଲା ଏହାର ଲକ୍ଷ୍ୟ, ଯାହାକି ପୂରଣ ହୋଇନାହିଁ। ଭାରତରେ ଋତୁକାଳୀନ ଫସଲହାନିର ଏକ ମୁଖ୍ୟ କାରଣ ହେଉଛି ବୃଷ୍ଟିପାତର ଅଭାବ। କାରଣ ଦେଶର ୬୫% ଫସଲ ଅଞ୍ଚଳ ବର୍ଷା ଉପରେ ନିର୍ଭର କରେ। ତେଣୁ ବୃଷ୍ଟିପାତରେ ନିଅଣ୍ଟ ବେଳେ ଶସ୍ୟବୀମା ଦାବି ଅର୍ଥ ପଇଠ କରିବା ସରକାରଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ଖରିଫ୍ ଋତୁ ପାଇଁ ବୁଣାବୁଣି କାର୍ଯ୍ୟ ଜୁନ୍ ଓ ଜୁଲାଇରେ କରାଯାଏ। ଭାରତରେ ମୋଟ ବୃଷ୍ଟିପାତର ୭୦% ମୌସୁମୀର ଅବଦାନ, ଯାହାକି ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ହୋଇଥାଏ। ୨୦୧୮ରେ ମୌସୁମୀ ସ୍ୱାଭାବିକଠାରୁ କମ୍ ଥିଲା। ଦୀର୍ଘ ସମୟ ଅବଧିଠାରୁ ୯.୪% କମ୍ ବୃଷ୍ଟିପାତ ହୋଇଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଏହା ଥିଲା ନିଅଣ୍ଟିଆ ବୃଷ୍ଟିପାତରେ ଲଗାତର ପଞ୍ଚମ ବର୍ଷ। ଏଥିଯୋଗୁ ୭ ରାଜ୍ୟ ନିଜକୁ ମରୁଡ଼ିଗ୍ରସ୍ତ ଘୋଷଣା କରିଥିଲେ। ଏହି ରାଜ୍ୟଗୁଡ଼ିକରେ ମୋଟ ୧୫ ନିୟୁତ ହେକ୍ଟର ଚାଷଜମିର ଫସଲ ପ୍ରଭାବିତ ହୋଇଥିଲା।

## ଦୁଇ ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି



ନୃପେନ୍ଦ୍ର ମିଶ୍ର



ପ୍ରମୋଦ କୁମାର ମିଶ୍ର

ନୂଆଦିଲ୍ଲୀ,୧୧।୬(ଆଇଏଏନ୍‌ଏସ୍)

ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ନୃପେନ୍ଦ୍ର ମିଶ୍ର ଓ ଅତିରିକ୍ତ ପ୍ରଧାନ ସଚିବ ପ୍ରମୋଦ କୁମାର ମିଶ୍ରଙ୍କ କାର୍ଯ୍ୟକାଳ ୫ ବର୍ଷ ବୃଦ୍ଧି କରାଯାଇଛି। ଏହାସହ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ଦୁଇ ଅବସରପ୍ରାପ୍ତ ଅଧିକାରୀଙ୍କୁ କ୍ୟାବିନେଟ ମନ୍ତ୍ରୀପାହ୍ୟା ଦିଆଯାଇଛି। ମେ ୩୧ରୁ ଏହା କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି।

ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ମଙ୍ଗଳବାର ୧୯୪୫ ମାର୍ଚ୍ଚ ୮ରେ ଜନ୍ମିତ ନୃପେନ୍ଦ୍ର ମିଶ୍ର ଏବଂ ୧୯୪୮ ଅଗଷ୍ଟ ୧୧ରେ ଜନ୍ମଗ୍ରହଣ କରିଥିବା ପି.କେ. ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି କରିଛି। ମୋଦି

**ମିଳିଲା କ୍ୟାବିନେଟ ପାହ୍ୟା**

ସରକାରଙ୍କ ପ୍ରଥମ ପାଳି ୨୦୧୪ ମେ ୨୮ରେ ନୃପେନ୍ଦ୍ର (ଉତ୍ତରପ୍ରଦେଶ କ୍ୟାଡର ୧୯୬୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ)ଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ କରାଯାଇଥିଲା। ସେହିପରି ୨୦୧୪ ଜୁନ୍ ୯ରେ ଅତିରିକ୍ତ ପ୍ରଧାନ ସଚିବ ଭାବେ ପି.କେ. ମିଶ୍ର (ଗୁଜରାଟ କ୍ୟାଡର ୧୯୭୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ)ଙ୍କୁ ନିଯୁକ୍ତି ଦିଆଯାଇଥିଲା। ପ୍ରକାଶ ଯେ, ଏହାପୂର୍ବରୁ ଏନ୍‌ଏସ୍‌ଏ ଅଜିତ୍ ଡୋଭାଲଙ୍କ କାର୍ଯ୍ୟକାଳ ୫ ବର୍ଷ ବୃଦ୍ଧି କରାଯାଇ ତାଙ୍କୁ କ୍ୟାବିନେଟ ପାହ୍ୟା ଦିଆଯାଇଛି।

## ପଶ୍ଚିମବଙ୍ଗରେ ଆଉ ୨ ମୃତ, ୩ ଆହତ

**କୋଲକାତା,୧୧।୬:**ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ପୁଣି ୨ ଜଣ ବୋମାମାଡ଼ରେ ପ୍ରାଣ ହରାଇଥିବାବେଳେ ୩ ଆହତ ହୋଇଥିବା ଜଣାପଡ଼ିଛି। କାଙ୍କିନାଡା ଅଞ୍ଚଳର ବରୁଇପଡ଼ାଠାରେ ଏହି ଘଟଣା ଘଟିଛି। ଭାଜପା ସମର୍ଥକ ଏଭଳି କରିଥିବା ମନ୍ତ୍ରୀ ଜ୍ୟୋତିପ୍ରିୟ ମଲ୍ଲିକ ଅଭିଯୋଗ କରିଥିବାବେଳେ ଭାଜପାର ବାରାକ୍‌ପୋର ଏମ୍‌ପି ଅର୍ଜୁନ୍ ସିଂ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।



କୋଲକାତାସ୍ଥିତ ବିଦ୍ୟାସାଗର କଲେଜ ପରିସରରେ ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ଉନ୍ମୋଚନ ପରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମେ ୧୪ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ ସମୟରେ ଭାଜପା-ଟିଏମ୍‌ସି ମଧ୍ୟରେ ସଂଘର୍ଷ ବେଳେ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଦିଆଯାଇଥିଲା।

## ବୀରେନ୍ଦ୍ର କୁମାର କାମଚଳା ବାଚସ୍ପତି

ନୂଆଦିଲ୍ଲୀ,୧୧।୬

ଜୁନ୍ ୧୭ରୁ ସଂସଦର ପ୍ରଥମ ଅଧିବେଶନ ଆରମ୍ଭ ହେଉଥିବାବେଳେ ଭାଜପା ଏମ୍‌ପି ବୀରେନ୍ଦ୍ର କୁମାର କାମଚଳା ବାଚସ୍ପତିଭାବେ ନିଯୁକ୍ତି ପାଇଛନ୍ତି। ସଂସଦରେ ତାଙ୍କ ଅଭିଜ୍ଞତାକୁ ଆଧାର କରି ରାଷ୍ଟ୍ରପତି ଭବନ ପକ୍ଷରୁ ଏହି ନିଯୁକ୍ତି



ପ୍ରଦାନ କରାଯାଇଛି। ବୀରେନ୍ଦ୍ର କୁମାର ମଧ୍ୟପ୍ରଦେଶରୁ ୭ଥର ଏମ୍‌ପି ହେବାର ଗୌରବ ଅର୍ଜନ କରିଛନ୍ତି। ଟିକମ୍‌ଗଡ଼ର ଏହି ନେତା କାମଚଳା ବାଚସ୍ପତି ହେବା ପରେ ନବନିର୍ବାଚିତ ଏମ୍‌ପିଙ୍କୁ ଶପଥପାଠ କରାଇବା ସହ ଲୋକ ସଭାରେ ଅଧ୍ୟକ୍ଷତା କରି ନୂଆ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ସହଯୋଗ କରିବେ।

୧୯୯୬ ମସିହାରୁ ପ୍ରତ୍ୟେକ ନିର୍ବାଚନ ଜିତିଆସୁଥିବା ବୀରେନ୍ଦ୍ର କୁମାର ତୃତୀୟ ବରିଷ୍ଠତମ ଏମ୍‌ପି। ୮ଥର ଏମ୍‌ପି ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ନୂଆ ଟିମ୍‌ରେ ନ ଥିବାବେଳେ ଏହି ପଦରେ ରହିବେ ବୋଲି ଆଶା କରାଯାଉଥିଲା। ହେଲେ ଶେଷରେ ବୀରେନ୍ଦ୍ର କୁମାରଙ୍କୁ କାମଚଳା ବାଚସ୍ପତି କରାଯାଇଛି।

## ଶରଦ କୁମାର ମଧ୍ୟବର୍ତ୍ତିକାଳୀନ ସିଭିସି

ନୂଆଦିଲ୍ଲୀ,୧୧।୬(ପି.ଟି.)

ଭିଜିଲାନ୍ସ କମିଶନର ଶରଦ କୁମାରଙ୍କୁ ମଧ୍ୟବର୍ତ୍ତିକାଳୀନ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର (ସିଭିସି)ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ଦ୍ୱାରା ନୂଆ ସିଭିସି ବଛା ନ ଯିବା ପର୍ଯ୍ୟନ୍ତ ସେ ଏହି ଗୁରୁଦାୟିତ୍ୱରେ ରହିବେ। ସିଭିସି କେ.ଭି. ଚୌଧୁରୀ ଓ ଭିସି ଟି.ଏମ୍. ଭାସିନ୍‌ଙ୍କ କାର୍ଯ୍ୟକାଳ ଯଥାକ୍ରମେ ରବିବାର ଓ ସୋମବାର ଶେଷ ହୋଇଛି। ଅନ୍ୟ ଭିଜିଲାନ୍ସ କମିଶନର ଶରଦ କୁମାରଙ୍କୁ ଏଥିଲାଗି କାମଚଳା ସିଭିସିଭାବେ ଅବସ୍ଥାପିତ କରାଯାଇଛି।



ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଶରଦ କୁମାର ପୂର୍ବରୁ ଆତଙ୍କବାଦ ନିରୋଧ ତଦନ୍ତ କମିଟି ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ)ର ମୁଖ୍ୟ ଥିଲେ। ଗତବର୍ଷ ଜୁନ୍ ୧୨ ତାରିଖରେ ସେ ଭିସିଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆସନ୍ତାବର୍ଷ ଅକ୍ଟୋବରରେ ସିଭିସିରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ।

## ୟୁପି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ପ୍ରଶାନ୍ତ କନୋଜିଆଙ୍କୁ ତୁରନ୍ତ ମୁକ୍ତ କର

ନୂଆଦିଲ୍ଲୀ,୧୧।୬(ପି.ଟି.)

ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ କରି ଗିରଫ ହୋଇଥିବା ଖବରଦାତା ପ୍ରଶାନ୍ତ କନୋଜିଆଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ପ୍ରଶାନ୍ତଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ୟୁପି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନାଗରିକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ସହ ସାଲିସ କରାଯାଇ ପାରିବ ନାହିଁ। ସମ୍ବିଧାନଠାରୁ ଏହି ଅଧିକାର ମିଳିଥିବାରୁ ଏହାର ଉଲ୍ଲଂଘନ କରାଯାଇପାରିବ ନାହିଁ ବୋଲି ଇନ୍ଦିରା ବାନାର୍ଜୀ ଓ ଅଜୟ ରସ୍ତୋଗୀଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି।

ପ୍ରକାଶ ଯେ, ପ୍ରଶାନ୍ତ ଟୁଇଟର ଓ ଫେସ୍‌ବୁକ୍‌ରେ ଏକ ଭିଡିଓ ଶେୟାର



**ଯୋଗୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ**


କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ନୌସ୍ଥିତ ଅଫିସ ବାହାରେ ଜଣେ ମହିଳା ବିଭିନ୍ନ ଗଣମାଧ୍ୟମର ଖବରଦାତାଙ୍କୁ ସମ୍ବୋଧିତ କରୁଥିବାବେଳେ ଯୋଗୀ ଆଦିତ୍ୟନାଥଙ୍କ ନିକଟକୁ ବିବାହ ପାଇଁ ପ୍ରସ୍ତାବ ପଠାଇଥିବା ଏଥିରେ ଦେଖିବାକୁ ମିଳିଥିଲା। ଯୋଗୀଙ୍କ ଛବି ଖରାପ କରିବା ଉଦ୍ଦେଶ୍ୟରେ ପ୍ରଶାନ୍ତ ଏହି ଭିଡିଓ ଅପ୍‌ଲୋଡ୍ କରିଥିବା ଦର୍ଶାଇ ହଜରତ୍‌ଗଞ୍ଜ ଥାନାର ଜଣେ ସବ୍-ଇନ୍‌ସପେକ୍ଟର ଶୁକ୍ରବାର ମାମଲା ରୁଜୁ କରିଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା। ଫଳରେ ପ୍ରଶାନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଆବେଦନର ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ, ନାଗରିକଙ୍କ ସ୍ୱାଧୀନତା ଅଧିକାର ପବିତ୍ର, ଯହିଁରେ ହସ୍ତକ୍ଷେପ କରାଯାଇ ପାରିବ ନାହିଁ। ତେଣୁ ରାଜ୍ୟ ସରକାର ପ୍ରଶାନ୍ତଙ୍କୁ ମୁକ୍ତକରିବା ପାଇଁ ଉଦାରତା ଦେଖାନ୍ତୁ। ତେବେ ପ୍ରଶାନ୍ତଙ୍କୁ ଜାମିନ ପ୍ରଦାନର ଅର୍ଥ ତାଙ୍କ ପୋଷ୍ଟ ବା ଟୁଇଟ୍‌ଗୁଡ଼ିକୁ ଅନୁମତି ଦିଆଯିବା ବୋଲି ଧରିନିଆଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ ସ୍ତ୍ରୀ ଜାଗିଷା ଆରୋରା ଏହାକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ୟୁପି ପୋଲିସ ପ୍ରଶାନ୍ତଙ୍କୁ ଅସାମ୍ବିଧାନିକ ଭାବେ ଗିରଫ କରିଥିଲା। ସ୍ୱାମୀଙ୍କୁ ଜାମିନ ମିଳିବା ପରେ ସମ୍ବିଧାନ ପ୍ରତି ତାଙ୍କ ଆସ୍ଥାକୁ ପୁନଃ ସ୍ଥାପିତ କରିଛି ବୋଲି ସେ କହିଛନ୍ତି।

## ୩୦ରୁ ମୋଦିଙ୍କ ନୂଆ ‘ମନ୍ କି ବାତ୍’

ନୂଆଦିଲ୍ଲୀ,୧୧।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ମନ୍ କି ବାତ୍’ ରେଡିଓ କାର୍ଯ୍ୟକ୍ରମ ପୁଣି ଜୁନ୍ ୩୦ ତାରିଖରେ ଆରମ୍ଭ ହେବ। ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବାର ମାସକ ପରେ ସେ ପୁଣି ଏହି କାର୍ଯ୍ୟକ୍ରମ ଆରମ୍ଭ କରିବେ। ଫେବୃୟାରୀ ୨୪ ତାରିଖରେ ପ୍ରଥମ ପାଳିର ଶେଷ ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ମୋଦି ମନକଥା ଖୋଲି କହିଥିଲେ। ଏବେ ବିଭିନ୍ନ ପ୍ରସଙ୍ଗ ଓ ଚିନ୍ତାଧାରାକୁ ନେଇ ଏହାର ସିରିଜ୍ କାର୍ଯ୍ୟକ୍ରମ ଜାରି ରହିବ । ଜନସାଧାରଣ ଏନେଇ ମତାମତ ଦେବା ଲାଗି ଜୁନ୍ ୧୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଫୋନ୍‌ଲାଇନ୍ ଖୋଲା ରହିଛି।







ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୧ | ୨୫.୭ |
| ଚାନ୍ଦବାଲି | ୪୦.୦ | ୨୮.୨ |
| କଟକ | ୩୯.୮ | ୨୫.୦ |
| ପାରାଦ୍ୱୀପ | ୩୪.୧ | ୨୯.୨ |
| ଭୁବନେଶ୍ୱର | ୪୦.୩ | ୨୬.୬ |
| ଗୋପାଳପୁର | ୩୨.୪ | ୨୭.୫ |
| ପୁରୀ | ୩୫.୬ | ୨୭.୮ |
| ଅନୁଗୋଳ | ୪୧.୭ | ୧୯.୬ |
| ବାରିପଦା | ୩୭.୨ | ୨୭.୫ |
| ଝାରସୁଗୁଡ଼ା | ୪୪.୨ | ୨୯.୬ |
| କେନ୍ଦୁଝର | ୩୯.୨ | ୨୫.୦ |
| ସମ୍ବଲପୁର | ୪୫.୦ | ୩୦.୦ |
| ସୁନ୍ଦରଗଡ଼ | ୪୧.୦ | ୨୪.୦ |
| ହୀରାକୁଦ | ୪୪.୪ | ୨୯.୬ |
| ତାଳଚେର | ୪୨.୫ | ୨୬.୩ |
| ଭବାନୀପାଟଣା | ୪୦.୬ | ୩୧.୦ |
| ବଲାଙ୍ଗୀର | ୪୧.୮ | ୨୫.୦ |
| କୋରାପୁଟ | ୩୪.୪ | ୨୩.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୪ | ୨୩.୫ |
| ମାଲକାନଗିରି | ୪୦.୨ | ୨୨.୪ |
| ସୋନପୁର | ୪୪.୦ | ୨୭.୦ |
| ଦାରିଙ୍ଗିବାଡ଼ି | ୩୫.୦ | ୨୩.୫ |

ଡିଗ୍ରୀ ସେଲ୍‌ସିୟସ୍


# ଭୟଙ୍କର ବାତ୍ୟାର ରୂପ ନେଉଛି ‘ବାୟୁ’

ନୂଆଦିଲ୍ଲୀ,୧୧।୬(ପି.ଟି.)

ଭୟଙ୍କର ରୂପ ନେଉଛି ବାତ୍ୟା ‘ବାୟୁ’। ଆରବସାଗରରୁ ଗୁଜରାଟ ଉପକୂଳ ଆଡ଼କୁ ଏହା ମୁହାଁଇଥିବାବେଳେ ଏହି ଝଡ଼ବାତ୍ୟା ଉଗ୍ରରୂପ ଧାରଣ କରିବାର ଆଶଙ୍କା ରହିଛି। ଫଳରେ ଗୁଜରାଟରେ ହାଇଆଲର୍ଟ ଜାରି କରାଯାଇଛି। ଗୁଜରାଟର ପୋରବନ୍ଦର ଓ ମହୁଭା ମଧ୍ୟରେ ଗୁରୁବାର ସକାଳେ ଏହା ମାଡ଼ହୋଇ ତାଣ୍ଡବ ରଚିବ ବୋଲି କୁହାଯାଉଛି। ଘଣ୍ଟାକୁ ୧୨୦ ରୁ ୧୩୫ କିମି ବେଗରେ ପବନ ମଧ୍ୟ ବହିବ। ଦୁଇଦିନ ପ୍ରବଳ ଝଡ଼ବର୍ଷା ରାଜ୍ୟରେ ବହୁଳ କ୍ଷତି ଘଟାଇବାର ଆଶଙ୍କା ରହିଛି। ପରିସ୍ଥିତିକୁ ଦେଖି ରାଜକୋଟରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଏଥିସହ ରାଜ୍ୟରେ ୨୬ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମୁତୟନ କରାଯାଇଛି।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯିବା ସହ ସୌରାଷ୍ଟ୍ର ଓ କଚ୍ଛରେ ଏହାର ପ୍ରଭାବ ପଡ଼ିବ ହେବ ବୋଲି କୁହାଯାଇଛି। ପଶ୍ଚିମ ଉପକୂଳରେ ପ୍ରବଳରୁ ଅତି ପ୍ରବଳ ବର୍ଷାହେବାର ଆଶଙ୍କା କରାଯାଉଛି। କେବଳ ଗୁଜରାଟ ନୁହେଁ କେରଳ, କର୍ଣ୍ଣାଟକ, ଦକ୍ଷିଣ ମୁମ୍ବାଇ, ଗୋଆ ଓ ଲାକ୍ଷାଦୀପ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ଦର୍ଶାଯାଇଛି। ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ସଜାଗ ରହିବା ସହ ଆବଶ୍ୟକ ସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରି ଉପଯୁକ୍ତ ବ୍ୟବସ୍ଥା ଓ ସେବା ଯୋଗାଇ ଦେବା ଲାଗି କୁହାଯାଇଛି। ଲୋକଙ୍କୁ ସ୍ୱାସ୍ଥ୍ୟସେବା, ପିଇବା ପାଣିର ସୁବିଧା, ବିଜୁଳି ଯୋଗାଣ ଆଦି ସେବା ଯୋଗାଇବା ଲାଗି ପରାମର୍ଶ ଦିଆଯାଇଛି। ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ, ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ଅଧିକାରୀ, କ୍ୟାବିନେଟ ସଚିବ ପ୍ରମୁଖ ଯୋଗଦେଇଥିଲେ। ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଭାରତୀୟ ତଟରକ୍ଷୀ ବାହିନୀ, ସ୍ଥଳ ସେନା, ନୌସେନା ଓ ବାୟୁସେନାକୁ ସଜାଗ ରହିବା ଲାଗି କୁହାଯାଇଛି। ୨୪ ଘଣ୍ଟା କଣ୍ଟ୍ରୋଲ ରୁମ୍ ଖୋଲା ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଝଡ଼ବାତ୍ୟା ଯୋଗୁ ଉପକୂଳ ଗୁଜରାଟରେ ଦେଢ଼ ମିଟର ପର୍ଯ୍ୟନ୍ତ ଜୁଆର ଉଠିବାର ଆଶଙ୍କା କରାଯାଉଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ପଶ୍ଚିମ ଉପକୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ପ୍ରକାଶଥାଉ କି, ଗତ ମାସରେ ବାତ୍ୟା ‘ଫନୀ’ ଓଡ଼ିଶାରେ ତାଣ୍ଡବ ରଚିବା ସହ ବ୍ୟାପକ କ୍ଷୟକ୍ଷତି କରିଥିଲା। ଏଥିରେ ପ୍ରାୟ ୬୦ ଜଣଙ୍କ ଜୀବନ ଯାଇଥିଲା।

- ଗୁଜରାଟରେ ହାଇ ଆଲର୍ଟ
- ରାଜକୋଟ୍‌ରେ ଶିକ୍ଷାନୁଷ୍ଠାନ ଛୁଟି
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ରାଜ୍ୟରେ ଏନ୍‌ଡିଆର୍‌ଏଫ୍ ମୁତୟନ
- ପ୍ରସ୍ତୁତି ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପିନାକେଲ ପ୍ରା.ଲିଃ ଏବଂ ଏନଏମଆଇଇଟି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନର ମିଳିତ ଆନୁକୂଲ୍ୟରେ ନିଯୁକ୍ତି ମେଳା, ଏନଏମଆଇଇଟି ପରିସର,ପାତ୍ରପଡ଼ା, ପୂର୍ବାହ୍ନ ୧୦ଟା।
- ସମନ୍ୱିତ ଉଦ୍ୟାନ କୃଷି ମିଶନର କୃଷି ସମ୍ପର୍କିତ ଆଲୋଚକ୍ର ଉଦ୍‌ଯାପିତ, ବିଜୁ ପଟ୍ଟନାୟକ ହଲ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ସାମ୍ବାଦିକ ଆସୋସିଏଶନର ବାର୍ଷିକ ଉତ୍ସବ, ସାମ୍ବାଦିକ ଭବନ, ୟୁନିଟ-୩, ପୂର୍ବାହ୍ନ ୧୦ଟା ୩୦।
- ପ୍ରଫେସର ବିଷ୍ଣୁପ୍ରିୟା ଅଭିନନ୍ଦନ ସମିତି ଆନୁକୂଲ୍ୟରେ ଏକ ସ୍ୱାରସତ ସଭା, ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ବାଲିଯାତ୍ରା କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା, ବାଲିଯାତ୍ରା ପଡ଼ିଆ, ବରିମୁଣ୍ଡ, ଅପରାହ୍ନ ୫ଟା।
- ହରିହର ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଷ୍ଠାନର ୧୦ମ ବାର୍ଷିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ନୃତ୍ୟ ଅନୁଷ୍ଠାନ ନୃତ୍ୟ ପ୍ରତିଭା ପକ୍ଷରୁ ରଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ମହିଳାଙ୍କୁ ଗାଳିଗୁଲଜ କରି ଜେଲ ଗଲେ ଅଭିଯୁକ୍ତ

ଭୁବନେଶ୍ୱର,୧୧।୬(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରି ବିହାର କଲୋନୀରେ ଜଣେ ମହିଳାଙ୍କୁ ଗାଳିଗୁଲଜ କରିବାରୁ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା କାନପୁର ଥାନା ଅନ୍ତର୍ଗତ କାଞ୍ଚିଆପଦା ଅଞ୍ଚଳର ସୁମନ ଭଞ୍ଜ। ସୋମବାର ରାତିରେ ସୁମନ ଓ ସାଙ୍ଗମାନେ ବିଡିଏ କଲୋନୀ ଅନ୍ତର୍ଗତ ନୀଳାଦ୍ରିବିହାର ଅଞ୍ଚଳରେ ଭୋଜି ଭାତ କରୁଥିଲେ। ରାତିରେ ମଦ୍ୟପାନ କରି କଲୋନୀରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ହୋ ହଲ୍ଲା କରିଥିଲେ। ଏ ନେଇ ସ୍ଥାନୀୟ କିଛି ଲୋକ ବିରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଏ ନେଇ କଲୋନୀର ଜଣେ ମହିଳା ଘଟଣାସ୍ଥଳକୁ ଆସି ସେମାନଙ୍କୁ ବାରଣ କରିବାରୁ ସୁମନ ଏବଂ ତାଙ୍କ ସାଙ୍ଗମାନେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ନେଇ ମହିଳା ଜଣଙ୍କ ମଙ୍ଗଳବାର ସକାଳେ ଥାନରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସୁମନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ପାଟ୍ରୋଲିଂ ସମୟରେ କନଷ୍ଟେବଲଙ୍କ ମୃତ୍ୟୁ

ଭୁବନେଶ୍ୱର,୧୧।୬(ବ୍ୟୁରୋ): ଖାରବେଳନଗର ଥାନାର ପିସିଆର-୨୭ରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତ କନ୍‌ଷ୍ଟେବଲ ହେଲେ ଜଗତସିଂହପୁର ଜିଲାର ସୁଶାନ୍ତ କୁମାର ଗୁରୁ(୪୩)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ସୁଶାନ୍ତ ୟୁନିଟ-୪ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ହଠାତ୍ ସେ ଯନ୍ତ୍ରଣା ଅନୁଭବ କରି ଚେତାଶୂନ୍ୟ ହୋଇପଡିଥିଲେ। ଅନ୍ୟ ପିସିଆର୍ କର୍ମଚାରୀ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

# 'ମୋ ବସ୍' ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା

## ଚଢ଼ିଗଲା ବସ୍, ୬ଦିନ ହେବ ଭେଣ୍ଟିଲେଟରରେ ଯୁବକ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ସ୍ମାର୍ଟସିଟି ରାସ୍ତାରେ ବିପଦ ସାଜୁଛି ସରକାରଙ୍କ ପକ୍ଷରୁ ଚାଲୁଥିବା 'ମୋ ବସ୍'। ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। କାହାର ଜୀବନ ଯାଉଛି ତ ପୁଣି କିଏ ଦିବ୍ୟାଙ୍ଗ ହୋଇଯାଉଛି। ଆଉ କିଏ ଜୀବନ ସହ ଡାକ୍ତରଖାନାରେ ସଂଗ୍ରାମ କରୁଛି। ବର୍ତ୍ତମାନ ରାସ୍ତାରେ ଆଉ ଦେଖିବାକୁ ମିଳୁ ନ ଥିବା ଡ୍ରିମ୍ ଟିମ୍ ସାହାରା ବସ୍ ଭଳି 'ମୋ ବସ୍' ସମାନ ପରିସ୍ଥିତି ସୃଷ୍ଟି କରୁଛି। କିଛିଦିନ ତଳେ ମୋ ବସ୍‌ର ଜଣେ ମଦ୍ୟପ ଡ୍ରାଇଭର ରାଜମହଲ ଛକରୁ ଏଜି ଛକ ମଧ୍ୟରେ ତିନି ଜଣଙ୍କୁ ସିରିଜ ଦୁର୍ଘଟଣା ଘଟାଇ ଫେରାର ହୋଇଥିଲେ। ଗତ ୫ ତାରିଖରେ ସମାନ ଧରଣର ଆଉ ଏକ ଦୁର୍ଘଟଣା ଘଟିଛି। ଜଣେ ବାଇକ୍ ଆରୋହୀଙ୍କ ଉପରେ ମୋ ବସ୍‌ଟି ଚଢ଼ିଯିବାରୁ ସେ ଏବେ ଡାକ୍ତରଖାନାରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ସେ ହେଲେ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ଗ୍ରାମର ସୁବାଶିଷ ଦାଶ ଓରଫ୍ ଲକି(୨୮)।

ମିଳିଥିବା ସୂଚନାନୁସାରେ, ଲକି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହି କଳ୍ପନା ଛକ ନିକଟରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି। ସେ ଗତ ୫ ତାରିଖରେ କାର୍ଯ୍ୟ ସାରି ବାଇକ୍‌ରେ ଫେରୁଥିଲେ। ରାତି ପ୍ରାୟ ୯ଟାରୁ ୯ଟା ୩୦ ମଧ୍ୟରେ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ପୂର୍ବରୁ 'ମୋ ବସ୍'ଟି ଦ୍ରୁତଗତିରେ ପଛରୁ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ତାଙ୍କ ଉପରେ ବସ୍‌ଟି ଚଢ଼ିଯାଇଥିଲା। ଲୋକେ ପାଟି କରିଥିଲେ ମଧ୍ୟ ଡ୍ରାଇଭର ଗାଡି ନ ରଖି ପଳାଇଥିଲେ। ବସ୍‌ଟି ଚାଲିଯିବା ପରେ ସେ ବଞ୍ଚିଥିବା ଦେଖି ତୁରନ୍ତ ଉଦ୍ଧାର କରି କିମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ସମ୍ପର୍କୀୟମାନେ ପହଞ୍ଚିଥିଲେ। ହେଲେ ସେଠାରେ ଆଇସିୟୁ ବେଡ୍ ଖାଲି ନ ଥିବାରୁ ପରିବାର ଲୋକେ ସମ୍ ଓ ପରେ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ହାତ ଓ ପିଞ୍ଜରା ହାଡ଼ ଭାଙ୍ଗି ଚୁନା ହୋଇଯାଇଛି। ଏକ ହାଡ ଲିଭରରେ ପଶି ରହିଥିବା ଜଣାପଡିଛି। ତେବେ ଜରୁରୀ ଅପରେଶନ ଆବଶ୍ୟକତା ରହିଥିଲେ ମଧ୍ୟ ସେ ପରିସ୍ଥିତିକୁ ଫେରିବା ପାଇଁ ଭେଣ୍ଟିଲେଟରରେ ରଖାଯାଇଛି। ଦିନକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାରୁ ଆର୍ଥିକ ସମସ୍ୟା ଦେଖାଦେଉଛି। ଏତେ ଟଙ୍କା ଖର୍ଚ୍ଚ କରିବା ବୁଢା ବାପା ଓ ରୋଗିଣା ମା'ଙ୍କ ପକ୍ଷେ କଷ୍ଟକର ହୋଇପଡିଛି। ଅନ୍ୟପକ୍ଷରେ ଲକିଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ବ୍ୟସ୍ତ ଥିବାରୁ ଏନେଇ ଥାନାରେ ଅଭିଯୋଗ କରିପାରିନାହାନ୍ତି। ପୁଅର ଚିକିତ୍ସା ଖର୍ଚ୍ଚ ମୋ ବସ୍ କର୍ତ୍ତୃପକ୍ଷ କିମ୍ବା ସରକାର ବହନ କରିବାକୁ ତାଙ୍କ ବାପା ନିବେଦନ କରିବା ସହ ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଦୁର୍ଘଟଣାସ୍ଥଳ ନିକଟରେ ଏକ ଜୁଏଲେରି ଶୋ'ରୁମ୍ ଓ ଅନେକ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ନିକଟରେ ସିସିଟିଭି ମଧ୍ୟ ଲାଗିଛି। ପୋଲିସ ସିସିଟିଭି ଓ ଦୁର୍ଘଟଣା ସମୟକୁ ଆଧାର କରି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଚିହ୍ନଟ କରି ଡ୍ରାଇଭଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ତେବେ ଏ ସଂକ୍ରାନ୍ତରେ ମୋ ବସ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ହୋଇପାରିନି।


ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଯୁବକ।

## ଚୋରାମାଟି ବୋଝେଇ ଟ୍ରାକ୍ଟରକୁ ଛାଡ଼ିଲେ ଅଧିକାରୀ

ବାରଙ୍ଗ,୧୧।୬(ଡି.ଏନ୍.ଏ.)

ବାରଙ୍ଗ ତହସିଲଦାରଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଗ୍ରାମଗୁଡ଼ିକର ଚାଷଜମିରୁ ବେଆଇନ ଭାବେ ମାଟି ଉଠୁଥିବା ଅଭିଯୋଗ ହୋଇଛି। ଏପରି କି ମାଟି ମାଫିଆମାନେ ଦ୍ୱିପ୍ରହରରେ ଏହି କାମ କରିବା ସହ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ କାର୍ଯ୍ୟାଳୟ ସାମ୍ନାଦେଇ ଟ୍ରାକ୍ଟର ଯୋଗେ ଏହି ଚୋରା ମାଟି ବିକ୍ରି କରିବାକୁ ଯାଉଥିବାବେଳେ ସମସ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି। ଏ ନେଇ ମଙ୍ଗଳବାରସଚେତନଶୀଳନାଗରିକମାନେ ତହସିଲଦାରଙ୍କଠାରୁ ଆରମ୍ଭ କରି ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅଭିଯୋଗ ପାଇ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଏହି ମାଫିଆମାନଙ୍କ ସହ କଥାହୋଇ ବିନା କାର୍ଯ୍ୟାନୁଷ୍ଠାନରେ ଫେରିଆସିଛନ୍ତି ।

ପ୍ରକାଶ ଯେ, କିଛିଦିନ ହେବ ବାରଙ୍ଗ ଅଞ୍ଚଳରେ ଥିବା ଚାଷଜମି ଓ ସରକାରୀ ଜାଗାରୁ ମାଟିମାଫିଆମାନେ ତହସିଲ କାର୍ଯ୍ୟାଳୟର ବିନା ଅନୁମତିରେ ଜେସିବି ଲଗାଇ ମାଟି ଖୋଳି ଟ୍ରାକ୍ଟର ଦ୍ୱାରା ବିକ୍ରୟ କରୁଛନ୍ତି। ମଙ୍ଗଳବାର ସକାଳେ ତଳଗଡ ଅଞ୍ଚଳରୁ ଇଡକୋକୁ ଦିଆଯାଇଥିବା ଜାଗାରୁ ୨ଟି ଜେସିବି ଦ୍ୱାରା ମାଟି ଖୋଳାଯାଇ ୧୮ଟି ଟ୍ରାକ୍ଟର ଯୋଗେ ମାଟି ଉଠାଯାଉଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଏତେପରିମାଣର ଟ୍ରାକ୍ଟର ଲାଗିଥିବା ଦେଖି ସ୍ଥାନୀୟ ଯୁବକମାନେ ବାରଙ୍ଗ ତହସିଲଦାର, ରାମଦାସପୁର ରାଜସ୍ୱ ନିରୀକ୍ଷକଙ୍କୁ ଫୋନ ଯୋଗେ ଅବଗତ କରିଥିଲେ। ରାମଦାସପୁର ସହକାରୀ ରାଜସ୍ୱ ନିରୀକ୍ଷକ ରାମଚନ୍ଦ୍ର ପରିଡା ସକାଳ ୧୦ଟାରେ ଘଟଣାସ୍ଥଳରେ ପହଞ୍ଚିବାସହ ଟ୍ରାକ୍ଟର ଓ ଜେସିବି ଚାଳକଙ୍କ ସହ କଥାହୋଇ ବିନା କାର୍ଯ୍ୟାନୁଷ୍ଠାନରେ ଫେରିଆସିଥିଲେ। ଯାହାକୁ ନେଇ ତହସିଲ ଅଧିକାରୀ ଓ ମାଟିଚୋରା ମାଫିଆମାନଙ୍କ ମଧ୍ୟରେ ଥିବା ଭିତିରି ସମ୍ପର୍କକୁ ନେଇ ଆଲୋଚନା ଯୋର ଧରିଛି। ଏ ବିଷୟରେ ବାରଙ୍ଗ ତହସିଲାଦାର ରମେଶଚନ୍ଦ୍ର ଜେନାଙ୍କୁ ପଚାରିବାରୁ ସେ କଥାକୁ ହାଲ୍‌କା ଭାବେ ନେଇ ଯଦି ହୋଇଥାଏ ତାଙ୍କୁ ଆମେ ଶୋ'କଜ ମାଗିବୁ ତା'ପରେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଥିଲେ।


ବେଆଇନ ଭାବେ ମାଟି ଖୋଳାଯାଉଛି।

## ଚୋରି ମୋବାଇଲ ଫୋନ୍ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଘରେ ପଶି ମୋବାଇଲ ଚୋରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କଠାରୁ ଚୋରି ଫୋନ୍ ଜବତ କରିଛି। ସେ ହେଲେ ବାରିପଦା ଅସ୍ତିଆ ଅଞ୍ଚଳର ତେଲିପ୍ରିୟା ସବର। ଏହି ଥାନା ଅନ୍ତର୍ଗତ ରେଲ୍‌ୱେ କଲୋନୀରେ ଜାଗେଶ୍ୱର ମହାନ୍ତି ସପରିବାର ରୁହନ୍ତି। ସୋମବାର ସକାଳ ୬ଟାରେ ଜାଗେଶ୍ୱରଙ୍କ ଭଉଣୀ ଶୋଇଥିବାବେଳେ ଅଭିଯୁକ୍ତ ତେଲିପ୍ରିୟା ଘରେ ପଶି ତାଙ୍କ ମୋବାଇଲ ଫୋନ୍ ଚୋରି କରି ଚମ୍ପଟ ମାରିଥିଲେ। ମଙ୍ଗଳବାର ସକାଳେ ଜାଗେଶ୍ୱର ତାଙ୍କ ଭଉଣୀଙ୍କ ସହ ବାଇକରେ ଯାଉଥିବାବେଳେ ସୈନିକ ସ୍କୁଲ୍ ନିକଟରେ ଅଭିଯୁକ୍ତ ତେଲିପ୍ରିୟା ବୁଲୁଥିବା ଦେଖିଥିଲେ। ସନ୍ଦେହରେ ତାଙ୍କୁ ଧରି ପଚରାଉଚରା ସହ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ଉକ୍ତ ଚୋରି ମୋବାଇଲ ମିଳିଥିଲା। ପରେ ତାଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ନେଇ ଥାନାରେ ୨୧୮/୧୯ରେ ଏକ ମାମଲା ରୁଜୁ କରିବା ସହ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ନନ୍ଦନକାନନ ପୁନରୁଦ୍ଧାର କାର୍ଯ୍ୟରେ ଦୁର୍ନୀତି

### ନିମ୍ନମାନର ସାମଗ୍ରୀରେ ଚାଲିଛି କାମ

ବାରଙ୍ଗ,୧୧।୬(ଡି.ଏନ୍.ଏ.)

ଆଉ ଅଳ୍ପଦିନ ପରେ ଓଡ଼ିଶାରେ ମୌସୁମୀ ପ୍ରବେଶ କରିବାକୁ ଯାଉଥିବାର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବର୍ଷା ଆସିବା ପୂର୍ବରୁ ବାତ୍ୟାରେ ଭାଙ୍ଗିଯାଇଥିବା ନନ୍ଦନକାନନର ସୁରକ୍ଷା ପ୍ରାଚୀର କାମ ସାରିବାକୁ ଉଦ୍ୟମ ଚାଲିଥିବାର ଦେଖିବାକୁ ମିଳିଛି। କିନ୍ତୁ ଖାମଖିଆଲ ମନୋଭାବ ଯୋଗୁ ଭାଙ୍ଗିଯାଇଥିବା ପ୍ରାଚୀରକାମରୁ ଶତକଡା ୨୫ଭାଗ ପୁନରୁଦ୍ଧାର କାମ ଅଦ୍ୟାବଧି ସରିନାହିଁ। ମୌସୁମୀ ଆସିବାର ସୂଚନା ପାଇ ପ୍ରାଚୀର ମରାମତି କାମକୁ ଗୁରୁତ୍ୱ ଦିଆଯାଇଛି। ବାତ୍ୟାରେ ୩୫ଟି ଜାଗାରେ ସୁରକ୍ଷା ପ୍ରାଚୀର ସମୁଦାୟ ୮ଶହ ମିଟର ଭାଙ୍ଗିଛି। ସେଥିମଧ୍ୟରୁ ୯୦ଭାଗ ଭଙ୍ଗା ପ୍ରାଚୀରର ପୁନରୁଦ୍ଧାର କାମ ନନ୍ଦନକାନନ ସୁରକ୍ଷା ବିଭାଗ ରେଞ୍ଜରଙ୍କ ଦ୍ୱାରା କରାଯାଉଛି। ବିଭାଗୀୟ ରେଞ୍ଜର ମାତ୍ର ୭ଟି ଜାଗାରେ କାମ ଆରମ୍ଭ କରିଥିବାବେଳେ ୨୮ଟି ଜାଗାରେ କାମ ବାକି ରହିଛି। ତରବରିଆଭାବେ କରାଯାଉଥିବା ଏହି କାମର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାମର ମାନ ଉପରିସ୍ଥ ଅଧିକାରୀମାନେ ତଦାରଖ କରୁ ନ ଥିବାରୁ ମନଇଚ୍ଛା କାମ ଚାଲୁଥିବା ଦେଖାଯାଇଛି। ଦେଖିବାପାଇଁ ପରିସର ସୁରକ୍ଷା କାର୍ଯ୍ୟାଳୟ ଆଗରେ ପଡିଛି ଆଇଏସଆଇ ମାର୍କା ରଡ କିନ୍ତୁ ଭିତରେ ଲୋକାଲ ରଡ ବ୍ୟବହାର ହୋଇ କାମ ଚାଲିଛି। ଲୋକାଲ ମାର୍କେଟରେ ଶସ୍ତାରେ ମିଳୁଥିବା ଇଟା, ସିମେଣ୍ଟ, ବଜୁରିମିଶା ଚିପ୍ସ ବ୍ୟବହାର କରି ନିର୍ବିଘ୍ନରେ ପ୍ରାଚୀର କାମ ଚାଲିଛି। ଏହି କାମକୁ ବିଭାଗୀୟ ରେଞ୍ଜର ଠିକାରେ ଅନ୍ୟ ଜଣଙ୍କୁ ଦେଇଦେଇଥିବାରୁ କାମର ମାନ ପରଖୁ ନାହାନ୍ତି। ଫଳରେ କାମ ନିମ୍ନମାନର ହେଉଥିବା ଜଣାପଡ଼ିଛି। ଏ ବିଷୟରେ ସୁରକ୍ଷା ବିଭାଗର ରେଞ୍ଜର ମନୋରଞ୍ଜନ ପଟ୍ଟନାୟକଙ୍କୁ ପଚାରବାରୁ ବର୍ଷାପୂର୍ବରୁ କାମଶୀଘ୍ର ସାରିବାକୁ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ରହିଛି। ତେଣୁ କମ ସମୟ ଭିତରେ ବାରଙ୍ଗ ମାର୍କେଟରେ ଯାହାମିଳୁଛି ସେହି ସାମଗ୍ରୀ ନେଇ କାମ କରୁଛୁ । ହେଉଥିବା କାମ ସମ୍ପୂର୍ଣ୍ଣ ଭାବେ ଭଲ ହେଉଛି ବୋଲି କହିଥିଲେ।

## ଶିଶୁ ଶ୍ରମ ବିରୋଧୀ ଅଭିଯାନ କର୍ମଶାଳା

ବାଲିଅନ୍ତା,୧୧।୬(ଡି.ଏନ୍.ଏ.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିକ୍‌କ ପକ୍ଷରୁ ସପ୍ତାହ ବ୍ୟାପୀ ଶିଶୁ ଶ୍ରମ ବିରୋଧୀ ଅଭିଯାନର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବେଣ୍ଟପୁର ପଞ୍ଚାୟତର ସରପଞ୍ଚ ମୂରଲୀଧର ସାହୁ, ବେଣ୍ଟପୁରସ୍ଥିତ ଶ୍ରୀ ବାଣେଶ୍ୱର କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ, ମହାସଂଘ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପିକ୍‌କର ବ୍ଲକ ସଂଯୋଜିକା ଉପମା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ପଞ୍ଚାୟତକୁ ଶିଶୁ ଶ୍ରମ ମୁକ୍ତ ପଞ୍ଚାୟତ ପାଇଁ ସମସ୍ତେ ଶପଥ ପାଠ କରିଥିଲେ।

■ ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରିବା ଘଟଣା

## ଡିଜିପି କ୍ୟାମ୍ପ ଅଫିସ ସମ୍ମୁଖରେ ଓଡ଼ିଶା ଲୋକଦଳର ବିକ୍ଷୋଭ



ଭୁବନେଶ୍ୱର,୧୧।୬(ବ୍ୟୁରୋ)

ପାଟଣାଗଡ ବିଧାୟକ ସରୋଜ ମେହେର ଗତ ୫ ତାରିଖରେ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ସର୍ବସମ୍ମୁଖରେ ଉଠ୍‌ବସ୍‌କରିଥିଲେ। ଏନେଇ ବିଧାୟକଙ୍କ ନାମରେ ମାମଲା (ନଂ.୧୧୩/୧୯) ହୋଇଛି। ହେଲେ ପୋଲିସ ରାଜନୈତିକ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ ଓଡ଼ିଶା ଲୋକ ଅଭିଯୋଗ ଆଣି ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଦଳ ପକ୍ଷରୁ କୁହାଯାଇଛି, ଯଦି ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ତେବେ ଥାନା ଅଧିକାରୀ ପଦରେ ରହିବା କୌଣସି ଆବଶ୍ୟକ ନାହିଁ। ତେଣୁ ତାଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଦଳ ଦାବି କରିଛି। ଏନେଇ ଦଳ ପକ୍ଷରୁ ଡିଜିପିଙ୍କୁ ଏକ ଦାବିପତ୍ର ଦିଆଯାଇଛି।

**ରଥଖଳାରୁ...**

## ସରିଲା ୪୨ ଚକ ଅଖ ଡେରା

- ଦଣ୍ଡା, ମୁହାଁଟ, କଣଗୁଜ, ନିରାଡ଼ି ଉଠିଲା
- ୩୮ କଣଗୁଜ ଶେଷ, ଚାଲିଛି ଗରଗରା କଣ୍ଟା ତିଆରି

ପୁରୀ ଅଫିସ,୧୧।୬

ଶ୍ରୀନଅର ସମ୍ମୁଖ ରଥଖଳାରେ ତିନି ମୁଖ୍ୟ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥ କାର୍ଯ୍ୟ। ଶ୍ରୀକ୍ଷେତ୍ର ଉଭଁରୀରେ ୩ରଥର ଦୁଇଟି ଲେଖାଏଁ ଚକ ଅଖ ଡେରା ଯାଇଥିଲା। ମଙ୍ଗଳବାର ବଳକା ଚକ ଅଖ ଡେରା ଯାଇଛି। ନନ୍ଦିଘୋଷ ରଥର ୧୬ଟି, ତାଳଧ୍ୱଜର ୧୪ଟି ଓ ଦର୍ପଦଳନର ୧୨ଟି ଚକ ସହିତ ଯଥାକ୍ରମେ ୮, ୭ ଓ ୬ଟି ଅଖ ଡେରା ଯାଇଛି ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ସେହିପରି ୫ଟି ଦଣ୍ଡା ସହିତ ୨ଟି ମୁହାଁଟ, ୧୦ଟି ଲେଖାଏଁ କଣଗୁଜ ସଂଯୋଗ କରାଯାଇ ନିରାଡ଼ି (୨ପାର୍ଶ୍ୱରେ ୨ଟି) ଉଠିଛି। ଦଣ୍ଡାକାମ ଚାଲିଛି। ସେପଟେ ରୂପକାର ସେବକ ବଳକା କଣଗୁଜରେ ବ୍ୟସ୍ତ ରହିଛନ୍ତି। ତାଳଧ୍ୱଜ ରଥର ରୂପକାର ରାଜେନ୍ଦ୍ର ମହାପାତ୍ର କହିଛନ୍ତି, ମଙ୍ଗଳବାର ସୁଦ୍ଧା ୩୮ଟି କଣଗୁଜ ସରିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଲୁହାକଣ୍ଟା ତିଆରିରେ ଲାଗିଛନ୍ତି। ଦଣ୍ଡାକଣ୍ଟା ସରିବା ପରେ ଏବେ ଗରଗରା କଣ୍ଟା ତିଆରି ଚାଲିଛି। ୩ ରଥ ଲାଗି ୪ଟି ଲେଖାଏ ମୋଟ ୧୬ଟି କଣ୍ଟା ତିଆରି ହେବ ବୋଲି ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା କହିଛନ୍ତି। ଆଗକୁ ଗୟଲ ଓ ଯୋଖା କଣ୍ଟା ତିଆରି କରାଯିବ। ତାଳଧ୍ୱଜ ଓ ନନ୍ଦିଘୋଷ ରଥ ଗୟଲ କାଠ ଚିରଟ ସରିଛି। ଏବେ ଦର୍ପଦଳନର ରଥର କାଠ ଚିରଟ କରାଯିବ ବୋଲି କରତି ସେବକ ସୂଚନା ଦେଇଛନ୍ତି।

■ ବିଏମ୍‌ସିର ବର୍ଜ୍ୟ ପରିଚାଳନା ପ୍ରଶିକ୍ଷଣ ଶିବିର

## ତାଲିମ ନେଲେ ୧୨ଶହ କର୍ମଚାରୀ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ସାରା ଦେଶରେ ସଫେଇ କର୍ମଚାରୀ ମାନଙ୍କୁ ବର୍ଜ୍ୟ ପରିଚାଳନା ନିୟମ ବାବଦରେ ପ୍ରଶିକ୍ଷଣ ପାଇଁ ନିର୍ଦ୍ଦେଶାବଳୀ ରହିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମଧ୍ୟ ଏହାକୁ ଲାଗୁ କରିଛି। ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ବାବଦରେ ସଫେଇ କର୍ମୀଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଏହି ତାଲିମ ଦିଆଯାଇଛି। ଶିବିରରେ ପ୍ରାୟ ୧୨ଶହ ସଫେଇ କର୍ମୀଙ୍କୁ ତାଲିମ ଦିଆଯାଇଛି। ବିଏମ୍‌ସି ଦ୍ୱାରା ପରିଚାଳିତ ୧୦ଟି ୱାର୍ଡର ୬ଶହ କର୍ମଚାରୀ ଓ ରାମକିର ୬ଶହ କର୍ମଚାରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ସୋମବାର ଆୟୋଜିତ ଏହି ଶିବିରରେ ସ୍ୱଚ୍ଛ ଭୁବନେଶ୍ୱର ଅଭିଯାନ ସେଲ, ସିଟି ହେଲଥ ଅଫିସର ବରିଷ୍ଠ ଅଧିକାରୀଗଣ, ୱାର୍ଡ ଅଫିସର, ଜୋନାଲ କମ୍ୟୁନିଟି ଅର୍ଗାନାଜର୍ ଏବଂ ବିଜୁ ଯୁବବାହିନୀର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱଚ୍ଛ ଭୁବନେଶ୍ୱର ଅଭିଯାନ ସେଲ୍ ପକ୍ଷରୁ ୮ନଂ କମ୍ୟୁନିଟି ସେଣ୍ଟରରେ ଏହି ପ୍ରଶିକ୍ଷଣର ଆୟୋଜନ କରାଯାଇଥିଲା। ସ୍ୱଚ୍ଛ ଭୁବନେଶ୍ୱର ଅଭିଯାନ ସେଲ୍‌ର ମୁଖ୍ୟ ଅଧିକାରୀ ଡେପୁଟି କମିଶନର, ସାନିଟେସନ୍ ସଂଘମିତ୍ରା ବେହେରା, ସ୍ୱତନ୍ତ୍ର ପରିମଳ ଅଧିକାରୀ ଡ. ରଜନୀକାନ୍ତ ଦାସ ଏବଂ ଏମ୍‌ବିଏ ସେଲ୍‌ର ମୁଖ୍ୟ ମନୋରଞ୍ଜନ ସାହୁ ଶିବିରକୁ ପରିଚାଳନା କରିଥିଲେ। ଓଡିଆ ଭାଷାରେ ଦିଆଯାଇଥିବା ପ୍ରଶିକ୍ଷଣରେ ସଫେଇ କର୍ମୀଙ୍କୁ ବର୍ଜ୍ୟ ପରିଚାଳନା ନିୟମ ୨୦୧୬, ଘରୁ ଘରୁ ବର୍ଜ୍ୟ ସଂଗ୍ରହ, ଜୈବ୍ୟ ବିଘଟନ ଅଯୋଗ୍ୟ ବର୍ଜ୍ୟବସ୍ତୁ, ପରିବେଶ ଉପରେ ପ୍ଲାଷ୍ଟିକର କୁପ୍ରଭାବ, ଆତ୍ମ ସୁରକ୍ଷା ଉପକରଣ ଯଥା ଗ୍ଲୋବସ୍ ପିନ୍ଧିବା, ମ୍ୟାଟେରିଆଲ ରିକୋଭରି ସୁବିଧା ଇତ୍ୟାଦି କରିପାରିଲେ ଉକ୍ତ ନିୟମର ସଦୁପଯୋଗ ଭୁବନେଶ୍ୱରରେ ପ୍ରତିଫଳିତ ହୋଇପାରିବ ବୋଲି କୁହାଯାଇଥିଲା। ପରିମଳ ସଂସ୍ଥା ଜାଗୃତି ଏବଂ ପିଏମ୍‌ଆର୍‌ର କର୍ମୀମାନେ ମଙ୍ଗଳବାର ଏହି ପ୍ରଶିକ୍ଷଣରେ ଯୋଗଦେବେ।

**ଫଟୋରେ ଖବର**


ଗୁରୁ କେଳୁଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ମଙ୍ଗଳବାର ଜାଗୃତି କଲଚରାଲ ଏକାଡେମୀର ୨୦ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଶିଶୁମାନଙ୍କୁ ଯୁବ ସମ୍ମାନ ପ୍ରଦାନ କରୁଛନ୍ତି।


ରବୀନ୍ଦ୍ର ମଣ୍ଡପଠାରେ ମଙ୍ଗଳବାର ନୃତ୍ୟାର୍ଚ୍ଚନା ପକ୍ଷରୁ ଆୟୋଜିତ ଗୁରୁ ଦେବ ପ୍ରସାଦ ଦାସଙ୍କୁ ସମ୍ମାନ ପ୍ରଦାନ ଅବସରରେ କଳାକାରମାନଙ୍କ ନୃତ୍ୟ ପ୍ରଦର୍ଶନ।



ପ୍ରେସ୍ କ୍ଲବଠାରେ ଦେବକୀ ଫିଲ୍ମ ଆସୋସିଏଶନ ମାଝି ଏଣ୍ଟରଟେନମେଣ୍ଟ ପକ୍ଷରୁ ପ୍ରସ୍ତୁତ ଫିଲ୍ମ 'ତୁ ଲୈଲା ମୁଁ ମଜ୍‌ନୁ'ର ଶୁଭମହୁରତ।



ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତିପଥରେ ଚାଲିବା ପାଇଁ ବଳ ପାଇଥାଏ।
- ମାର୍ଟିନ ଲୁଥର



# କେଉଁଠି ପାଳିବେ ରଜ



**ଭୁବନେଶ୍ୱର,୧୧।୬: ପାଖେଇ ଆସିଛି ରଜ। ପୋଡ଼ପିଠାରୁ ଆରମ୍ଭ କରି ରଜ ପାନଖିଆ ଓ ରଜ ଦୋଳି ଖେଳ, ଯାହାର ଅପେକ୍ଷା ରହିଥାଏ ପ୍ରତି ଓଡ଼ିଆ ଘରେ। ପର୍ବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଗାଁଠୁ ସହର, ସବୁଠି ଆରମ୍ଭ ହୋଇଗଲାଣି ସଜବାଜ। କିଏ କେଉଁଠିକୁ ଯିବେ, କ'ଣ କରିବେ, ରଜର ମଜା କିଭଳି ଉଠାଇବେ, ସେ ନେଇ ଯୋଜନା ପ୍ରସ୍ତୁତି ସରିଲାଣି। ଏପଟେ ପ୍ରତିବର୍ଷ ଭଳି ଏଥର ମଧ ସହରରେ ଗାଁ ରଜର ଅନୁଭୂତି ଦେବାକୁ ବିଭିନ୍ନ ସଙ୍ଗଠନ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ରଜ ମହୋତ୍ସବ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ପାରମ୍ପରିକ ରଜକୁ ବଞ୍ଚାଇ ରଖିବା ସହ ସହରବାସୀଙ୍କୁ ପିଠା, ମିଠା, ଦୋଳି, ପାନ ଆଦିର ମଜାଦେବାକୁ ବିଭିନ୍ନ ବ୍ୟବସ୍ଥା ହୋଇଛି।**

ରିପୋର୍ଟ: ସସ୍ମିତା ପାଇକରାୟ

## ଏକାମ୍ର ହାଟରେ ରଜର ମଜା

ରଜ ପାଇଁ ଏକାମ୍ର ହାଟରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ପ୍ରୟାସ ଅନୁଷ୍ଠାନ ପକ୍ଷରୁ ଏକାମ୍ର ହାଟ ପରିସରରେ ରଜ ୩ଦିନ 'ପ୍ରୟାସ ରଜ ମହୋତ୍ସବ' ସିଜିନ-୨ ଅନୁଷ୍ଠିତ ହେବ। ଏହି ଅବସରରେ ପିଲାଙ୍କ ମଧ୍ୟରେ ପୁଚି, ରୁମାଲ ଚୋରି ଭଳି ପାରମ୍ପରିକ ଖେଳ ସହ ନୃତ୍ୟ, ଗୀତ, ମ୍ୟୁଜିକ୍ ଚେୟାର ଓ ଫ୍ୟାଶନ ଶୋ ଭଳି ପ୍ରତିଯୋଗିତା କରାଯିବ। ଏହାସହ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ମା'ମାନଙ୍କ ମଧ୍ୟରେ ଏକ ଭିନ୍ନସ୍ୱାଦର ପ୍ରତିଯୋଗିତା ସହ ରଜ କୁଇନ୍ ପ୍ରତିଯୋଗିତା ଆୟୋଜନ ହେବ। ଯେ କେହି ଚାହିଁଲେ ଏଠାକୁ ଯାଇ ବିନା କୌଣସି ପ୍ରବେଶ ଶୁଳ୍କରେ ଦୋଳି ଖେଳି ରଜ ମହୋତ୍ସବର ମଜା ଉଠାଇପାରିବ। ଏହାବ୍ୟତୀତ ହୋଟେଲ ପେଟ ପୂଜା ପକ୍ଷରୁ ରଜ ସ୍ପେଶାଲ ପିଠା ଓ ମିଠା ବିକ୍ରି କରାଯିବ। ପୋଡ଼ପିଠା ସହ ସୁଜି ମଣ୍ଡା, ସୁଜି କାକରା, କରଞ୍ଜି, ଚନ୍ଦ୍ର କଳା, ସିଝା ମଣ୍ଡା ପିଠା, ମୁଗ ହାଲୁଆ, ଖିର ଗଜା, ଛେନା ଝିଲ୍ଲି, ଛେନା ମାଲପୁଆ ଆଦି ଉପଲବ୍ଧ ହେବ। ୧୨ତାରିଖ ସନ୍ଧ୍ୟାରୁ ୧୭ତାରିଖ ପର୍ଯ୍ୟନ୍ତ ରଜ ସ୍ପେଶାଲ ପୋଡ଼ପିଠା ଲୋକେ ଏଠାରୁ ପାଇପାରିବେ ବୋଲି ଏହାର ମାଲିକ ପ୍ରକାଶ ବେହେରା କହିଛନ୍ତି।

## ପାନ୍ଥନିବାସରେ ରଜ

ପ୍ରତିବର୍ଷ ପରି ଏଥର ମଧ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଦ୍ୱାରା ପରିଚାଳିତ ପାନ୍ଥନିବାସଗୁଡ଼ିକରେ ଜାକଜମକରେ ପାଳନ ହେବ ରଜ ମହୋତ୍ସବ। ଭୁବନେଶ୍ୱର ସହ କଟକ, ଚାନ୍ଦିପୁର, ଗୋପାଳପୁର, ସମ୍ବଲପୁର, ରାଉରକେଲା, ବରକୁଲ ଓ ପାରାଦୀପରେ ଥିବା ପାନ୍ଥନିବାସରେ ୧୩ରୁ ୧୬ତାରିଖ ପର୍ଯ୍ୟନ୍ତ ରଜ ମହୋତ୍ସବ ପାଳନ ହେବ। ତେବେ ଫନୀରେ ବ୍ୟାପକ କ୍ଷୟକ୍ଷତି ଯୋଗୁ କୋଣାର୍କ ଏବଂ ପୁରୀ ପାନ୍ଥନିବାସରେ ଚଳିତବର୍ଷ ରଜ ମହୋତ୍ସବ ଆୟୋଜନ ହେବନାହିଁ ବୋଲି ଓଟିଡିସି ପକ୍ଷରୁ ସୂଚନା ଦିଆଯାଇଛି। ଏଥର ମଧ ପୋଡ଼ପିଠା, ମଣ୍ଡା, ଆରିସା, କାକରା, ଚକୁଳି ପିଠା ସାଙ୍ଗକୁ ମୁଗବୁନ୍ଦି, କ୍ଷୀରଗଜା, ଦହିବରା, ଛେନାପୋଡ଼ ପାନ୍ଥନିବାସର ମୁଖ୍ୟ ଆକର୍ଷଣ ରହିବ। ସେହିଭଳି ସମ୍ବଲପୁର ପ୍ରସିଦ୍ଧ ପିଠା ଖୁଦମଣ୍ଡା, କଦମ୍ବା, ମୁଗପାପ୍‌ଚି ସମ୍ବଲପୁର ପାନ୍ଥନିବାସରେ ଉପଲବ୍ଧ ହେବ। ଚଳିତବର୍ଷ ଆଦିବାସୀମାନଙ୍କ ଲୋକପ୍ରିୟ ପିଠା ମହୁଲ ଓ ମାଣ୍ଡିଆରେ ପ୍ରସ୍ତୁତ କରାଯିବ। ଏହାସହ ପର୍ଯ୍ୟଟକ ରଜପାନ ଖାଇ ରଜଦୋଳିର ମଜା ମଧ ଉଠାଇପାରିବେ।

## ରବୀନ୍ଦ୍ର ମଣ୍ଡପରେ ରାଜ୍ୟସ୍ତରୀୟ ରଜ ମହୋତ୍ସବ

ମଶାଲ ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜନ ହେବ ରାଜ୍ୟସ୍ତରୀୟ ରଜ ମହୋତ୍ସବ। ୧୫ତାରିଖ ଅପରାହ୍ନରୁ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ। ପ୍ରେକ୍ଷାଳୟ ଭିତରେ ଏବଂ ବାହାରେ ଏକାଧିକ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ସହ ଖାଦ୍ୟପେୟ ଓ ରଜଦୋଳି ଖେଳ ପ୍ରମୁଖ ଆକର୍ଷଣ ରହିବ। ଝୋଟି, ପିଠା, କାନ୍ଦଣା ଓ ପୁଚିଖେଳକୁ ନେଇ ମହିଳାଙ୍କ ମଧ୍ୟରେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ମୋଗଲ ତାମ୍‌ସା ସହ ନାଟକ ପ୍ରେକ୍ଷାଳୟ ବାହାରେ ପରିବେଷଣ କରାଯିବ। ପ୍ରେକ୍ଷାଳୟ ଭିତରେ ରଜଗୀତ, ସମ୍ବଲପୁରୀ ନାଚ ଆଦି ପରିବେଷଣ କରାଯିବ।



## ପାତ୍ରପଡ଼ାରେ ଦୋଳି

ପାତ୍ରପଡ଼ା ଓ ଭଗବାନପୁର ଗ୍ରାମ ପକ୍ଷରୁ ମହାରଜା କ୍ରିକେଟ୍ ଆସୋସିଏଶନ ପଡ଼ିଆରେ ୯ମ ରଜମୌଜ ମହୋତ୍ସବ ଅନୁଷ୍ଠିତ ହେବ। ଆସୋସିଏଶନ ପକ୍ଷରୁ ପ୍ରତିବର୍ଷ ବନୀକରଣ କରାଯାଇଥିବା ସ୍ଥାନରେ ୧୦୦ରୁ ୧୫୦ ଦୋଳି ଲାଗୁଥିବା ବେଳେ ଚଳିତବର୍ଷ କିନ୍ତୁ ବାତ୍ୟାରେ ଅଧାରୁ ଅଧିକ ଗଛ ଭାଙ୍ଗିଯାଇଛି। ତେଣୁ କେତେ ଦୋଳି ବନ୍ଧା ହେବ, ତାହା ଏ ପର୍ଯ୍ୟନ୍ତ ଠିକ୍ ହୋଇନାହିଁ। ସବୁବର୍ଷ ଭଳି ଏ ବର୍ଷ ଏତେ ସଂଖ୍ୟାରେ ଦୋଳି ବାନ୍ଧିବା ସମ୍ଭବ ନ ଥିବାରୁ ୪୦ରୁ ୫୦ ଦୋଳି ବନ୍ଧାଯିବ ବୋଲି ଆସୋସିଏଶନ ଉପସଭାପତି ରବୀନ୍ଦ୍ର ସାହୁ କହିଛନ୍ତି। ରଜ ଅବସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା କରାଯିବ। ପ୍ରଥମ ଦିନରେ ପୁଚି ଖେଳ, ପସାପାଲି, ଚେସ୍, ଝୋଟି ଚିତା ଆଦି ପ୍ରତିଯୋଗିତା କରାଯିବ। ଅପରାହ୍ନରେ ପିଠା ତିଆରି, ଶଙ୍ଖ ଫୁଙ୍କା, ହୁଳହୁଳି, ମ୍ୟୁଜିକ୍ ଚେୟାର୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାସହିତ ସର୍ବସାଧାରଣଙ୍କ ପାଇଁ ଫୁଡ୍ ଷ୍ଟଲ ଲାଗିବ। ମିନାବଜାରର ମଧ ବ୍ୟବସ୍ଥା କରାଯାଉଛି। ୧୪ତାରିଖରୁ ୪ଦିନ ଧରି ଏଠାରେ ରଜ ଉତ୍ସବ ପାଳନ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୋନୁ



ପୂଜା



ବସନ୍ତ



ଅଂଶୁମାନ



ରୂପେଶ



ଏ.ନାୟକ

**WANTED**
Post: **Company Secretary/ Accountant.**
**Qualification & Experience:**
B.Com/ Inter CA/ CMS/ CS with 2 years experience.
**Salary:** Negotiable.
Interested candidates may apply with Biodata by **30th June,** 2019 to **A.K. Sabat & Co.,** Chartered Accountants, A/348, Sahid Nagar, Bhubaneswar- 751007.

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ Steel Equipments Manufacturing କମ୍ପାନୀର ମାର୍କେଟିଙ୍ଗ୍ ପାଇଁ ୩ଜଣ ଆଗ୍ରହୀ ଯୁବକ ଆବଶ୍ୟକ।
ଦରମା :- 10,000/-
9337282295
9348887319

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Mob: 9938676412

**URGENTLY REQUIRED**
TEAM
1. **BACK OFFICE EXECUTIVE** – Graduate with min. 2-3 years experience in office work & having excellent computer knowledge. ( friendly in MS Office & internet) independent job handing capacity preferable- Female candidate. **Salary – 8000/- per month**
2. **OFFICE PEON** -10th Pass with min.01year experience in Office/field work, **salary-Rs.6, 000/-per month** with own bicycle or two wheeler.
*Interested candidates may apply to our above address & mail ID with complete Bio-data with photo within 7 days from the date of advertisement*
TEAM ADMARK (P) LTD .
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007, Phone- 9238882225 / 7735220188, Mail id- teamadmark@gmail.com

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ଡ୍ରାଇଭର**
ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

OrissaPOST English daily
**WANTED**
**LAYOUT DESIGNERS**
- Minimum 3 years+ experience in news dailies.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 7 days to:
**recruitment@orissapost.com**
Pay & perks will be the best in the industry for deserving candidates.

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। **ବୟସ:** (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.
Contact: 9938414918

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary Upto Rs.25000/-.
Contact Immediately
Mob: 8763257042

CLASSIFIED DISPLAY on Every Tuesday and Friday

THE ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.29/OMC Date : 11.06.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.

The Corporation invites application from dynamic & competent professionals in different discipline as follows.

VACANCY :-

| Sl. No. | Name of the Post | Scale of Pay | Total Posts | No. of Posts Reserved for | |
|---|---|---|---|---|---|
| | | | | ST | UR |
| 1 | Sr. Manager (Persnl.), E-4 grade | Rs.67,700/- to 2,08,700/- | 02 | - | 02 |
| 2 | Dy. General Manager (Electrical), E-5 grade | Rs.78,800/- to 2,09,200/- | 01 | - | 01 |
| 3 | Manager (Electrical), E-3, grade | Rs.67,700/- to 2,08,700/- | 02 | 01 | 01 |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates/ Testimonials, experience certificate in support of their eligibility by **Speed Post / Courier** in a cover superscribed "APPLICATION FOR THE POST OF ____________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 06.07.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)

THE ODISHA MINING CORPORATION LTD.
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.28/OMC Date : 11.06.2019

**ADVERTISEMENT FOR RECRUITMENT / DEPUTATION OF ADDL. GENERAL MANAGER (SECURITY) IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.

The OMC invites application from eligible & competent professionals to fill up the vacancy on regular / deputation basis.

Vacancy :-

| Name of the Post | No. of Post | Scale of Pay | Eligibility Criteria | Maximum Age limit | Remarks |
|---|---|---|---|---|---|
| Addl. General Manager (Security), E-6 grade | 01 (UR) | Rs.1,23,100/- to 2,15,900/- | i) Lt. Col./Col./Wing Commander / Group Captain/CDR of Defence or equivalent from CISF/ Para Military Services. ii) Should have minimum 20 years of service in Defence / Para-Military Services. iii) Should be Security Course qualified from any Govt. approved institute **OR** minimum 05 years Industrial experience in a Govt. Organisation / PSUs. iv) Should be medically fit. | 50 years as on 31.05.2019 | Candidates presently employed in any Govt./ Semi-Govt./ PSUs / CISF/ Para-Military Services having the given eligibility criteria may also apply through their Competent Controlling Authority for consideration of deployment under deputation basis. |

Interested eligible candidates are required to download the application format from OMC website : **www.omcltd.in** and submit the same duly filled in & signed along with self-attested copy of certificates, mark-sheets, documents from HSC onwards towards proof of qualification, age, and mark secured, experience etc. and Discharge Certificate issued by the Competent Authority etc. by **Speed Post / Courier** in a cover superscribed "APPLICATION FOR THE POST OF **ADDL. GENERAL MANAGER (SECURITY)** in E-6 grade so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 06.07.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)

**ଆବଶ୍ୟକ**
କରତ କଳ ପାଇଁ ଶ୍ରମିକ, ଅପରେଟର୍, ଟ୍ରେନି। ୪୦୦+ ଓଭର୍‌ଟାଇମ୍ + ମାଗଣା ରହିବା ସୁବିଧା।
କେରଳ କୋଝିକୋଡ଼ ଥାମାରାସେରୀ
ୟୁନିଭର୍ସାଲ୍ ଏଣ୍ଟରପ୍ରାଇଜେସ୍
ଫୋନ୍ ନଂ.: 9895136594 9645732666

URGENTLY REQUIRED
**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 9776141333

**ପଞ୍ଚାୟତ ବ୍ଲକସ୍ତରୀୟ ନିଯୁକ୍ତି**
ସମସ୍ତ ଜିଲ୍ଲାରୁ 7th to +3, ITI, Diploma B.Tech Candidate ଆବଶ୍ୟକ।
Salary :-
Rs 7,000/- to Rs 42,000/-
9777639313

**All Odisha Aadarsha Vidyalaya Vacancy**
TEACHER, CLERK, SECURITY GUARD, DATA ENTRY, PEON
Sal- 15,000 / Above, 3 Years Exp.
Qualification : +2 / Above
Contact : 8895574020

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ପୁରାତନ କୀର୍ତ୍ତିରାଜିର ସଂରକ୍ଷଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

## ସମୀକ୍ଷା ବୈଠକ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମସ୍ତ ପଦାଧିକାରୀ ତଥା କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ସଚିବାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗର ସମସ୍ତ ପଦାଧିକାରୀଙ୍କ ତତ୍ପରତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ବିଭାଗର ବିଭିନ୍ନ ପ୍ରଭାଗ ଓ ଅଧୀନସ୍ଥ ଅନୁଷ୍ଠାନଗୁଡ଼ିକର ବହୁବିଧ କାର୍ଯ୍ୟକ୍ରମ ତଥା ସମସ୍ୟା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟର ସାଂସ୍କୃତିକ ଓ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିଗୁଡ଼ିକର ଉନ୍ନତିକରଣ ଏବଂ ସୁରକ୍ଷା ଉପରେ ପ୍ରଯତ୍ନ ସହ ରାଜ୍ୟରେ ଥିବା ୨୧୮ ସୁରକ୍ଷିତ କୀର୍ତ୍ତି ମଧ୍ୟରୁ କେତେଗୁଡ଼ିକୁ କେନ୍ଦ୍ରୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ସଂରକ୍ଷଣ ନିମନ୍ତେ ହସ୍ତାନ୍ତର କରିବାକୁ ମନ୍ତ୍ରୀ ସଚିବଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଅଧିକ ସଂଖ୍ୟକ କଳାକାରଙ୍କୁ ସାମିଲ କରାଯିବା ନିମନ୍ତେ ବିଭାଗ ତତ୍ପରତା ପ୍ରକାଶ କରିବା, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନକୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ଅନୁଦାନ ବିବରଣୀର ଡିଜିଟାଇଜେଶନ ଏବଂ ବିଭିନ୍ନ ସ୍ଥାନକୁ ଯାଉଥିବା ସାଂସ୍କୃତିକ ଦଳର ପ୍ରଦର୍ଶନ ବାବଦରେ ସମ୍ପୃକ୍ତ ସ୍ଥାନର ଦର୍ଶକଙ୍କ ମତାମତ ସଂଗ୍ରହ କରାଯିବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ରାଇବଣିଆ ପରି ପ୍ରାଚୀନ ଦୁର୍ଗ ତଥା ଐତିହ୍ୟଗୁଡ଼ିକର ନବୀକରଣ ସାଙ୍ଗକୁ ସେଗୁଡ଼ିକୁ ଅଧିକ ପର୍ଯ୍ୟଟକ ଅନୁକୂଳ ଆକର୍ଷଣୀୟ ସ୍ଥାନ ଭାବେ ଗଢ଼ିତୋଳିବା ଉପରେ ମନ୍ତ୍ରୀ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ଶାସନ ସଚିବ ରାମକୃଷ୍ଣ ସାହୁ, ଯୁଗ୍ମ ଶାସନ ସଚିବ ସଂଘମିତ୍ରା ଶତପଥୀ ଓ ଲିପ୍‌ସା ଦାସ, ସଙ୍ଗୀତ ନାଟକ ଏକାଡେମୀ ସଚିବ ବିଜୟ ଜେନା, ଲଳିତ କଳା ଏକାଡେମୀ ସଚିବ ମନସ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସହରାଞ୍ଚଳ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୧।୬(ବ୍ୟୁରୋ):** ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମଙ୍ଗଳବାର ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମସ୍ତ ଜିଲାପାଳଙ୍କ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଆଲୋଚନା କରିଛନ୍ତି। ସହରାଞ୍ଚଳରେ ଥିବା ପ୍ରତି ଘରୁ ବର୍ଜ୍ୟ ସଂଗ୍ରହ ଓ ଏହା ସୃଷ୍ଟି ହେଉଥିବା ସ୍ତରରେ ତାହାର ପୃଥକୀକରଣ ଉପରେ ରାଜ୍ୟ ପ୍ରଶାସନ ଗୁରୁତ୍ୱାରୋପ କରିଛି। ଏହି ସମୀକ୍ଷା ବୈଠକରେ ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ୍ ବିଭିନ୍ନ ସହରାଞ୍ଚଳରୁ ପ୍ରାପ୍ତ ତଥ୍ୟ ଏବଂ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ନଗର ଅଞ୍ଚଳରେ କମ୍ପୋଷ୍ଟ ପ୍ଲାଣ୍ଟ, ବର୍ଜ୍ୟର ପୁନଃ ଉପଯୋଗିତା ସୁବିଧା ପ୍ଲାଣ୍ଟ, ସାନିଟାରୀ ଲ୍ୟାଣ୍ଡଫିଲ୍ ଏବଂ ନିର୍ମାଣ ବର୍ଜ୍ୟ ପରିଚାଳନା ପାଇଁ ଖାଲୁଆ ସ୍ଥାନ ଚିହ୍ନଟ କରିବା ଲାଗି ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଚଳିତ ମାସ ୨୦ ସୁଦ୍ଧା ସ୍ଥାନ ଚିହ୍ନଟ କରି ଜଣାଇବାକୁ ଜିଲାପାଳମାନଙ୍କୁ କୁହାଯାଇଥିଲା। କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପୃଥକୀକରଣରେ ନୂଆପଡା ଓ କୋରାପୁଟ ଜିଲା ଆଗୁଆ ରହିଛି। ଆଗାମୀ ଦିନରେ ସାରା ରାଜ୍ୟରେ ଏହି ବ୍ୟବସ୍ଥାକୁ ୮୦ ପ୍ରତିଶତ ହାସଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତି ମାସରେ ଅନ୍ୟୁନ ଦୁଇଥର ଏହି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ କରିବାକୁ ପରାମର୍ଶ ଦିଆଯାଇଛି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ

### ନିଲାମ ଇସ୍ତାହାର

**ବିଜ୍ଞାପନ ସଂଖ୍ୟା: ୧୦୨୮** ତା ୦୪।୦୬।୨୦୧୯

ଏତଦ୍ୱାରା ପାଇକମାଲ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ କାର୍ଯ୍ୟସୂଚୀ ମତେ ବରତୁଣ୍ଡା ଗ୍ରାମପଞ୍ଚାୟତର ସାଧାରଣ ସମ୍ପତ୍ତି ଯଥା- ସାପ୍ତାହିକ ଗୋରୁ ବଜାର ଉପ-ଜିଲ୍ଲାପାଳ, ପତ୍ର ସଂଖ୍ୟା- ୧୯୫୩ ତା୦୪।୦୬।୨୦୧୯ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଓ ମିଆଦ ଅନୁଯାୟୀ ୨୦୧୯-୨୦ ବର୍ଷ ନିମନ୍ତେ ପ୍ରକାଶ୍ୟ ଭାବେ ନିଲାମ କରାଯିବ।
ଏଣୁ ନିଲାମ ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ସମ୍ପୃକ୍ତ ନିଲାମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ।

**ନିଲାମ ସର୍ତ୍ତାବଳୀ**

୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ସମ୍ପୃକ୍ତ ସମ୍ପତ୍ତିରତ ଧାର୍ଯ୍ୟ ମୂଲ୍ୟ ୧/୧୦ (ଏକ ଦଶମାଂଶ) ଟଙ୍କା ଅମାନତ ଆକାରରେ ସମ୍ପୃକ୍ତ ନିଲାମ ଅଧିକାରୀଙ୍କ ଠାରେ ଜମାଦେଇ ନିଲାମ ଡାକରେ ଅଂଶଗ୍ରହଣ କରିପାରିବେ।
୨. ନିଲାମ ଡାକକାରୀ ବ୍ୟକ୍ତି ଗ୍ରାମପଞ୍ଚାୟତର କୌଣସି ଦେରଣ ହୋଇ ନଥିବେ।
୩. ନିଲାମ ଗ୍ରହୀତା ପ୍ରଥମ କିସ୍ତିରେ ଶତକଡ଼ା ୭୫% ଭାଗ ଅର୍ଥ ଜମାଦେବେ ଓ ଦ୍ୱିତୀୟ କିସ୍ତି ଭାଗ ୧୫ ପ୍ରତିଶତ ଭାଗ ଅର୍ଥ ଦ୍ୱିତୀୟ ବର୍ଷ ଆରମ୍ଭରେ ଗ୍ରାମପଞ୍ଚାୟତରେ ପଇଠ କରିବେ। ଅମାନତ ଟଙ୍କା ଶେଷ କିସ୍ତିରେ ଭରଣା କରାଯିବ। ପ୍ରକାଶଥାଉକି ୭୫ ପ୍ରତିଶତ ଭାଗ ଅର୍ଥ ଉପ-ଜିଲ୍ଲାପାଳ, ପଦ୍ମପୁରଙ୍କ ନିଲାମ ଦୃଢ଼ୀକରଣ ୧୫ ଦିନ ପରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଜମାଦେବେ।
୪. କିସ୍ତି ଟଙ୍କା ନିର୍ଦ୍ଧାରିତ ସମୟସୀମା ଭିତରେ ଜମା ନଦେଲେ ଅମାନତ ଟଙ୍କା ବାଜ୍ୟାପ୍ତ ହୋଇ ସାନି ନିଲାମ କରାଯିବ।
୫. ନିଲାମ ଗ୍ରହୀତା ନିୟମାନୁସାରେ ଗ୍ରାମପଞ୍ଚାୟତ ସହିତ ନିଜ ଖର୍ଚ୍ଚରେ ଏଗ୍ରିମେଣ୍ଟ କରାଇବେ।
୬. ନିଲାମ ସମୟରେ ନିଲାମ ଅଧିକାରୀଙ୍କ ନିଷ୍ପତ୍ତି ସର୍ବୋଚ୍ଚ ଭାବେ ଗ୍ରହଣୀୟ ହେବ। କୌଣସି କାରଣ ନ ଦର୍ଶାଇ ନିଲାମ ଅଧିକାରୀ ସର୍ବୋଚ୍ଚ ଡାକକୁ ମଧ୍ୟ ରଦ୍ଦ କରିପାରିବେ କିମ୍ବା ନିଲାମ ମଧ୍ୟ ବନ୍ଦ କରିପାରିବେ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଇକମାଲ**

| କ୍ର.ନଂ | ଗ୍ରାମପଞ୍ଚାୟତର ନାମ | ସମ୍ପତ୍ତିର ନାମ | ସରକାରୀ ଧାର୍ଯ୍ୟ ମୂଲ୍ୟ | ସ୍ଥାନ | ତାରିଖ | ସମୟ |
|---|---|---|---|---|---|---|
| ୧ | ବରତୁଣ୍ଡା | ସାପ୍ତାହିକ ଗୋରୁ ବଜାର | ଟ.୫୪,୧୦,୦୦୦/- | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଇକମାଲ | ୧୯।୦୬।୨୦୧୯ | ସକାଳ ୧୧ଟା |

## ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.

Utkalika ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର-୩୦, ଫୋନ୍ - ୦୬୭୪-୨୯୭୫୩୯୦

### ଆଗ୍ରହ ପ୍ରକାଶନ

ତା. : ୧୨ ଜୁନ ୨୦୧୯

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା), ଭୁବନେଶ୍ୱରରେ ସୂଚନା ପ୍ରଯୁକ୍ତି ସମନ୍ୱିତ ପ୍ରଣାଳୀ ର ରୂପରେଖ, ବିକାଶ ଓ ସମନ୍ୱିତ ପରିଚାଳନା ପଦ୍ଧତି ର ପ୍ରୟୋଗ ନିମନ୍ତେ ଜଉମୁଦ ଲଫାପା ପ୍ରଣାଳୀରେ ଇ.ଓ.ଆଇ ଆହ୍ୱାନ କରୁଅଛି।

**ଆଗ୍ରହ ପ୍ରକାଶନ କାର୍ଯ୍ୟକ୍ରମ ସୂଚୀ**
ଇ.ଓ.ଆଇ ପ୍ରକ୍ରିୟା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଓ ଗୁରୁତ୍ୱପୂର୍ଣ୍ଣ ସୂଚନା ନିମ୍ନ ସାରଣୀରେ ପ୍ରଦାନ କରାଗଲା।

| କ୍ର. ସଂ | କାର୍ଯ୍ୟକ୍ରମ | ତାରିଖ ଓ ସମୟ | ସ୍ଥାନ |
|---|---|---|---|
| ୦୧ | ନିଲାମ ପ୍ରକାଶନ ର ତାରିଖ | ୧୨/୦୬/୧୯ | ୱେବସାଇଟ |
| ୦୨ | ନିଲାମ ଦାଖଲର ଶେଷ ତାରିଖ | ୨୭/୦୬/୧୯, ଅପରାହ୍ନ ୫ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |
| ୦୩ | ସାଧାରଣ ନିଲାମ ଖୋଲାଯିବାର ସମୟ | ୨୮/୦୬/୧୯, ଅପରାହ୍ନ ୪ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |
| ୦୪ | ବୈଷୟିକ ନିଲାମ ଖୋଲାଯିବାର ସମୟ | ୨୯/୦୬/୧୯, ଅପରାହ୍ନ ୪ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |
| ୦୫ | ଆର୍ଥିକ ନିଲାମ ଖୋଲାଯିବାର ସମୟ | ୩୦/୦୬/୧୯, ଅପରାହ୍ନ ୪ ଘଟିକା | ମୁଖ୍ୟ କାର୍ଯ୍ୟାଳୟ |

ଇ.ଓ.ଆଇ ଫର୍ମ ଓ ଅନ୍ୟାନ୍ୟ ବିବରଣୀ / ସୂଚନା ୱେବସାଇଟ : www.utkalikaodisha.in ରେ ଉପଲବ୍ଧ ଅଟେ। ଇ.ଓ.ଆଇ ନଥିର ମୂଲ୍ୟ ଟ.୨୦୦୦/- ର Draft ଯାହାକି Odisha State Co-operative Handicrafts Corporation Ltd. ଙ୍କ ନାମରେ ଦେୟ ହୋଇଥିବା ଜରୁରୀ ଯାହା ସାଧାରଣ ଇ.ଓ.ଆଇ ସହିତ ମୁଖ୍ୟ କାର୍ଯ୍ୟାଳୟ ରେ ଶେଷ ତାରିଖ ସୁଦ୍ଧା ଦାଖଲ କରାଯିବ। ନଥି ମୂଲ୍ୟର Draft ବିନା ଇ.ଓ.ଆଇ ଗ୍ରହଣୀୟ ହେବ ନାହିଁ। ଜଉମୁଦ ଇ.ଓ.ଆଇ ଦାଖଲର ଶେଷ ତାରିଖ ସୁଦ୍ଧା ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ., ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି ଙ୍କ ଠାରେ ସ୍ପୀଡପୋଷ୍ଟ / ରେଜିଷ୍ଟ୍ରି ପୋଷ୍ଟ / କୋରିୟର ମାଧ୍ୟମରେ କିମ୍ବା ଟେଣ୍ଡର ବାକ୍ସ ରେ ଦାଖଲ କରାଯିବା ଆବଶ୍ୟକ। ଏହି ବିଜ୍ଞପ୍ତିକୁ ନାକଚ ତଥା ଅସ୍ୱୀକୃତି କରିବାର ସମସ୍ତ ଅଧିକାର ଅଧିକାରୀଙ୍କ ପରିସର ଭୁକ୍ତ ଅଟେ।

ସ୍ୱା/-
ପରିଚାଳନା ନିର୍ଦ୍ଦେଶକ

## idco ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. HO/CIVIL/T&E-E-4277/04/2019/9970 Date: 06.06.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Construction of 500KVA, 11/0.4KV Plinth Mounted Substation and 11KV O.H. line for power supply arrangement to new office building of OREDA at Mancheswar I.E. Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM(Civil), IDCO, IDCO Towers, Janpath, Bhubaneswar | Bid ID. No. CIVIL/EST/01/2019-20 | 12.00 Hours of dt. 13.06.2019 | 17.00 Hours of dt. 25.06.2019 |

Further details can be seen from the e-procurement portal. **www.tendersodisha.gov.in**. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

Sd/-
Chief General Manager (Civil)
IDCO, Bhubaneswar

## idco ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

File No. HO/FIN/E-3109/2018/10193 Date: 11.06.2019

**REQUEST FOR PROPOSALS (RFP) FOR ENGAGEMENT OF MANPOWER SERVICE PROVIDERS FOR ENGAGEMENT OF ACCOUNTS PERSONNEL WITH INTER CA/INTER CWA.**

Sealed Request for Proposals (RFP) are invited from reputed Manpower Service Providers / Agencies to provide services of the Accounts personnel with inter CA/Inter CWA on contract basis to IDCO for a period of One year.

The last date of submission of RFP documents is **05.07.2019 up at 13.00 Hrs.** and will be opened on the same date at **15.30 Hrs.** The RFP documents shall be submitted to the undersigned by Regd. Post/Speed Post only. The Corporation is not responsible for any postal delay.

The RFP documents for the above purpose can be downloaded from our website **www.idco.in.**

The Competent Authority of IDCO reserves the right to reject any or all bids without assigning any reason thereof.

Sd/-
Chief General Manager (P&A)

## ବାରିପଦା ପୌର ପରିଷଦ

ବାରିପଦା, ମୟୂରଭଞ୍ଜ - ୭୫୭୦୦୧
Tel.: 06792-252703, Website: www.baripadamunicipality.in, e-mail: baripadam.hud@nic.in

ପତ୍ର ସଂଖ୍ୟା: 5032/ଟ୍ୟାକ୍ସ ତା୧୦।୦୬।୧୯ରିଖ

### ନିଲାମ ଇସ୍ତାହାର

No.: 24-C: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌରପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସଗୁଡ଼ିକ ତା୦୧।୦୭।୨୦୧୯ରିଖଠାରୁ ତା୩୦।୦୬।୨୦୨୦ରିଖ ପର୍ଯ୍ୟନ୍ତ (ଏକବର୍ଷ ପାଇଁ) ଏବଂ ଅନ୍ୟ ନିମ୍ନରେ ଦର୍ଶାଯାଇଥିବା କେତେଗୋଟି ସୈରାତ ଉତ୍ସ ତା୦୧।୦୭।୨୦୧୯ରିଖ ଠାରୁ ତା୩୦।୦୬।୨୦୨୨ରିଖ (୩ ବର୍ଷ ପାଇଁ) ଜଉମୁଦ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି। ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୧୯।୦୬।୨୦୧୯ରିଖ ଦିବା ୩ଘଟିକା ସୁଦ୍ଧା ସେଥିରେ ଆବେଦନ କରୁଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ। ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହାହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି। ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ। ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା୧୯।୦୬।୨୦୧୯ରିଖ ଦିବା ୪ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ। ଯଦି ଉକ୍ତ ଦିବସରେ କୌଣସି ସୈରାତ ସ୍ଥିରୀକୃତ ହୋଇ ନ ପାରିବ, ତେବେ ଦ୍ୱିତୀୟ ପର୍ଯ୍ୟାୟ ତା୨୨।୦୬।୨୦୧୯ରିଖ ଓ ତୃତୀୟ ପର୍ଯ୍ୟାୟରେ ତା୨୬।୦୬।୨୦୧୯ରିଖ ନିବିଦା କାଗଜ (Quotation Paper) କିଣି ଦିବା ୩ଘଟିକା ସୁଦ୍ଧା ଆବେଦନ କରିପାରିବେ ଓ ତାହା ଉକ୍ତ ଦିନ ଦିବା ୪ ଘଟିକା ସମୟରେ ନିବିଦାକାରୀ ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ। ସବିଶେଷ ବିବରଣୀ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ଦିବସମାନଙ୍କରେ ବୁଝିପାରିବେ।

| Sl. No. | Name of the Sairat | Period | Upset Price | S.D. Money | Cost of Quotation Paper |
|---|---|---|---|---|---|
| **SPACE (Lease Terms 1 Year)** | | | | | |
| 1 | Market Cycle Stand | 01.07.2019 to 30.06.2020 | 23,393.00 | 2339.00 | 200.00 |
| 2 | K.M.B.M. Cycle Stand | 01.07.2019 to 30.06.2020 | 11,898.00 | 1190.00 | 100.00 |
| 3 | Day & Night Kacheri Market Cycle & other vehicle stand | 01.07.2019 to 30.06.2020 | 1,66,100.00 | 16,610.00 | 500.00 |
| 4 | Baripada Market & other places (except Ward No.-13 & 20(P) | 01.07.2019 to 30.06.2020 | 27,18,936.00 | 2,71,894.00 | 1500.00 |
| 5 | Biju Pattanaik Park Canteen | 01.07.2019 to 30.06.2020 | 57,279.00 | 5728.00 | 500.00 |
| 6 | Station Bazar Daily Market (Ward No.13 & 20(P) | 01.07.2019 to 30.06.2020 | 8,03,000.00 | 80,300.00 | 1000.00 |
| 7 | Carts & Carriage with Dog Licence | 01.07.2019 to 30.06.2020 | 59,126.00 | 5,913.00 | 500.00 |
| 8 | Triangular place at K.M.B.M. Road | 01.07.2019 to 30.06.2020 | 7,70,000.00 | 77,000.00 | 1000.00 |
| 9 | Bus-Stand Parking | 01.07.2019 to 30.06.2020 | 3,87,189.00 | 38,719.00 | 1200.00 |
| **PONDS (Lease Terms 3 years)** | | | | | |
| 10 | Chapel Tank | 01.07.2019 to 30.06.2022 | 95,040.00 | 9504.00 | 700.00 |
| 11 | Stationbandha | 01.07.2019 to 30.06.2022 | 2,56,300.00 | 25,630.00 | 1000.00 |
| 12 | Badapokhari | 01.07.2019 to 30.06.2022 | 2,16,038.00 | 21,604.00 | 1000.00 |
| 13 | Ghodasal Bandha | 01.07.2019 to 30.06.2022 | 80,300.00 | 8030.00 | 700.00 |

ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ।

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ।
୨. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବନାହିଁ।
୩. ନିବିଦା ସହିତ ଆବଶ୍ୟକୀୟ S.D. Money (ଅମାନତ ଟଙ୍କା) "Bankers Check or D.D. in favour of the Executive Officer, Baripada Municipality, Baripada, payable at ବାରିପଦା" ଜରିଆରେ ଦାଖଲ କରିବେ।
୪. ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ଏକ ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଗୃହ ଟିକସ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟେକ୍ସ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବ ନହିଁ।
୫. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟର ସୂଚନା ପ୍ରାପ୍ତିର ୩(ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ।
୬. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୭ (ସାତ) ଦିନ ମଧ୍ୟରେ କରିବେ।
୭. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଦରଖାସ୍ତ ମାଧ୍ୟମରେ ଅମାନତ ଟଙ୍କାର ମୂଳ ରସିଦ ଦର୍ଶାଇ ଫେରସ୍ତ ନେଇପାରିବେ।
୮. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟରେ ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ।
୯. ସାଧାରଣ ନିର୍ବାଚନ - ୨୦୧୯ର ଆଚରଣବିଧିକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ସୈରାତ ଉତ୍ସଗୁଡ଼ିକ ଆଗାମୀ ତିନି ମାସ ସମୟସୀମା ସମ୍ପ୍ରସାରଣ କରି ନିଲାମଧାରୀଙ୍କୁ କାର୍ଯ୍ୟାଳୟ ନୋଟିସ୍ ମାଧ୍ୟମରେ ଧାର୍ଯ୍ୟ ହୋଇଥିବା ନିଲାମ ଦର ଜମା କରିବା ଆଦେଶ ଦିଆଯାଇଥିବା ସତ୍ତ୍ୱେ ଯେଉଁମାନେ ନିଲାମ ଦର ଜମା କରିନାହାନ୍ତି, ସେମାନେ ଏହି ନିଲାମରେ ଭାଗ ନେଇପାରିବେ ନାହିଁ।

13078/11/0001/1920 **ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାରିପଦା ପୌରପରିଷଦ**

## STATE POLLUTION CONTROL BOARD, ODISHA
**(Department of Forest & Environment, Govt. of Odisha)**
**Paribesh Bhawan, A/118, Nilakanthanagar, Unit - VIII, Bhubaneswar - 751012**
**Tel.: 0674-2564033, Fax: 0674-2564033/2564573, EPABX: 2561909/2562847**
**e-mail: paribesh1@ospcboard.org**
**Website: www.ospcboard.org**

**No.: 5521/Ind-II-Misc-1725 Date: 10.06.19**

### INVITATION FOR EXPRESSION OF INTEREST (EoI) FOR SOURCE APPORTIONMENT AND EMISSION INVENTORY STUDY FOR ANGUL, TALCHER-ROURKELA CITY AND CUTTACK-BHUBANESWAR-BALASORE CITY IN ODISHA

1. The Odisha State Pollution Control Board (OSPCB) intends to engage educational and research institutions of National and International repute, to carry out Source Apportionment and Emission Inventory study for i. Angul, Talcher and Rourkela and ii. Cuttack, Bhubaneswar & Balasore city and prepare strategy for cost effective measures for abatement of air pollution in these areas. The study will be two separate assignments for a period of one and half years.
2. Reputed educational and research institutions, recognized by the State and Central Government, are requested to submit Expression of Interest (EoI) for carrying out the proposed study for the sites. The EoI shall indicate their interest in carrying out source apportionment and emission inventory study and prescribing cost effective measures for abatement of air pollution in the above areas. *The institutions man submit their EoI for any one study or for both the studies separately.*
3. The interested institutions may submit the Expression of Interest (EoI) by providing required information as per the **prescribed format**, which is downloadable from the website: **www.ospcboard.org (In advertisement page under Tender & Advertisement tab)** of OSPCB.
4. The EoI, filled in as per the prescribed format and supported with relevant documents, must reach the Office of Member Secretary, State Pollution Control Board, Odisha, Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012 on or before 10.07.2019, 5.00 P.M. The envelope must be clearly superscripted as **"EXPRESSION OF INTEREST FOR SOURCE APPORTIONMENT AND EMISSION INVENTORY STUDY FOR ANGUL, TALCHER-ROURKELA CITY AND CUTTACK-BHUBANESWAR-BALASORE CITY IN ODISHA"**.
5. The EoI can be submitted through Registered Post/Speed Post. The OSPCB shall not be held responsible for any postal delay for non-receipt of EoI within scheduled date and time.
6. Interested institutions are advised to visit the site before submission of EoI. Once EoI received; it will be presumed that the institute has visited the site and collected relevant information for submission of his EoI.
7. The SPCB reserves the right to reject any or all EoIs without assigning any reason thereof.

**Sd./- Member Secretary**
**State Pollution Control Board, Odisha**

## OFFICE OF THE VYASANAGAR MUNICIPALITY VYASANAGAR, JAJPUR

**No. 1190//** **Dated: 10.06.2019**

### EXPRESSION OF INTEREST

1. The Executive Officer Vyasanagar Municipality invites sealed quotations from registered reputed service providers/ manpower outsourcing agencies to provide the service different category of manpowers to Vyasanagar Municipality for a period of one year w.e.f Dt 01.07.2019 to 30.06.2020 on contract basis for day to day official work.
2. Bid Documents consisting of specification, scope of work and the set of Terms & Conditions of Contract and other necessary documents can be seen in the Office of the Undersign during Office Hour on all working days.
3. The Bid documents can be purchased from the Municipal office against a non-refundable fee of Rs. 2000/- towards cost of Bid documents in shape of DD/ Bankers Cheque issued from any Nationalized/ Scheduled Bank payable at Jajpur Road in favour of the Executive Officer, Vyasanagar Municipality.
4. Bids must accompany with EMD of Rs. 10,000/- in shape of DD/ Pay order/ Bankers Cheque from any Nationalized Bank/ Scheduled Bank in favour of the Executive Officer, Vyasanagar Municipality.
5. The sale of Bid Documents shall start from dt. 18.06.2019 and close on dt.24.06.2019 at 5.00 PM during office hours. Bids shall be received in the tender box during office hours up to 1.00 PM of dt. 25.06.2019.
6. The Bids will be opened at 3.30 PM on dt. 25.06.2019 in presence of the Bidders who wish to attend.
7. The undersigned reserves the right to accept / reject any part thereof or all the Bids without assigning any reason thereof.
8. Supply order will be placed as per requirement of different categories of personnel.

**Sd./- Executive Officer**
**Vyasanagar Municipality**

## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼

### ବିଜ୍ଞାପନ

ବରଗଡ଼ ଜିଲ୍ଲା ଅଧୀନରେ **୨୦୧୦-୧୧**ବର୍ଷ ପାଇଁ **୦୯**ଗୋଟି ଚୁକ୍ତିଭିତ୍ତିକ ପ୍ରାଣୀଧନ ନିରୀକ୍ଷକ ପଦବୀ ପୂରଣ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ **ସୂଚନା)**

ତା: **୧୨।୧୦।୨୦୧୩**ଦିନ ଓଡ଼ିଆ ଦୈନିକ ଖବରକାଗଜ ସମ୍ବାଦ ଓ ସମାଜରେ ପ୍ରକାଶିତ ବିଜ୍ଞାପନ ଅନୁସାରେ ବରଗଡ଼ ଜିଲ୍ଲାରେ **୦୯**ଗୋଟି ଚୁକ୍ତି ଭିତ୍ତିକ ପ୍ରାଣୀଧନ ନିରୀକ୍ଷକ ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉକ୍ତ ପଦବୀ ସମ୍ପର୍କିତ ପ୍ରାଥମିକ ଚିଠା ସୂଚୀ (**Common Draft List**) ଏନ୍.ଆଇ.ସି. ବରଗଡ଼ ୱେବସାଇଟ୍‌ରେ ତା:୧୧।୦୬।୨୦୧୯ସୁଦ୍ଧା ଅପ୍‌ଲୋଡ କରାଯାଇଅଛି। ଏଣୁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଯଦି ଆବେଦନ ସମ୍ବନ୍ଧୀୟ କୌଣସି ଅଭିଯୋଗ କିମ୍ବା ଆବେଦନପତ୍ରରେ ଯଦି କୌଣସି ଦସ୍ତାବେଜ ସଂଲଗ୍ନ କରିବାକୁ ଚାହାନ୍ତି ତେବେ ନିମ୍ନଲିଖିତ ସମୟ ସୀମା ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼ଠାରେ ଲିଖିତ ଭାବରେ ଦାଖଲ କରିବାକୁ ଅନୁରୋଧ। ସୂଚନାଥାଉ କି, ନିର୍ଦ୍ଧାରିତ ସମୟ ସୀମା ଅତିକ୍ରାନ୍ତେ କୌଣସି ଅଭିଯୋଗ କିମ୍ବା ନଥିପତ୍ର ଗ୍ରହଣ କରାଯିବ ନାହିଁ।

**ଅଭିଯୋଗ ଗ୍ରହଣର ଶେଷ ତାରିଖ ତା:୧୮।୦୬।୨୦୧୯ଅପରାହ୍ନ ୫ଟା ପର୍ଯ୍ୟନ୍ତ।**

**ସ୍ୱା./- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼**

## ODISHA SPACE APPLICATIONS CENTRE (ORSAC)

**(Dept. of Science & Technology, Govt. of Odisha, Bhubaneswar)**

**NOTICE No. 09 / 2019**

No. CAD-88:- Applications are invited from Qualified, Experienced and Competent Indian Citizens, having a minimum experience of three years, in IT Industry / Production environment, in Design, Development, Commissioning, Operation, Maintenance and Supervision of Enterprise Class Web- Enabled Geo-informatics / GIS Applications in the following Domain Specialities i.e.

1. Unix / Linux Server & Network Admin
2. Database and Spatial Database Admin
3. Open Source GIS Server & Web-GIS Admin
4. Web & Mobile GIS Application Developer

For details refer to :- http://www.orsac.gov.in "All Advertisement" section of www.odisha.gov.in and www.naukri.com .

28007/11/0004/1920 Chief Executive

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ
**ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**
**ପତ୍ର ସଂଖ୍ୟା: ୧୩୬୧୫/ଭୁ.ଉ.କ., ଭୁବନେଶ୍ୱର ତା୩୦।୦୫।୨୦୧୯ରିଖ**
**SRC - 638/88**

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍-୨ ଜମି ପ୍ରକଳ୍ପର ପ୍ଲଟ୍ ନଂ. S-5/363କୁ ଶ୍ରୀମତୀ ସଙ୍ଗମିତ୍ରା ମହାନ୍ତି, ସ୍ୱାମୀ-ବାସୁଦେବ ମହାନ୍ତି, ଗ୍ରାମ/ପୋଅ/ଥାନା/ଜିଲ୍ଲା-ଜଗତ୍‌ସିଂହପୁର, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସଙ୍ଗମିତ୍ରା ମହାନ୍ତି ଉକ୍ତ ପ୍ଲଟ୍‌କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଦୀପ୍ତିମୟୀ ଧଳ, ସ୍ୱାମୀ-ମାନସ ରଞ୍ଜନ ଧଳ, ଫ୍ଲାଟ୍ ନଂ.ଏକ୍ସ-୧, ଫ୍ଲୋର ନଂ.୬, ମେଟ୍ରୋ ଗାର୍ଡେନ୍ ଇଷ୍ଟେଟ, ହଜରୀ ଲେନ୍,ପୋଅ-ତେଲେଙ୍ଗା ବଜାର, ଥାନା-ପୁରୀଘାଟ, ଜିଲ୍ଲା-କଟକ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର(୧୫) ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୧**

## Odisha Lift Irrigation Corporation Ltd.
**(A Govt. of Odisha Undertaking)**
**OFFICE OF THE EXECUTIVE ENGINEER**
**L.I.DIVISION, BARGARH** No.CAD-89
**E-Procurement Notice-01/ 2019-20**
**E-mail- eeolicbgh@gmail.com, Ph-** 06646-246126

**No.** **Dated :**

| | | | |
|---|---|---|---|
| 1. | Name of the tender inviting Officer | : | Executive Engineer, L.I. Division, Bargarh |
| 2. | Name of the work | : | Power supply, Installation of pump sets and energisation of 15 Nos. River Lift Projects in different Blocks of Bargarh District |
| 3. | No. of Packages | : | 15 Nos. |
| 4. | Tender Amount | : | Varies from 20.40 lakhs to 55.90 Lakhs |
| 5. | Date and time of availability of bid documents in the portal for online bidding | : | from 10.00 hrs dated: 18.06.2019 to 17.00 hrs dated 22.06.2019. |
| 6. | Last date and time of receipt of bids in the portal up to | : | 17.00hrs. Dated : 22.06.2019. |
| 7. | Last date and time of clarification up to | : | 17.00hrs. Dated:20.06.2019 |
| 8. | Date and time of submission of bid documents (hard copies) on dated | : | 17.00hrs. Dated-24.06.2019 from 10.00hrs to 17.00hrs. |
| 9. | Date of opening of technical bid (cover-1) | : | at 11.00hrs. Dated-25.06.2019 |
| 10. | Date of opening of financial bid (cover-2) will be informed after evaluation of technical bids. | | |
| 11. | Further details can be seen from the e-procurement portal of Govt. of Odisha i.e. www.tendersorissa.gov.in. | | |
| 12. | Subsequent corrigendum / addendum if required shall be available in the above portal. | | |

Sd./- Executive Engineer
LI Division, Bargarh

32277/11/0001/1920

## ଚିନାବାଦାମ ଚାଷ ପାଇଁ...



ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ।
– ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)।
– ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଭଲ।
– ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ।
– ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ।
– ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ।

## ନଳିତା ଚାଷ

ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ।
– ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଏବଂ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ।
–ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।
– ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
– ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।



# ପରିବେଶ ସୁରକ୍ଷାରେ କୃଷି ବନୀକରଣ



ଗୟାଧର ଶିଅଳ





ଆମ ଚତୁଃପାର୍ଶ୍ୱରେ ଘେରି ରହିଥିବା ବାୟୁମଣ୍ଡଳ, ବାରିମଣ୍ଡଳ, ଜୀବମଣ୍ଡଳ, ସ୍ଥଳମଣ୍ଡଳକୁ ଆମେ ପରିବେଶ ବୋଲି କହିଥାଉ। ଏଥିରେ ପ୍ରକୃତି ଓ ସୌନ୍ଦର୍ଯ୍ୟ ଭରି ରହିଥିବା ସହ ଏହା ଆମ ଜୀବନ ଜୀବିକାର ଉତ୍ସ। ଆମେ ବ୍ୟବହାର କରୁଥିବା ବିଭିନ୍ନ ଦ୍ରବ୍ୟର ଉତ୍ପାଦନ ପାଇଁ ଆବଶ୍ୟକ ଉପାଦାନଗୁଡ଼ିକ ପରିବେଶ ହିଁ ଯୋଗାଇଥାଏ। ଜୀବନ ଧାରଣ ନିମନ୍ତେ ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଥିବା ପଦାର୍ଥ ଯଥା ଖାଦ୍ୟ, ପାନୀୟ, ବାୟୁ, ବସ୍ତ୍ର, ମୃତ୍ତିକା, କୃଷି ବନୀକରଣ ଆଦି ଯୋଗାଇ ପରିପୁଷ୍ଟ କରୁଥିବା ଜୀବମଣ୍ଡଳର ଅନ୍ୟତମ ମୁଖ୍ୟ ଅଂଶ ହେଉଛି ପରିବେଶ। କିନ୍ତୁ ଆମେ ବିଭିନ୍ନ କ୍ଷେତ୍ରରୁ ନିର୍ଗତ ବର୍ଜ୍ୟବସ୍ତୁଗୁଡ଼ିକୁ ସେହି ପରିବେଶରେ ହିଁ ଛାଡ଼ି ଦେଉ ଓ ଏହାକୁ ଏକ ଡଷ୍ଟବିନ ଭାବରେ ବ୍ୟବହାର କରୁ। ଯିଏ ଆମକୁ ସୁରକ୍ଷା ଦେଉଛି, ଆମେ ତାକୁ ସୁରକ୍ଷିତ ରଖିବାରେ ଅବହେଳା କରୁଛୁ।

**ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ:** ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି, ବିଶ୍ୱର ସର୍ବଶ୍ରେଷ୍ଠ ସୃଷ୍ଟି ମଣିଷ। ଉନ୍ନତି ତଥା ପ୍ରଗତି ନାମରେ ମଣିଷ ଆଜି ନିଜ ପାଇଁ ନିଜେ ଶତ୍ରୁ ପାଳିଚିଛି। ପ୍ରତ୍ୟେକ ବ୍ୟକ୍ତି ପରିବେଶକୁ କିଛି ନା କିଛି ଆଘାତ ଦେଉଛନ୍ତି ଓ ଏହା ଦ୍ୱାରା ସେ ଅନ୍ୟର ସୁସ୍ଥ ଜୀବନର ଅଧିକାର ପ୍ରତି ବାଧା ସୃଷ୍ଟି କରୁଛନ୍ତି। ଜଗତୀକରଣ, ଶିଳ୍ପାୟନ ଓ ଅତ୍ୟନ୍ତ ସୁଖ ସ୍ୱାଚ୍ଛନ୍ଦ୍ୟର ଜୀବନ ନିର୍ବାହ ଲାଳସା ହେତୁ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି।

ଉଦାହରଣ ସ୍ୱରୂପ ଅଳ୍ପ ସମୟ ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟାତ କରିବା ପାଇଁ ଯେଉଁ ଯାନବାହନରେ ଯାଉଛେ, ସେଥିରେ ବିପୁଳ ପରିମାଣରେ ଜୀବାଶ୍ମ ଇନ୍ଧନ ବ୍ୟବହାର ଫଳରେ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ ହେଉଛି। ଆରାମଦାୟକ ଜୀବନଶୈଳୀ ପାଇଁ ରେଫ୍ରିଜରେଟରର ବହୁଳ ବ୍ୟବହାର ହେତୁ କ୍ଲୋରୋଫ୍ଲୋରୋକାର୍ବନ ବାୟୁମଣ୍ଡଳରେ ମିଶୁଛି। ବିଷାକ୍ତ କୀଟନାଶକ ଏବଂ ରାସାୟନିକ ସାରର ବହୁଳ ବ୍ୟବହାର ଦ୍ୱାରା ଜୀବଜଗତ ବିପଦଗ୍ରସ୍ତ ହେଉଛନ୍ତି ବିକାଶ ନାମରେ ମଣିଷ ଜଙ୍ଗଲ ସଫା କରି ରାସ୍ତାଘାଟ, ନଦୀବନ୍ଧ, କଳକାରଖାନା ଆଦି ନିର୍ମାଣ କରୁଛି। ଜଙ୍ଗଲ ନଷ୍ଟଦ୍ୱାରା ଭୂପୃଷ୍ଠରେ ତାପମାତ୍ରା ବୃଦ୍ଧି ପାଉଛି।

**ପ୍ରଦୂଷଣ ପ୍ରକାରଭେଦ ଓ ପ୍ରଭାବ :** ଯେଉଁ କ୍ଷତିକାରକ ଉପାଦନ ଦ୍ୱାରା ବାୟୁ, ଜଳ, ମୃତ୍ତିକା ଆଦି ପ୍ରଦୂଷିତ ହୋଇଥାଏ ତାକୁ ପ୍ରଦୂଷକ କୁହାଯାଏ। ବିଭିନ୍ନ ପ୍ରକାରର ପ୍ରଦୂଷଣର ନାମ ହେଲା: – ବାୟୁ ପ୍ରଦୂଷଣ,–ଜଳ ପ୍ରଦୂଷଣ, – ମୃତ୍ତିକା ପ୍ରଦୂଷଣ, – ଶବ୍ଦ ପ୍ରଦୂଷଣ ଓ – ପ୍ଲାଷ୍ଟିକ ପ୍ରଦୂଷଣ।

**ବାୟୁ ପ୍ରଦୂଷଣ:** ଶ୍ୱାସକ୍ରିୟାଜନିତ ରୋଗ କ୍ୟାନସର, ଚର୍ମରୋଗ ଆଦି ସୃଷ୍ଟି କରୁଥିବାବେଳେ ସବୁଜ କୋଠରୀ ଗ୍ୟାସ ପ୍ରଭାବରେ ସୃଷ୍ଟି ହେଉଥିବା ବିଶ୍ୱ ତାପନ (ଗ୍ଲୋବାଲ ୱାର୍ମିଂ) ଯୋଗୁ ଋତୁ ଚକ୍ରରେ ମଧ୍ୟ ଅନିୟମିତତା ଦେଖାଯାଏ। ଏସିଡ ବର୍ଷା ବାୟୁ ପ୍ରଦୂଷଣର ଅନ୍ୟ ଏକ କାରଣ। କୋଇଲା ଜାଳେଣି ଭାବରେ ବ୍ୟବହୃତ ହେଉଥିବା ଶିଳ୍ପଗୁଡ଼ିକରୁ ସଲଫର ଓ ନାଇଟ୍ରୋଜେନ ଅକ୍ସାଇଡ ନିର୍ଗତ ହୋଇଥାଏ, ଯାହାକି ସଲ୍‌ଫ୍ୟୁରିକ ଏସିଡ ଓ ନାଇଟ୍ରିକ ଏସିଡରେ ରୂପାନ୍ତରିତ ହୋଇଥାଏ। ବର୍ଷା ଜଳରେ ଏହା ମିଶି ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତର କ୍ଷତି ଘଟାଇଥାଏ।

**ଜଳ ପ୍ରଦୂଷଣ:** ଜଳ ପ୍ରଦୂଷଣ ଯୋଗୁ ଆନ୍ତ୍ରିକ ଜ୍ୱର, ଆମାଶୟ, ହଇଜା ଆଦି ଜଳବାହିତ ରୋଗ ହୋଇଥାଏ।

**ମୃତ୍ତିକା ପ୍ରଦୂଷଣ:** ରାସାୟନିକ କୃଷି ଦ୍ୱାରା ମୃତ୍ତିକାର ଜଳଧାରଣ ଶକ୍ତି କମିବା ସହିତ କ୍ଷାର ଲବଣ ଓ ଅମ୍ଳୀୟ ଅଂଶ ବୃଦ୍ଧି ପାଉଛି। ମୃତ୍ତିକାର ଗୁଣବତ୍ତା ଠିକ୍ ରହୁ ନାହିଁ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ମସ୍ତିଷ୍କ, ବୃକକ, ପାକସ୍ଥଳୀ, ଯକୃତ, ଅନ୍ତଃନଳୀ ଆଦି ପ୍ରତି ବିପଦାପନ୍ନ ହେବା ସହିତ କ୍ୟାନସର ମଧ୍ୟ ସୃଷ୍ଟି କରେ।

**ଶବ୍ଦ ପ୍ରଦୂଷଣ:** ମାତ୍ରାଧିକ ଶବ୍ଦ ମନୁଷ୍ୟ ସମାଜ ପାଇଁ କ୍ଷତିକାରକ, ନିଦ୍ରାହୀନତା, ଉଚ୍ଚରକ୍ତ ଚାପ, ଶ୍ରବଣ ଶକ୍ତି ହ୍ରାସ, ହୃଦ୍‌ସ୍ପନ୍ଦନ ବର୍ଦ୍ଧନ, ଦୁର୍ବଳ ମାନସିକତାର ବ୍ୟକ୍ତି ପାଗଳ ହୋଇଯାଏ, ସ୍ନାୟୁ ଉପରେ କୁପ୍ରଭାବ ଏବଂ ସାଧାରଣ ଜୀବନ ପ୍ରକ୍ରିୟାରେ ବାଧାସୃଷ୍ଟି ହୁଏ।

ପ୍ଲାଷ୍ଟିକ ବା ଆବର୍ଜନା ପ୍ରଦୂଷଣ: କେତେକ ପଦାର୍ଥକୁ ଆମେ ବ୍ୟବହାର ପରେ ସେଗୁଡ଼ିକୁ ବାହାରକୁ ଫିଙ୍ଗି ଦିଆଯାଏ, ଯଥା– ପଲିଥିନ, ଟାୟାର, ପ୍ଲାଷ୍ଟିକ, ବକେଟ୍, ମଗ୍, ଟିଣ, ଚମଡା ଜୋତା ଆଦି ପଦାର୍ଥ ପ୍ରଦୂଷଣର କାରଣ ହୋଇଥାଏ। ଏହା ଦ୍ୱାରା ଆମେ ହଇଜା, ମ୍ୟାଲେରିଆ, ଟାଇଫଏଡ, ତରଳଝାଡା ଆଦିର ଆକ୍ରାନ୍ତ ହୁଅନ୍ତି।

**ପଦକ୍ଷେପ:** ପ୍ରଦୂଷଣ ପରିବେଶ, ସମାଜର ଉନ୍ନତି ଏବଂ ପ୍ରଗତିର ଅନ୍ତରାୟ ସୃଷ୍ଟି କରିଥାଏ। ପରିବେଶ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। କାରଣ ଏକ ସୁସ୍ଥ ପରିବେଶ ଏକ ସୁସ୍ଥ ସମାଜ ଗଠନ ଦିଗରେ ମୁଖ୍ୟଭୂମିକା ନିର୍ବାହ କରିଥାଏ। ଏଥିପାଇଁ ସମସ୍ତଙ୍କୁ ମିଳିତ ଭାବେ ସଚେତନ ହେବାକୁ ପଡିବ ଏବଂ ମିଳିତ ପଦକ୍ଷେପ ନେବାକୁ ପଡିବ। କେଉଁଠୁ କିଛି ପାଇବାର ଥିଲେ 'ମୁଁ ନେଇଯିବି ଚିନ୍ତାଧାରରେ ଆମେ ଥାଉଁ କିନ୍ତୁ ଯେତେବେଳେ କିଛି ଦାୟିତ୍ୱବୋଧର ପ୍ରଶ୍ନ ଆସେ 'ଅନ୍ୟମାନେ କରିଦେବେ'ର ଚିନ୍ତାଧାରା ଆମକୁ ଗ୍ରାସ କରିଥାଏ। ଏହା ହିଁ ଆମର ତ୍ରୁଟି। ବ୍ୟକ୍ତିଗତ ସ୍ତରରେ ସଚେତନ ସହ ସାମୂହିକ ଚେତନାକୁ କ୍ରିୟାଶୀଳ କରିବାକୁ ପଡିବ।

ଭବିଷ୍ୟତ ପିଢ଼ି ପାଇଁ ଜଳ, ପବନ, ଚାଷୋପଯୋଗୀ ଜମି ଓ ଅନ୍ୟାନ୍ୟ ସମ୍ବଳ ସଂରକ୍ଷିତ ଓ ଦୀର୍ଘ ସ୍ଥାୟୀ ବ୍ୟବହାର ଉପରେ ଗୁରୁତ୍ୱ ଉପଲବ୍ଧ ହେବା ଦରକାର। ପ୍ରଦୂଷଣକୁ ବନୀକରଣ/ ବୃକ୍ଷରୋପଣ ଦ୍ୱାରା ମଧ୍ୟ ବହୁ ମାତ୍ରାରେ ରୋକା ଯାଇପାରିବ। ରାସ୍ତାର ଦୁଇ ପାର୍ଶ୍ୱରେ ବୃକ୍ଷରୋପଣ ଦ୍ୱାରା ଶବ୍ଦ ତରଙ୍ଗ, ବିଷାକ୍ତ ଗ୍ୟାସ, ଧୂଳି ଆଦି ପତ୍ର ଏବଂ ଡାଳ ଦ୍ୱାରା ନିୟନ୍ତ୍ରଣ କରାଯାଇ ପାରିବ। ନିମ, ନଡିଆ, ତାଳ, ଦେବଦାରୁ, ସୁନାରୀ ଆଦି ଗଛ ରାସ୍ତାର ଦୁଇ ପାର୍ଶ୍ୱରେ ଲଗାଇବା ଆବଶ୍ୟକ। ଏହି ବୃକ୍ଷରୋପଣ ଧ୍ୱନି ପ୍ରତିରୋଧକ କାମ କରିବା ସହିତ ପ୍ରଦୂଷଣର ସ୍ତରକୁ କମାଇ ପାରିବ। ବୃକ୍ଷରୋପଣ କାମକୁ ଜୋରଦାର କରାଯିବା ଦରକାର।
–ପଲିଥିନ୍ ବଦଳରେ କାଗଜ ମୁଣା ବ୍ୟବହାର କରିବା ଭଲ ।
–ବୃକ୍ଷ ମମ୍ପଦକୁ ବଢାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ଜନ୍ମଦିନ ବିବାହ ବ୍ରତ, ପୂଜା ପାର୍ବଣ ଆଦି କାମକାର୍ଯ୍ୟରେ ପ୍ରତିବର୍ଷ ଗଛ ଲଗାଇ ଯତ୍ନ ନେବା ଜରୁରୀ।
–ରାସ୍ତା କଡ, ଅନାବାଦୀ ଜମି ତଥା ବିଦ୍ୟାଳୟ ପାର୍ଶ୍ୱରେ ବୃକ୍ଷରୋପଣ କରିବା ବିଧେୟ ।
–ବନୀକରଣ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରଚାର ଓ ପ୍ରସାର କରିବା । ଆମ ପରିବେଶରେ ଔଷଧୀୟ ବୃକ୍ଷ ତଥା ଅନ୍ୟ ଗଛର ରକ୍ଷଣା ବେକ୍ଷଣ ।
– ଜଙ୍ଗଲ ଅଞ୍ଚଳର ଆୟତନ ବୃଦ୍ଧି କରିବା ଓ ଅଯଥାରେ ଜଙ୍ଗଲ ନଷ୍ଟ ନ କରିବାକୁ ପଦକ୍ଷେପ ନେବା।
– ପରିବେଶ ସଚେତନତା ସ୍ଲୋଗାନମାନ ଯଥା ଛୁଆଟିଏ ଗଛଟିଏ, ଜଙ୍ଗଲ ଥିଲେ ... ଆମେ ରହିଲେ ସବୁଜ ସୁନ୍ଦର, ସୁସ୍ଥ ରଖିବୁ ସ୍ୱାସ୍ଥ୍ୟ ତୁମର ଆଦି ଲୋକମାନଙ୍କ ପାଖରେ
ପହଞ୍ଚାଇବା ଦରକାର ।
– ପାଠ୍ୟ ପୁସ୍ତକରେ ପରିବେଶ ପ୍ରଦୂଷଣର ଭୟାବହତା ଓ ପ୍ରତିକାର ସମ୍ବନ୍ଧୀୟ ଲେଖାମାନ ସ୍ଥାନ ପାଇବା ଦରକାର ।

**ବନୀକରଣର ଅନ୍ୟାନ୍ୟ ଉପାଦେୟତା :**
–ବୃକ୍ଷ ରୋପଣ ଦ୍ୱାରା ମୃତ୍ତିକା ସଂରକ୍ଷଣ ହେବା ସହିତ ଜଳ ଦୂଷିତ ହୁଏ ନାହିଁ ।
– ଘଞ୍ଚ ବୃକ୍ଷରାଜି ଆକାଶରେ ମେଘକୁ ଆକର୍ଷଣ କରାଇ ବର୍ଷା ହେବାର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।
–ଲୋକମାନେ ଗଛର ବିଭିନ୍ନ ପ୍ରକାରର ଫଳଖାଇ ସୁସ୍ଥ ଓ ନୀରୋଗ ଜୀବନ ଯାପନ କରନ୍ତି।
ସମସ୍ତେ ସୁସ୍ଥ ଓ ସ୍ୱାଚ୍ଛନ୍ଦ୍ୟରେ ରହିବାକୁ ହେଲେ, ଆମ ପରିବେଶର ଅବକ୍ଷୟ ରୋକିବାକୁ ହେବ । ବିଶୁଦ୍ଧ ପରିବେଶ ହିଁ ନୀରୋଗ ବା ଉତ୍ତମ ସ୍ୱାସ୍ଥ୍ୟାବସ୍ଥା ପାଇଁ ନିତାନ୍ତ ଜରୁରୀ ।

**–ବନବିଜ୍ଞାନୀ, ଓୟୁଏଟି, ଭୁବନେଶ୍ୱର**
**ମୋ: ୯୪୩୭୦୩୧୨୦୯**

# ଧାନର ଚେରଗଣ୍ଠି ସୂତ୍ରକୃମିଜନିତ ରୋଗର ପ୍ରତିକାର



ମୁକେଶ କୁମାର ପାତ୍ର

ଧାନ ଆମ ରାଜ୍ୟର ଏକ ମୁଖ୍ୟ ଫସଲ ହେଲେ ମଧ୍ୟ ଚାଷୀ ଭାଇମାନେ ତା'ର ଚାଷ ପ୍ରଣାଳୀ ଓ ରୋଗ ପୋକ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦେଇ ନ ଥାନ୍ତି। ଫଳରେ ଧାନ ଫସଲରୁ ଆଶାନୁରୂପ ଅମଳ ମିଳି ନ ଥାଏ। ଯେତେ ରୋଗ, ପୋକ ସବୁ ଧାନ ଫସଲକୁ ଆକ୍ରାନ୍ତ କରେ ତା' ମଧ୍ୟରୁ ଚେରଗଣ୍ଠି ନିମାଗୋଡ ବା ସୂତ୍ରକୃମି ଅନ୍ୟତମ। ଆମ ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲାର ଢିପ ଓ ମଧ୍ୟମ ଧରଣର ଜମିରେ ଏହି ଚେରଗଣ୍ଠି ସୂତ୍ର କୃମିର ପ୍ରାଦୁର୍ଭାବ ଦେଖାଯାଏ। ମରୁଡି ହେଉଥିବା ବର୍ଷରେ ଏହି ସୂତ୍ରକୃମିଜନିତ କ୍ଷତିର ପରିମାଣ ଅଧିକ ହେଉଥିବାର ଅନୁମାନ କରାଯାଉଛି। ଉଚ୍ଚ ତଥା ମଧ୍ୟମ କିସମ ଅଣଜଳସେଚିତ ଜମିର ବାଲିଆ ଦୋରସା ମାଟି ଏମାନଙ୍କ ବଂଶ ବିସ୍ତାର ପାଇଁ ବେଶ୍ ଉପଯୁକ୍ତ।

ଏହି ପ୍ରକାର ସୂତ୍ରକୃମିର ଶାବକମାନେ ଅସଂଖ୍ୟ ପରିମାଣରେ ମାଟିରେ ରହି ଧାନ ତଳିଚେରରେ ପ୍ରବେଶ କରି ଚେରରୁ ରସଶୋଷି ଖାଆନ୍ତି ଏବଂ ସେହି ଚେରରେ ରହି ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୁଅନ୍ତି। ଫଳରେ ଚେରରେ ଅନେକ ଛୋଟ ଛୋଟ ଗଣ୍ଠି ସୃଷ୍ଟି ହୁଏ ଏବଂ ତଳିଘେରାରେ ଧାନଚାରାଗୁଡ଼ିକ ଠିକ୍ ଭାବେ ବଢିପାରନ୍ତି ନାହିଁ। ଚେରଗୁଡ଼ିକ ମୋଟା ତଥା ଗୋଦରା ହୋଇଯାଆନ୍ତି । ଆକ୍ରାନ୍ତ ଚାରାଗୁଡ଼ିକ ଥୁଣ୍ଟା ଓ ହଳଦିଆ ପଡ଼ିଯାଆନ୍ତି। ଆକ୍ରାନ୍ତ ଚେରଗୁଡ଼ିକ ମାଟିରୁ ଖାଦ୍ୟସାର ଗଛକୁ ଯୋଗାଇପାରନ୍ତି ନାହିଁ। ଫଳରେ ଫସଲରେ ପିଲ ସଂଖ୍ୟା କମ୍ ହୁଏ, କେଣ୍ଡା ସହଳ ଆସେ, କେଣ୍ଡାଗୁଡ଼ିକ ଛୋଟ ଛୋଟ ହୁଏ ଏବଂ ଅମଳ ପ୍ରାୟ ଶତକଡା ୧୫ ପ୍ରତିଶତ କମିଯାଏ ।



ତେଣୁ ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ତଳିଘେରା ପ୍ରସ୍ତୁତି ସମୟର ହିଁ ସତର୍କ ହେବାକୁ ପଡିବ । ଯାହା ଫଳରେ ପ୍ରଥମ ଅବସ୍ଥାରୁ ଧାନ ଚାରା ସୁସ୍ଥ ଭାବରେ ବଢିପାରିବ । ଦରକାର ହେଲେ ଧାନ ବୁଣିବା ପରେ ମଧ୍ୟ ପ୍ରତିକାର କରାଯାଇପାରିବ ।

**ପ୍ରତିକାର ବ୍ୟବସ୍ଥା: ଢିପ ଜମିରେ ପ୍ରତିକାର :**–ମୁଖ୍ୟଜମିକୁ ଖରାଦିନେ ଭଲଭାବରେ ୨/୩ ଓଡ଼ ଚାଷ କରିଦେଲେ ମାଟିରେ ଥିବା ସୂତ୍ରକୃମିମାନେ ମରିଯାନ୍ତି।
–ମୁଖ୍ୟ ଜମିରେ ସୂତ୍ରକୃମି ସଂଖ୍ୟା ବହୁତ ଥିଲେ ଧାନ ବୁଣିବାର ୧୦ ଦିନ ପରେ ଫୁରାଡନ୍ ଔଷଧକୁ ଏକର ପିଛା ୧୨ କି.ଗ୍ରା ହିସାବରେ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ଦାନାଦାର ଔଷଧକୁ ଏକର ପିଛା ୧୦ କି.ଗ୍ରା ହିସାବରେ ପ୍ରୟୋଗ କଲେ ସୂତ୍ରକୃମି ଆକ୍ରମଣରୁ ଧାନଗଛକୁ ରକ୍ଷା କରାଯାଇପାରିବ।

**ମଧ୍ୟମ ଧରଣର ଜମିରେ ପ୍ରତିକାର :**
– ଏଠାରେ ମୁଖ୍ୟତଃ ତଳିଘେରାରେ ଧାନ ଗଛ ୧ ମାସ ପର୍ଯ୍ୟନ୍ତ ରହୁଥିବାରୁ ତଳିଘେରାକୁ ସୂତ୍ରକୃମି ସଂକ୍ରମଣରୁ ମୁକ୍ତ ରଖିପାରିଲେ ମୁଖ୍ୟଜମିରେ ଗଛରେ ବିଶେଷ କ୍ଷତି ହୁଏ ନାହିଁ ।

ତଳିଘେରାରେ ଧାନ ବିହନ ବୁଣିବା ଆଗରୁ ପ୍ରତିକାର: –ଧାନ ବିହନ ବୁଣିବାର ଯଥେଷ୍ଟ ଆଗରୁ ମାଟିକୁ ଭଲଭାବରେ ହଳକରି ସାମାନ୍ୟ ବତର ଥିବା ଅବସ୍ଥାରେ ଧଳା ପଲିଥିନ ଚାଦର ଦ୍ୱାରା ଆଚ୍ଛାଦନ କରି ଅତି କମ୍‌ରେ ପାଖାପାଖି ୧୫ ଦିନ ରଖିଲେ ମାଟିରେ ଥିବା ସୂତ୍ରକୃମିଙ୍କର ବଂଶ ଲୋପ ପାଇଥାଏ।
– ଧାନ ବିହନ ବୁଣିବାର ୧୫ ଦିନ ଆଗରୁ ତଳି ଘେରା ମାଟିରେ ବର୍ଗ ମିଟର ପ୍ରତି ୧୦୦ ଗ୍ରାମ ହିସାବରେ ନିମପିଡିଆ କିମ୍ବା ଜୈବିକ କୀଟନାଶକ ସିଉଡୋମୋନାସ୍ ବର୍ଗମିଟର ପ୍ରତି ୨୦ ଗ୍ରାମ ହିସାବରେ ମିଶାଇ ଦେଲେ ମାଟିରେ ଥିବା ସୂତ୍ରକୃମି ମରିଯାଆନ୍ତି ଓ ତଳଚାରା ଚେରରେ ଗଣ୍ଠି ସୃଷ୍ଟି ହୁଏ ନାହିଁ ।

**ବୁଣିବା ସମୟରେ ବିହନ ବିଶୋଧନ:** ତଳିପାଇଁ ଧାନ ବିହନ ବୁଣିବା ବେଳେ ଏହାକୁ କାର୍ବୋସଲଫାନ ଶତକଡା ୦.୧ ଭାଗ (୧ଲିଟର ପାଣିରେ ୧ ମିଲି ହିସାବରେ) ଦ୍ରବଣରେ ୧୨ ଘଣ୍ଟା ପର୍ଯ୍ୟନ୍ତ ଭିଜାନ୍ତୁ। ଏହା ପରେ ତଳି ଘେରା ପ୍ରସ୍ତୁତ କରନ୍ତୁ।

**ବିହନ ବୁଣିସାରିବା ପରେ ପ୍ରତିକାର :** ତଳିଘେରାରେ ଧାନ ବିହନ ବୁଣିବାର ୮/୧୦ ଦିନ ମଧ୍ୟରେ କାର୍ବୋଫ୍ୟୁରାନ ବା କାଲ୍‌ଡାନ ଦାନାଦାର ବର୍ଗମିଟର ପ୍ରତି ୧ରୁ ୧୦ ଗ୍ରାମ ହିସାବରେ ପ୍ରୟୋଗ କଲେ ତଳିର ଚେରରେ ସୂତ୍ରକୃମିଜନିତ ଗଣ୍ଠି ସୃଷ୍ଟି ହୁଏ ନାହିଁ ।

ଉପରୋକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ସହ ଯଦି ମୁଖ୍ୟ ଜମିରେ ଫସଲ ପର୍ଯ୍ୟାୟରେ ଧାନପରେ ଚିନାବାଦମ, ବିରି, ନଳିତା ଆଦି ଫସଲ ଚାଷ ଅନ୍ତର୍ଭୁକ୍ତ କରାଯାଏ ତେବେ ଏହି ରୋଗ ସମସ୍ୟା ପରିବର୍ତ୍ତୀ ଧାନଚାଷରେ ପ୍ରାୟ ହୁଏ ନାହିଁ । ଏହା ସହିତ ଉପଯୁକ୍ତ ଖତସାର ପ୍ରୟୋଗ, ଅନ୍ତଃଚାଷ, ମିଶ୍ରିତ ଚାଷ ଇତ୍ୟାଦି କରିବା ଆବଶ୍ୟକ ।

**–ସୂତ୍ରକୃମି ବିଭାଗ**
**କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର**

ପ୍ରଥମ ପୃଷ୍ଠାରୁ...

## ବିଚକ୍ଷଣ ସଂସଦୀୟ...

ସେହିପରି ସମ୍ବଲପୁର ଏମ୍‌ପି ନୀତୀଶ ଗଙ୍ଗଦେବ ତାଙ୍କ କ୍ଷେତ୍ର ଅନ୍ତର୍ଗତ ରେଢାଖୋଲ, ଆଠମଲ୍ଲିକ ଏବଂ ଛେଣ୍ଡିପଦା ଆସନରେ ପରାଜୟର ସ୍ୱାଦ ଚାଖିଛନ୍ତି। ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ ନିଜ କ୍ଷେତ୍ର ଅନ୍ତର୍ଗତ ବାଙ୍ଗିରପୋଷୀ, ଉଦଳା ଏବଂ ମୋରଡ଼ା ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ନିଜ କ୍ଷେତ୍ର ମଧ୍ୟରେ ଆସୁଥିବା ଜଳେଶ୍ୱର, ଭୋଗରାଇ ଏବଂ ବସ୍ତା ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ନିଜ ନିର୍ବାଚନମଣ୍ଡଳୀ ଭିତରେ ଆସୁଥିବା ବୀରମହାରାଜପୁର, ସୋନପୁର ଏବଂ ବଲାଙ୍ଗୀର ଆସନରେ ପରାଜୟ ମୁହଁ ଦେଖିଛନ୍ତି। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ ମଧ୍ୟ ନିଜ କ୍ଷେତ୍ର ଭିତରେ ଆସୁଥିବା ନୂଆପଡ଼ା ଏବଂ ଲାଞ୍ଜିଗଡ଼ ଆସନରେ ପରାଜିତ ହୋଇଛନ୍ତି। ବସନ୍ତ ଗତଥର ବିଧାୟକ ଭାବେ ଜିତିଥିବା ନିଜ ନିର୍ବାଚନମଣ୍ଡଳୀ ନୂଆପଡ଼ାରେ ତୃତୀୟ ସ୍ଥାନରେ ରହିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ନିଜ କ୍ଷେତ୍ର ମଧ୍ୟରେ ଆସୁଥିବା ଜୟଦେବ ବିଧାନସଭା କ୍ଷେତ୍ରରେ ପରାଜିତ ହୋଇଛନ୍ତି। କଂଗ୍ରେସର ଏକମାତ୍ର ଏମ୍‌ପି ଭାବେ ସପ୍ତଗିରି ଉଲାକା କୋରାପୁଟ ଆସନରୁ ବିଜୟୀ ହୋଇଛନ୍ତି। ଉଲାକା କିନ୍ତୁ ନିଜ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ଟି ଆସନରେ ବିଜୟୀ ହୋଇଥିବା ବେଳେ ବିଷମକଟକ, କୋରାପୁଟ ଏବଂ ପଟ୍ଟାଙ୍ଗୀ ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। ଏ ସମସ୍ତ ତଥ୍ୟକୁ ଦେଖିଲେ, ନବରଙ୍ଗପୁର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରଦୀପ ମାଝୀ ଏହି କ୍ଷେତ୍ର ଅନ୍ତର୍ଗତ କୋଟପାଡ ଏବଂ ନବରଙ୍ଗପୁର ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି। ଅନ୍ୟପଟେ ବ୍ରହ୍ମପୁର ଲୋକ ସଭା ଆସନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଭି. ଚନ୍ଦ୍ରଶେଖର ନାଇଡୁ ଏହି କ୍ଷେତ୍ର ଅନ୍ତର୍ଗତ ମୋହନା ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି। ଏହିପରି ସର୍ବମୋଟ ୭ଟି ଆସନରେ କଂଗ୍ରେସ ବିଜୟୀ ହୋଇଛି। ଅନ୍ୟସମସ୍ତ ବିଧାନସଭା କ୍ଷେତ୍ରରେ ବିଜେଡି ହରାଇଥିବା ଆସନ ଭାଜପା ଖାତାକୁ ଏବଂ ଭାଜପା ହରାଇଥିବା ଆସନ ବିଜେଡି ଖାତାକୁ ଚାଲିଯାଇଛି। ଉପରୋକ୍ତ ସଂସଦୀୟ ନିର୍ବାଚନ ଫଳାଫଳ ତଥ୍ୟକୁ ଯଦି ହିସାବ କରାଯାଏ, ତେବେ ବିଜେଡି ମୋଟ ୮୮, ଭାଜପା ୫୨ ଏବଂ କଂଗ୍ରେସ ୭ଟି ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି।

## ସ୍ୱତନ୍ତ୍ର ପାହ୍ୟା ଦାବି ...

୫୨୨୮ କୋଟି ଟଙ୍କା ପ୍ରଦାନ ପାଇଁ ନବୀନ ଦାବି କରିଛନ୍ତି। ହେଲେ ଆୟୁଷ୍ମାନ୍ ଭାରତ ଏବଂ ପିଏମ୍–କିଷାନ ଯୋଜନାକୁ ନେଇ କେନ୍ଦ୍ର ରାଜ୍ୟ ମଧ୍ୟରେ ବିବାଦ ରହିଥିବାବେଳେ ଏ ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିବା ଜଣାପଡିଛି।

ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଅଧିକାଂଶ ସମୟରେ ଓଡ଼ିଶା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୧୯୦୦ରୁ ୨୦୧୯ ମଧ୍ୟରେ ପୂର୍ବ–ଭାରତରେ ସୃଷ୍ଟି ହୋଇଥିବା ମୋଟ ସାମୁଦ୍ରିକ ଝଡ଼ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ସିଧା ଓଡ଼ିଶାକୁ ପ୍ରଭାବିତ କରିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ହୋଇପାରିଲେ ରାଜ୍ୟର ସର୍ବାଙ୍ଗୀନ ବିକାଶ ଓ ଅଭିବୃଦ୍ଧି ହୋଇ ପାରିବ। କେନ୍ଦ୍ର ଦ୍ୱାରା ଲାଗୁ କରାଯାଇଥିବା ଯୋଜନାଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ଅନୁପାତ ୯୦:୧୦ ରଖିବାକୁ ମୁଖ୍ୟମନ୍ତ୍ରୀ ନିଜ ଦାବିପତ୍ରରେ ଜଣାଇଛନ୍ତି। ସେହିପରି ଓଡ଼ିଶାକୁ 'ସ୍ପେଶାଲ ଫୋକସ୍ ଷ୍ଟେଟ' ଭାବେ ଘୋଷଣା କରାଯାଇ ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ସ୍ୱତନ୍ତ୍ର ରାଜ୍ୟଗୁଡ଼ିକ ପାଉଥିବା ସୁବିଧା ପ୍ରଦାନ କରିବାକୁ ଦାବି କରାଯାଇଛି। ଫନୀ ମୁକାବିଲା ଓ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର କରିଥିବା ସହଯୋଗ ନିମନ୍ତେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଫନୀରେ ପ୍ରାୟ ୫.୬ ଲକ୍ଷ ଘର ଧ୍ୱଂସ ହେବା ସହ ହଜାର ହଜାର ବୃକ୍ଷ ଉପୁଡ଼ିଯାଇଛି। ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ସହ ବିଦ୍ୟୁତ୍ ଭିତ୍ତିଭୂମି ବହୁଳ କ୍ଷତିଗ୍ରସ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉଲ୍ଲେଖ କରିଛନ୍ତି। ତେଣୁ ରାଜ୍ୟରେ ନୂତନ ୫ ଲକ୍ଷ ପକ୍କାଘର ନିର୍ମାଣ ପାଇଁ ଦାବି କରାଯାଇଛି। କେନ୍ଦ୍ର ଏଥିପାଇଁ ୯୦ ପ୍ରତିଶତ ବ୍ୟୟବରାଦ କରିବାକୁ ଅନୁରୋଧ କରାଯାଇଛି। ସ୍ୱତନ୍ତ୍ରଭାବେ ଏହାକୁ ପ୍ରଦାନ କରାଯାଇ 'ସ୍ଥାୟୀ ଅପେକ୍ଷା ତାଲିକା'କୁ ବାଦ୍ ଦେବା ପାଇଁ ମଧ୍ୟ କେନ୍ଦ୍ରକୁ କୁହାଯାଇଛି। ଫନୀ ଦ୍ୱାରା ହୋଇଥିବା ବିଭିନ୍ନ ଭିତ୍ତିଭୂମିର କ୍ଷତି ହିସାବ(ବିଭାଗ ୱାରି) ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇସାରିଛି। ପ୍ରାଥମିକ ଭାବେ ଏହି କ୍ଷୟକ୍ଷତିର ପରିମାଣ ୯୩୩୬ କୋଟି ଟଙ୍କା ଆକଳନ କରାଯାଇଛି। ତେଣୁ ସାମ୍ପ୍ରତିକ ସ୍ଥିତିରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ୫୨୨୮ କୋଟି ଟଙ୍କା କେନ୍ଦ୍ର ପ୍ରଦାନ କରୁ ବୋଲି ମୁଖ୍ୟମନ୍ତ୍ରୀ ଦୃଢଦାବି କରିଛନ୍ତି। କେତେକ କ୍ଷେତ୍ରରେ ପୂର୍ବ ପ୍ରଚଳିତ ଏନ୍‌ଡିଆରଏଫ୍ ଏବଂ ଏସ୍‌ଡିଆରଏଫ୍ ନିୟମକୁ କୋହଳ କରିବା ନେଇ ମଧ୍ୟ ରାଜ୍ୟ ପକ୍ଷରୁ ଦାବି କରାଯାଇଛି।

ସେହିପରି ସାରା ଦେଶର ଉତ୍ପାଦିତ ହେଉଥିବା କୋଇଲାର ଏକ–ପଞ୍ଚମାଂଶ ଓଡ଼ିଶାରେ ମିଳିଥାଏ। ହେଲେ କୋଇଲା ରୟାଲ୍‌ଟିର ଉପଯୁକ୍ତ ସଂଶୋଧନ ହୋଇ ନ ଥିବାରୁ ରାଜ୍ୟ ବହୁ ପରିମାଣର ରାଜସ୍ୱ ହରାଉଛି। ଖଣି ସମ୍ପର୍କିତ କାର୍ଯ୍ୟ ପାଇଁ ରାଜ୍ୟର ପରିବେଶ ବହୁଳ ଭାବେ ପ୍ରଭାବିତ ହେଉଛି। ଶେଷଥର ପାଇଁ ମେ ୧୦, ୨୦୧୨ରେ କୋଇଲା ରୟାଲଟି ସଂଶୋଧନ କରାଯାଇଥିଲା। ତେଣୁ ପ୍ରଚଳିତ ୧୪ ପ୍ରତିଶତ ରୟାଲ୍‌ଟିକୁ ୨୦ ପ୍ରତିଶତକୁ ବୃଦ୍ଧିକରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନିକଟରେ ଦାବି କରିଛନ୍ତି। ଓଡ଼ିଶାର ଦାବିକୁ ବିଚାର କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ କୁହାଯାଇଛି।

## ଧରାପଡ଼ିଲା ମାଇକ୍ରୋଫାଇନାନ୍ସ କମ୍ପାନୀ ମ୍ୟାନେଜରଙ୍କ ଚାଲାକି

ସମ୍ବଲପୁର,୧୧ ।୬(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲିରେ ଜଣେ ମାଇକ୍ରୋଫାଇନାନ୍ସ କମ୍ପାନୀର ମ୍ୟାନେଜରଙ୍କ ମିଛ ଅଭିଯୋଗ ଉପରେ ପୋଲିସ ପର୍ଦ୍ଦାଫାସ କରିଛି । ୫ ଲକ୍ଷ ୫୨ ହଜାର ୪୯୦ ଟଙ୍କା ଲୁଟ୍ ହୋଇଥିବା ନେଇ ମିଛ ଅଭିଯୋଗ କରି ଏବେ ନିଜେ ମ୍ୟାନେଜର ଫସି ଯାଇଛନ୍ତି। ଏହି ଯୁବକ ଜଣକ ହେଲେ ଗଞ୍ଜାମ ଜିଲା ରମ୍ଭା ଥାନା ପାଲୁର ଗ୍ରାମର ଆକାଶ ଆଲୁ । ସେ ହିଁ ଏହି ଟଙ୍କା ହଡପ କରିବା ପାଇଁ ଯୋଜନା କରି ନିଜେ ଅଭିଯୋଗ କରିଥିବା ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦଗାତା ଅଇଁଠାପାଲି ଏସ୍‌ଡିପିଓ ଅଫିସରରେ ମଙ୍ଗଳବାର ସୂଚନା ଦେଇଛନ୍ତି । ପିପୁଲ୍ସ ଫୋରମ ମାଇକ୍ରୋ ଫାଇନାନ୍ସ କମ୍ପାନୀର ରେଙ୍ଗାଲି ଶାଖାରେ ସେ ମ୍ୟାନେଜର ଭାବେ କାମ କରୁଥିଲେ। ଗତ ଶନିବାର ଓ ରବିବାର ସ୍ଥାନୀୟ ଅଞ୍ଚଳରୁ ଋଣ ଗ୍ରହୀତାମାନଙ୍କଠାରୁ ସଂଗ୍ରହ ହୋଇଥିବା ଟଙ୍କାକୁ ସେ ରହୁଥିବା ଭଡା ଘରେ ରଖିଥିଲେ। ହେଲେ ଏହାକୁ ସେ ହଡପ କରିବା ପାଇଁ ସେ ଯୋଜନା କରିଥିଲେ। ସୋମବାର ସେ ରେଙ୍ଗାଲି ଥାନାରେ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ, ସଂଗ୍ରହ ହୋଇଥିବା ଟଙ୍କାକୁ ଧରି ସେ ସ୍ଥାନୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଜମା କରିବାକୁ ବାହାରିଥିଲେ। ସେହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସିଥିଲେ। ସେମାନେ ତାଙ୍କ ଉପରକୁ ଲଙ୍କା ଗୁଣ୍ଡ ପକାଇ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡାଇ ନେଇ ଖସି ପଳାଇଥିଲେ। ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତ୍ରିଆଙ୍କୁ ନେଇ ଏକ ଟିମ୍ ଗଠିତ ହୋଇଥିଲା । ହେଲେ ତଦନ୍ତ ସମୟରେ ଆକାଶଙ୍କ ଉପରେ ହିଁ ପୋଲିସର ସନ୍ଦେହ ହୋଇଥିଲା । ସବୁ ଦିଗକୁ ନେଇ ତଦନ୍ତ କଲାପରେ ଶେଷରେ ଆକାଶଙ୍କୁ ହିଁ ପୋଲିସ ଗିରଫ କରିଛି। ତାଙ୍କ ସ୍କୁଟି (ଓଡି –୦୭–୦୪୭୯)ରେ ଚାମ୍ବର ତିଆରି କରି ଟଙ୍କା ଲୁଚାଯାଇଥିବା ଜାଣିବାକୁ ପାଇବା ପରେ ପୋଲିସ ସ୍କୁଟି ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ.୮୭/୧୯) ରୁଜୁ ହୋଇଛି।



"ଦେଶରେ ଇଲେକ୍ଟ୍ରିକ ଗାଡ଼ି ପ୍ରଚଳନ ନେଇ ସରକାରଙ୍କ ନୀତି ସ୍ପଷ୍ଟ ହେବା ଉଚିତ। ଗାଡ଼ି ନିର୍ମାତାମାନେ ବିଏସ୍-୬ ଅନୁଯାୟୀ ଏବେ ଗାଡ଼ି ଉତ୍ପାଦନ ପ୍ରତି ଦୃଷ୍ଟି ଦେଉଛନ୍ତି।
– ପଓ୍ବନ ମୁଞ୍ଜାଲ, ଅଧ୍ୟକ୍ଷ, ହିରୋ ମୋଟୋକର୍ପ



"ସାରା ଦେଶରେ ଥିବା ମର୍ଚ୍ଚାଣ୍ଟ ଏବଂ କ୍ଷୁଦ୍ର ବ୍ୟବସାୟୀ ଭାରତର ନଗଦରୁ ଡିଜିଟାଲ ଯାତ୍ରାର ମୁଖ୍ୟ ସୂତ୍ରଧର ହେବେ। ସେମାନଙ୍କୁ ଡିଜିଟାଲ ଭାବେ କ୍ଷମତାଶାଳୀ କରିବାକୁ ହେବ।
– ରାଜୀବ କୁମାର, ସିନିୟର ଭାଇସ ପ୍ରେସିଡେଣ୍ଟ, ମାଷ୍ଟରକାର୍ଡ

## ସଂକ୍ଷେପରେ

### ବନ୍ଦ ହେଲା ପିଆଜ ରପ୍ତାନି ପ୍ରୋତ୍ସାହନ



ନୂଆଦିଲ୍ଲୀ,୧୧-୬: କେନ୍ଦ୍ର ସରକାର ଘରୋଇ ବଜାରରେ ପିଆଜର ମୂଲ୍ୟବୃଦ୍ଧିକୁ ଦୃଷ୍ଟିରେ ରଖି ତାଜା ଏବଂ ଶୀତଳଭଣ୍ଡାର ପିଆଜର ରପ୍ତାନି ଉପରେ ମିଳୁଥିବା ପ୍ରୋତ୍ସାହନକୁ ବନ୍ଦ କରିଦେଇଛନ୍ତି। ପିଆଜ ରପ୍ତାନିକାରୀ ମର୍ଚ୍ଚାଣ୍ଡାଇଜ ଏକ୍ସପୋର୍ଟର୍ସ ଫ୍ରମ୍ ଇଣ୍ଡିଆ ସ୍କିମ୍(ଏମ୍ଇଆଇଏସ୍) ଅନ୍ତର୍ଗତରେ ରପ୍ତାନି ମାଲ୍ର ଲଦିବା ମୂଲ୍ୟ(ଏଫଓବି)ର ୧୦ ପ୍ରତିଶତ ସମାନ ଶୁଳ୍କର ଲାଭ ଦିଆଯାଉଥିଲା। ଗତ ୯ରେ ଡିଜିଏଫ୍ଟି ପକ୍ଷରୁ ଜାରି ସଦ୍ୟତମ ସୂଚନାନୁଯାୟୀ, ଏମ୍ଇଆଇଏସ୍ର ଲାଭକୁ ତତ୍କାଳ ୧୦ ପ୍ରତିଶତରୁ '୦' କରିଦିଆଯାଇଛି। ଅର୍ଥାତ୍ ୧୦ ପ୍ରତିଶତ ଲାଭକୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଇଛି। ଗତବର୍ଷ ଡିସେମ୍ବରରେ ଏହି ପ୍ରୋତ୍ସାହନ ରାଶିକୁ ୫ରୁ ବଢ଼ାଇ ୧୦ ପ୍ରତିଶତ କରାଯାଇଥିଲା ଯାହା କି ଚଳିତ ବର୍ଷ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇଥାନ୍ତା। ତେବେ ଦେଶର ବିଭିନ୍ନ ରାଜ୍ୟରେ ମରୁଡ଼ିର ପଦଧ୍ୱନି ଶୁଣାଯିବା ଭିତରେ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି।

### ଆଇବିଏମ୍ଠାରୁ ବଡ଼ କମ୍ପାନୀ ହେଲା ଟିସିଏସ୍



ନୂଆଦିଲ୍ଲୀ,୧୧-୬: ଦେଶର ଶୀର୍ଷ ଆଇଟି ସେବା ପ୍ରଦାନକାରୀ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସ(ଟିସିଏସ୍) ବିଶ୍ୱର ଶୀର୍ଷ କମ୍ପାନୀମାନଙ୍କ ମଧ୍ୟରେ ଅନ୍ୟତମ ଆଇବିଏମ୍କୁ ବଜାର ପୁଞ୍ଜୀକରଣରେ ପଛରେ ପକାଇ ଏକ ନମ୍ବର ସ୍ଥାନକୁ ଉଠିଆସିଛି। ସୋମବାର ଟିସିଏସ୍ର ବଜାର ପୁଞ୍ଜୀକରଣ ୮.୩୭ ଲକ୍ଷ କୋଟି ଟଙ୍କା(୧୨୦୫୦ କୋଟି ଡଲାର) ହୋଇଥିବା ବେଳେ ଆଇବିଏମ୍ର ବଜାର ପୁଞ୍ଜୀକରଣ ୮.୩୨ ଲକ୍ଷ କୋଟି ଟଙ୍କା (୧୧୯୬୦ କୋଟି ଟଙ୍କା) ହୋଇଛି। ଏଥିପୂର୍ବରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ଟିସିଏସ୍ ପଛରେ ପକାଇ ଦେଇଥିଲା। ରିଲାଏନ୍ସର ବଜାର ପୁଞ୍ଜୀକରଣ ୮.୩୬ ଲକ୍ଷ କୋଟି ଟଙ୍କା ଥିଲା।

### ଏଟିଏମ୍ ଚାର୍ଜ ଆର୍ବିଆଇ ଗଠନ କଲା ସମୀକ୍ଷା କମିଟି



ମୁମ୍ବାଇ,୧୧-୬: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ଏନ୍ଇଏଫ୍ଟି ଏବଂ ଆର୍ଟିଜିଏସ୍ ଉପରେ ଲାଗୁଥିବା ଶୁଳ୍କ ପ୍ରତ୍ୟାହାର କରିନେଇଛି। ତେବେ ଅଟୋମେଟେଡ ଟେଲର ମେଶିନ(ଏଟିଏମ୍) ବ୍ୟବହାର ଲାଗି ଲାଗୁଥିବା ଚାର୍ଜ ଆଦାୟର ସମୀକ୍ଷା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। କମିଟିର ପ୍ରଥମ ବୈଠକର ୨ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଆର୍ବିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୬ରେ ମୁଦ୍ରାନୀତି ଘୋଷଣା କରିବା ଅବସରରେ ଏଟିଏମ୍ ଚାର୍ଜର ସମୀକ୍ଷା ଲାଗି ଏକ କମିଟି ଗଠନ କରାଯିବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ପ୍ରକାଶ କରିଥିଲେ। ଇଣ୍ଡିଆନ ବ୍ୟାଙ୍କସ ଆସୋସିଏଶନର ଚିଫ୍ ଏକ୍ଜିକ୍ୟୁଟିଭ ଅଫିସର ଭି.ଜି.କାନ୍ନନ ଏହି କମିଟିର ଅଧ୍ୟକ୍ଷ ରହିବେ।

### ଜୁଲାଇ ପହିଲାରୁ ଆର୍ଟିଜିଏସ୍, ଏନ୍ଇଏଫ୍ଟି ଶୁଳ୍କ ଛାଡ

ମୁମ୍ବାଇ, ୧୧-୬: ଜୁଲାଇ ପହିଲାରୁ ଆର୍ଟିଜିଏସ୍ ଓ ଏନ୍ଇଏଫ୍ଟି ମାଧ୍ୟମରେ ଅର୍ଥ ଟ୍ରାନ୍ସଫର କରାଯିବା ଉପରେ କୌଣସି ଚାର୍ଜ ଦେବାକୁ ପଡିବ ନାହିଁ ବୋଲି ମଙ୍ଗଳବାର ରିଜର୍ଭ ବ୍ୟାଙ୍କ ଏକ ବିବୃତି ଜାରି କରି କହିଛି। ଦେଶର ସର୍ବବୃହତ ବ୍ୟାଙ୍କ କୁହାଯାଉଥିବା ଏସ୍ବିଆଇ ଏନ୍ଇଏଫ୍ଟି ପାଇଁ ୧ରୁ ୫ ଟଙ୍କା ଏବଂ ଆର୍ଟିଜିଏସ୍ ପାଇଁ ୫ରୁ ୫୦ଟଙ୍କା ନେଉଛି। ସୂଚନାଯୋଗ୍ୟ ଯେ, ଆର୍ଟିଜିଏସ୍ ମାଧ୍ୟମରେ ବଡ଼ ଆକାରର ଏବଂ ଏନ୍ଇଏଫ୍ଟି ମାଧ୍ୟମରେ ୨ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ପଠାଯାଇପାରିବ।

## ଅରବିନ୍ଦ ସୁବ୍ରମଣ୍ୟନ୍ଙ୍କ ବିସ୍ଫୋରକ ରିପୋର୍ଟ

# ଜିଡିପିକୁ ନେଇ ମିଛ କହିଛନ୍ତି ୟୁପିଏ, ଏନ୍ଡିଏ

ନୂଆଦିଲ୍ଲୀ,୧୧-୬

- ୨୦୧୧-୧୨ରୁ ୨୦୧୬-୧୭ଯାଏ ଜିଡିପି ହାର ୨.୫% କମ୍ ଥିଲା
- ଏହି ସମୟରେ ଜିଡିପି ୩.୫ରୁ ୫.୫% ରହିବା ସମ୍ଭାବନା
- ବିକାଶ ହାର ୧% ବଢ଼ିଥିବା ୯୫% ନିଶ୍ଚିତ



ଅରବିନ୍ଦ ସୁବ୍ରମଣ୍ୟନ୍

ବିଗତ କିଛିମାସ ହେବ ଜିଡିପି ଡାଟାକୁ ନେଇ ବିବାଦ ଲାଗିରହିଛି। ଏବେ ଏହି ବିବାଦରେ କୁଦି ପଡ଼ିଛନ୍ତି ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ୍। ତାଙ୍କ ମତରେ ଜିଡିପିକୁ ନେଇ ଉଭୟ ୟୁପିଏ ଓ ଏନ୍ଡିଏ ସରକାର ଦେଶବାସୀଙ୍କୁ ମିଛ କହିଛନ୍ତି। ବାସ୍ତବଠାରୁ ପ୍ରାୟ ୨.୫% ଅଧିକ ଜିଡିପି ହାର ଦର୍ଶାଯାଇଛି। ସୁବ୍ରମଣ୍ୟନ୍ କହିଛନ୍ତି ଯେ, ୨୦୧୧-୧୨ରୁ ୨୦୧୬-୧୭ ଯାଏ ଦେଶର ବିକାଶ ହାର ୬.୯ ପ୍ରତିଶତ ରହିଥିବା ଦାବି କରାଯାଇଥିଲା। ତେବେ ସେତେବେଳେ ଏହା ୩.୫ରୁ ୫.୫% ରହିଥିବା ସମ୍ପୂର୍ଣ୍ଣ ସମ୍ଭାବନା ରହିଛି।

ମିଡିଆ ରିପୋର୍ଟ ଅନୁଯାୟୀ, ସୁବ୍ରମଣ୍ୟନ୍ ହାର୍ଭାର୍ଡ ୟୁନିଭର୍ସିଟିରେ ଏକ ଗବେଷଣାମୂଳକ ରିପୋର୍ଟ ପ୍ରକାଶ କରି ଭାରତର ଜିଡିପି ସମ୍ପର୍କରେ ବିସ୍ଫୋରକ ତଥ୍ୟ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ, ଦେଶ ଭିତରେ ଏବଂ ବାହାରେ ଥିବା ଏକାଧିକ ସାକ୍ଷ୍ୟପ୍ରମାଣରୁ ଜଣାପଡୁଛି ଯେ, ଭାରତର ଜିଡିପି ଅଭିବୃଦ୍ଧି ୨୦୧୧ ପରେ ପ୍ରତିବର୍ଷ ପ୍ରାୟ ୨.୫% ବଢ଼େଇ ଦର୍ଶାଯାଇଥିବା ଅନୁମାନ କରାଯାଉଛି। ତେବେ ୧% ନିଶ୍ଚିତ ଭାବେ ବଢ଼ାଯାଇଥିବା ୯୫% ଗ୍ୟାରେଣ୍ଟି ସହ କହିହେବ ବୋଲି ରିପୋର୍ଟରେ କୁହାଯାଇଛି। ସୁବ୍ରମଣ୍ୟନ୍ ଲେଖିଛନ୍ତି ଯେ, ଭାରତର ଆର୍ଥିକ ନୀତିର ଗାଡ଼ି ଖରାପ ହୋଇଯାଇଛି ଏବଂ ଏହା ଭାଙ୍ଗିଯାଇଥିବା ସ୍ପିଡୋମିଟର ସହିତ ଆଗକୁ ବଢ଼ିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍ଓ)ର ତଥ୍ୟ କହୁଛି ଯେ, ଗତ ଆର୍ଥିକ ବର୍ଷ ୨୦୧୮-୧୯ର ଚତୁର୍ଥ ତ୍ରୈମାସରେ ଦେଶର ଜିଡିପି ହାର ହ୍ରାସ ପାଇ ୫.୮% ରହିଛି। ଏହି କାରଣରୁ ଭାରତକୁ ପଛରେ ପକାଇ ଚାଇନା ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶାଳୀ ଦେଶର ମାନ୍ୟତା ପାଇଛି। କୃଷି ଏବଂ ବିନିର୍ମାଣ କ୍ଷେତ୍ରରେ ଦେଖାଦେଇଥିବା ଦୁର୍ବଳତା କାରଣରୁ ଭାରତର ଜିଡିପି ହାର କମିଛି ବୋଲି ରିସର୍ଚ୍ଚ ରିପୋର୍ଟରେ ଦର୍ଶାଯାଇଛି। ପୂର୍ବତନ ସିଇଏ କହିଛନ୍ତି ଯେ, ୨୦୧୧ ପୂର୍ବରୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଏବଂ ବିନିର୍ମାଣ ରପ୍ତାନିର ଅଂଶ ସହ ଏହାର ସିଧାସଳଖ ତାଳମେଳ ଥିବା ମାନୁଫାକ୍ଚରିଂ ଭାଲ୍ୟୁକୁ ଦେଶର ବିକାଶ ହାର ସହ ଯୋଡାଯାଉଥିଲା। କିନ୍ତୁ ଏହା ପରେ ଏକ ପ୍ରମୁଖ ପ୍ରଣାଳୀଗତ ପରିବର୍ତ୍ତନ କରାଯିବା ଯୋଗୁ ଔପଚାରିକ ବିନିର୍ମାଣ କ୍ଷେତ୍ରର ମାପ ପ୍ରଭାବିତ ହୋଇଥିଲା। ଜିଡିପି ଆକଳନକୁ ସ୍ୱତନ୍ତ୍ର ଟାସ୍କଫୋର୍ସ ଦ୍ୱାରା ପୁନଃନିରୀକ୍ଷଣ କରାଯିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। ଏଥିରେ ରାଷ୍ଟ୍ରୀୟ, ଅନ୍ତଃରାଷ୍ଟ୍ରୀୟ, ପରିସଂଖ୍ୟାନବିତ୍, ମାକ୍ରୋ-ଇକୋନୋମିଷ୍ଟ ଏବଂ ପଲିସି ୟୁଜରଙ୍କୁ ସାମିଲ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

### ସରକାରଙ୍କ ଖଣ୍ଡନ

ସିଇଏ ସୁବ୍ରମଣ୍ୟନଙ୍କ ରିପୋର୍ଟକୁ ଖଣ୍ଡନ କରି କେନ୍ଦ୍ର ସରକାର କହିଛନ୍ତି ଯେ, ଏହା ପ୍ରଚଳିତ ପ୍ରକ୍ରିୟା ଓ ବ୍ୟବସ୍ଥା ଶାସ୍ତ୍ର ଅନୁସରଣ କରି ଜାତୀୟ ଆୟ ଅନୁମାନ ପ୍ରସ୍ତୁତ କରିଛନ୍ତି।

## ୩୫ ହଜାର କୋଟି ଋଣ ଶୁଝିଛି: ଅନିଲ

ନୂଆଦିଲ୍ଲୀ,୧୧-୬



ଅନିଲ ଅମ୍ବାନୀ

ଗତ ୧୪ ମାସ ମଧ୍ୟରେ ବକେୟା ଋଣରୁ ୩୫ ହଜାର କୋଟି ଟଙ୍କା ପରିଶୋଧ କରାଯାଇସାରିଛି ବୋଲି ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ ପ୍ରମୁଖ ଅନିଲ ଅମ୍ବାନୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଅନିଲ କହିଛନ୍ତି ଯେ, ଆହ୍ୱାନପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ବ୍ୟାଙ୍କ ଅଥବା ଆର୍ଥିକ ସଂସ୍ଥାରୁ ସହାୟତା ନ ପାଇ ମଧ୍ୟ ତାଙ୍କ ଗ୍ରୁପ୍ ୨୦୧୮ ଏପ୍ରିଲ ପହିଲାରୁ ଚଳିତବର୍ଷ ମେ ୩୧ ମଧ୍ୟରେ ମୂଳଧନ ୨୪,୮୦୦ କୋଟି ଟଙ୍କା ଏବଂ ସୁଧ ବାବଦରେ ୧୦,୬୦୦ କୋଟି ଟଙ୍କା ପରିଶୋଧ କରିସାରିଛି। ଅବଶିଷ୍ଟ ସମସ୍ତ ଋଣକୁ ମଧ୍ୟ ଗ୍ରୁପ୍ ପରିଶୋଧ କରିଦେବ ବୋଲି ଅନିଲ ପ୍ରତିଶ୍ରୁତି ଦେଇଛନ୍ତି। ବ୍ୟବସ୍ଥାରେ ଥିବା ତ୍ରୁଟିରୁ ୩୦ ହଜାର କୋଟି ଟଙ୍କା ପାଇବାରେ ବିଳମ୍ବ ହେଲା ବୋଲି ସେ ଅଭିଯୋଗ କରିଛନ୍ତି। ନିୟାମକ ଏବଂ ବିଭିନ୍ନ କୋର୍ଟର ରାୟ ପ୍ରକାଶରେ ବିଳମ୍ବ ପାଇଁ ସେ ବ୍ୟବସ୍ଥାକୁ ଦାୟୀ କରିଛନ୍ତି।

## ଯାତ୍ରୀ ବାହନ ୨୦%, କାର୍ ୨୬% ବିକ୍ରି କମିଛି

ନୂଆଦିଲ୍ଲୀ,୧୧-୬

ଘରୋଇ ବଜାରରେ ଯାତ୍ରୀ ବାହନ ବିକ୍ରି ମେ'ରେ ୨୦.୫୫% ହ୍ରାସ ପାଇ ୨,୩୯,୩୪୭ରେ ପହଞ୍ଚିଛି। ଗତବର୍ଷ ଏହି ସମୟରେ ଏହା ୩,୦୧,୨୩୮ ଥିଲା। ବାହନ ନିର୍ମାତା ସଂଗଠନ ସିୟାମ ଦ୍ୱାରା ମଙ୍ଗଳବାର ଜାରି ତଥ୍ୟ ଅନୁଯାୟୀ, ମେ'ରେ ଘରୋଇ ବଜାରରେ କାର୍ ବିକ୍ରି ୨୬.୦୩% ହ୍ରାସ ପାଇ ୧,୪୭,୫୪୬ ହୋଇଛି। ଗତବର୍ଷ ମେ'ରେ ଏହା ୧,୯୯,୪୭୯ ଥିଲା। ଏଭଳି ଭାବେ ସମୀକ୍ଷାଧୀନ ମାସରେ ମୋଟରସାଇକେଲ ବିକ୍ରି ୪.୮୯ ପ୍ରତିଶତ ହ୍ରାସ ପାଇଛି ଓ ଏହା ୧୧,୬୨,୩୭୩କୁ ଖସି ଆସିଛି।

## ଅକ୍ଟୋବରରୁ ନୂଆ ଜିଏସ୍ଟି ରିଟର୍ନ ଦାଖଲ ବ୍ୟବସ୍ଥା

ନୂଆଦିଲ୍ଲୀ,୧୧-୬





ଆସନ୍ତାବର୍ଷ ଜାନୁୟାରୀରୁ ସାରା ଦେଶରେ ବ୍ୟବସାୟୀମାନେ ସରଳ ଜିଏସ୍ଟି ଫର୍ମ ପୂରଣ କରିପାରିବେ। ତେବେ ଏହାର ଟ୍ରାୟାଲ ଜୁଲାଇରୁ ଆରମ୍ଭ ହୋଇଯିବ। ଅନ୍ୟପକ୍ଷରେ ନୂଆ ମାସିକ ରିଟର୍ନ ଫର୍ମ ବ୍ୟବସ୍ଥା ଚଳିତ ବର୍ଷ ଅକ୍ଟୋବରରୁ ଆରମ୍ଭ ହୋଇଯିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ପୁରୁଣା ରିଟର୍ନ ଫର୍ମ ଜିଏସ୍ଟିଆର୍-୩ବିକୁ ପ୍ରଚଳନରୁ ବାଦ୍ ଦିଆଯିବ ଏବଂ ଏହା ସ୍ଥାନରେ ଆସନ୍ତାବର୍ଷ ଜାନୁୟାରୀରୁ ଜିଏସ୍ଟି ଆର୍ଇଟି-୧ ଫର୍ମକୁ ଲାଗୁ କରାଯିବ।

ନୂଆ ବ୍ୟବସ୍ଥାରେ ଜିଏସ୍ଟି ଆରଇଟି-୧ ଏକ ମୁଖ୍ୟ ରିଟର୍ନ ଫର୍ମ ହେବ। ଅନ୍ୟପକ୍ଷରେ ଦୁଇଟି ସଂଲଗ୍ନ ଫର୍ମ ଜିଏସ୍ଟି ଏଏନ୍ଏକ୍ସ-୧ ଏବଂ ଜିଏସ୍ଟି ଏଏନ୍ଏକ୍ସ-୨ ରହିବ। ଟିକସଦାତାଙ୍କ ଲାଗି ଚଳିତବର୍ଷ ୩ ମାସ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଏସ୍ଟି ଏଏନ୍ଏକ୍ସ-୧ ଏବଂ ଜିଏସ୍ଟି ଏଏନ୍ଏକ୍ସ-୨ ଫର୍ମର ଟ୍ରାୟାଲ ଲାଗି ଉପଲବ୍ଧ ହେବ। ଏହି ଅବଧିରେ ଟିକସଦାତାଙ୍କୁ ପିଛିଲା ଅବଧିର ଟିକସ ଦେୟ ଏବଂ ଇନ୍ପୁଟ୍ ଟ୍ୟାକ୍ସ କ୍ରେଡିଟର ପ୍ରଭାବ ପଡ଼ିବ ନାହିଁ। ଏହି ଅବଧିରେ ସେ ଆପୂର୍ତ୍ତି ଲାଗି ମାସିକ ଅଥବା ତ୍ରୈମାସିକ ଆଧାରରେ ଜିଏସ୍ଟିଆର୍-୧ ଏବଂ ମାସିକ ଆଧାରରେ ଜିଏସ୍ଟିଆର୍-୩ବିର ଅନୁପାଳନ କରିଚାଲିବେ। ଯୋଜନା ମୁତାବକ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାର୍ଷିକ କାରବାର କରୁଥିବା ଟିକସଦାତା ଅକ୍ଟୋବରରୁ ନିଜର ମାସିକ ରିଟର୍ନ ଇନ୍ଭଏସ୍ ଜିଏସ୍ଟି ଏଏନ୍ଏକ୍ସ-୧ ଫର୍ମ ଅପଲୋଡ କରିବେ। ସେହିଭଳି ଭାବେ, ୫ କୋଟି ଟଙ୍କାରୁ କମ୍ ବାର୍ଷିକ କାରବାର କରୁଥିବା କ୍ଷୁଦ୍ର ଟିକସଦାତା ଜାନୁୟାରୀ, ୨୦୨୦ରୁ ଜିଏସ୍ଟି ଏଏନ୍ଏକ୍ସ-୧ ଫର୍ମ ତ୍ରୈମାସିକ ଆଧାରରେ ପୂରଣ କରିବା ବାଧ୍ୟତାମୂଳକ ହେବ।






ଏଲ୍ଜି ପକ୍ଷରୁ ପ୍ରତ୍ୟେକ ଘଣ୍ଟାରେ ବିଜୟୀ ଅଧୀନରେ 'ବିଶ୍ୱ କପ ଅଫର' ଘୋଷଣା କରାଯାଇଛି। ଏହାର ଅଂଶବିଶେଷ ଭାବେ ସାରା ଭାରତରେ ଏକ ଏଲ୍ଇଡି କ୍ରୟ କଲେ ଗ୍ରାହକ ପ୍ରତି ଘଣ୍ଟାରେ ଲକି ଡ୍ରରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ହାସଲ କରିବେ। ମନୋନୀତ ହେବା ପରେ ଗ୍ରାହକଙ୍କୁ ଏଲ୍ଜି ପକ୍ଷରୁ ବିଭିନ୍ନ ପ୍ରକାର ଉପହାର ଦିଆଯିବ। ଏହାଛଡ଼ା ସାପ୍ତାହିକ ଲକି ଡ୍ରର ବ୍ୟବସ୍ଥା ରହିଛି। ଗ୍ରାହକ ଏଥିରେ ଭାଗ ନେଇ ଉତ୍ସାହଜନକ ଉପହାର ପାଇବାର ସୁଯୋଗ ପାଇବେ। କଟକର ରାଜ ଇଲେକ୍ଟ୍ରୋନିକ୍ସ ଷ୍ଟୋରରୁ ଦୈତାରି ବିଶ୍ୱାଳ ନାମକ ଜଣେ ଗ୍ରାହକ ୩୨ ଇଞ୍ଚର ଏଲ୍ଇଡି କିଣିବା ପରେ ୪୯୯୦ ଟଙ୍କାର ଏଲ୍ଜି ଏକ୍ସ ବୁମ୍-ଏଲ୍କେ୭୨ ବି ସାଉଣ୍ଡ ସିଷ୍ଟମ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।


## ଆର୍ଥର ରୋଡ ଜେଲ୍ରେ ଏକାଠି ରହିବେ ମାଲ୍ୟା-ନୀରବ

ନୂଆଦିଲ୍ଲୀ,୧୧-୬



ଭାରତର ପ୍ରୟାସ ସଫଳ ହେଲେ ମହାରାଷ୍ଟ୍ରର ଆର୍ଥର ରୋଡ ଜେଲ୍ର ବାରାକ୍ ନମ୍ବର ୧୨ର ନାମ ବଦଳାଇ 'କୋଟିପତିଙ୍କ କୋଠରି' ରଖାଯାଇପାରେ। ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଫେରାର ହୋଇଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ଏବଂ ପିଏନ୍ବି ମହାଦୁର୍ନୀତିର ମାଷ୍ଟରମାଇଣ୍ଡ ନୀରବ ମୋଦିଙ୍କୁ ଭାରତ ଫେରାଇ ଆଣିବା ଲାଗି ଜୋରଦାର ପ୍ରୟାସ ଚାଲିଛି। ସେମାନଙ୍କୁ ସ୍ୱାଗତ କରିବା ଲାଗି ଆର୍ଥର ରୋଡ ଜେଲ୍କୁ ପ୍ରସ୍ତୁତ କରି ରଖାଯାଇଛି। ପ୍ରତ୍ୟର୍ପିତ ହେବା ପରେ ନୀରବ ମୋଦି ଓ ବିଜୟ ମାଲ୍ୟାଙ୍କୁ ଏକାଠି ବାରାକ୍ ନମ୍ବର ୧୨ରେ ରଖାଯିବ ବୋଲି ମହାରାଷ୍ଟ୍ର ଜେଲ୍ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଜଣାଇ ଦିଆଯାଇଛି। ବ୍ରିଟେନର ୱେଷ୍ଟମିନ୍ଷ୍ଟର କୋର୍ଟରେ ମୋଦିଙ୍କୁ ଭାରତ ପ୍ରତ୍ୟର୍ପଣ ନେଇ ଚାଲିଥିବା ମାମଲା ବହୁ ବାଟ ଆଗେଇଛି। ଏଭଳି ସ୍ଥିତିରେ ତାଙ୍କୁ ଆର୍ଥର ରୋଡ ଜେଲ୍ରେ ରଖାଯିବା ନେଇ ଜଣାଇବାକୁ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାରାଷ୍ଟ୍ର ସରକାରଙ୍କୁ ପତ୍ର ଲେଖି କୁହାଯାଇଛି। ମହାରାଷ୍ଟ୍ର ଜେଲ୍ ବିଭାଗ ପକ୍ଷରୁ ସୋମବାର ପତ୍ର ଲେଖି ବାରାକ ନମ୍ବର ୧୨ ସେମାନଙ୍କ ଲାଗି ପ୍ରସ୍ତୁତ ଥିବା ଜଣାଇ ଦିଆଯାଇଛି।

## ନିବେଶକଙ୍କ ୨୦୦୦ କୋଟି ଠକି ଫେରାର

### ଆର୍ଥିକ ସଂସ୍ଥା ପ୍ରତିଷ୍ଠାତାଙ୍କ ଏବେ ଆତ୍ମହତ୍ୟା ଧମକ

ବେଙ୍ଗାଲୁରୁ,୧୧-୬

ଇସ୍ଲାମିକ ବ୍ୟାଙ୍କିଙ୍ଗ୍ ଏବଂ ହଲାଲ ନିବେଶ ଫାର୍ମ ଆଇ ମନିଟରୀ ଆଡ୍ଭାଇଜରୀ(ଆଇଏମ୍ଏ)ର ଶତାଧିକ ନିବେଶକ ମଙ୍ଗଳବାର କମ୍ପାନୀର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାୟ ୨ହଜାର କୋଟି ଟଙ୍କା ଠକି ଫେରାର ହୋଇଥିବା ଫାର୍ମର ପ୍ରତିଷ୍ଠାତା ମହମ୍ମଦ ମନସୁର ଖାନଙ୍କ ଏକ ଅଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ କୁହାଯାଇଛି ଯେ, ସେ ଆତ୍ମହତ୍ୟା କରିବାକୁ ଯାଉଛନ୍ତି। ନେତା ଓ ଅଫିସରଙ୍କୁ ଲାଞ୍ଚ ଦେଇ ସେ ଥକି ପଡିଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ଭାରତ ଏବଂ ଅନ୍ୟ କେତେକ ଦେଶରେ ଆଇଏମ୍ଏର ପ୍ରାୟ ୧୦ ହଜାରରୁ ଅଧିକ ନିବେଶକ ରହିଛନ୍ତି, ଯିଏ କି, କମ୍ପାନୀରେ ପ୍ରାୟ ୨ହଜାର କୋଟି ଟଙ୍କା ନିବେଶ କରିଛନ୍ତି।

## ରିଲାଏନ୍ସ ଯୋଗାଇବ ସବ୍ସିଡିଯୁକ୍ତ ଏଲ୍ପିଜି

ନୂଆଦିଲ୍ଲୀ,୧୧-୬

### ନିଷ୍ପତ୍ତି ନେବେ ୫ ଜଣିଆ କମିଟି

- ଏବେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଏଲ୍ପିଜି ଯୋଗାଉଛନ୍ତି
- ଦେଶରେ ଏବେ ୨୬.୫ ମିଲିୟନ ଗ୍ରାହକ
- ବିନା ସବ୍ସିଡିରେ ଏଲ୍ପିଜି ଯୋଗାଉଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ
- ଜାମନଗରରେ ରିଲାଏନ୍ସର ସର୍ବବୃହତ୍ ରିଫାଇନେରି





ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଦେଶରେ ରୋଷେଇ ଗ୍ୟାସ୍ ଅର୍ଥାତ ଏଲ୍ପିଜି ସିଲିଣ୍ଡର ଯୋଗାଉଛନ୍ତି। ତେବେ ଘରୋଇ କମ୍ପାନୀଙ୍କୁ ସବ୍ସିଡିଯୁକ୍ତ ରୋଷେଇ ଗ୍ୟାସ୍ ଯୋଗାଇବା ଲାଗି ସୁଯୋଗ ଦେବାକୁ ଦେଶର ସର୍ବବୃହତ୍ ଗ୍ୟାସ୍ ଉତ୍ପାଦନକାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଦାବି କରିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଆସନ୍ତା ଜୁଲାଇ ସୁଦ୍ଧା ତାଙ୍କର ରିପୋର୍ଟ ଦେବାକୁ କୁହାଯାଇଛି।

ମିଡିଆ ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ଜାମନଗରରେ ବିଶ୍ୱର ସର୍ବବୃହତ୍ ରିଫାଇନେରୀ ରହିଛି। ଏଠାରେ ଉତ୍ପାଦିତ ଏଲ୍ପିଜିକୁ ଏହା ସରକାରୀ ସବ୍ସିଡିରେ ଯୋଗାଇବାକୁ ଆଗ୍ରହୀ ବୋଲି କମ୍ପାନୀ କହିଛି। ବର୍ତ୍ତମାନର ବ୍ୟବସ୍ଥାରେ ସରକାର ବଜାର ଦରରେ ହିତାଧିକାରୀଙ୍କୁ ରୋଷେଇ ଗ୍ୟାସ୍ ବିକ୍ରି କରିଥାନ୍ତି। କିନ୍ତୁ ଗ୍ରାହକଙ୍କ ଖାତାକୁ ସବ୍ସିଡି ଅର୍ଥ ଆସୁଥିବାରୁ ସିଲିଣ୍ଡର ଦର ଶସ୍ତା ହୋଇଯାଇଥାଏ। କିନ୍ତୁ ଘରୋଇ କମ୍ପାନୀଗୁଡ଼ିକୁ ଏଥିପାଇଁ ଅନୁମତି ଦିଆଯାଇନାହିଁ। ସେମାନେ ବଜାର ଦରରେ ହିଁ ଲୋକଙ୍କୁ ଏଲ୍ପିଜି ବିକ୍ରି କରିଥାନ୍ତି। ସରକାରଙ୍କ ଦ୍ୱାରା ଗଠିତ ପ୍ୟାନେଲରେ ବିଶିଷ୍ଟ ଅର୍ଥନୀତିବିଦ୍ କିରୀଟ୍ ପାରିଖ, ପୂର୍ବତନ ପେଟ୍ରୋଲିୟମ ସଚିବ ଜି.ସି.ଚତୁର୍ବେଦୀ, ପୂର୍ବତନ ଇଣ୍ଡିଆନ ଅଏଲ ଅଧ୍ୟକ୍ଷ ଏମ.ଏ. ପଠାନ, ଆଇଆଇଏମ୍ ଅହମ୍ମଦାବାଦ୍ ଡାଇରେକ୍ଟର ଏରୋଲ ଡି'ସୁଜା ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟର ଜଣେ ଯୁଗ୍ମ ସଚିବ ରହିଛନ୍ତି। ଏହି କମିଟି ପୂର୍ବରୁ ଦେଶରେ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ନେଇ ନୀତିରେ ସୁଧାର କରିବାକୁ ସୁପାରିସ୍ କରିଥିଲେ। ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପାଇଁ ୨୦୦୦ କୋଟି ଟଙ୍କାର ନିବେଶ ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେବା ଲାଗି ଏହି କମିଟି ସୁପାରିସ୍ କରିଥିଲେ। ସୂଚନାଥାଉ କି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ କେତେକ ରାଜ୍ୟରେ ରୋଷେଇ ଗ୍ୟାସ୍ ବିକ୍ରି କରୁଛି। ତେବେ ଦେଶର ମୋଟ ୨୬.୫ ମିଲିୟନ ଗ୍ରାହକଙ୍କ ତୁଳନାରେ ଏହା ଅତ୍ୟନ୍ତ ନଗଣ୍ୟ। ଏଲ୍ପିଜି ସିଲିଣ୍ଡର ବ୍ୟବହାର କରିବାରେ ଭାରତ ବିଶ୍ୱରେ ଦ୍ୱିତୀୟ। ୨୦୧୮-୧୯ରେ ଭାରତରେ ୨୪.୯ ମିଲିୟନ ମେଟ୍ରିକ ଟନ୍ ଏଲ୍ପିଜି ବ୍ୟବହୃତ ହୋଇଛି। ଏଥିରୁ ଅଧା ବିଦେଶରୁ ଆମଦାନୀ କରାଯାଇଥିଲା। ବର୍ତ୍ତମାନ ଦିଲ୍ଲୀରେ ବିନା ସବ୍ସିଡିଯୁକ୍ତ ଏଲ୍ପିଜି ସିଲିଣ୍ଡର ୭୩୭.୫୦ ଟଙ୍କା, ମୁମ୍ବାଇରେ ଏହା ୭୦୯.୫୦ ଟଙ୍କା, କୋଲକାତାରେ ୭୬୩.୫୦ ଟଙ୍କା ଏବଂ ଚେନ୍ନାଇରେ ଏହା ୭୫୩ ଟଙ୍କାରେ ବିକ୍ରି ହେଉଛି। ସେହିପରି ସବ୍ସିଡିଯୁକ୍ତ ସିଲିଣ୍ଡର ଦର ଚଳିତ ମାସରେ ୧.୨୩ ଟଙ୍କା ବଢ଼ିଛି। ଦିଲ୍ଲୀରେ ଏହା ୪୯୭.୩୭ ଟଙ୍କା, ମୁମ୍ବାଇରେ ୪୯୫.୦୯ ଟଙ୍କା, କୋଲକାତାରେ ୫୦୦.୫୨ ଟଙ୍କା ଏବଂ ଚେନ୍ନାଇରେ ଏହା ୪୮୫.୨୫ ଟଙ୍କାରେ ବିକ୍ରି କରାଯାଉଛି।


DSPL-25

ଓଡ଼ିଶା ସରକାର
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ
ବାର୍ତ୍ତା

ପ୍ରତିବର୍ଷ ଭଳି ଚଳିତ ଜୁନ ୧୨ ତାରିଖ ବିଶ୍ୱ ଶିଶୁଶ୍ରମ ନିରୋଧ ଦିବସ ପାଳନ ଅବସରରେ, ଆମ ରାଜ୍ୟକୁ ଶିଶୁଶ୍ରମ ମୁକ୍ତ ରାଜ୍ୟ ଭାବରେ ପରିଣତ କରିବା ସହ, ଶିଶୁ ଅଧିକାରର ସୁରକ୍ଷା ନିମନ୍ତେ ଯତ୍ନବାନ ହେବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଅଛି। ଏହା ଆମ ପାଇଁ ଏକ ଆହ୍ୱାନ ଓ ସଂକଳ୍ପ ଅଟେ। ଆସନ୍ତୁ, ଆମେ ମିଳିମିଶି ଏ ଦିଗରେ ଯତ୍ନବାନ ହେବା।

ସ୍ୱା./- ସୁଶାନ୍ତ ସିଂହ
ମାନ୍ୟବର ମନ୍ତ୍ରୀ ଶ୍ରମ ଓ କର୍ମଚାରୀ
ରାଜ୍ୟ ବୀମା ଏବଂ ଗ୍ରାମ୍ୟ ଉନ୍ନୟନ, ଓଡ଼ିଶା

17001/13/0002/1920

# ଧାୱନ ବାଦ୍: ଭାରତକୁ ଝଟକା

**ନଟିଂହାମ,୧୧।୬(ପି.ଟି.)**

ଭାରତର ବିଶ୍ୱକପ୍ ଅଭିଯାନକୁ ଜୋରଦାର୍ ଝଟ୍କା ଲାଗିଛି। ବାମହାତ ବୁଢ଼ା ଅଙ୍ଗୁଳି ଭାଙ୍ଗିଯିବା କାରଣରୁ ଇନ୍‌ଫର୍ମ ତଥା ଅଭିଜ୍ଞ ଓପନର ଶିଖର ଧାୱନ ଆଗାମୀ ୩ ସପ୍ତାହ ପାଇଁ ଦଳରୁ ବାଦ ପଡିଛନ୍ତି। ଫଳରେ ଅତିକମ୍‌ରେ ସେ ଆଗାମୀ ବିଶ୍ୱକପ୍ ମ୍ୟାଚ୍ ନ ଖେଳିବା ନିଶ୍ଚିତ ହୋଇଛି।

ଧାୱନଙ୍କ ବଦଳରେ ଦଳରେ କାହାକୁ ସାମିଲ କରାଯିବ ସେ ନେଇ ଟିମ୍ ମ୍ୟାନେଜମେଣ୍ଟ କୌଣସି ସ୍ପଷ୍ଟ ସୂଚାନ ଦେଇନାହାଁନ୍ତି। ଧାୱନ ଗୁରୁବାର ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଓ ରବିବାର ଆୟୋଜନ ହେବାକୁ ଥିବା ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ତେବେ ଆସନ୍ତା ୨୨ ତାରିଖରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ବେଳକୁ ଧାୱନ ଫିଟ୍ ହୋଇଥିବେ କି ନା ତାହା ଦେଖିବାକୁ ବାକି ରହିଲା। ବିଶ୍ୱକପ୍‌ରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୧୦୯ଟି ବଲର ସମ୍ମୁଖୀନ ହୋଇ ୧୧୭ ରନର ଶତକୀୟ ପାଳି ଖେଳି ଧାୱନ ହିରୋ ସାବ୍ୟସ୍ତ ହେବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ନାଥନ କଲ୍ଟର- ନାଇଲଙ୍କ ଏକ ରାଇଜିଂ ବଲ ଧାୱନଙ୍କ ବାମ ବୁଢ଼ା ଅଙ୍ଗୁଳିରେ ବାଜିଥିଲା। ତେବେ ଯନ୍ତ୍ରଣା ସତ୍ତ୍ୱେ ସେ ବ୍ୟାଟିଂ ଜାରି ରଖିଥିଲେ। ତେବେ ରବୀନ୍ଦ୍ର ଜାଡେଜା ତାଙ୍କ ସ୍ଥାନରେ ପୂରା ମ୍ୟାଚ୍‌ରେ ଫିଲ୍ଡିଂ କରିଥିଲେ। ସ୍କାନ ହେବା ପରେ ଧାୱନଙ୍କ ଅଙ୍ଗୁଳି ଭାଙ୍ଗିଯାଇଥିବା ଜଣାପଡିଥିଲା। ଭାରତ ଟିମ୍ ଇଣ୍ଡିଆ ଫିଜିଓ ପାଟ୍ରିକ ଫରହାର୍ଟ ଓ ଧାୱନ ଲିଡ୍ସରେ ରହି ବିଭିନ୍ନ ସ୍ପେସିଆଲିଷ୍ଟଙ୍କ ସହ ପରାମର୍ଶ କରୁଛନ୍ତି। ମାଞ୍ଚେଷ୍ଟରଠାରୁ ଲିଡ୍ସ ଗୋଟିଏ ଘଣ୍ଟାର ରାସ୍ତା।

ଟୁର୍ନାମେଣ୍ଟର ଅନ୍ତିମଚରଣ ବେଳକୁ ଧାୱନ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଥିବା ବେଳେ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତା ତାଙ୍କ ବଦଳ ଖେଳାଳି ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଆଶା



ଅଷ୍ଟ୍ରେଲିଆ ବିପକ୍ଷରେ ହାତରେ ବଲ୍ ବାଜି ଆହତ ହୋଇଛନ୍ତି ଶିଖର ଧାୱନ।

କରାଯାଉଛି। ୨୨ ତାରିଖରେ ଭାରତ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ। ତେବେ ସେତେବେଳକୁ ଧାୱନ ୧୧ ଦିନର ବିଶ୍ରାମ ପାଇଯାଇଥିବେ। ଏହି ମ୍ୟାଚ୍ ଯଦି ଧାୱନ ନ ଖେଳନ୍ତି ତେବେ ଅସାନ୍ତା ୨୭ ତାରିଖରେ ଭାରତ ମାଞ୍ଚେଷ୍ଟରରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍ ଖେଳିବା ପୂର୍ବରୁ ଆହୁରି ଅଧିକ ୬ ଦିନର ବିଶ୍ରାମ ପାଇବେ। ଯଦି ଫିଟ୍ ହୁଅନ୍ତି ତାହେଲେ ସେ ଅନ୍ତିମ ଦୁଇ ଲିଗ୍ ମ୍ୟାଚ୍ (ଜୁଲାଇ ୨ରେ ବାଂଲାଦେଶ ଓ ୬ରେ ଆୟୋଜନ ହେବାକୁଥିବା ଶ୍ରୀଲଙ୍କା ବିପକ୍ଷ ମ୍ୟାଚ) ଖେଳିପାରିବେ। କେବଳ ସେତିକି ନୁହଁ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟ ଧାୱନ ଖେଳିବା ନେଇ କୌଣସି ସମସ୍ୟା ରହିବ ନାହିଁ ବୋଲି ଆଶା କରାଯାଉଛି। ଧାୱନ ଏବେ ବିସିସିଆଇ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ରହିବେ। ଧାୱନ ଇଂଲଣ୍ଡରେ ରହିବେ ଓ ତାଙ୍କ ଇଞ୍ଜୁରିର ଉନ୍ନତି ଉପରେ ନଜର ରଖାଯିବ ବୋଲି ଟିମ୍ ଇଣ୍ଡିଆ ମିଡିଆ ମ୍ୟାନେଜର ମୌଲିନ ପାରିଖ ସୂଚନା ଦେଇଛନ୍ତି।

ବର୍ତ୍ତମାନ ଟିମ୍ ମ୍ୟାନେଜମେଣ୍ଟ ଧାୱନଙ୍କ ବଦଳ ଖେଳାଳି ଘୋଷଣା ନେଇ ସେତେଟା ତତ୍ପରତା ପ୍ରକାଶ କରିନାହିଁ। ଧାୱନଙ୍କୁ ମାସେ ପର୍ଯ୍ୟନ୍ତ ଡାକ୍ତର ଅନ୍‌ଫିଟ୍ ଘୋଷଣା ନ କଲା ପର୍ଯ୍ୟନ୍ତ ବଦଳ ଖେଳାଳି ନେଇ ଘୋଷଣା କରିବାକୁ ଟିମ୍ ମ୍ୟାନେଜମେଣ୍ଟ ଅନିଚ୍ଛୁକ ବୋଲି କୁହାଯାଉଛି।


ଦଳରେ ସ୍ପେଶାଲିଷ୍ଟ ଓପନର ଲୋକେଶ ରାହୁଲ ସାମିଲ ଅଛନ୍ତି। ତେଣୁ ସେ ଧାୱନଙ୍କ ସ୍ଥାନରେ ରୋହିତ ଶର୍ମାଙ୍କ ସହ ମିଶି ଇନିଂସ ଓପନ୍ କରିବେ। ଏଭଳି ସ୍ଥିତିରେ ବିଜୟ ଶଙ୍କର କିମ୍ବା ଦୀନେଶ କାର୍ତ୍ତିକ ଆଗାମୀ ଦୁଇ ମ୍ୟାଚ୍‌ରେ ମିଡଲ ଅର୍ଡରରେ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି।

ଷ୍ଟାଣ୍ଡ-ବାଇ ତାଲିକାରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଅମ୍ବାତି ରାୟୁଡୁ ସାମିଲ ଅଛନ୍ତି। ମୁମ୍ବାଇ ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟର ସ୍ପେଶାଲିଷ୍ଟ ୪ ନମ୍ବର ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବାରୁ ତାଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଷ୍ଟାଣ୍ଡ-ବାଇ ତାଲିକା ନେଇ ଆଇସିସିର କୌଣସି ସ୍ୱତନ୍ତ୍ର ନିୟମ ନାହିଁ। ତେଣୁ ବିଶ୍ୱକପ୍ ଟେକ୍ନିକାଲ କମିଟିର ଅନୁମୋଦନରେ ଯେକୌଣସି ଖେଳାଳିଙ୍କୁ ବଦଳ ଖେଳାଳି ରୂପେ ଦଳରେ ସାମିଲ କରାଯାଇପାରିବ।

## ପନ୍ତଙ୍କ ସପକ୍ଷରେ ଗାଭାସ୍କର

ଶିଖର ଧାୱନ ଇଞ୍ଜୁରି କାରଣରୁ ବାଦ ପଡିଲେ ତାଙ୍କ ବଦଳ ଖେଳାଳି ଭାବେ କାହାକୁ ଦଳରେ ସାମିଲ କରାଯିବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବ୍ୟାଟିଂ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଓ ପୂର୍ବତନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ କେଭିନ୍ ପିଟରସନ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ବଦଳ ଖେଳାଳି ରୂପେ ବିବେଚନା କରିଛନ୍ତି। ତେବେ ପୂର୍ବତନ ଓପନର ଗୌତମ ଗମ୍ଭୀର ଅମ୍ବାତି ରାୟୁଡୁଙ୍କୁ ଏ ନେଇ ସମର୍ଥନ କରିଛନ୍ତି। ପନ୍ତ ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଜଣେ ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ହୋଇଥିବାରୁ ପନ୍ତଙ୍କୁ ବଦଳ ଖେଳାଳିଭାବେ ଦଳରେ ସାମିଲ କରାଯିବା ଉଚିତ ବୋଲି ଗାଭାସ୍କର କହିଛନ୍ତି। ଯଦି ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡନ୍ତି ତାହାଲେ ପନ୍ତଙ୍କୁ ଯେତେଶୀଘ୍ର ଦଳରେ ସାମିଲ କରାଯିବ ସେତେ ଭଲ ବୋଲି ପିଟରସନ କହିଛନ୍ତି। ତେବେ ଏ ନେଇ ଗମ୍ଭୀରଙ୍କ ମତ ସମ୍ପୂର୍ଣ୍ଣ ଭିନ୍ନ। ଦିନିକିଆରେ ରାୟୁଡୁଙ୍କ ହାରାହାରି ରନ୍ ସଂଗ୍ରହ ୪୫ ରହିଛି। ତେଣୁ ରାୟୁଡୁଙ୍କୁ ଧାୱନଙ୍କ ବଦଳ ଖେଳାଳି ରୂପେ ସାମିଲ କରାଯିବା ଉଚିତ। ଦଳରେ ସାମିଲ କରା ନ ଗଲେ ରାୟୁଡୁଙ୍କ କ୍ୟାରିୟର ଶେଷ ହେବ ବୋଲି ଗମ୍ଭୀର କହିଛନ୍ତି।

# ପାଣ୍ଡ୍ୟାଙ୍କୁ କ୍ଲୁଜନରଙ୍କ ସହ ତୁଳନା କଲେ ୱ



ଲାନ୍ସ କ୍ଲୁଜନର



ହାର୍ଦ୍ଦିକ ପାଣ୍ଡ୍ୟା

**ଲଣ୍ଡନ, ୧୧।୬(ପି.ଟି.)**

ପ୍ରାକ୍ତନ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ୱ ଭାରତୀୟ ଦଳର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ତୁଳନା ଦକ୍ଷିଣ ଆଫ୍ରିକାର ମହାନ ଅଲ୍‌ରାଉଣ୍ଡର ଲାନ୍ସ କ୍ଲୁଜନରଙ୍କ ୧୯୯୯ ବିଶ୍ୱକପ୍ ପ୍ରଦର୍ଶନ ସହ କରିଛନ୍ତି। ପାଣ୍ଡ୍ୟା ଯେଉଁଭଳି ଭାବରେ ବଡ଼ ଶଟ୍‌ମାନ ଖେଳୁଛନ୍ତି ବିପକ୍ଷ ଅଧିନାୟକଙ୍କ ପାଖରେ ତାଙ୍କୁ ରୋକିବାର କୌଣସି ଉପାୟ ନାହିଁ ବୋଲି ୱ କହିଛନ୍ତି। ବିଶ୍ୱକପ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ଓଭାଲରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପାଣ୍ଡ୍ୟା ୨୭ ବଲ୍‌ରୁ ୪୮ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଫଳରେ ଭାରତ ସ୍କୋର ୩୫୦ ଅତିକ୍ରମ କରିଥିବାବେଳେ ଅଷ୍ଟ୍ରେଲିଆ ୩୬ ରନରେ ଏହି ମ୍ୟାଚ୍‌ରେ ହାରି ଯାଇଥିଲା।

ଆଇସିସି ଅଫିସିଆଲ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ସ୍ତମ୍ଭରେ ୱ ଉଲ୍ଲେଖ କରିଛନ୍ତି, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏହି ଇନିଂସ ପ୍ରତିପକ୍ଷ ଟିମ୍‌କୁ ଚମକାଇ ଦେଇଛି। ୧୯୯୯ ବିଶ୍ୱକପ୍ ଖେଳିଥିବା ଲାନ୍ସ କ୍ଲୁଜନରଙ୍କ ସହ ଏହି ଖେଳାଳି ସମକକ୍ଷ ହୋଇପାରିବେ। ଅଧିକାଂଶ ଖେଳାଳି ନିଜ ଇନିଂସର ଶେଷ ଭାଗରେ ଯେଉଁଭଳି ବଡ଼ ଶଟ୍ ଖେଳିଥାନ୍ତି ପାଣ୍ଡ୍ୟା ନିଜ ଇନିଂସ ଆରମ୍ଭରୁ ସେହି ପ୍ରକାର ଶଟ୍ ଖେଳିବାର ଦକ୍ଷତା ରଖିଛନ୍ତି। ତାଙ୍କ ବିସ୍ଫୋରକ ବ୍ୟାଟିଂକୁ ପ୍ରତିହତ କରିବା ପ୍ରତିପକ୍ଷ ଅଧିନାୟକଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇପାରେ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ପାଣ୍ଡ୍ୟା ୪ଟି ଚୌକା ଓ ୩ ଛକା ମାରିଥିଲେ। ପାଣ୍ଡ୍ୟାଙ୍କ ଏହି ଇନିଂସ ୱଙ୍କୁ ୧୯୯୯ ବିଶ୍ୱକପ୍‌ରେ କ୍ଲୁଜନରଙ୍କ ବିସ୍ଫୋରକ ବ୍ୟାଟିଂକୁ ମନେପକାଇ ଦେଇଛି। ୨୦ ବର୍ଷ ତଳେ ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ରେ କ୍ଲୁଜନର ନିମ୍ନକ୍ରମରେ ଦମ୍‌ଦାର ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ। ଏହି ବାମହାତୀ ବ୍ୟାଟ୍ସମ୍ୟାନ ୧୨୨.୧୭ ଷ୍ଟ୍ରାଇକରେଟ୍‌ରେ ୨୮୧ ରନ୍ ସଂଗ୍ରହ କରିଥିଲେ। ତେବେ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ହାରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା।

# ବର୍ଷା ଯୋଗୁ ଆଉ ଏକ ମ୍ୟାଚ୍ ବାତିଲ

**ବ୍ରିଷ୍ଟଲ, ୧୧।୬ (ପି.ଟି.):** ଚଳିତ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟଥର ପାଇଁ ଶ୍ରୀଲଙ୍କା ପଏଣ୍ଟ ଭାଗ କରିଛି। କାଉଣ୍ଟି ଗ୍ରାଉଣ୍ଡରେ ମଙ୍ଗଳବାର ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଖେଳାଯିବାକୁ ଥିବା ୧୬ତମ ମ୍ୟାଚ୍ ବର୍ଷା ଯୋଗୁ ବିନା ଟସ୍ ପଡିବାରେ ବାତିଲ ହୋଇଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ଶ୍ରୀଲଙ୍କା ୪ ମ୍ୟାଚ୍ ଖେଳି ଗୋଟିଏ ବିଜୟ ହାସଲ କରିଥିବା ବେଳେ ଗୋଟିଏ ପରାଜୟ ବରଣ କରିଛି। ପୁଣି ଦୁଇଟି ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ଫଳରେ ଦୁଇଥର ପଏଣ୍ଟ ଭାଗ କରିଛି। ଶ୍ରୀଲଙ୍କା ମୋଟ ୪ ପଏଣ୍ଟ ହାସଲ କରି ତାଲିକାର ପଞ୍ଚମ ସ୍ଥାନ ଅଧିକାର କରିଛି। ଅପରପକ୍ଷରେ ବାଂଲାଦେଶ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ପରାଜୟ ବରଣ କରିଛି। ଥରେ ପଏଣ୍ଟ




ଷ୍ଟାଡ଼ିୟମ୍‌ରେ ଉପସ୍ଥିତ ବାଂଲାଦେଶ ପ୍ରଶଂସକ।

### ପଏଣ୍ଟ ଭାଗ କଲେ ଶ୍ରୀଲଙ୍କା-ବାଂଲାଦେଶ

ଭାଗ କରି ବାଂଲାଦେଶ ମୋଟ ୩ ପଏଣ୍ଟ ପାଇବା ସହ ପଏଣ୍ଟ ତାଲିକାର ସପ୍ତମ ସ୍ଥାନରେ ରହିଛି। କ୍ରମାଗତ ଦ୍ୱିତୀୟଥର ପାଇଁ ମ୍ୟାଚ୍ ବାତିଲ ହୋଇଥିବାରୁ ଶ୍ରୀଲଙ୍କାର ସେମିଫାଇନାଲ ଆଶା ପ୍ରଭାବିତ ହୋଇଛି। ଫଳରେ ଶ୍ରୀଲଙ୍କା ନିରାଶ ହୋଇଛି। ଏବେ ଶ୍ରୀଲଙ୍କା ଜୁନ୍ ୧୫ ତାରିଖରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଲଣ୍ଡନରେ ଭେଟିବ। ସେହିପରି ବାଂଲାଦେଶ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଟଣ୍ଟନରେ ୱେଷ୍ଟଇଣ୍ଡିଜକୁ ୧୭ ତାରିଖରେ ଭେଟିବ।

# ସ୍ୱଦେଶ ଫେରିବେ ମାଲିଙ୍ଗା

**ବ୍ରିଷ୍ଟଲ, ୧୧।୬:** ଶ୍ରୀଲଙ୍କା କ୍ରିକେଟ ଦଳର ଭେଟେରାନ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ଚଳିତ ଆଇସିସି ବିଶ୍ୱକପ୍ ମଝିରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ମଙ୍ଗଳବାର ଏଠାରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ପରେ ମାଲିଙ୍ଗା ଶାଶୁଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବା ପାଇଁ ସ୍ୱଦେଶ ଫେରି ଆସିବେ। ଶନିବାର ତାଙ୍କ ଶାଶୁ କାନ୍ତି ପେରେରାଙ୍କର କଲମ୍ବୋସ୍ଥିତ ବାସଭବନରେ ବିୟୋଗ ହୋଇଥିଲା ବୋଲି ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଗୁରୁବାର ତାଙ୍କ ଅନ୍ତ୍ୟେଷ୍ଟି ଅନୁଷ୍ଠିତ ହେବ। ମାଲିଙ୍ଗା କିନ୍ତୁ ଶ୍ରୀଲଙ୍କାର ପରବର୍ତ୍ତୀ ମ୍ୟାଚ୍ ପୂର୍ବରୁ ଦଳ ସହ ଯୋଗ ଦେଇଥିବେ ବୋଲି ଜଣାପଡ଼ିଛି। ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଜୁନ୍ ୧୫ରେ ଅଷ୍ଟ୍ରେଲିଆକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।



### ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୦ | ୦ | ୬ | +୨.୧୬୩ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଭାରତ | ୨ | ୨ | ୦ | ୦ | ୦ | ୪ | +୦.୫୩୯ |
| ଅଷ୍ଟ୍ରେଲିଆ | ୩ | ୨ | ୧ | ୦ | ୦ | ୪ | +୦.୪୮୩ |
| ଶ୍ରୀଲଙ୍କା | ୪ | ୧ | ୧ | ୦ | ୨ | ୪ | -୧.୫୧୭ |
| ୱେଷ୍ଟଇଣ୍ଡିଜ୍ | ୩ | ୧ | ୧ | ୦ | ୧ | ୩ | +୨.୦୫୪ |
| ବାଂଲାଦେଶ | ୪ | ୧ | ୨ | ୦ | ୧ | ୩ | -୦.୬୧୪ |
| ପାକିସ୍ତାନ | ୩ | ୧ | ୧ | ୦ | ୧ | ୩ | -୨.୪୧୨ |
| ଦକ୍ଷିଣ ଆଫ୍ରିକା | ୪ | ୦ | ୩ | ୦ | ୧ | ୧ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

# ମିଚେଲ ମାର୍ଶଙ୍କୁ ଡାକରା

**ଟଣ୍ଟନ, ୧୧।୬ (ପି.ଟି.):** ବୁଧବାର ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଖେଳିପାରିବେନି ଅଷ୍ଟ୍ରେଲୀୟ ସିମ୍ ବୋଲିଂ ଅଲ୍‌ରାଉଣ୍ଡର ମାର୍କସ ଷ୍ଟୋଇନିସ୍। ଦଳର ଟିମ୍ ମ୍ୟାନେଜମେଣ୍ଟ ମଙ୍ଗଳବାର ଏହି ସୂଚନା ଦେଇଛି। ଭାରତ ବିପକ୍ଷରେ ୩୬ରନ ପରାଜୟ ମ୍ୟାଚରେ ଏହି ଖେଳାଳି ପାର୍ଶ୍ୱ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ବିକଳ୍ପ ଖେଳାଳି ଭାବେ ଅଷ୍ଟ୍ରେଲିଆ ଦଳ ଅଲ୍‌ରାଉଣ୍ଡର ମିଚେଲ ମାର୍ଶଙ୍କୁ ଦେଶରୁ ଡକାଇଛି। ଅଷ୍ଟ୍ରେଲିଆ ଶନିବାର ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଏହା ପୂର୍ବରୁ ୨୯ବର୍ଷୀୟ ଷ୍ଟୋଇନିସ ଫିଟ୍ ହେଉଛନ୍ତି କି ନା ତାହା ଉପରେ ଟିମ୍ ମ୍ୟାନେଜମେଣ୍ଟ ନଜର ରଖିଛି। ଏହି ସମୟ ମଧ୍ୟରେ ଷ୍ଟୋଇନିସ୍ ଯଦି ଫିଟ୍ ନ ହୁଅନ୍ତି ତେବେ ତାଙ୍କୁ ୧୫ ଜଣିଆ ଦଳରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇ ମାର୍ଶଙ୍କୁ ବିଧିବଦ୍ଧ ସାମିଲ କରାଯିବ। ଅଧିନାୟକ ଆରୋନ ଫିଞ୍ଚ କହିଛନ୍ତି, ଷ୍ଟୋଇନିସ କେତୋଟି ମ୍ୟାଚ ମିସ୍ କରିବେ, ଆମେ ସେ ନେଇ ବର୍ତ୍ତମାନ ନିର୍ଦ୍ଦିଷ୍ଟ ଭାବେ କିଛି କହି ହେବନି। ସେଥିପାଇଁ ମାର୍ଶଙ୍କୁ ଡକାଯାଇଛି ମାତ୍ର। ତେବେ ୨ରୁ ୩ ଦିନ ମଧ୍ୟରେ ସ୍ୱଷ୍ଟଚିତ୍ର ମିଳିଯିବ। ବିଶ୍ୱକପ୍ ପାଇଁ ରହିଥିବା ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି)ର ନିୟମାନୁସାରେ ଜଣେ ଖେଳାଳି ଆଘାତପ୍ରାପ୍ତ ହେଲେ ତାଙ୍କ ସ୍ଥାନରେ ଜଣେ ଖେଳାଳିଙ୍କୁ ଦଳରେ ନିଆଯାଇ ପାରିବ। ହେଲେ ଆଘାତପ୍ରାପ୍ତ ଖେଳାଳି ଯଦି ପରେ ସମ୍ପୂର୍ଣ୍ଣ ଫିଟ୍ ହୁଅନ୍ତି ତାଙ୍କୁ ପୁଣି ଦଳରେ ସ୍ଥାନ ମିଳିବ ନାହିଁ। ସୂଚନାଯୋଗ୍ୟ, ଭାରତ ବିପକ୍ଷ ମ୍ୟାଚରେ ଷ୍ଟୋଇନିସ ୬୨ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ସେ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀଙ୍କୁ କଟ୍ ଆଣ୍ଡ୍ ବୋଲ୍ଡ କରିଦେଇଥିଲେ। ମ୍ୟାଚରେ ସେ ଆହୁରିମଧ୍ୟ ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ ଡିପ୍ ଅଞ୍ଚଳରେ ଭାରତୀୟ ଅଧିନାୟକଙ୍କୁ କ୍ୟାଚ ଆଉଟ୍ କରିଦେଇଥିଲେ।

# ଅଷ୍ଟ୍ରେଲିଆ-ପାକିସ୍ତାନ ମୁକାବିଲା ଆଜି

**ଟଣ୍ଟନ,୧୧।୬(ଏଏଫ୍‌ପି)**

ଚଳିତ ଆଇସିସି ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣରେ ବୁଧବାର ପାକିସ୍ତାନ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ସ୍ଥାନୀୟ ଦି କୁପର ଆସୋସିଏଟ୍ କାଉଣ୍ଟି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଦୁଇ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପାକିସ୍ତାନ ତାରକା ଦ୍ରୁତ ବୋଲର ମହମ୍ମଦ ଆମିର ଏହି ମ୍ୟାଚ୍‌ରେ ପୁଣିଥରେ କମାଲ କରିବା ଲକ୍ଷ୍ୟରେ ରହିଛନ୍ତି। ଆମିର ଗତ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଖେଳିଥିଲେ ମଧ୍ୟ ବର୍ଷା କାରଣରୁ ଏହା ବାତିଲ ହୋଇଥିଲା। ଚିକେନ ପକ୍ସ ହେବା କାରଣରୁ ଆମିର ବାକି ୪ଟି ମ୍ୟାଚ୍ ଖେଳି ନ ଥିଲେ। ଇଂଲଣ୍ଡ ଅବଶ୍ୟ ୪-୦ ବ୍ୟବଧାନରେ ଏହି ସିରିଜ ଜିତିଥିଲା। ବିଶ୍ୱକପ୍ ପାଇଁ ଘୋଷିତ ସମ୍ଭାବ୍ୟ ପ୍ରାଥମିକ ଦଳରେ ସ୍ଥାନ ପାଇ ନ ଥିଲେ ମଧ୍ୟ ୨୭ ବର୍ଷୀୟ ଆମିର ଶେଷରେ ଅନ୍ତିମ ଦଳରେ ସାମିଲ ହୋଇଥିଲେ। ଟ୍ରେଣ୍ଟବ୍ରିଜ୍‌ରେ ବିଶ୍ୱକପ୍‌ର ପଦାର୍ପଣ ମ୍ୟାଚ୍‌ରେ ଆମିର ୩ଟି ଉଇକେଟ ନେଇଥିଲେ ମଧ୍ୟ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୦୫ ରନରେ ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୭ ଉଇକେଟରେ ବିଜୟୀ ହୋଇଥିଲା। ଏହା ପରେ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ନଟିଂହାମ୍‌ରେ ଆଶ୍ଚର୍ଯ୍ୟଜନକ ଭାବେ ଇଂଲଣ୍ଡକୁ ୧୪ ରନରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଆମିର ୬୭ ରନ ବ୍ୟୟ କରି ମୂଲ୍ୟବାନ ୨ ଉଇକେଟ ଅକ୍ତିଆର କରିଥିଲେ। ଏହାପରେ ବ୍ରିଷ୍ଟଲରେ ପାକିସ୍ତାନ ତା'ର ତୃତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିଥିଲା। ତେବେ ଏହି ମ୍ୟାଚ୍ ବର୍ଷାକାରଣରୁ ବାତିଲ ହୋଇଥିଲା।

ରେକର୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପାକିସ୍ତାନ ଅଷ୍ଟ୍ରେଲିଆର ବହୁ ପଛରେ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଗତ ୧୪ଟି ମ୍ୟାଚ୍‌ରେ ପାକିସ୍ତାନ ଥରେ ମାତ୍ର ବିଜୟୀ ହେବାର ସୁଯୋଗ ପାଇଛି। ୨୦୧୭ ଜାନୁୟାରୀରେ ମେଲବୋର୍ନରେ ମହମ୍ମଦ ହାଫିଜଙ୍କ ୭୨ ରନର ଉପଯୋଗୀ ଇନିଂସ ବଳରେ ଶେଷଥର ପାଇଁ ପାକିସ୍ତାନ ବିଜୟୀ ହୋଇଥିଲା। ଗତ ଇଂଲଣ୍ଡ ବିପକ୍ଷ ବିଜୟରେ ମଧ୍ୟ ହାଫିଜ୍‌ଙ୍କ ୮୪ ରନର ଇଂନିସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ୫ଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ଅବଶ୍ୟ ପାକିସ୍ତାନଠାରୁ ଦୁଇ ପାଦ ଆଗରେ ରହିଛି।




# ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍‌ରେ ବର୍ଷା ସାଜିପାରେ ବାଧକ

**ନଟିଂହାମ, ୧୧।୬(ପି.ଟି.):** ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ଆଇସିସି ବିଶ୍ୱକପ୍‌ରେ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ। ଏହି ମ୍ୟାଚ୍ ଗୁରୁବାର ଟ୍ରେଣ୍ଟବ୍ରିଜଠାରେ ଖେଳାଯିବ। ତେବେ ଏହି ହାଇଭୋଲଟେଜ୍ ମ୍ୟାଚ୍‌ରେ ବର୍ଷା ବାଧକ ସାଜିପାରେ ବୋଲି ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଗୁରୁବାର ସ୍ଥାନୀୟ ସମୟ ଦ୍ୱିପ୍ରହର ପରେ ବର୍ଷାର ଆଉ ସମ୍ଭାବନା ନାହିଁ। ଫଳରେ ମ୍ୟାଚ୍ କମ୍ ଓଭର ବିଶିଷ୍ଟ ହୋଇପାରେ। ଇଂଲଣ୍ଡରେ ଗଲା ଦୁଇଦିନ ହେବ ପ୍ରବଳ ବର୍ଷା ଜାରି ରହିଛି। ଏଥିସହ ସ୍ଥାନୀୟ ପାଣିପାଗ ବିଭାଗ ସର୍ବସାଧାରଣଙ୍କ ପାଇଁ ସତର୍କ ସୂଚନା ଜାରି କରିଛି। ସ୍ଥାନୀୟ ୱେବ୍‌ସାଇଟ 'ନଟିଂହାମପୋଷ୍ଟ' ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଚଳିତ ସପ୍ତାହରେ ନଟିଂହାମ ଅଞ୍ଚଳରେ ଅଧିକ ସମୟ ବର୍ଷାର ଚେତାବନୀ ଦିଆଯାଇଛି। ସେହିଭଳି ଇଂଲଣ୍ଡର ବର୍ମିଂହାମ୍, ପିଟରବର୍ଗ ଓ ନ୍ୟୁକ୍ୟାସଲ ଅଞ୍ଚଳରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି। ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ଓ ଗୁରୁବାର ଦ୍ୱିପ୍ରହର ପର୍ଯ୍ୟନ୍ତ ହାଲ୍‌କା ବର୍ଷା ହୋଇପାରେ। ଏଥିସହ ଏହି ସମୟ ମଧ୍ୟରେ ସର୍ବାଧିକ ତାପମାତ୍ରା ୧୩ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୦ରୁ ୧୧ ଡିଗ୍ରୀ ପର୍ଯ୍ୟନ୍ତ ରହିପାରେ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଫୋର୍ବ୍ସ ସର୍ବାଧିକ ଆୟକାରୀ ଆଥଲେଟ ତାଲିକାରେ କୋହଲି

**ନୂଆଦିଲ୍ଲୀ, ୧୧।୬ (ପି.ଟି.):** ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ପୁଣି ଥରେ ବିଶ୍ୱର ସର୍ବାଧିକ ଆୟକାରୀ ଆଥଲେଟମାନଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଜଣାଶୁଣା ପତ୍ରିକା ଫୋର୍ବ୍ସ ଚଳିତ ବର୍ଷର ସର୍ବାଧିକ ଆୟକାରୀ ଆଥଲେଟ୍‌ଙ୍କ ତାଲିକା ପ୍ରକାଶିତ କରିଛି। ଏଥିରେ ଏକମାତ୍ର ଭାରତୀୟ ଆଥଲେଟ ଭାବେ କୋହଲି ସାମିଲ ହୋଇ ତାଲିକାର ୧୦୦ତମ ସ୍ଥାନରେ ରହିଛନ୍ତି। ବାର୍ସିଲୋନା ତଥା ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଏହି ତାଲିକାର ଶୀର୍ଷରେ ରହିଛନ୍ତି।

କୋହଲି ବିଜ୍ଞାପନରୁ ୨୧ ମିଲିୟନ ଆମେରିକୀୟ ଡଲାର ଓ ପାଉଣା ବାବଦରେ ୪ ମିଲିୟନ ଡଲାର ରୋଜଗାର କରିଛନ୍ତି। ମୋଟ ଉପରେ ସେ ଗତ ୧୨ମାସ ମଧ୍ୟରେ ୨୫ ମିଲିୟନ ଡଲାର ହାସଲ କରିଛନ୍ତି। ଗତବର୍ଷ କୋହଲି ଏହି ତାଲିକାର ୮୩ତମ ସ୍ଥାନରେ ରହିଥିଲେ। ବିଜ୍ଞାପନ ବାବଦରେ ସେ ଅଧିକ ୧ମିଲିୟନ ଡଲାର ରୋଜଗାର କରିଥିଲେ ହେଁ ଚଳିତବର୍ଷ ୧୦୦ତମ ସ୍ଥାନକୁ ଖସିଛନ୍ତି। ଏଥର ବକ୍ସର ଫ୍ଲଏଡ ମେୱେଦରଙ୍କୁ ପଛରେ ପକାଇ ମେସି ତାଲିକାର ୧ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ମେସି ପାଉଣା ଓ ବିଜ୍ଞାପନ ବାବଦରେ ମୋଟ ଉପରେ ୧୨୭ ମିଲିୟନ ଆମେରିକୀୟ ଡଲାର ରୋଜଗାର କରିଛନ୍ତି। ସେହିପରି ମେସିଙ୍କ ପ୍ରତିଦ୍ୱନ୍ଦ୍ୱୀ ପର୍ତ୍ତୁଗାଲ ତଥା ଜୁଭେଣ୍ଟସ ତାରକା ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ୧୦୯ ମିଲିୟନ ଡଲାର ରୋଜଗାର କରିବା ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।





ବର୍ଷା କାରଣରୁ ୱେଷ୍ଟଇଣ୍ଡିଜ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ର ଓଭର ସଂଖ୍ୟା ହ୍ରାସ କରାଯାଇ ଖେଳାଯାଇଥିଲେ ଆମେ କ୍ଷତିରେ ପଡ଼ିଥାନ୍ତୁ ।

–ଫାଫ୍ ଡୁ' ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ



ଆଇସିସି ବିଶ୍ୱକପ୍ ୧୯୯୯ରେ ଦକ୍ଷିଣ ଆଫ୍ରିକାର ଲାନ୍ସ କ୍ଲୁଜନରଙ୍କ ଭଳି ଚଳିତ ସଂସ୍କରଣରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରାଧାନ୍ୟ ରହିବ ।

–ଷ୍ଟିଭ ୱ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଗଗନେନ୍ଦୁଙ୍କୁ ଗୁରୁଦାୟିତ୍ୱ



**ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି):** ଇଟାଲିର ନାପୋଲିଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜୁଲାଇ ୩ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଇଣ୍ଡିଆନ ୟୁନିଭର୍ସିଟିଜ ଦଳର ୧୧୯ ଖେଳାଳି ଓ ୩୧ ଅଫିସିଆଲ ଅଂଶଗ୍ରହଣ କରିବେ। ଇଣ୍ଡିଆନ ୟୁନିଭର୍ସିଟିଜ ଦଳ ଆର୍ଚ୍ଚେରୀ, ଆଥଲେଟିକ୍ସ, ଜୁଡୋ, ଫେନ୍‌ସିଂ, ଟାଏକୋଣ୍ଡୋ, ଟେନିସ, ଓ ସନ୍ତରଣ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ଭାରତୀୟ ପ୍ରତିନିଧି ଦଳର ସହକାରୀ ମୁଖ୍ୟ ନିଯୁକ୍ତ କରାଯାଇଛି। ଏଆଇୟୁର ସଭାପତି ମାଣିକରାଓ ସାଲୁଙ୍କେ ପ୍ରତିନିଧି ଦଳର ମୁଖ୍ୟ ଭାବେ ଇଟାଲି ଯାତ୍ରା କରିବେ। ପୂର୍ବରୁ ଗଗନେନ୍ଦୁ ୨୦୧୭ରେ ଚାଇନିଜ୍ ତାଇପେରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟିଜ ଗେମ୍ସରେ ଆର୍ଚ୍ଚେରୀ ପ୍ରତିନିଧି ଦଳର ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଇଟାଲି ପ୍ରତିଯୋଗିତା ପାଇଁ ଆଥଲେଟିକ୍ସ ଓ ଆର୍ଚ୍ଚେରୀ କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜୁନ ୨୨ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀଭାବେ ଆଗାମୀ ପ୍ରତିଯୋଗିତାର ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉଭୟ ଗଗନେନ୍ଦୁ ଏବଂ ଦୂତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### 'ଯୁବରାଜ ଭାରତର ଶ୍ରେଷ୍ଠ ବାମହାତୀ ବ୍ୟାଟ୍ସମ୍ୟାନ'

**ନୂଆଦିଲ୍ଲୀ, ୧୧।୬(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିବା ପରେ ସୀମିତ ଓଭର କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ମ୍ୟାଚ୍ ୱିନର ଯୁବରାଜ ସିଂଙ୍କୁ ପୂର୍ବତନ ପାକିସ୍ତାନ ଦ୍ରୁତ ବୋଲର ସୋଏବ ଅଖତର ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ବାମହାତୀ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ଯୁବରାଜ ସବୁଠାରୁ ଶ୍ରେଷ୍ଠ ବୋଲି ଅଖତର କହିଛନ୍ତି। 'ଯୁବରାଜ ଜଣେ ରକ୍-ଷ୍ଟାର୍, ମ୍ୟାଚ୍ ୱିନର, ମହାନ ଜୁନିୟର ଓ ମୋର ଭଲ ବନ୍ଧୁ। ତାଙ୍କ ପରି ଶ୍ରେଷ୍ଠ ବାମହାତୀ ବ୍ୟାଟ୍ସମ୍ୟାନ ଭାରତ ଆଉ ସୃଷ୍ଟି କରିପାରି ନାହିଁ। ସେ ବହୁତ ସହଜରେ ଖେଳିଥାନ୍ତି'। '୨୦୦୩ ବିଶ୍ୱକପ୍‌ରେ ପ୍ରଥମଥର ଲାଗି ଯୁବରାଜଙ୍କ ବିପକ୍ଷରେ ଖେଳିଥିଲି। ସେ ଏହି ମ୍ୟାଚ୍‌ରେ ବହୁତ ଭଲ ଇନିଂସ ଖେଳିଥିଲେ। ମୁଁ ତାଙ୍କ ପାଖକୁ ଯାଇ କିଛି ବାର୍ତ୍ତାଳାପ କରିଥିଲି ଏବଂ ଖେଳରେ ତାଙ୍କର ଗଭୀର ଜ୍ଞାନ ବିଷୟରେ ଜାଣି ବହୁତ ପ୍ରଭାବିତ ହୋଇଥିଲି' ବୋଲି ଅଖତର ପ୍ରକାଶ କରିଛନ୍ତି। ୨୦୧୧ ବିଶ୍ୱକପ୍ ପ୍ରଦର୍ଶନ ଲାଗି ସେ ବହୁତ ବର୍ଷ ପର୍ଯ୍ୟନ୍ତ କ୍ରୀଡ଼ାପ୍ରେମୀଙ୍କ ସ୍ମୃତିରେ ରହିବେ।

### ଜୁନିୟର ଭାରତୀୟ ଫୁଟ୍‌ବଲ ଦଳ ପରାସ୍ତ

**ନୂଆଦିଲ୍ଲୀ, ୧୧।୬(ପି.ଟି.):** ସେଣ୍ଟ ପିଟର୍ସବର୍ଗରେ ଚାଲିଥିବା ଗ୍ରାନାଟ୍‌କିନ ମେମୋରିଆଲ ୧୯ ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୯ ଓ ୧୨ତମ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ପରାଜୟବରଣ କରିଛି। ଏହି ମ୍ୟାଚ୍‌ରେ କିର୍ଗିଜସ୍ତାନ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୧-୩ ଗୋଲରେ ଭାରତକୁ ହରାଇ ଦେଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ୭୪ତମ ମିନିଟ୍‌ରେ ଆକାଶ ମିଶ୍ରଙ୍କ ଗୋଲ ବଳରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଏହାର ୧୪ ମିନିଟ୍ ପରେ କିର୍ଗିଜସ୍ତାନର ଏମିର ସିଗାୟବାଏଭ ଗୋଲ ଦେଇ ମ୍ୟାଚ୍‌କୁ ୧-୧ରେ ବରାବର୍ ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆଉ ଗୋଲ ନ ହେବାରୁ ମ୍ୟାଚ୍ ଡ୍ର' ରହିଥିଲା। ଫଳରେ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଭାରତର ହର୍ମନପ୍ରୀତ୍ ସିଂ, ସାଇଲୋ ଲାଲଚାନହିମା ଓ ଜିତେନ୍ଦର ସିଂ ଟାର୍ଗେଟ୍ ମିସ୍ କରିଥିବାବେଳେ କିର୍ଗିଜସ୍ତାନ ୨ଟି ଗୋଲସ୍କୋର କରି ବିଜୟ ଲାଭ କରବା ସହ ୯ମ ସ୍ଥାନ ହାସଲ କରିଥିଲା। ଭାରତ ଏବେ ୧୧ ଓ ୧୨ତମ ସ୍ଥାନ ଲାଗି ମ୍ୟାଚ୍ ଖେଳିବ।

# ଆଜି କ୍ରସ୍ ଓଭର ମ୍ୟାଚ୍

**ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର କ୍ରସ୍ ଓଭର ମ୍ୟାଚ ବୁଧବାର ଅନୁଷ୍ଠିତ ହେବ। କ୍ରସ୍ ଓଭରରେ ଜାପାନ-ପୋଲାଣ୍ଡ ପ୍ରଥମ ଏବଂ ରୁଷିଆ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ମ୍ୟାଚ ଖେଳିବେ। ଏହି ଦିନ ଉଜ୍‌ବେକିସ୍ତାନ ଓ ମେକ୍ସିକୋ ମଧ୍ୟରେ ପ୍ଲେସିଂ (୭-୮ ସ୍ଥାନ ପାଇଁ) ମଧ ଖେଳାଯିବ।

ଲିଗ୍ ପର୍ଯ୍ୟାୟ ଶେଷରେ ପୁଲ୍ 'ବି'ରେ ଆମେରିକା ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏସୀୟ ଚାମ୍ପିୟନ ଜାପାନ। ଏହି ଦଳ ୩ ମ୍ୟାଚ ଖେଳି ୨ ବିଜୟ ଓ ୧ ଡ୍ର ସହ ଆମେରିକା ସମକକ୍ଷ ୭ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ପଛରେ ପଡ଼ି ଯାଇଥିଲା। ଆମେରିକା +୧୧ ଗୋଲ ବ୍ୟବଧାନରେ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ +୪ ଗୋଲ ବ୍ୟବଧାନ ଯୋଗୁ ଜାପାନ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଏହି ଦଳ ମେକ୍ସିକୋକୁ ୩-୧ ଓ ଦକ୍ଷିଣ ଆଫ୍ରିକାକୁ ୨-୦ ଗୋଲରେ ହରାଇଥିବାବେଳେ ଆମେରିକା ସହିତ ୨-୨ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ଜାପାନର ଆଗାମୀ ପ୍ରତିଦ୍ୱନ୍ଦ୍ୱୀ ହେଉଛି ପୁଲ୍'ଏ'ର ୩ୟ ସ୍ଥାନୀୟ ଦଳ ପୋଲାଣ୍ଡ। ପୁଲ୍'ଏ'ରେ ଏହି ଦଳ ଘରୋଇ ଭାରତ ଓ ରୁଷିଆ ପଛକୁ ୩ୟ ସ୍ଥାନ ଅଧିକାର କରିଥିଲା। ପୋଲାଣ୍ଡ ୩ ମ୍ୟାଚ ଖେଳି ଗୋଟିଏ ବିଜୟ ହାସଲ କରିଥିବାବେଳେ ୨ଟି ଗେମ୍ ହାରିଥିଲା। ଉଜ୍‌ବେକିସ୍ତାନକୁ ୪-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ପୋଲାଣ୍ଡ ଏହି ପ୍ରଦର୍ଶନ କିନ୍ତୁ ଆଗକୁ ବଜାୟ ରଖି ପାରି ନ ଥିଲା। ପରବର୍ତ୍ତୀ ମ୍ୟାଚରେ ଭାରତଠାରୁ ୧-୩ଓ ରୁଷିଆଠାରୁ ୨-୩ ଗୋଲରେ ପରାଜିତ ହୋଇଥିଲା। ଜାପାନ-ପୋଲାଣ୍ଡ ମ୍ୟାଚର ବିଜେତା ୧୪ ତାରିଖରେ ପ୍ରଥମ ସେମିଫାଇନାଲରେ ଭାରତକୁ ଭେଟିବ।

ପୁଲ୍'ଏ'ରେ ଦ୍ୱିତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା ରୁଷିଆ। ପୁଲ୍'ବି'ର ୩ୟ ସ୍ଥାନୀୟ ଦଳ ଦକ୍ଷିଣ ଆଫ୍ରିକା ସହିତ ଏହି ଦଳ ମୁକାବିଲା କରିବ। ଲିଗ୍ ପର୍ଯ୍ୟାୟରେ ରୁଷିଆ ୩ ମ୍ୟାଚ ଖେଳି ୨ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ପାଇଥିଲା। ଏହି ଗ୍ରୁପରେ ଭାରତ ସମସ୍ତ ୩ଟି ମ୍ୟାଚ ଜିତି ୯ ପଏଣ୍ଟ ସହିତ ସିଧାସଳଖ ସେମିଫାଇନାଲ ଯୋଗ୍ୟତା ପାଇଥିଲା। ଭାରତଠାରୁ ୦-୧୦ ଗୋଲରେ ଶୋଚନୀୟଭାବେ ହାରି ଅଭିଯାନ ଆରମ୍ଭ କରିଥିବା ରୁଷିଆ ପରେ କିନ୍ତୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଉଜ୍‌ବେକିସ୍ତାନକୁ ୧୨-୧ ଗୋଲରେ ହରାଇ ଚମକାଇ ଦେଇଥିବାବେଳେ ଶେଷ ମ୍ୟାଚରେ ପୋଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପୁଲ୍'ବି'ରେ ଆମେରିକା ଓ ଜାପାନ ପଛକୁ ୩ୟ ସ୍ଥାନ ଅଧିକାର କରି କ୍ରସ୍ ଓଭର ଖେଳିବାକୁ ଯାଉଛି। ଦଳ ୩ ମ୍ୟାଚରୁ ୧ ବିଜୟ ସହିତ ୩ ପଏଣ୍ଟ ପାଇଛି। ଆମେରିକାଠାରୁ ୦-୨ ଓ ଜାପାନଠାରୁ ୦-୨ ଗୋଲରେ ହାରିଥିବା ଦକ୍ଷିଣ ଆଫ୍ରିକା ଏହାର ଶେଷ ଲିଗ୍ ମ୍ୟାଚରେ ମେକ୍ସିକୋକୁ ୬-୦ ଗୋଲରେ ପରାସ୍ତ କରିଥିଲା। ରୁଷିଆ-ଦକ୍ଷିଣ ଆଫ୍ରିକା ମ୍ୟାଚର ବିଜେତା ୧୪ ତାରିଖରେ ଦ୍ୱିତୀୟ ସେମି ଫାଇନାଲରେ ଆମେରିକାକୁ ଭେଟିବ।

ବୁଧବାର ପୁଲ୍'ଏ' ଓ ପୁଲ୍'ବି'ର ନିମ୍ନ ସ୍ଥାନୀୟ ଦୁଇ ଦଳ ଉଜ୍‌ବେକିସ୍ତାନ ଓ ମେକ୍ସିକୋ ମଧ୍ୟରେ ପ୍ଲେସିଂ ମ୍ୟାଚ ଖେଳାଯିବ। ୨ଟି ଯାକ ଦଳ ଗ୍ରୁପ ପର୍ଯ୍ୟାୟରେ ଗୋଟିଏ ହେଲେ ମ୍ୟାଚ ଜିତିପାରି ନାହାନ୍ତି। ଉଜ୍‌ବେକିସ୍ତାନ ମାତ୍ର ଗୋଟିଏ ଗୋଲ ଦେଇଥିବାବେଳେ ୨୬ ଗୋଲ ବରଣ କରିଛି। ମେକ୍ସିକୋ ଗୋଟିଏ ଗୋଲ ସ୍କୋର କରି ୧୮ ଗୋଲ ବରଣ କରିଛି। ଯେଉଁ ଦଳ ଏହି ମ୍ୟାଚ ଜିତିବ ୭ମ ସ୍ଥାନ ଅଧିକାର କରିବ। ତେଣୁ ଉଭୟ ଦଳ ପାଇଁ ଏହି ମ୍ୟାଚ ସମ୍ମାନର ପ୍ରଶ୍ନ ସଦୃଶ ହୋଇଛି।

**ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ**

**ଆଜିର ମ୍ୟାଚ**

- ଉଜ୍‌ବେକିସ୍ତାନ ବନାମ ମେକ୍ସିକୋ
  ସକାଳ ୮ଟା ୪୫
- ରୁଷିଆ ବନାମ ଦକ୍ଷିଣ ଆଫ୍ରିକା
  ଅପରାହ୍ନ ୫ଟା
- ଜାପାନ ବନାମ ପୋଲାଣ୍ଡ
  ରାତି ୭ଟା ୧୫

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

### ରିଡ୍‌ଙ୍କ ନୂଆ ମନ୍ତ୍ର



ନୂଆ କୋଚ୍ ଗ୍ରାହାମ ରିଡ୍‌ଙ୍କ ପ୍ରଶିକ୍ଷଣରେ ଭାରତୀୟ ହକି ଦଳ ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଭାବେ ଭୁବନେଶ୍ୱରରେ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଖେଳୁଛି। ଆରମ୍ଭରୁ ଯଥାସମ୍ଭବ ଅଧିକରୁ ଅଧିକ ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବା ପାଇଁ ଭାରତୀୟ ଦଳକୁ ନୂଆ ମନ୍ତ୍ର ଦେଇଛନ୍ତି ରିଡ୍। ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଅପେକ୍ଷାକୃତ ଦୁର୍ବଳ ଦଳଗୁଡ଼ିକ ବିପକ୍ଷରେ ଭାରତୀୟ ଖେଳାଳିମାନେ ଏହି ରଣନୀତିରେ ସଫଳ ହୋଇଥିଲାବେଳେ ଉଚ୍ଚର୍‍ୟାଙ୍କ୍‌ପ୍ରାପ୍ତ ଟିମ୍ ବିପକ୍ଷରେ ମଧ ତାହା ଜାରି ରହିବା ନେଇ ଆଶା ରଖିଛନ୍ତି ରିଡ୍। ପ୍ରଥମ ୫ ମିନିଟ ମଧ୍ୟରେ ଯଥାସମ୍ଭବ ଅଧିକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିବାକୁ ପିଲାମାନଙ୍କୁ ପରାମର୍ଶ ଦିଆଯାଇଛି। ପ୍ରତିପକ୍ଷ ଦଳର ଶକ୍ତି ଭିତ୍ତିରେ ଏଥିରେ ପ୍ରଭେଦ ରହିପାରେ। ପ୍ରତିପକ୍ଷ ଦଳ ଉପରେ ଆରମ୍ଭରୁ ଚାପ ପକାଇବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ରିଡ୍ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ମ୍ୟାଚ ଗୁଡ଼ିକରେ କୌଣସି ଦଳକୁ ହେୟ ମନେକରାଯିବା ଉଚିତ ନୁହେଁ। ଆମେ କେବଳ ଗେମ୍ ଉପରେ ଫୋକସ ରଖି ସକାରାତ୍ମକ ମନୋଭାବ ନେଇ ଖେଳିବାକୁ ଚେଷ୍ଟା କରୁଛୁ। ଆରମ୍ଭରୁ ଗୋଲ ଦେଇ ପାରିଲେ ପ୍ରତିପକ୍ଷ ଦଳ ଉପରେ ନିଶ୍ଚିତ ଚାପ ପଡ଼ିବ ବୋଲି ତାରକା ଷ୍ଟ୍ରାଇକର ଆକାଶଦୀପ ସିଂ କହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଏକମାତ୍ର ଖେଳାଳିଭାବେ ଆକାଶଦୀପ ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। କଳିଙ୍ଗ ଷ୍ଟାଡିୟମରେ ଅଧିକାଂଶ ମ୍ୟାଚରେ ଗୋଲ ବର୍ଷା ହେଉଥିଲେ ହେଁ ଆହତ ସମସ୍ୟାରୁ ଫେରିଥିବା ଷ୍ଟ୍ରାଇକର ରମଣଦୀପ ସିଂ ଏପର୍ଯ୍ୟନ୍ତ ତା'ର ଫାଇଦା ନେଇପାରି ନାହାନ୍ତି। ମାତ୍ର ରମଣଦୀପଙ୍କୁ ସମର୍ଥନ ଜଣାଇଛନ୍ତି ଆକାଶଦୀପ। ଏକବର୍ଷ ହକିରୁ ଦୂରେଇ ରହିବାପରେ ପ୍ରତ୍ୟାବର୍ତ୍ତନ କରିବା ଏତେଟା ସହଜ ନୁହେଁ। ରମଣଦୀପ ପ୍ରତି ମ୍ୟାଚରେ ଉନ୍ନତି କରୁଛନ୍ତି ବୋଲି ଆକାଶଦୀପ କହିଛନ୍ତି।




ମଙ୍ଗଳବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅଭ୍ୟାସରତ ଭାରତୀୟ ହକି ଦଳର ଖେଳାଳିମାନେ।



କଟକରେ ଚାଲିଥିବା ସବ୍‌ଜୁନିୟର ଜାତୀୟ ବାଳିକା ଫୁଟବଲ ଚାମ୍ପିୟନଶିପ୍‌ର ମଙ୍ଗଳବାର ଝାଡ଼ଖଣ୍ଡ ଓ ତ୍ରିପୁରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## 'ପୋଲାଣ୍ଡରେ ଆର୍ମି ଫିଲ୍ଡ ହକିକୁ ବଞ୍ଚାଇ ରଖିଛି'

**ଭୁବନେଶ୍ୱର, ୧୧।୬**

ୟୁରୋପୀୟ ଦେଶ ପୋଲାଣ୍ଡରେ ଆର୍ମି ଫିଲ୍ଡ ହକି ଖେଳକୁ ବଞ୍ଚାଇ ରଖିଛି। ଏହି ଦେଶରେ ପ୍ରାୟ ୨୦୦୦ ଖେଳାଳି ରହିଛନ୍ତି। ଭାରତ ଭଳି ପୋଲାଣ୍ଡରେ ଆର୍ମି ଅନେକ ଖେଳକୁ ପ୍ରୋତ୍ସାହିତ କରି ଆସୁଛି। ତନ୍ମଧ୍ୟରେ ଫିଲ୍ଡ ହକି ହେଉଛି ଅନ୍ୟତମ। ପୋଲାଣ୍ଡରେ ସବୁଠାରୁ ଲୋକପ୍ରିୟ ହକି କ୍ଲବ ହେଲା ଡବ୍ଲ୍ୟୁକେଏସ୍ ଗନ୍‌ୱାଲ୍ଡ ପୋଜ୍‌ନାନ୍। ଗତ ବର୍ଷ ଏହି ଟିମ୍ କ୍ରମାଗତ ୫ମ ଥର ପାଇଁ ଲିଗ୍ ଟାଇଟଲ ହାସଲ କରିଛି। ଏହି କ୍ଲବର ସଫଳତା ପଛରେ ପୋଲାଣ୍ଡ ଆର୍ମିର ବିଶେଷ ଭୂମିକା ରହିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ହକି ଟୁର୍ନାମେଣ୍ଟରେ ଭାଗ ନେଇଥିବା ପୋଲାଣ୍ଡର ୧୮ ଜଣିଆ ହକି ଦଳରେ ଗନ୍ ୱାଲ୍‌ଡ କ୍ଲବ ପାଇଁ ଖେଳୁଥିବା ଆର୍ମିର ୯ ଜଣ ଖେଳାଳି ରହିଛନ୍ତି ବୋଲି ପୋଲାଣ୍ଡ ହକି କୋଚ୍ କାରୋଲ ସ୍ମିଜେକ୍ ପ୍ରକାଶ କରିଛନ୍ତି। ଭାରତ ଭଳି ପୋଲାଣ୍ଡରେ ହକି ସେତେଟା ଲୋକପ୍ରିୟ ଖେଳ ନୁହେଁ। ଲୋକେ ବିଶେଷ ଫୁଟ୍‌ବଲ ଓ ଭଲିବଲ୍ ଖେଳକୁ ପସନ୍ଦ କରିଥାନ୍ତି। ପୋଲାଣ୍ଡରେ ଯେତେ ହକି ଖେଳାଳି ଅଛନ୍ତି ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଦେଶରେ ଖେଳାଯାଉଥିବା ଲିଗ୍‌ରେ ଅଂଶଗ୍ରହଣ କରିଥାନ୍ତି, ଅବଶିଷ୍ଟ ବିଦେଶରେ ଖେଳିଥାନ୍ତି। ସ୍ମିଜେକ କହିଛନ୍ତି ବିଶ୍ୱ ର‍୍ୟାଙ୍କିଂରେ ଆମେ ୨୧ତମ ସ୍ଥାନରେ ରହିଥିଲେ ମଧ ଆମର ବହୁ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ଶେଷ ମୁହୂର୍ତ୍ତରେ ଏକ ଗୋଲ ସ୍କୋର କରି ମ୍ୟାଚକୁ ୧-୧ରେ ଡ୍ର ରଖି ଆମେ ଭାରତକୁ ଟୁର୍ନାମେଣ୍ଟରୁ ବିଦା କରିଦେଇଥିଲୁ। ତେଣୁ ପୋଲାଣ୍ଡ ଭଲ ହକିଖେଳିପାରୁ ନାହିଁ ବୋଲି କେହି କହିପାରିବେ ନାହିଁ। ଖେଳର ବିକାଶ ପାଇଁ ଆମକୁ ପ୍ରୋତ୍ସାହନ ଏବଂ ସହଯୋଗର ଆବଶ୍ୟକତା ରହିଛି। ଆମେ ଛୋଟ ଛୋଟ କ୍ୟାମ୍ପ ଆୟୋଜନ କରିଥାଉ। ଆମେ ବେଳେବେଳେ ନେଦରଲାଣ୍ଡ୍ସ ଏବଂ ୟୁରୋପର ଅନ୍ୟ ଛୋଟ ଛୋଟ କ୍ଲବଗୁଡ଼ିକ ସହିତ ଖେଳିବା ଲାଗି ବିଦେଶ ଯାଇଥାଉ। କିନ୍ତୁ ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧି ଲାଗି ଆମ ଲାଗି ଅଧିକ ଟୁର୍‌ର ଆବଶ୍ୟକତା ରହିଛି। ଚଳିତ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସର ସେମିଫାଇନାଲରେ ସ୍ଥାନ ପାଇଁ ପୋଲାଣ୍ଡ ଏସିଆନ ଚାମ୍ପିୟନ ଜାପାନ ସହ ମୁକାବିଲା କରିବ। ଏହି ଟୁର୍ନାମେଣ୍ଟରୁ ଦୁଇଟି ଦଳ ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ଲାଗି ଯୋଗ୍ୟତା ଅର୍ଜନ କରିବେ।

## ଝାଡ଼ଖଣ୍ଡର ବୃହତ୍ ବିଜୟ

**କଟକ ଅଫିସ,୧୧।୬:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍‌ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ଜାତୀୟ ବାଳିକା ଫୁଟବଲ ଚାମ୍ପିୟନଶିପର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୨୦-୦ ଗୋଲରେ ତ୍ରିପୁରାକୁ ହରାଇଛି। ପ୍ରଥମାର୍ଦ୍ଧରେ ୧୧ଟି ଓ ଦ୍ୱିତୀୟାର୍ଦ୍ଧରେ ୯ଟି ଗୋଲ ସ୍କୋର କରି ଝାଡ଼ଖଣ୍ଡ ଏହି ବୃହତ୍ ବିଜୟ ହାସଲ କରିଛି । ଦଳ ପକ୍ଷରୁ ମିଡ୍‌ଫିଲ୍ଡର ନିତୁ ଲିଣ୍ଡା ସର୍ବାଧିକ ୯ଟି ଗୋଲ ସ୍କୋର କରିଥିଲେ। ଅନ୍ୟ ମ୍ୟାଚ୍‌ରେ ଆସାମ ୨-୧ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଥିବା ବେଳେ ଉତ୍ତରପ୍ରଦେଶ-ଛତିଶଗଡ଼ ମ୍ୟାଚ୍ ଡ୍ର ରହିଛି ।

## ଜାତୀୟ ତୀରନ୍ଦାଜୀ ସଂଘର କୋଷାଧ୍ୟକ୍ଷ ହେଲେ ସମୀକ୍ଷା

**କଟକ ଅଫିସ,୧୧।୬**

ରାଜ୍ୟ ତୀରନ୍ଦାଜୀ ସଂଘର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସମୀକ୍ଷାନନ୍ଦ ଦାସ ଭାରତୀୟ ତୀରନ୍ଦାଜୀ ସଂଘର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଚଣ୍ଡୀଗଡ଼ଠାରେ ଗତ ୯ ତାରିଖରେ ଜାତୀୟ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ସମୀକ୍ଷାଙ୍କୁ ମିଳିଛି କୋଷାଧ୍ୟକ୍ଷ ପଦବୀ। ଜାତୀୟ ତୀରନ୍ଦାଜୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା କ୍ଷେତ୍ରରେ ସମୀକ୍ଷା ଓଡ଼ିଶାର ପ୍ରଥମ ବ୍ୟକ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯାଇଛି। ଭାରତୀୟ ତୀରନ୍ଦାଜୀ କ୍ରୀଡ଼ାର ବିକାଶ ଦିଗରେ ଯାହା ବି ଦାୟିତ୍ୱ ମିଳିବ ତାହା ନିର୍ବାହ କରିବି। ରାଜ୍ୟ ତୀରନ୍ଦାଜୀ କ୍ରୀଡାର ବିକାଶ ପାଇଁ ପ୍ରାଥମିକତା ରହିବ ବୋଲି ସମୀକ୍ଷା ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଜାତୀୟ କରାଟେ: ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ

**ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି)**

ଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସିନିୟର ଓ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ପଦକ ମିଳିଛି। ବାଳିକା କାଟା ୧୨ ବର୍ଷରୁ କମ୍‌ରେ ମଧୁପ୍ରିୟା, ୧୩ ବର୍ଷରୁ କମ୍‌ରେ ଅର୍ପିତା ସିଂ ଓ ୧୨ ବର୍ଷରୁ କମ୍ ବାଳକ ଫାଇଟ୍‌ରେ ରିତେସ୍ ମହାନ୍ତି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହିଳା ଟିମ୍ କାଟାରେ ଅନୁପମା ସ୍ୱାଇଁ, ସୁସ୍ମିନି ପାଲଟାସିଂ, ସିନ୍ଧୁତନୟା ଖୁଣ୍ଟିଆ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟ ୨ଟି ବ୍ରୋଞ୍ଜ ପଦକ ଜିତିଥିବା ପ୍ରତିଯୋଗୀ ହେଲେ ମନୋଜ ବେହେରା (୧୨ ବର୍ଷରୁ କମ୍ ବାଳକ କାଟା) ଏବଂ ତ୍ରିଲୋଚନ ରଣା(୧୩ ବର୍ଷରୁ କମ୍ ଫାଇଟ୍)। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ରାଜ୍ୟ ସଂଘ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, କୋଚ୍ ରାଜୀବ ସିଂ, ଖାରବେଳ ମଲିକ, ସନ୍ଦୀପ ମହାନ୍ତି, ଦୀପକ ସାମନ୍ତରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।




ଜାତୀୟ କରାଟେରେ ପଦକ ବିଜୟୀ ଓଡ଼ିଶାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।




# ସୁପରିଚାଳନା ଦ୍ୱାରା କଠିନ ବର୍ଜ୍ୟବସ୍ତୁ ସମ୍ପଦ ହେବ



- ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ କୁପ୍ରଭାବ ଅଧିକ
- ସଚେତନତା ପାଇଁ ପଦକ୍ଷେପ ନେବ ୟୁନିସେଫ୍
- ପ୍ରତି ଜିଲାର ୩ ପଞ୍ଚାୟତରେ ହେବ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

କଠିନ ବର୍ଜ୍ୟବସ୍ତୁ ବର୍ତ୍ତମାନ ଜୀବଜଗତ ପାଇଁ ବଡ଼ ବିପଦ ସାଜିଛି। ଏଥିଯୋଗୁ ଜଳ, ବାୟୁ ଓ ପରିବେଶ ପ୍ରଦୂଷିତ ହେଉଛି। ଲୋକେ ଘାତକ ରୋଗର ଶିକାର ହେଉଛନ୍ତି। ଦେଶର ସହରାଞ୍ଚଳ ଅପେକ୍ଷା ଓ ଗ୍ରାମାଞ୍ଚଳରେ ଏହାର କୁପ୍ରଭାବ ଅଧିକ ପଡୁଥିବା ଦେଖିବାକୁ ମିଳୁଛି। ଏହି ବିପଦରୁ ମୁକୁଳିବା ବର୍ତ୍ତମାନ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେଣୁ କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ହେଲେ ଏହା ମାନବ ସମାଜ ପାଇଁ ବିପଦ ନୁହେଁ, ସମ୍ପଦ ହେବ। ତେଣୁ ଏହାର ପୁନଃପ୍ରକ୍ରିୟାକରଣ କରାଯାଇ ଏଥିରୁ ରାଜସ୍ୱ ସଂଗ୍ରହ ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଦରକାର। ମଙ୍ଗଳବାର କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ସଂକ୍ରାନ୍ତରେ ୟୁନିସେଫ୍ ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ମିଡିଆ ରାଉଣ୍ଡଟେବୁଲ ବୈଠକରେ ମତପ୍ରକାଶ ପାଇଛି।


ଏହି ବୈଠକରେ ୟୁନିସେଫ୍ ଓଡ଼ିଶା ମୁଖ୍ୟ ଡ. ମୋନିକା ନୀଲ୍‌ସନ, ପଞ୍ଚାୟତ ଏବଂ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ସୁବାସ ଚନ୍ଦ୍ର ଦାସ, ଗ୍ରାମୀଣ ଜଳଯୋଗାଣ ଓ ନିଷ୍କାସନ ବିଭାଗର ଭୁବନେଶ୍ୱର ସର୍କଲର ଅଧୀକ୍ଷକ ଯନ୍ତ୍ରୀ ଅଭୟ ବିଶ୍ୱାଳ, ମୁମ୍ବାଇର କଠିନ ବର୍ଜ୍ୟବସ୍ତୁ ବିଶେଷଜ୍ଞ ପ୍ରମୋଦ ଉବ୍ରାସେ, ୟୁନିସେଫ୍ ଓଡିଶାର ୱାସ୍ ବିଶେଷଜ୍ଞ ସିପ୍ରା ସାକ୍‌ସେନାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ବିପଦ ଓ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ଡ. ନୀଲ୍‌ସନ କହିଲେ, ସମାଜରେ ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ପୋଷଣ ଓ ଶିକ୍ଷାର ଉନ୍ନତି ଉପରେ ସବୁବେଳେ ଗୁରୁତ୍ୱ ଦିଆଯାଉଛି। ହେଲେ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ନ ହେବା ଯୋଗୁ ମୃତ୍ତିକା ଓ ଜଳବାୟୁ ଭୟଙ୍କର ଭାବେ ପ୍ରଦୂଷିତ ହେଉଛି। ଫଳରେ ଦେଶରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ୟୁନିସେଫ୍ ପକ୍ଷରୁ ନିଆଯିବାକୁ ଥିବା ପଦକ୍ଷେପ ସଂକ୍ରାନ୍ତରେ ସୂଚନା ଦେଇ ନୀଲ୍‌ସନ କହିଲେ, ପ୍ରାଥମିକ ସ୍ତରରେ ଓଡିଶାର ପ୍ରତି ଜିଲାର ୩ଟି ଲେଖାଏ ପଞ୍ଚାୟତରେ ଲୋକମାନଙ୍କୁ ସଚେତନ କରାଯିବ। ସରପଞ୍ଚମାନେ ଲୋକମାନଙ୍କୁ ସଚେତନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଗାଁ ଏବଂ ପଞ୍ଚାୟତସ୍ତରରେ କଠିନ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ଉପରେ ଗୁରୁତ୍ୱ ଦେବେ। ବ୍ୟବହାର ଉପଯୋଗୀ ନ ଥିବା ବର୍ଜ୍ୟବସ୍ତୁର ଏକତ୍ରୀକରଣ, ବିଭାଗୀକରଣ ଉପଚାର ତଥା ସୁରକ୍ଷିତ ରୂପେ ନିଷ୍କ୍ରିୟ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ସାକ୍‌ସେନା ଓ ଉବ୍ରାସେ କହିଲେ, ପ୍ରତିଦିନ ବାହାରୁଥିବା ଲକ୍ଷ ଲକ୍ଷ ମେଟ୍ରିକ ଟନ ବର୍ଜ୍ୟବସ୍ତୁର ସୁପରିଚାଳନା ଅଭାବରୁ ଆମର ବିକଶିତ ମାନବ ସଭ୍ୟତା ବେକାର ସାବ୍ୟସ୍ତ ହେବାରେ ଲାଗିଛି। ସମସ୍ୟାର ସମାଧାନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା।

### ରୋଗ ସଂକ୍ରମଣ ଆଶଙ୍କା ଅଧିକ

ବର୍ଜ୍ୟବସ୍ତୁ ସଂସ୍ପର୍ଶରେ ଆସିବା ଦ୍ୱାରା ଘା ସଂକ୍ରମଣର ଅଧିକ ସମ୍ଭାବନା ଥାଏ। ଚର୍ମ ଓ ରକ୍ତ ସଂକ୍ରମଣ ହୋଇଥାଏ। ଲ୍ୟାଣ୍ଡ୍ ଫିଲ୍ ଅପରେଶନ ସମୟରେ ସଂକ୍ରମିତ ଧୂଳି ସଂସ୍ପର୍ଶରେ ଆସିବା ଦ୍ୱାରା ଆଖି ଓ ଶ୍ୱାସନଳୀ ସଂକ୍ରମିତ ହୋଇଥାଏ। ପକ୍ଷୀଙ୍କଠାରୁ ନିର୍ଗତ ଆବର୍ଜନାରୁ ସୃଷ୍ଟ ଭୂତାଣୁ ଓ ପୋକଜୋକ ଦ୍ୱାରା ବିଭିନ୍ନ ନୂଆ ନୂଆ ରୋଗ ହୋଇଥାଏ।

## ରେଭେନ୍‌ଶା: ନାମଲେଖା ଫି ବୃଦ୍ଧି ପ୍ରତ୍ୟାହାର ଦାବି

କଟକ ଅଫିସ,୧୧।୬: ଆସନ୍ତା ଶିକ୍ଷାବର୍ଷ ନିମନ୍ତେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବୃଦ୍ଧି କରାଯାଇଥିବା ନାମ ଲେଖା ଫିକୁ ପ୍ରତ୍ୟାହାର କରିବା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଦାବି ହୋଇଛି। ଏ ନେଇ ଏଆଇଡିଏସ୍‌ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କମିଟିର ସଭାପତି ସରୋଜ ମାନସିଂ ଓ ସମ୍ପାଦକ ଆରତୀ ମେହେର କୁଳସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି କୁଳସଚିବ ଅଶୋକ ଦାସ କହିଛନ୍ତି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୨ ଜୁନ୍, ୨୦୧୯



ପୁରୁଷାର୍ଥହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### କ୍ୟାବିନ୍ ଜାଳିଦେଲେ ଦୁର୍ବୃତ୍ତ



**ସାଲେପୁର,୧୧।୬(ଡି.ଏନ.ଏ.):** ସାଲେପୁର ଥାନା ଅଧୀନ କୁଳିଆ ବଜାରର କେନାଲ୍ ବନ୍ଧରେ ଥିବା ଜଣେ ମାଛ ବେପାରୀଙ୍କ କ୍ୟାବିନ୍‌ରେ ସୋମବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। କ୍ୟାବିନିଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଏ ନେଇ ମାଛ ବେପାରୀ ସୁନାଖଣ୍ଡି ଗ୍ରାମର ଦେବପ୍ରସାଦ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, କେହି ଦୁର୍ବୃତ୍ତ ତାଙ୍କ କ୍ୟାବିନରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ କ୍ୟାବିନ୍ ସହିତ ୫୦ରୁ୬୦କେ.ଜି. ମାଛ, କମ୍ପ୍ୟୁଟର ଓଜନ କଣ୍ଟା, ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ସାଲେପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କ'ଣ ପାଇଁ ଦୁର୍ବୃତ୍ତ ନିଆଁ ଲଗାଇଲେ ତାହା ନେଇ ସନ୍ଦେହ ପ୍ରକାଶ ପାଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ

**ସାଲେପୁର,୧୧।୬(ଡି.ଏନ.ଏ.):** ସାଲେପୁର ଅଞ୍ଚଳରେ କିଛିଦିନ ହେବ ଘନଘନ ବିଦ୍ୟୁତ୍ କାଟ ହେଉଛି। ଅସହ୍ୟ ଗୁଳୁଗୁଳି ସମୟରେ ଏପରି ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ କାଟର କୌଣସି ସମୟ ରହୁ ନ ଥିବାରୁ ବହୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଛାତ୍ରଛାତ୍ରୀ ପାଠପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ସାଲେପୁର ସେସୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ନ ଚେତ ଆଗାମୀ ଦିନରେ ଉପଭୋକ୍ତା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳି ପାରିନାହିଁ।

### ନୃସିଂହନାଥ ପୁରୀ ପଦଯାତ୍ରୀ ମହାସଂଘ ବୈଠକ

**ବାଙ୍କୀ,୧୧।୬(ବି.ପ୍ର.):** ବାଙ୍କୀ ବ୍ଲକ ଅଧୀନ ବ୍ରହ୍ମପୁରା ଗ୍ରାମର ନୃସିଂହନାଥ ପୁରୀ ପଦଯାତ୍ରୀ ମହାସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରା କିଆପଲ୍ଲୀ ଶିଶୁମନ୍ଦିର ସନ୍ନିକଟ ସମାନ୍ତ ତୋଟାଠାରେ ଅନୁଷ୍ଠିତ ବୈଠକରେ ବାଙ୍କୀରେ ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ନଷ୍ଟ ହୋଇଯାଇଥିବା ସବୁଜିମାକୁ ତ୍ୱରାନ୍ୱିତ କରିବା ଓ ଚାରାରୋପଣ କରାଯିବା ଉପରେ ଆଲୋଚନା କରାଯାଇଥିଲା। ସଂଘ ସଦସ୍ୟ ପ୍ରହ୍ଲାଦ ନାୟକଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ ପରିବେଶ ପ୍ରେମୀ ସୁଦର୍ଶନ ଦାସ ଅଧକ୍ଷତା କରିଥିଲେ। ଲକ୍ଷ୍ମୀଧର ମହାରଣା, ବେଣୁଧର ବ୍ରହ୍ମ, ଡ. ରାଜକିଶୋର ସାହୁ, ଯୁଧିଷ୍ଠିର ଦେବତା, ପ୍ରକୃତିବନ୍ଧୁ ସବିତା ମହାନ୍ତି, ଦୁର୍ଗାଚରଣ ପରିଡା, ହରେକୃଷ୍ଣ ଦାସ ଓ ଭରତ ଦାସ ପ୍ରମୁଖ ଯୋଗଦାନ କରି ସହଯୋଗ ପାଇଁ ମତ ରଖିଥିଲେ।

ଯନ୍ତ୍ରୀଙ୍କୁ ଉଠବସ୍ କରିବା ଘଟଣା

### ଡିଜିପି କ୍ୟାମ୍ପ ଅଫିସ ସମ୍ମୁଖରେ ଓଡିଶା ଲୋକଦଳର ବିକ୍ଷୋଭ

**ଭୁବନେଶ୍ୱର,୧୧।୬(ବ୍ୟୁରୋ):** ପାଟଣାଗଡ ବିଧାୟକ ସରୋଜ ମେହେର ଗତ ୫ ତାରିଖରେ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ସର୍ବସମ୍ମୁଖରେ ଉଠ୍‌ବସ୍‌କରିଥିଲେ। ଏନେଇ ବିଧାୟକଙ୍କ ନାମରେ ମାମଲା (ନଂ.୧୧୩/୧୯) ହୋଇଛି। ହେଲେ ପୋଲିସ ରାଜନୈତିକ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ ଓଡ଼ିଶା ଲୋକ ଅଭିଯୋଗ ଆଣି ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଦଳ ପକ୍ଷରୁ କୁହାଯାଇଛି, ଯଦି ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ତେବେ ଥାନା ଅଧିକାରୀ ପଦରେ ରହିବା କୌଣସି ଆବଶ୍ୟକ ନାହିଁ। ତେଣୁ ତାଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଦଳ ଦାବି କରିଛି। ଏନେଇ ଦଳ ପକ୍ଷରୁ ଡିଜିପିଙ୍କୁ ଏକ ଦାବିପତ୍ର ଦିଆଯାଇଛି।

# ପୁନରୁଦ୍ଧାର ହେବ ତାଳଦଣ୍ଡା କେନାଲ

୧୮୬୬ରେ ଅଖଣ୍ଡ ଭାରତ ସହିଥିଲା ପ୍ରଚଣ୍ଡ ଖରା। ଗ୍ରୀଷ୍ମ ପ୍ରଭାବ ଏତେ ଥିଲା ଯେ ମାଟିରେ ଦୁବ ବି କଅଁଳି ନ ଥିଲା। ସେହି ବର୍ଷ ସ୍ୱାଧୀନତା ପୂର୍ବର ଉତ୍କଳବାସୀ ଭୋଗିଥିଲେ ଶତାବ୍ଦୀର ସବୁଠାରୁ କରୁଣ ଓ ହୃଦୟବିଦାରକ ଘଟଣା ନଅଙ୍କ ଦୁର୍ଭିକ୍ଷ। ଉଜୁଡ଼ି ପଡ଼ିଥିଲା ଚାଷୀକୁଳ। ଭୋକ ଉପାସରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ଭାଙ୍ଗିପଡ଼ିଥିଲା ଉତ୍କଳର ମେରୁଦଣ୍ଡ। ଘଟଣାର ପୁନରାବୃତ୍ତି କିପରି ନ ହେବ ତାହାକୁ ଦୃଷ୍ଟିରେ ରଖି ଇଂରେଜ ସରକାର ୧୮୬୯ରେ ରାଜ୍ୟର ପୂର୍ବତନ ରାଜଧାନୀ କଟକରେ ନିର୍ମାଣ କରିଥିଲେ ଓଡ଼ିଶାର ସର୍ବବୃହତ୍ କେନାଲ। ଯାହାର ନାଁ ଦିଆଯାଇଥିଲା ତାଳଦଣ୍ଡା। ମହାନଦୀର ଯୋବ୍ରା ବ୍ୟାରେଜରୁ ଉତ୍ପନ୍ନ ହୋଇଥିବା ଏହି କେନାଲ କଟକ ଓ ଜଗତ୍‌ସିଂହପୁର ଜିଲା ଦେଇ ବଙ୍ଗୋପସାଗରରେ ମିଶିଛି। ଏହାର ଜଳରାଶିକୁ ମୁଖ୍ୟତଃ ଚାଷ ନିମନ୍ତେ ବ୍ୟବହାର କରାଯାଉଥିବାବେଳେ ଏବେ ଏହାର ଜଳ ପ୍ରଦୂଷିତ ହୋଇପଡିଛି। ଆର୍ବଜନାରେ ଭର୍ତ୍ତି ହୋଇ ରହିଥିବା ୮୩କିମି ଦୈର୍ଘ୍ୟ ବିଶିଷ୍ଟ ତାଳଦଣ୍ଡାର ପୁନରୁଦ୍ଧାର ପାଇଁ ଅନେକଥର ପ୍ରଚେଷ୍ଟା କରାଯାଇଥିଲେ ମଧ ଫଳ ଶୂନ।



କେନାଲର ପୁନରୁଦ୍ଧାର କାର୍ଯ୍ୟ ନେଇ ଏମ୍‌ପି କ୍ଷେତ୍ର ପରିଦର୍ଶନ କରୁଛନ୍ତି।

- ରାଜକୋଷରୁ ଖର୍ଚ୍ଚ ହେବ ୧୫୦କୋଟି
- ଯୋବ୍ରାରୁ ବିରିବାଟୀ ଯାଏ ରାସ୍ତା ନିର୍ମାଣ

**କଟକ ଅଫିସ,୧୧।୬**

ତାଳଦଣ୍ଡା କେନାଲର ପୁନରୁଦ୍ଧାର ହେବ। ରାଜ୍ୟ ସରକାରଙ୍କ ରାଜକୋଷରୁ ପ୍ରାୟ ୧୫୦କୋଟି ବ୍ୟୟରେ କେନାଲର ୧୫ରୁ ୧୮କିମି ପର୍ଯ୍ୟନ୍ତ ବନ୍ଧ ନିର୍ମାଣ କରାଯିବ। ଆବର୍ଜନାରେ ପୋତିହୋଇ ପଡ଼ିଥିବା ଏହି କେନାଲର ପୁନରୁଦ୍ଧାର ହେବ। ଏହାର ଜଳକୁ କିପରି ପ୍ରଦୂଷଣ ଠାରୁ ଦୂରେଇ ରଖାଯିବ ସେ ନେଇ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମ୍‌ପି ଭର୍ତ୍ତୃହରି ମହତାବ ଏ କଥା କହିଛନ୍ତି। ତେବେ ସମ୍ମିଳନୀରେ ଯୋଗଦେବା ପୂର୍ବରୁ ମହତାବ କେନାଲର ପୁନରୁଦ୍ଧାର କାର୍ଯ୍ୟ ନେଇ କ୍ଷେତ୍ର ପରିଦର୍ଶନ କରିଥିଲେ। ୧୫୦ବର୍ଷ ପୂର୍ବର ଏହି କେନାଲର ପୁନରୁଦ୍ଧାର ହେଲେ କଟକ ଓ ଜଗତ୍‌ସିଂହପୁର ଜିଲାର ହଜାର ହଜାର ଚାଷ, ଶିଳ୍ପ ଓ ସାଧାରଣ ଲୋକ ଉପକୃତ ହେବେ। ୧୮୬୯ରେ ନିର୍ମାଣ ହୋଇଥିବା ଏହି କେନାଲରୁ ଜଗତ୍‌ସିଂହପୁର ଜିଲାର ୨୨ହଜାର ହେକ୍ଟର ଜମିକୁ ପୂର୍ବରୁ ଜଳସେଚନ କରାଯାଉଥିଲା ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା କଟକ ଜିଲାର ଅନେକ ଚାଷଜମି ଏହି କେନାଲ ଉପରେ ନିର୍ଭରଶୀଳ ଥିଲା। ଗତ ୩୦ବର୍ଷ ହେବ ଏହି କେନାଲର ପାଣି ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଅଧାରୁ ଅଧିକ ପଙ୍କରେ ପୋତି ହୋଇ ଯାଇଥିବାବେଳେ ଯାହା ବି ପାଣି ଅଛି ତାହା ବିଷାକ୍ତ। ଏମ୍‌ପି ମହତାବ ଖବରଦାତା ସମ୍ମିଳନୀରେ ମଧ ଏ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। କଟକ ମହାନଗର ନିଗମ(ସିଏମ୍‌ସି)ର ସମସ୍ତ ଅଳିଆ ଏବେ ଏହି କେନାଲ ପାଇଁ ଡଷ୍ଟବିନ ପାଲଟିଛି। ମେଡ଼ିକାଲଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ମଧ କେନାଲ ପାଣିରେ ପକାଯାଉଛି। ଯାହାଫଳରେ ଏହାର ପାଣି ପାନୀୟ ଉପଯୋଗୀ ହୋଇ ପାରୁନାହିଁ ବୋଲି ଏମ୍‌ପି ମହତାବ କହିଥିଲେ। ୨୦୧୧ରେ କେନାଲର ପୁନରୁଦ୍ଧାର ପାଇଁ ଚେଷ୍ଟା କରାଯାଇଥିଲା। ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ବିରିବାଟୀରୁ ଭୁତମୁଣ୍ଡାଇ ପର୍ଯ୍ୟନ୍ତ ପୁନରୁଦ୍ଧାର ହେବ ବୋଲି ଘୋଷଣା କରାଯାଇଥିଲା। ଏଥିପାଇଁ ବଜେଟ ଥିଲା ୯୮ କୋଟି। ୨ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି କୁହାଯାଇଥିବାବେଳେ ପରିସ୍ଥିତି ଏବେ ଯଥା ପୂର୍ବଂ ତଥା ପର। ଏବେ ଏଥିପାଇଁ ୧୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି ବୋଲି ଏମ୍‌ପି ମହତାବ କହିଛନ୍ତି। ବଜେଟରେ ଯୋବ୍ରା ଠାରୁ ବିରିବାଟୀ ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ପୁନରୁଦ୍ଧାର କରାଯିବ। ବିରିବାଟୀ ପର୍ଯ୍ୟନ୍ତ କେନାଲର ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ କରାଯିବାକୁ ଥିବାବେଳେ ଯୋବ୍ରାଠାରୁ ନୂଆବଜାର ଫ୍ଲାଇ ଓଭରବ୍ରିଜ ପର୍ଯ୍ୟନ୍ତ କଂକ୍ରିଟ ୱାଲ ନିର୍ମାଣ ହେବ ବୋଲି ମହତାବ କହିଛନ୍ତି। ତେବେ ଏହି କେନାଲର ପୁନରୁଦ୍ଧାର ହେଲେ କଟକ ସହରବାସୀଙ୍କ ସମେତ ଜଗତ୍‌ସିଂହପୁର ଜିଲାର ଅନେକ ଅଞ୍ଚଳବାସୀ ସୁଫଳ ପାଇବେ। ଏ ନେଇ ସାମାଜିକ କର୍ମୀ ବୃନ୍ଦାବନ ଦାସ ଆଜାଦ୍ କୁହନ୍ତି, ଏହା କେବଳ କଟକ ନୁହେଁ ଓଡ଼ିଶାର ପରିଚୟ। ଏହାକୁ ଲିଭାଇ ଦେବା ପାଇଁ ଚେଷ୍ଟା କରାଯାଉଥିଲା। ଏହି ଘୋଷଣା କେତେ ମାତ୍ରାରେ କାର୍ଯ୍ୟକାରୀ ହେବ ତାହା ଅପେକ୍ଷା ରହିଲା। ଏହି ସମ୍ମିଳନୀରେ ଜଳ ସମ୍ପଦ ବିଭାଗର ଅନେକ ବରିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

ଆଠଗଡ଼ରେ ବଜ୍ରପାତ ସୂଚନା ଯନ୍ତ୍ର ସ୍ଥାପିତ

# ବଜ୍ରପାତର ୪୫ ମିନିଟ୍ ପୂର୍ବରୁ ବାଜିବ ସାଇରନ

**ଆଠଗଡ଼,୧୧।୬(ସ୍ୱ.ପ୍ର.)**

ଓଡ଼ିଶା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ପକ୍ଷରୁ ଆଠଗଡ଼ରେ ଶନିବାର ଏକ ବଜ୍ରପାତ ସୂଚନା ଯନ୍ତ୍ର ସହରର କେନ୍ଦ୍ରସ୍ଥଳ ବିଶ୍ୱନାଥ ବିଦ୍ୟାପୀଠ ସମ୍ମୁଖସ୍ଥ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ (ସିଟି ସ୍କୁଲ)ଠାରେ ସ୍ଥାପିତ କରାଯାଇଛି। ଆମେରିକାର ଆର୍ଥ ନେଟୱାର୍କ ସଂସ୍ଥା ଓ ଭୁବନେଶ୍ୱରର ବୈଷୟିକ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ମିଳିତ ସହଯୋଗରେ ଏହି ଯନ୍ତ୍ର ସ୍ଥାପିତ କରାଯାଇଛି। ଗତ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନ ଆଇଟିଇଆର ଇଞ୍ଜିନିୟରିଂ କଲେଜର ପରିବେଶ ଓ ପାଣିପାଗ ବିଜ୍ଞାନ ବିଭାଗ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ ଅନ୍ୟ ବୈଷୟିକ ସହଯୋଗୀଙ୍କ ସହିତ ଆଠଗଡ଼ ଆସି ତହସିଲଦାର ତପନ କୁମାର ଖୁଣ୍ଟିଆଙ୍କ ସହ ଆଲୋଚନା କରିଥିଲେ। ପରେ ସିଟି ସ୍କୁଲରେ ଉକ୍ତ ଯନ୍ତ୍ର ଲଗାଇବା ପାଇଁ ସ୍ଥିର କରାଯାଇଥିଲା। ଏହି ଯନ୍ତ୍ର ବଜ୍ରପାତ ଘଟିବାର ୪୫ ମିନିଟ ପୂର୍ବରୁ ସୂଚନା ପାଇବ। ଏହାପରେ ଏକ ସ୍ୱୟଂଚାଳିତ ସାଇରନ ବାଜିଉଠିବ। ଯାହାକି ପ୍ରାୟ ଏକ କିଲୋମିଟର ଦୂରତା ମଧ୍ୟରେ ଲୋକଙ୍କୁ ଶୁଣାଯିବ ବୋଲି ପରିବେଶ ଓ ପାଣିପାଗ ବିଜ୍ଞାନ ବିଭାଗ ନିର୍ଦ୍ଦେଶକ ଡ. ସାହୁ ସୂଚନା ଦେଇଛନ୍ତି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ପକ୍ଷରୁ ପରୀକ୍ଷାମୂଳକ ଭାବେ ରାଜ୍ୟର ୧୪ଟି ସ୍ଥାନରେ ଏହି ଯନ୍ତ୍ର ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିବାବେଳେ ସେଥିମଧ୍ୟରୁ କଟକ ଜିଲାର ଆଠଗଡ଼ ଓ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଭୁକ୍ତ ଥିବା ଜଣାପଡିଛି। ଏହି ପରୀକ୍ଷାମୂଳକ ବ୍ୟବସ୍ଥା ସଫଳ ହେଲେ ରାଜ୍ୟର ସମସ୍ତ ବ୍ଲକରେ ବଜ୍ରପାତ ଆଗୁଆ ସୂଚନା ଯନ୍ତ୍ର ସ୍ଥାପନ କରାଯିବ ବୋଲି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ସ୍ଥିର କରିଥିବା ସୂଚନା ମିଳିଛି।



ସିଟି ସ୍କଲଠାରେ ଲାଗିଥିବା ସୂଚନା ଯନ୍ତ୍ର।

■ ବିଭିନ୍ନ ସମସ୍ୟା ସମାଧାନ ଦାବି

# ବ୍ଲକ କାର୍ଯ୍ୟାଳୟରେ ବଡ଼ମ୍ବାଗଡ଼ବାସୀଙ୍କ ଗଣଧାରଣା



ବଡମ୍ବା ବ୍ଲକ ପରିସରରେ ଧାରଣାରତ ଜନସାଧାରଣ।

**ବଡ଼ମ୍ବା,୧୧।୬(ଡି.ଏନ.ଏ.)**

ବଡ଼ମ୍ବାଗଡ଼ ଗ୍ରାମପଞ୍ଚାୟତରେ ଦିନକୁ ଦିନ ବିଭିନ୍ନ ସମସ୍ୟା ଲାଗି ରହୁଛି। ହେଲେ ଏହାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା। ତେଣୁ ଏ ସବୁ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ଦାବିରେ ମଙ୍ଗଳବାର ବଡ଼ମ୍ବାଗଡ଼ ଜନସାଧାରଣ ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦେଇଥିଲେ। ବିଶେଷକରି ପଞ୍ଚାୟତରେ ପାନୀୟ ଜଳ ଯୋଗାଣର ବ୍ୟାପକ ଅବ୍ୟବସ୍ଥା, ପ୍ରତ୍ୟେକ ରାଶନକାର୍ଡ ହିତାଧିକାରୀଙ୍କୁ ଅଦ୍ୟାବଧି ୪ ଗୋଟି ଲେଖାଏଁ ଏଲଇଡି ବଲ୍ ଯୋଗାଇ ନ ଦେବା, ହରିଶ୍ଚନ୍ଦ୍ର ଯୋଜନାରେ ଆବେଦନକାରୀଙ୍କୁ ଠିକ ସମୟରେ ଆର୍ଥିକ ସହାୟତା ପ୍ରଦାନ କରା ନ ଯିବା ଓ ବିଭିନ୍ନ ଆବାସ ଯୋଜନାରେ ସମ୍ପୃକ୍ତ ହିତାଧିକାରୀଙ୍କୁ ଏନ୍‌ଆରଇଜିଏସ୍ ବାବଦ ଅର୍ଥ ପ୍ରଦାନ କରା ନ ଯିବା ଆଦି ଅଭିଯୋଗ ହୋଇଥିଲା। ବଡ଼ମ୍ବାଗଡ଼ର ସାମାଜିକ କର୍ମୀ ଚିନ୍ମୟ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ପୁରୁଷ ଓ ମହିଳା ଉକ୍ତ ଆନ୍ଦୋଳନରେ ସାମିଲ ହୋଇଥିଲେ। ଗଣଧାରଣାକାରୀଙ୍କ ନିକଟରେ ବିଡିଓ ସଦାନନ୍ଦ ସେଠୀ, ବ୍ଲକ ଅଧକ୍ଷା ଅନୁସୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବଡ଼ମ୍ବା ଥାନାଧିକାରୀ ଜ୍ଞାନରଞ୍ଜନ ମିଶ୍ର ଓ ଜଳ ଏବଂ ପରିମଳ ଯନ୍ତ୍ରୀ ଦିଲୀପ କୁମାର ସାହୁ ପ୍ରମୁଖ ପହଞ୍ଚି ଉପରୋକ୍ତ ସମସ୍ୟାଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସାରସ୍ୱତ କବିତା ଆସର

**କଟକ ଅଫିସ,୧୧।୬**

ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସାରସ୍ୱତ କବିତା ଆସର ଜଗତ୍‌ପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷାମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ତଥା ଖବରଦାତା କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟକେଶରୀ ବର୍ମା, ବରେଣ୍ୟ ଅତିଥି ଭାବେ ଆଦର୍ଶ ପ୍ରତିଭା ବିକାଶ ପରିଷଦର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସେଠୀ ଓ ଅଧାପକ ଆଦିତ୍ୟ ପ୍ରତାପ ଧଳ ଉପସ୍ଥିତ ଥିଲେ। କବି ଅକ୍ଷୟ କୁମାର ବଳ, ବାଞ୍ଛାନିଧି ମିଶ୍ର, ଶ୍ରୀବତ୍ସ ବିଶ୍ୱାଳ, ସନାତନ ନାୟକ, ବସନ୍ତ ସାହୁ, ଉତ୍ତମ ଚରଣ ପ୍ରଧାନ, ଶୁନୀ ଦାଶ, ଅଭୟ ପଟ୍ଟନାୟକ, ସୌମ୍ୟରଞ୍ଜନ ମିଶ୍ର, ଇପ୍‌ସିତା ମିଶ୍ର, ସରୋଜିନୀ ସ୍ୱାଇଁ, ଅର୍ଚ୍ଚନା ରାଉତ ପ୍ରମୁଖ ରଜପର୍ବ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷାବିତ୍ ହେମନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ କବି ମନୋରଞ୍ଜନ ପଣ୍ଡା କବିତା ସଂଯୋଜନା, କବି ଆଦିତ୍ୟ ରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ତେନ୍ତୋଳ ବିଜେଡି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ସାଲେପୁର,୧୧।୬(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ତେନ୍ତୋଳ ପଞ୍ଚାୟତ ବିଜେଡି ପକ୍ଷରୁ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତେନ୍ତୋଳ ପଦନେଶ୍ୱର ମହାଦେବ ପ୍ରାଙ୍ଗଣ ପରିସରରେ ଆୟୋଜିତ ସଭାରେ ପ୍ରଭାକର ମୁଦୁଲି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ବିଧାୟକ ବେହେରା ଯୋଗଦେଇ ଏହା ମୋ ପାଇଁ ସମ୍ବର୍ଦ୍ଧନା ସଭା ନୁହେଁ, ତେନ୍ତୋଳ ପଞ୍ଚାୟତବାସୀଙ୍କ ପାଇଁ କୃତଜ୍ଞତା ସଭାବୋଲି କହିଥିଲେ। ଏଥିସହିତ ଆଗାମୀ ଦିନରେ ଏହି ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟାକୁ ଶୀଘ୍ର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାଶ, ସମ୍ମାନିତ ଅତିଥି ଜିଲା ପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ରଜନୀକାନ୍ତ ଦାଶ, ଜିଲାପରିଷଦ ସଭ୍ୟ ସୁବାଶିଷ ପ୍ରଧାନ, ତେନ୍ତୋଳ ସରପଞ୍ଚ ପବିତ୍ର ବେହେରା, ସମିତିସଭ୍ୟ ରଞ୍ଜିତା ସେଠୀ, ଜାନକୀ କିଶୋର ମହାନ୍ତି, ନାଏବ ସରପଞ୍ଚ ନୟନା ଦାସ, ପଞ୍ଚାୟତ ବିଜେଡି ସଭାପତି କୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଧାୟକ ବେହେରାଙ୍କୁ ପଞ୍ଚାୟତର ବହୁ ଯୁବ, ଛାତ୍ର ଓ ମହିଳାମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।




ସମ୍ବର୍ଦ୍ଧନା ସଭାରେ ବିଧାୟକ ଓ ଅନ୍ୟମାନେ।

# ରାଜ୍ୟପାଳଙ୍କୁ ଭେଟିଲେ ଛାତ୍ରନେତା ତବରେଜ୍

**ସାଲେପୁର,୧୧।୬(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ପିକୋଳ ପଞ୍ଚାୟତ ସାଇଁପଡ଼ା ଗ୍ରାମର ଯୁବନେତା ତଥା ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଏବଂ ଭାରତୀୟ ଛାତ୍ରସଂସଦର ରାଜ୍ୟ ସଂଯୋଜକ ଇଂ. ତବରେଜ୍ ଖାଁ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍‌ଙ୍କୁ ରାଜଭବନରେ ଭେଟି ଆଶୀର୍ବାଦ ଭିକ୍ଷା କରିଛନ୍ତି। ରାଜ୍ୟର ବିକାଶ କ୍ଷେତ୍ରରେ ଛାତ୍ର ଓ ଯୁବକମାନେ ନିଷ୍ଠାପରଭାବେ କାମ କରିବା ସହ ଜୀବନରେ ଯେତେ ବାଧାବିଘ୍ନ ଆସିଲେ ମଧ ଏହାକୁ ଭୃକ୍ଷେପ ନ କରି ଆଗକୁ ଆଗେଇବା ପାଇଁ ରାଜ୍ୟପାଳ ତବରେଜ୍‌ଙ୍କୁ ପରାମର୍ଶ ଦେଇଥିବା ସେ କହିଛନ୍ତି।



ରାଜ୍ୟପାଳଙ୍କୁ ସାକ୍ଷାତ୍ କରୁଛନ୍ତି ତରବେଜ୍।

■ ତହସିଲଦାରଙ୍କୁ ଫନୀ ବିପନ୍ନଙ୍କ ଅଭିଯୋଗ

# ଘର ଭଙ୍ଗା ତାଲିକାରେ ସାମିଲ କରାଯାଉନି

**ବାଙ୍କୀ,୧୧।୬(ବି.ପ୍ର.)**

ଫନୀ ବାତ୍ୟାକୁ ୧ ମାସରୁ ଉର୍ଦ୍ଧ୍ୱ ବିତିଲାଣି। ସରକାର ମଧ କ୍ଷୟକ୍ଷତି ଆକଳନ ପ୍ରାୟ ଶେଷ କରି ସରିଲେଣି। ଏହି ବାତ୍ୟା ପ୍ରଭାବରେ ଡମପଡା ତହସିଲ ଅଧୀନ ବିଲିପଡ଼ା ପଞ୍ଚାୟତରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ହେଲେ ଏହି କ୍ଷତିଗ୍ରସ୍ତମାନଙ୍କୁ ସରକାରଙ୍କ ପକ୍ଷରୁ ପଲିଥିନ ଖଣ୍ଡିଏ ମିଳି ନ ଥିବାବେଳେ ଏବେ ଘର ଭଙ୍ଗା ତାଲିକାରେ ସେମାନଙ୍କ ନାମ ସାମିଲ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ପଞ୍ଚାୟତବାସୀ ଡମପଡ଼ା ତହସିଲଦାରଙ୍କୁ ଭେଟି ଏହି ଅଭିଯୋଗ କରିବା ସହ ତୁରନ୍ତ ଘରଭଙ୍ଗା ତାଲିକାରେ ସାମିଲ କରବାକୁ ଦାବି କରିଛନ୍ତି। ପ୍ରଚଣ୍ଡ ଖରାରେ ଶତାଧିକ ମହିଳାପୁରୁଷ ଆସି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ଅଭିଯୋଗ କରିଥିଲେ। ସେମାନେ ଦର୍ଶାଇଛନ୍ତି ଯେ, ବାରମ୍ବାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲ ପଦାଧିକାରୀଙ୍କୁ ଯୋଗାଯୋଗ କରାଯାଉଥିଲେ ମଧ ଘରଭଙ୍ଗା ସର୍ବେକ୍ଷଣ କରାଯାଉନି କିମ୍ବା ପଲିଥିନ ମିଳୁନାହିଁ। ଅଖିଳ ସ୍ୱାଇଁ, ମହେଶ୍ୱର ରାଉତ, ଅମୀୟ ରାଉତ, ବିଜୟ ପ୍ରଧାନ, ସୁଦର୍ଶନ ରାଉତ, ଭୀମସେନ ରାଉତ, ଜଟାଧାରୀ ରାଉତ, କାହ୍ନୁଚରଣ ରାଉତ, ସବିତା ରାଉତ, ମିଟୁ ପ୍ରଧାନ, ଖଗେଶ୍ୱର ପ୍ରଧାନ, ମୁରଲୀ ରାଉତ, ସର୍ବେଶ୍ୱର ସାହୁ ଓ ରମେଶ ଚନ୍ଦ୍ର ମନ୍ତ୍ରୀ ପ୍ରମୁଖ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ତହସିଲଦାର ଇନ୍ଦିରା ସାହୁ କହିଛନ୍ତି, ତହସିଲ ଅନ୍ତର୍ଗତ ୨୪ଟି ରାଜସ୍ୱ ଗ୍ରାମରେ ୧୦୮୬ଜଣଙ୍କ ଘର ଆଂଶିକ ଭାଙ୍ଗିଥିବା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏଥିସହିତ ସମସ୍ତ ବିପନ୍ନ ଗ୍ରାମକୁ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀଙ୍କ ଦ୍ୱାରା ସର୍ଭେ କରାଯାଇ ପ୍ରାୟ ୧ ହଜାର ପଲିଥିନ ବଣ୍ଟନ କରାଯାଇଛି। ବିଲିପଡା ଗ୍ରାମ ମଧ ସର୍ଭେ ତାଲିକାରେ ଅଛି।



ଡମପଡ଼ା ତହସିଲ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରୁଥିବା ବିଲିପଡ଼ା ପଞ୍ଚାୟତବାସୀ।

**ମିଳୁନି ପଲିଥିନ**





# ଅରୁଣାଚଳରେ ଏଏନ୍-୩୨ ଭଗ୍ନାବଶେଷ ଠାବ

ଇଟାନଗର,୧୧।୬(ପି.ଟି./ଆଇଏଏନ୍ଏସ୍)

### ସମସ୍ତ ୧୩ ଜଣଙ୍କ ମୃତ୍ୟୁ ଆଶଙ୍କା



ନିଖୋଜ ହେବାର ୮ ଦିନ ପରେ ଭାରତୀୟ ବାୟୁସେନା (ଆଇଏଏଫ୍) ବିମାନ ଏଏନ୍-୩୨ର ଭଗ୍ନାବଶେଷ ମିଳିଛି। ଅରୁଣାଚଳ ପ୍ରଦେଶର ଲିପୋ ଅଞ୍ଚଳରେ ମଙ୍ଗଳବାର ଏହାକୁ ଠାବ କରାଯାଇଛି। ଏଥିସହ ସେଥିରେ ଥିବା ଓଡ଼ିଆ ପାଇଲଟ ସୁନୀତ୍ ମହାନ୍ତିଙ୍କ ସମେତ ସମସ୍ତ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।

ରୁଷିଆ ନିର୍ମିତ ଏଏନ୍-୩୨ ବିମାନ ଜୁନ୍ ୩ ଅପରାହ୍ନ ୧୨ଟା ୨୭ରେ ଆସାମର ଜୋର୍‌ହାଟରୁ ଚାଇନା ସୀମାନ୍ତ ଅରୁଣାଚଳର ଶି-ୟୋମି ଜିଲା ମେଚୁକା ଆଡଭାନ୍ସ ଲ୍ୟାଣ୍ଡିଂ ଗ୍ରାଉଣ୍ଡ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଉଡାଣର କିଛି ସମୟ ପରେ ଅର୍ଥାତ୍ ୧ଟା ୩୦ରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତିନିସେନା ପକ୍ଷରୁ ମିଳିତ ଭାବେ ଏହାର ତଲାସି ଜାରିରହିଥିଲା। ହେଲେ ପ୍ରତିକୂଳ ପାଗ ଏଥିରେ ବାଧକ ସାଜିଥିଲା। ନିଖୋଜ ବିମାନ ସମ୍ପର୍କିତ ସୂଚନା ଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ୮ ତାରିଖରେ ଆଇଏଏଫ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଶେଷରେ ମଙ୍ଗଳବାର ବିମାନର ଭଗ୍ନାବଶେଷକୁ ଟାଟୋର ଉତ୍ତର-ପୂର୍ବରେ ଥିବା ଲିପୋଠାରେ ଠାବ କରାଯାଇଛି। ସମୁଦ୍ର ପତ୍ତନଠାରୁ ୧୨,୦୦୦ ଫୁଟ୍ ଉଚ୍ଚରେ ମିଗ୍୧୭ ହେଲିକପ୍ଟର ଏହାକୁ ଠାବ କରିଛି ବୋଲି ଆଇଏଏଫ୍ ମୁଖପାତ୍ର ୱିଙ୍ଗ୍ କମାଣ୍ଡର ରତ୍ନାକର ସିଂ ସୂଚନା ଦେଇଛନ୍ତି। ଭଗ୍ନାବଶେଷ ସ୍ଥଳରୁ ବିମାନରେ ଥିବା ସମସ୍ତ ୧୩ ଜଣଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ଓ ଏହାର ବ୍ଲାକ୍ ବକ୍ସ ଖୋଜିବା ପାଇଁ ଉଦ୍ୟମ ଜାରି ରହିଛି। ଇଷ୍ଟର୍ନ ଏୟାର କମାଣ୍ଡର କମାଣ୍ଡିଂ-ଇନ୍-ଚିଫ୍ ଏୟାର ମାର୍ଶଲ ଆର୍.ଡି. ମାଥୁର ଉଦ୍ଧାର କାର୍ଯ୍ୟର ସମୀକ୍ଷା କରୁଛନ୍ତି। ପ୍ରକାଶ ଯେ, ଏହି ବିମାନରେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବଳିଆପଲ୍ଲୀର ସୁନୀତ୍ ମହାନ୍ତି କୋ-ପାଇଲଟ ଭାବେ ଥିଲେ। ସେ ୨୦୧୨ରେ ବାୟୁସେନାରେ ସାମିଲ ହୋଇଥିଲେ।

# ଆସିବ ନୂଆ କୃଷି ନୀତି-୨୦୧୯

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ରାଜ୍ୟରେ କୃଷକମାନଙ୍କର ଆୟ ବୃଦ୍ଧି କରିବା ଏବଂ ବଜାର ସୁବିଧା କରିବା ସକାଶେ ରାଜ୍ୟ ସରକାର ଖୁବଶୀଘ୍ର ଓଡ଼ିଶା କୃଷି ନୀତି-୨୦୧୯ ଆଣିବାକୁ ଯାଉଛନ୍ତି। ଏ ନେଇ ଚିଠା ନୀତି ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ନୂତନ କୃଷି ନୀତି ସକାଶେ ଆସନ୍ତା ୨ ସପ୍ତାହ ମଧ୍ୟରେ ନିଜର ମତାମତ ଦେବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବହୁମୁଖୀ ଚାଷ ସହ ଉତ୍ପାଦନକୁ ମୂଲ୍ୟଯୁକ୍ତ କରିବା ଉପରେ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଥିବା ବେଳେ କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ ଜଳବାୟୁ ପରିବର୍ତ୍ତନ ଉପଯୋଗୀ ବିହନ ଉତ୍ପାଦନ କରିବାକୁ ପ୍ରସ୍ତାବ ଦେଇଥିଲେ । ୨୦୧୮-୧୯ରେ କୃଷି କ୍ଷେତ୍ରରେ ୭୧ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ୨୦୧୬-୧୭ରେ ଓଡ଼ିଶା ୧୧୭ ମେଟ୍ରିକ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରି ବଳକା ରାଜ୍ୟ ଭାବେ ପରିଗଣିତ ହୋଇଛି।








*CT100 KS ଆଲୟ CBS ଏକ୍ସ ଶୋରୁମ୍ ଓଡ଼ିଶା ମୂଲ୍ୟ. ସର୍ତ୍ତ ଓ ନିୟମାବଳୀ ଲାଗିବ । ଫ୍ରୀ 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ CT100 ES, CT100 KS ଆଲୟ, Platina 100 ES ଆଉ Platina 110 ସକାଶେ ମିଳୁଛି, କେବଳ ବଛା ବଛା ପ୍ରଦେଶରେ । ଫ୍ରୀ 5 ବର୍ଷର ୱାରଣ୍ଟୀ ଯାବତୀୟ ବଜାଜ ବାଇକ୍ ସକାଶେ ସବୁ ପ୍ରଦେଶରେ ମିଳୁଛି । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/doubleshagun। ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍‌କୁ ସଂଶୋଧନ କରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ତୃତୀୟ ପକ୍ଷ ବୀମା ଓ ବାଧ୍ୟତାମୂଳକ ପର୍ସନାଲ୍ ଆକ୍ସିଡେଣ୍ଟ କଭର୍ ମାଗଣା ବୀମା ଅଫର୍ ଅନ୍ତର୍ଭୁକ୍ତ ନୁହେଁ । ଇନ୍ସ୍ୟୋରର୍ ମାନଙ୍କ ସୂଚୀ ନିଦର୍ଶକ ଅଟେ, ଯାହା ପ୍ରତି ବିକ୍ରେତା ଡୀଲରଙ୍କ ଠାରେ ଭିନ୍ନ ହୋଇପାରେ । ଉଦ୍ଧୃତ ବୀମା ସଞ୍ଚୟ ରାଶି ବିକ୍ରେତା ଡୀଲର୍ ବା ଇନ୍ସ୍ୟୋରର୍ ମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । **ବଜାଜ ଅଟୋ କୌଣସି ପ୍ରକାରର ବୀମା ପଲିସୀ ବିକ୍ରୀରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ନୁହେଁ** ।ପେଟିଏମ୍ ଅଫର୍ ପେଟିଏମ୍ ତଥା ସମ୍ବନ୍ଧିତ ଡୀଲର୍ ଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ପେଟିଏମ୍ ଅଫର୍ କେବଳ ବଛା ବଛା ଉତ୍ପାଦ ଓ ବଛା ବଛା ଡୀଲର୍‌ଶିପ୍ ଠାରେ ପ୍ରଯୁଜ୍ୟ । ପେଟିଏମ୍ ଅଫର୍ ମିଳିବା ଡୀଲର୍‌ଙ୍କ ବିବେଚନା ଉପରେ ନିର୍ଭର କରେ । **ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ପ୍ରୋସେସିଙ୍ଗ ଫୀସ୍ ଅତିରିକ୍ତ ।

**Authorised Dealers for Bajaj Auto Ltd.:** Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Kanika Chack SONTHALIA BAJAJ 2305020 • Badambadi SURAJ BAJAJ 8093066603 • Kendrapada SREE BALDEVJEW BAJAJ 9861174045 • Rahama MAITREE BAJAJ 9668801781, Nayagarh MSB Bajaj 7873925390 • Keonjhar JR BAJAJ 9439008692 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. **Authorised Service Centre:** Balianta 9337112977, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 9776142222, Tangi 8984562569, Nirakarpur 9861203564, Sakhigopal 9853942290, Phulnakhara 9437410737, Salepur 9040452661, Jagatsinghpur 9437273939,JajpurTown 9937888777, Bhuban 9438570111, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Bidanasi 9437877622, Athgarh 9937289417, Bidharpur 7008503281, Banki 8895278126, Rambha 7381099445.



ପୁରୁଷାର୍ଥହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବିପିଏଲ୍ ହିତାଧିକାରୀଙ୍କୁ ପୁନଃ ଗୃହ ଯୋଗାଣ ପ୍ରସଙ୍ଗ ଜିଲାପାଳଙ୍କ ସ୍ପଷ୍ଟୀକରଣ ଲୋଡ଼ିଲେ ବିଡିଓ

**କଟକ ସଦର,୧୧।୬(ଡି.ଏନ୍.ଏ.):** ବାତ୍ୟାରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ପରିବାରଙ୍କୁ ମାଗଣା ପକ୍କାଘର ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୯୧୩୫ ବିପିଏଲ ହିତାଧିକାରୀ ୨୦୦୦ରୁ ୨୦୧୦ ମଧ୍ୟରେ ଇନ୍ଦିରାଆବାସ ପାଇଥିଲେ। ବାତ୍ୟା କ୍ଷତିଗ୍ରସ୍ତ ତାଲିକାରେ କେତେଜଣ ପୁରୁଣା ହିତାଧିକାରୀଙ୍କ ନାମ ପୁନର୍ବାର ଅସିଛି। ସେମାନଙ୍କର ଇନ୍ଦିରାଆବାସ ଭାଙ୍ଗି ନାହିଁ। ବର୍ତ୍ତମାନର ସର୍ଭେ ତାଲିକାକୁ ଆଧାର କରି ଇନ୍ଦିରା ଆବାସ ଦିଆଯାଇ ପାରିବ କି ନାହିଁ ତାର ସ୍ପଷ୍ଟୀକରଣ ମଙ୍ଗଳବାର ସ୍ଥାନୀୟ ବିଡିଓ କଟକ ଜିଲାପାଳଙ୍କୁ ମାଗିଛନ୍ତି। ସରକାରୀ ଗାଇଡଲାଇନରେ ଏ ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ଇନ୍ଦିରାଆବାସ ଭାଙ୍ଗି ନ ଥିଲେ ମଧ୍ୟ ଚାଳଘର ଦେଖି କେତେଜଣ ପରିବାର ନୂଆଘର ନେବା ପାଇଁ ଯୋଜନା କରୁଥିବା ଅଭିଯୋଗ ଆସିବା ପରେ ବିଡିଓ ଦେବାଶିଷ ପଟ୍ଟନାୟକ ଏଭଳି ସ୍ପଷ୍ଟୀକରଣ ଲୋଡ଼ିଥିବା ଜଣାପଡ଼ିଛି।

### ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରିବା ଘଟଣା ଡିଜିପି କ୍ୟାମ୍ପ ଅଫିସ ସମ୍ମୁଖରେ ବିକ୍ଷୋଭ

**ଭୁବନେଶ୍ୱର,୧୧।୬(ବ୍ୟୁରୋ):** ପାଟଣାଗଡ ବିଧାୟକ ସରୋଜ ମେହେର ଗତ ୫ ତାରିଖରେ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ସର୍ବସମ୍ମୁଖରେ ଉଠ୍‌ବସ୍ କରିଥିଲେ। ଏ ନେଇ ବିଧାୟକଙ୍କ ନାମରେ ମାମଲା (ନଂ.୧୧୩/୧୯) ହୋଇଛି। ହେଲେ ପୋଲିସ ରାଜନୈତିକ ଚାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ ଓଡ଼ିଶା ଲୋକ ଅଭିଯୋଗ ଆଣି ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଦଳ ପକ୍ଷରୁ କୁହାଯାଇଛି, ଯଦି ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ତେବେ ଥାନା ଅଧିକାରୀ ପଦରେ ରହିବା କୌଣସି ଆବଶ୍ୟକ ନାହିଁ। ତେଣୁ ତାଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଦଳ ଦାବି କରିଛି। ଏନେଇ ଦଳ ପକ୍ଷରୁ ଡିଜିପିଙ୍କୁ ଏକ ଦାବିପତ୍ର ଦିଆଯାଇଛି।

### ସମ୍ବର୍ଦ୍ଧନା ସମାରୋହ

**ଚୌଦ୍ୱାର,୧୧।୬(ଡି.ଏନ୍.ଏ.):** ଚୌଦ୍ୱାର ରୋଟରୀ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ପୌର ଟାଉନହଲରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ପ୍ରତାପ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କର୍ଯ୍ୟକ୍ରମରେ ପ୍ରାକ୍ତନ ରୋଟାରୀ ଗଭର୍ନର ରବି ନାରାୟଣ ନନ୍ଦ, ସେସୁ ଏସ୍‌ଡିଓ ବେଣୁଧର ଦାସ ଓ ରୋଟାରିଆନ୍ ନରେଶ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଦିବ୍ୟଜ୍ୟୋତି ପାଣି ଅତିଥି ପରିଚୟ, ସୁଭାଷ ଚନ୍ଦ୍ର ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ବିଶ୍ୱ କଲ୍ୟାଣ ଦାସ, ଶରତ ଖୁଣ୍ଟିଆ,ଶୁକାନ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁନରୁଦ୍ଧାର ହେବ ତାଳଦଣ୍ଡା କେନାଲ

୧୮୬୬ରେ ଅଖଣ୍ଡ ଭାରତ ସହିଥିଲା ପ୍ରଚଣ୍ଡ ଖରା। ଗ୍ରୀଷ୍ମ ପ୍ରଭାବ ଏତେ ଥିଲା ଯେ ମାଟିରେ ଦୁବ ବି କଅଁଳି ନ ଥିଲା। ସେହି ବର୍ଷ ସ୍ୱାଧୀନତା ପୂର୍ବର ଉତ୍କଳବାସୀ ଭୋଗିଥିଲେ ଶତାବ୍ଦୀର ସବୁଠାରୁ କରୁଣ ଓ ହୃଦୟବିଦାରକ ଘଟଣା ନଅଙ୍କ ଦୁର୍ଭିକ୍ଷ। ଉଜୁଡ଼ି ପଡ଼ିଥିଲା ଚାଷୀକୁଳ। ଭୋକ ଉପାସରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ଭାଙ୍ଗିପଡ଼ିଥିଲା ଉତ୍କଳର ମେରୁଦଣ୍ଡ। ଘଟଣାର ପୁନରାବୃତ୍ତି କିପରି ନ ହେବ ତାହାକୁ ଦୃଷ୍ଟିରେ ରଖି ଇଂରେଜ ସରକାର ୧୮୬୯ରେ ରାଜ୍ୟର ପୂର୍ବତନ ରାଜଧାନୀ କଟକରେ ନିର୍ମାଣ କରିଥିଲେ ଓଡ଼ିଶାର ସର୍ବବୃହତ କେନାଲ। ଯାହାର ନାଁ ଦିଆଯାଇଥିଲା ତାଳଦଣ୍ଡା। ମହାନଦୀର ଯୋବ୍ରା ବ୍ୟାରେଜରୁ ଉତ୍ପନ୍ନ ହୋଇଥିବା ଏହି କେନାଲ କଟକ ଓ ଜଗତ୍‌ସିଂହପୁର ଜିଲା ଦେଇ ବଙ୍ଗୋପସାଗରରେ ମିଶିଛି। ଏହାର ଜଳରାଶିକୁ ମୁଖ୍ୟତଃ ଚାଷ ନିମନ୍ତେ ବ୍ୟବହାର କରାଯାଉଥିବାବେଳେ ଏବେ ଏହାର ଜଳ ପ୍ରଦୂଷିତ ହୋଇପଡିଛି। ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବା ୮୩କିମି ଦୈର୍ଘ୍ୟ ବିଶିଷ୍ଟ ତାଳଦଣ୍ଡାର ପୁନରୁଦ୍ଧାର ପାଇଁ ଅନେକଥର ପ୍ରଚେଷ୍ଟା କରାଯାଇଥିଲେ ମଧ୍ୟ ଫଳ ଶୂନ।



କେନାଲର ପୁନରୁଦ୍ଧାର କାର୍ଯ୍ୟ ନେଇ ଏମ୍‌ପି କ୍ଷେତ୍ର ପରିଦର୍ଶନ କରୁଛନ୍ତି।

- ରାଜକୋଷରୁ ଖର୍ଚ୍ଚ ହେବ ୧୫୦କୋଟି
- ଯୋବ୍ରାରୁ ବିରିବାଟୀ ଯାଏ ରାସ୍ତା ନିର୍ମାଣ

**କଟକ ଅଫିସ,୧୧।୬**

ତାଳଦଣ୍ଡା କେନାଲର ପୁନରୁଦ୍ଧାର ହେବ। ରାଜ୍ୟ ସରକାରଙ୍କ ରାଜକୋଷରୁ ପ୍ରାୟ ୧୫୦କୋଟି ବ୍ୟୟରେ କେନାଲର ୧୫ରୁ ୧୮କିମି ପର୍ଯ୍ୟନ୍ତ ବନ୍ଧ ନିର୍ମାଣ କରାଯିବ। ଆବର୍ଜନାରେ ପୋତିହୋଇ ପଡ଼ିଥିବା ଏହି କେନାଲର ପୁନରୁଦ୍ଧାର ହେବ। ଏହାର ଜଳକୁ କିପରି ପ୍ରଦୂଷଣ ଠାରୁ ଦୂରେଇ ରଖାଯିବ ସେ ନେଇ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମ୍‌ପି ଭର୍ତ୍ତୃହରି ମହତାବ ଏ କଥା କହିଛନ୍ତି। ତେବେ ସମ୍ମିଳନୀରେ ଯୋଗଦେବା ପୂର୍ବରୁ ମହତାବ କେନାଲର ପୁନରୁଦ୍ଧାର କାର୍ଯ୍ୟ ନେଇ କ୍ଷେତ୍ର ପରିଦର୍ଶନ କରିଥିଲେ। ୧୫୦ବର୍ଷ ପୂର୍ବର ଏହି କେନାଲର ପୁନରୁଦ୍ଧାର ହେଲେ କଟକ ଓ ଜଗତ୍‌ସିଂହପୁର ଜିଲାର ହଜାର ହଜାର ଚାଷ, ଶିଳ୍ପ ଓ ସାଧାରଣ ଲୋକ ଉପକୃତ ହେବେ।

୧୮୬୯ରେ ନିର୍ମାଣ ହୋଇଥିବା ଏହି କେନାଲରୁ ଜଗତ୍‌ସିଂହପୁର ଜିଲାର ୨୨ହଜାର ହେକ୍ଟର ଜମିକୁ ପୂର୍ବରୁ ଜଳସେଚନ କରାଯାଉଥିଲା ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା କଟକ ଜିଲାର ଅନେକ ଚାଷଜମି ଏହି କେନାଲ ଉପରେ ନିର୍ଭରଶୀଳ ଥିଲା। ଗତ ୩୦ବର୍ଷ ହେବ ଏହି କେନାଲର ପାଣି ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଅଧାରୁ ଅଧିକ ପଙ୍କରେ ପୋତି ହୋଇ ଯାଇଥିବାବେଳେ ଯାହା ବି ପାଣି ଅଛି ତାହା ବିଷାକ୍ତ। ଏମ୍‌ପି ମହତାବ ଖବରଦାତା ସମ୍ମିଳନୀରେ ମଧ୍ୟ ଏ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। କଟକ ମହାନଗର ନିଗମ(ସିଏମ୍‌ସି)ର ସମସ୍ତ ଅଳିଆ ଏବେ ଏହି କେନାଲ ପାଇଁ ଡଷ୍ଟବିନ ପାଲଟିଛି। ମେଡ଼ିକାଲଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ମଧ୍ୟ କେନାଲ ପାଣିରେ ପକାଯାଉଛି। ଯାହାଫଳରେ ଏହାର ପାଣି ପାନୀୟ ଉପଯୋଗୀ ହୋଇ ପାରୁନାହିଁ ବୋଲି ଏମ୍‌ପି ମହତାବ କହିଥିଲେ। ୨୦୧୧ରେ କେନାଲର ପୁନରୁଦ୍ଧାର ପାଇଁ ଚେଷ୍ଟା କରାଯାଇଥିଲା। ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ବିରିବାଟୀରୁ ଭୁଟମୁଣ୍ଡାଇ ପର୍ଯ୍ୟନ୍ତ ପୁନରୁଦ୍ଧାର ହେବ ବୋଲି ଘୋଷଣା କରାଯାଇଥିଲା। ଏଥିପାଇଁ ବଜେଟ ଥିଲା ୯୮ କୋଟି। ୨ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି କୁହାଯାଇଥିବାବେଳେ ପରିସ୍ଥିତି ଏବେ ଯଥା ପୂର୍ବଂ ତଥା ପର। ଏବେ ଏଥିପାଇଁ ୧୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି ବୋଲି ଏମ୍‌ପି ମହତାବ କହିଛନ୍ତି। ବଜେଟରେ ଯୋବ୍ରା ଠାରୁ ବିରିବାଟୀ ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ପୁନରୁଦ୍ଧାର କରାଯିବ। ବିରିବାଟୀ ପର୍ଯ୍ୟନ୍ତ କେନାଲର ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ କରାଯିବାକୁ ଥିବାବେଳେ ଯୋବ୍ରାଠାରୁ ନୂଆବଜାର ଫ୍ଲାଇ ଓଭରବ୍ରିଜ ପର୍ଯ୍ୟନ୍ତ କଂକ୍ରିଟ ୱାଲ ନିର୍ମାଣ ହେବ ବୋଲି ମହତାବ କହିଛନ୍ତି। ତେବେ ଏହି କେନାଲର ପୁନରୁଦ୍ଧାର ହେଲେ କଟକ ସହର ବାସୀଙ୍କ ସମେତ ଜଗତ୍‌ସିଂହପୁର ଜିଲାର ଅନେକ ଅଞ୍ଚଳବାସୀ ସୁଫଳ ପାଇବେ। ଏ ନେଇ ସାମାଜିକ କର୍ମୀ ବୃନ୍ଦାବନ ଦାସ ଆଜାଦ୍ କୁହନ୍ତି, ଏହା କେବଳ କଟକ ନୁହେଁ ଓଡ଼ିଶାର ପରିଚୟ। ଏହାକୁ ଲିଭାଇ ଦେବା ପାଇଁ ଚେଷ୍ଟା କରାଯାଉଥିଲା। ଏହି ଘୋଷଣା କେତେ ମାତ୍ରାରେ କାର୍ଯ୍ୟକାରୀ ହେବ ତାହା ଅପେକ୍ଷା ରହିଲା। ଏହି ସମ୍ମିଳନୀରେ ଜଳ ସମ୍ପଦ ବିଭାଗର ଅନେକ ବରିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

- ଯୋବ୍ରା ଛୁରିମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ





ଗିରଫ ଅଭିଯୁକ୍ତ ଓ ଜବତ ଛୁରି।

**କଟକ ଅଫିସ, ୧୧।୬**

- ଛୁରି, ବାଇକ୍, ମୋବାଇଲ ଜବତ
- ଅନ୍ୟ ୩ ସହଯୋଗୀ ଫେରାର

ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ମାଟିଆ ମଙ୍ଗଳା ସାହିରେ ଦୁଇ ଯୁବକଙ୍କୁ ଛୁରାମାଡ଼ କରିବା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ନଦୀକୂଳସାହି ଅଞ୍ଚଳର ବିଶ୍ୱରଞ୍ଜନ ମହାନ୍ତି ଓରଫ ହାପି(୨୭)। ତାଙ୍କଠାରୁ ପୋଲିସ ଛୁରି, ଏକ ବାଇକ୍ (ଓଡି୦୫ଜେଡ୍-୪୨୯୩) ଓ ଗୋଟିଏ ମୋବାଇଲ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୦୬/୧୯) ରୁଜୁ ହୋଇଛି। ତେବେ ଏହି ଘଟଣାରେ ହାପିଙ୍କ ଅନ୍ୟ ୩ ସହଯୋଗୀ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ହାପିଙ୍କ ନାମରେ ମାଲଗୋଦାମ ଥାନାରେ ୪ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ଗତ ରବିବାର ରାତିରେ ମାଟିଆ ମଙ୍ଗଳା ସାହିର ତପନ ନାୟକ ଏବଂ ସିଲୁ ବେହେରା ନାମକ ଦୁଇ ଯୁବକଙ୍କୁ ହାପି ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତପନଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାର ତଦନ୍ତ କରି ମଙ୍ଗଳବାର ସକାଳୁ ହାପିଙ୍କୁ ମାଲଗୋଦାମ ଅଞ୍ଚଳରୁ ପୋଲିସ ଗିରଫ କରିଥିଲା। ପରେ ପୋଲିସ ତାଙ୍କୁ ପଚରାଉଚରା କରିବାରୁ ଜଣାପଡିଥିଲା ଯେ, ଯୋବ୍ରା ଆନିକଟ ଅଞ୍ଚଳରେ ମାଛ ଧରିବାକୁ ନେଇ ତପନ ଓ ସିଲୁଙ୍କ ସହିତ ହାପିଙ୍କର ଶତ୍ରୁତା ସୃଷ୍ଟି ହୋଇଥିଲା। ଗତ ରବିବାର ସକାଳେ ଏହାକୁ ନେଇ ହାପିଙ୍କର ସହଯୋଗୀ ମୁନା ରେଡ୍ଡୀଙ୍କ ସହିତ ତପନ ଓ ସିଲୁଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ତପନ ଓ ସିଲୁ ଦୁହେଁ ମିଶି ମୁନାଙ୍କୁ ଗାଳିଗୁଲଜ କରି ପଳାଇ ଆସିଥିଲେ। ଏ କଥା ଜାଣିବା ପରେ ତପନ ଓ ସିଲୁଙ୍କୁ ହାପି ଆକ୍ରମଣ କରିବାକୁ ଯୋଜନା କରିଥିଲେ। ତାଙ୍କର ୩ ସହଯୋଗୀଙ୍କୁ ସାଥିରେ ନେଇ ଉକ୍ତଦିନ ରାତିରେ ତପନଙ୍କ ଘରକୁ ଯାଇଥିଲେ। ଉଭୟ ତପନ ଓ ସିଲୁ ସେଠାରେ ଥିବାବେଳେ ହାପି ଏବଂ ତାଙ୍କ ସହଯୋଗୀ ସେମାନଙ୍କୁ ଆକ୍ରମଣ କରି ପଳାଇ ଆସିଥିଲେ ବୋଲି ହାପି ପୋଲିସକୁ କହିଛନ୍ତି।

# ବ୍ରଜନାଥ ରଥ ଥିଲେ ଜାତୀୟତାବାଦୀ କବି

**କଟକ ଅଫିସ, ୧୧।୬**

ବ୍ରଜନାଥ ରଥ ଥିଲେ ଜଣେ ଜାତୀୟତାବାଦୀ କବି। ମାନବିକ ଚେତନାର ପ୍ରସାରରେ ତାଙ୍କ କାବ୍ୟକବିତା ସମର୍ପିତ। ମନୁଷ୍ୟ ସମାଜର ସ୍ୱାର୍ଥରକ୍ଷା ପାଇଁ ସେ ସାରସ୍ୱତ ଅଭିଯାନ କରି ସ୍ମରଣୀୟ ହୋଇଛନ୍ତି ବୋଲି କବି ବ୍ରଜନାଥ ରଥଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବି ବ୍ରଜନାଥ ରଥଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ମଙ୍ଗଳବାର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି କବି ପଦ୍ମଭୂଷଣ ରମାକାନ୍ତ ରଥ ବ୍ରଜନାଥଙ୍କ ତୈଳଚିତ୍ର ଉନ୍ମୋଚନ କରି କହିଥିଲେ, ସାହିତ୍ୟ ସର୍ଜନା ଓ ସାହିତ୍ୟ ପ୍ରତି ପ୍ରତିବଦ୍ଧତାରେ ସେ ଅନନ୍ୟ। ନିଜ ଲେଖା ଭିତରେ ସେ ସୀମିତ ନ ଥିଲେ। ତାଙ୍କ କାବ୍ୟସ୍ୱରରେ ସବୁ ଶ୍ରେଣୀର ଲୋକ ଏକୀଭୂତ ହୋଇଥିଲେ। ଆଧୁନିକ କାବ୍ୟକବିତାର ଉତ୍ତରଣରେ କବି ବ୍ରଜନାଥ ରଥଙ୍କ ଭୂମିକା ଉଲ୍ଲେଖଯୋଗ୍ୟ। ତାଙ୍କ ସାହିତ୍ୟ ପ୍ରୀତିର ସୀମା ନିର୍ଦ୍ଧାରଣ କରିବା ସହଜ ନୁହେଁ। ସମ୍ମାନିତ ଅତିଥି ସାହିତ୍ୟ ସମାଲୋଚକ ଗବେଷକ ଡ. ଅରବିନ୍ଦ ଗିରି କହିଥିଲେ, ବ୍ରଜନାଥ ରଥଙ୍କ କାବ୍ୟସତ୍ତା ଭୂମିରୁ ଭୂମା ଯାଏ ପରିବ୍ୟାପ୍ତ। ସମାଜ, ମଣିଷ, ପରିବେଶ ଓ ପ୍ରକୃତି ତାଙ୍କ କାବ୍ୟ ଚେତନାକୁ ପରିପୁଷ୍ଟ କରିଛି। କବି ବ୍ରଜନାଥ ରଥଙ୍କ ସାରସ୍ୱତ ନିଷ୍ଠା ତରୁଣମାନଙ୍କୁ ଉତ୍ସାହିତ କରିଛି ବୋଲି କବି ବ୍ରଜନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟର ସଦସ୍ୟ କାଳୀପଦ ପଣ୍ଡା କହିଥିଲେ। ବ୍ରଜନାଥଙ୍କ ପୁତ୍ର ବ୍ରହ୍ମନାଥ ରଥ ପିତାଙ୍କ ନୀତିନିଷ୍ଠ ଜୀବନ ଓ ନିଷ୍ଠାପର ସାରସ୍ୱତ ସାଧନା ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ଉତ୍ସବରେ ସଭାପତିତ୍ୱ କରି ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହ କହିଥିଲେ, ବ୍ରଜନାଥ ରଥ ପ୍ରଗତିବାଦୀ କାବ୍ୟଚେତନାର ବଳିଷ୍ଠ କବି। ତାଙ୍କ ସମଗ୍ର ଜୀବନ ସାହିତ୍ୟ ପ୍ରତି ନିବେଦିତ। କବି ବ୍ରଜନାଥ ରଥଙ୍କ କବିତା 'ଭାରତ ଆବିଷ୍କାର' ମନୋରଞ୍ଜନ ମିଶ୍ର ପାଠ କରିଥିଲେ। ଅନ୍ୟତମ ଉପସଭାପତି ସୁଶାନ୍ତ ନାୟକ ସ୍ୱାଗତଭାଷଣ, ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା, ପାଠାଗାର ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ଆମନ୍ତ୍ରଣ ଓ ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଉତ୍ସବରେ କବି ଗୁରୁ ମହାନ୍ତି, ଅମରେଶ ପଟ୍ଟନାୟକ, ହୁସେନ୍ ରବି ଗାନ୍ଧୀ, ଅରୁଣ କୁମାର ପଣ୍ଡା, ବରଦା ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ବିଜୟ ଶତପଥୀ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସମେତ କବି ବ୍ରଜନାଥଙ୍କ ପରିବାରର ସଦସ୍ୟ ବ୍ୟୋମନାଥ ରଥ, ବିଧୁନାଥ ରଥ, ମନସ୍ୱିନୀ ଦେବୀ ଓ ଓଜସ୍ୱିନୀ ମିଶ୍ର ଉପସ୍ଥିତ ଥିଲେ।



ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ରଡ୍ ଚୋରି ଅଭିଯୋଗରେ ୩ ଗିରଫ

**ଚୌଦ୍ୱାର,୧୧।୬(ଡି.ଏନ୍.ଏ.)**

ଲୁହା ରଡ୍ ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ମଙ୍ଗଳବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ସାଗର ମହାରଣା, କୁନା ନାୟକ ଓ ଏ.ଆଦୀ। ଏମାନଙ୍କ ନିକଟରୁ ପିକ୍‌ଅପ୍ ଭ୍ୟାନ ସହ ୭କୁଇଣ୍ଟାଲ ଲୁହା ରଡ ଓ ଦୁଇଟି ଫ୍ୟାନ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଦେବୀନଗର ଗ୍ରାମର ରଞ୍ଜନ ସୁବୁଦ୍ଧିରାୟ ଘର ନିର୍ମାଣ ପାଇଁ ଘୋଡାଶାଳ ନିକଟରେ ୪କୁଇଣ୍ଟାଲ ରଡ ରଖିଥିଲେ। ଗତ ୨ତାରିଖ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ରଞ୍ଜନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା(ନଂ. ୧୭୬/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ଏକ ପିକ୍‌ଅପ୍‌ଭ୍ୟାନରେ ଉକ୍ତ ଚୋରି ସାମଗ୍ରୀ ବିକ୍ରୟ ପାଇଁ ନେଉଥିବା ଖବରପାଇ ପୋଲିସ ଗାନ୍ଧୀଛକ ଠାରେ ସେମାନଙ୍କୁ ଧରିଥିଲା। ଏଥିରେ ଆଉ କେତେଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି, ସେମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

## ବ୍ଲକ ସମ୍ମୁଖରେ ରଘୁନାଥପୁରବାସୀଙ୍କ ଧାରଣା



ବ୍ଲକ୍ ସମ୍ମୁଖରେ ଧାରଣା ଦେଇଥିବା କ୍ଷତିଗ୍ରସ୍ତ ପରିବାର।

**କଟକ ସଦର,୧୧।୬(ଡି.ଏନ୍.ଏ.)**

ଘରଭଙ୍ଗା ରିପୋର୍ଟରେ ଜାଲିଆତି କରାଯାଇ ବହୁ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ କ୍ଷତିଗ୍ରସ୍ତ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାର ପ୍ରତିବାଦରେ କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରଘୁନାଥପୁର ଗ୍ରାମର କ୍ଷତିଗ୍ରସ୍ତ ପରିବାର ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କଟକ ସଦର ତହସିଲଦାରଙ୍କ ତ୍ରୁଟିପୂର୍ଣ୍ଣ ଘରଭଙ୍ଗା ସର୍ଭେ ତାଲିକାକୁ ରଦ୍ଦ କରିବା ଲାଗି ଧାରଣାକାରୀ ବିଡିଓଙ୍କ ନିକଟରେ ଦାବି କରିବା ସହ ଏହି ତାଲିକା ପ୍ରସ୍ତୁତ କରିଥିବା କର୍ମଚାରୀଙ୍କୁ ଦଣ୍ଡିତ କରିବା ପାଇଁ କହିଥିଲେ। ଏହି ପଞ୍ଚାୟତର ରଘୁନାଥପୁର, ପରମହଂସ, ସଫିପୁର, କୁସିଙ୍ଗା, ରାଜହଂସ ଗ୍ରାମରେ ଠିକ୍‌ଭାବେ ସର୍ଭେ କରାଯାଇ ନାହିଁ। ଏଥିପାଇଁ ରାଜସ୍ୱ ବିଭାଗର କର୍ମଚାରୀମାନେ ଦାୟୀ ବୋଲି ବେଣୁଧର ରାଉତ, ସୁଲତାନ ଖାଁ, ପ୍ରଭାକର ବେହେରା, ଦୈତାରୀ ବେହେରା ଓ ଦେବ ଦାସ ଦାବି କରିଥିଲେ। ବ୍ଲକର ବଡ ପଞ୍ଚାୟତର ୩୨ଜଣ ବାତ୍ୟା କ୍ଷତିଗ୍ରସ୍ତ ବୋଲି ସରକାରୀ ଘୋଷଣାକୁ ଧାରଣାକାରୀ ନିନ୍ଦା କରିଥିଲେ। ଏ ସମ୍ପର୍କରେ ବିଡିଓ ଦେବାଶିଷ ପଟ୍ଟନାୟକଙ୍କ ସହ କ୍ଷତିଗ୍ରସ୍ତଙ୍କ ଆଲୋଚନା ହୋଇଥିଲା। ଏହି ତାଲିକା ତହସିଲ ପ୍ରସ୍ତୁତ କରିଥିବାରୁ ତହସିଲଦାରଙ୍କୁ ଜଣାଇବା ପାଇଁ ବିଡିଓ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ପୂର୍ବରୁ ଇନ୍ଦିରା ଆବାସ, ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ହିତାଧିକାରୀଙ୍କ ଘର ବାତ୍ୟାରେ କ୍ଷତି ହୋଇ ନ ଥିଲେ ଆଉ ଘର ଦିଆଯିବ ନାହିଁ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

- ପୋଲିସ ପରିଚୟ ଦେଇ ଲୁଟୁଥିଲେ

# ମଧ୍ୟପ୍ରଦେଶରୁ ଗ୍ୟାଙ୍ଗ୍‌ର ୨ ସହଯୋଗୀ ଗିରଫ

**କଟକ ଅଫିସ,୧୧।୬**

ନିଜକୁ ପୋଲିସର ପରିଚୟ ଦେଇ କମିଶନରେଟ୍ ପୋଲିସ ଅଞ୍ଚଳରୁ ଲୁଟ୍ କରୁଥିବା ଏକ ଗ୍ୟାଙ୍ଗ୍‌ରୁ ଠାବ କରିଛି ମାଲଗୋଦାମ ପୋଲିସ। ଗ୍ୟାଙ୍ଗର ଦୁଇ ସହଯୋଗୀଙ୍କୁ ସୋମବାର ମାଲଗୋଦାମ ପୋଲିସ ମଧ୍ୟପ୍ରଦେଶରୁ ଗିରଫ କରି ମଙ୍ଗଳବାର ଥାନାକୁ ଆଣିଛି। ସେମାନେ ହେଲେ ମଧ୍ୟପ୍ରଦେଶ ସିଙ୍ଘରୱାଲି ଜିଲା ଅଧୀନ ମରୱା ଥାନା ଅଞ୍ଚଳର ଜାଭେଦ ଅଲ୍ଲୀ(୩୫) ଓ ସଦିଲ୍ ଅଲ୍ଲୀ(୨୮)। ଏ ନେଇ ପୋଲିସ ଏକ ମାମଲା(ନଂ.୯୦/୧୯) ରୁଜୁ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ କହିଛନ୍ତି। ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ମାଲଗୋଦାମ, ମର୍କତ ନଗର, ସିଡିଏ ଫେଜ୍-୨, କ୍ୟାଣ୍ଟନମେଣ୍ଟ, ଭୁବନେଶ୍ୱର ନୟାପଲ୍ଲୀ, ଚନ୍ଦ୍ରଶେଖରପୁର, ବଡଗଡ, ଇନ୍‌ଫୋସିଟି, ପୁରୀ ଜିଲା କୁମ୍ଭାରପଡା ଥାନାରେ ୧୬ଟି ଲୁଟ୍ ଏବଂ ଚୋରି ମାମଲା ରହିଥିବା ପୋଲିସ କହିଛି।



ଗିରଫ ଦୁଇ ଅଭିଯୁକ୍ତ।

ତେବେ ଏହି ଗ୍ୟାଙ୍ଗରେ ଆଉ କେତେଜଣ ସହଯୋଗୀ ଥିବା ପୋଲିସ ଜାଣିବାକୁ ପାଇଥିବାବେଳେ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ସେମାନେ ମୁଖ୍ୟତଃ କଟକ, ଭୁବନେଶ୍ୱର, ପୁରୀ ସହରରେ ସକାଳେ ଏବଂ ସନ୍ଧ୍ୟାରେ ଚାଲିବାକୁ ଯାଉଥିବା ଲୋକମାନଙ୍କୁ ଟାର୍ଗେଟ କରିଥିବା ପୋଲିସ ସୂଚନା ଦେଇଛି।

ଗତ ମେ ମାସରେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳରେ ଅନ୍ନପୂର୍ଣ୍ଣା ପରିଡା ନାମ୍ନୀ ଜଣେ ବୃଦ୍ଧା ଚାଲିବାକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ଦ୍ୱୟ ଏକ ବାଇକରେ ଅନ୍ନପୂର୍ଣ୍ଣାଙ୍କ ପାଖରେ ପହଞ୍ଚି ନିଜକୁ ପୋଲିସ ଅଫିସର ବୋଲି ପରିଚୟ ଦେଇଥିଲେ। ପରେ ସେହି ଅଞ୍ଚଳରୁ ଲୁଟ୍ ହେଉଥିବା ନେଇ ସେମାନେ କହିବା ସହ ନିଜର ଅଳଙ୍କାରଗୁଡ଼ିକୁ ପ୍ୟାକେଟରେ ରଖିବାକୁ କହିଥିଲେ। ଏପରି କି ସେମାନେ ଏକ କାଗଜ ପ୍ୟାକେଟ ଦେଇ ସେଥିରେ ଅଳଙ୍କାର ରଖିବାକୁ କହିଥିଲେ। ଅନ୍ନପୂର୍ଣ୍ଣା ନିଜର ସୁନାଚୁଡ଼ି ଏବଂ କାନଫୁଲକୁ କାଢି ଅଭିଯୁକ୍ତଦ୍ୱୟଙ୍କୁ ଉକ୍ତ ପ୍ୟାକେଟରେ ରଖିବା ପାଇଁ ଦେଇଥିଲେ। ଅଳଙ୍କାର ହାତକୁ ଆସିବା ପରେ ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଥିଲେ। ଏ ନେଇ ଅନ୍ନପୂର୍ଣ୍ଣା ମାଲଗୋଦାମ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଏବଂ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତମାନେ ମଧ୍ୟପ୍ରଦେଶରେ ରହୁଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ୍ ସହାୟତାରେ ମାଲଗୋଦାମ ପୋଲିସ ସେଠାକୁଯାଇ ଉଭୟଙ୍କୁଗିରଫ କରିଥିଲା। ପଚରାଉଚରା ପରେ ସେମାନେ ସେହି ଲୁଟ୍ ସହ ଆଉ କେତେକ ଲୁଟ୍ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

**ବିଧାୟକଙ୍କ ସମୀକ୍ଷା ବୈଠକ**

# ଡ୍ରେନ୍, ରାଜସ୍ୱ, ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

**କଟକ ଅଫିସ, ୧୧।୬**

କଟକ ସହରକୁ ସୁନ୍ଦର କରିବା ଓ ମୌଳିକ ସମସ୍ୟାର ସମାଧାନ ନେଇ ମଙ୍ଗଳବାର ସିଏମ୍‌ସି ବିଜୁ ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ସହରର ଡ୍ରେନେଜ, ରାଜସ୍ୱ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଏହି ବୈଠକରେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ, ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ, ଡେପୁଟି କମିଶନର ଦେବାଶିଷ ମହାନ୍ତି, ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

ସହରରେ ଡ୍ରେନେଜ ଏକ ମୁଖ୍ୟସମସ୍ୟା ପାଲଟିଛି। ସହରରେ ଥିବା ୧୨ଟି ତଳିଆ ୱାର୍ଡରେ ବର୍ଷାଦିନେ ପାଣି ଜମି ରହିବା ଯୋଗୁ ଲୋକମାନେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ସହରରେ ଡ୍ରେନ୍ କ୍ଷେତ୍ରକୁ ୪ ଭାଗରେ ବିଭକ୍ତ କରାଯାଇଛି। ସେଗୁଡିକ ହେଲା ସରଫେସ, ମେଜର ସରଫେସ, ବ୍ରାଞ୍ଚଡ୍ରେନ ଓ ମୁଖ୍ୟଡ୍ରେନ। ସେଥିମଧ୍ୟରୁ ମୁଖ୍ୟଡ୍ରେନ୍ କାମ ଜାଇକା ଉପରେ ନ୍ୟସ୍ତ ଥିବାବେଳେ ଅନ୍ୟ ୩ଟି ଡ୍ରେନ୍‌ର ସଫେଇ ଦାୟିତ୍ୱରେ ସିଏମ୍‌ସି ଇଞ୍ଜିନିୟରିଂ ବିଭାଗ ରହିଛି। ସହରରେ ଥିବା ବିଭିନ୍ନ ଡ୍ରେନ୍‌ରେ ୧୦ରୁ ୩୦ ମିମି ଜଳଧାରଣର କ୍ଷମତା ରହିଛି। ରାଜ୍ୟରେ ଆଉ କିଛିଦିନ ମଧ୍ୟରେ ମୌସୁମୀ ପ୍ରବେଶ କରିବ। ହେଲେ ଏପର୍ଯ୍ୟନ୍ତ ମୁଖ୍ୟଡ୍ରେନ କାର୍ଯ୍ୟ ଶେଷ ହୋଇ ନ ଥିବାବେଳେ ସହରରେ ଆଉକିଛି ଡ୍ରେନ୍ କାର୍ଯ୍ୟ ଚାଲିଥିବା ବୈଠକରେ ମତ ପ୍ରକାଶ ପାଇଛି। ଜାଇକାର ସଫେଇ କାର୍ଯ୍ୟରେ ସିଏମ୍‌ସି ଅସନ୍ତୁଷ୍ଟ ଥିବାବେଳେ ଜାଇକା କିନ୍ତୁ ଠିକ୍ ଭାବେ କାର୍ଯ୍ୟ କରୁଥିବା ବୈଠକରେ ସଫେଇ ଦେଇଛି। ଆଗାମୀ ଦିନରେ ଜଳ ନିଷ୍କାସନ ପାଇଁ ସିଏମ୍‌ସି ପାଖରେ କେତୋଟି ପମ୍ପସେଟ୍ ମହଜୁଦ ରହିଛି ବୋଲି ବିଧାୟକ ଜାଣିବାକୁ ପାଇଥିଲେ। ସିଏମ୍‌ସି ପାଖରେ ୨୭୫ ପମ୍ପସେଟ ଥିବା କର୍ମଚାରୀ କହିଥିଲେ। ସେହିପରି ସହରବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ବିଧାୟକ ଜାଣିବାକୁ ଚାହିଁଥିଲେ। ସହରରେ ୧୧ଟି ହସ୍ପିଟାଲ ରହିଛି। କେଉଁଠାରେ ଡାକ୍ତର ନାହାନ୍ତି ଓ ଆଉ କେଉଁଠାରେ ଫାର୍ମାସିଷ୍ଟ, ନର୍ସ ପଦବୀ ଖାଲି ରହିଛି ସେ ସମ୍ପର୍କରେ ବିଧାୟକ ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଏ ସମ୍ପର୍କିତ ତାଲିକା ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ କହିଥିଲେ। ସହରକୁ ଚକାଚକ କରିବା ପାଇଁ ଅର୍ଥ ଦରକାର। ରାଜସ୍ୱ ବୃଦ୍ଧି ହେଲେ ସହରର ଉନ୍ନତି ହୋଇପାରିବ। ଏଣୁ ବିଭିନ୍ନ ଦିଗରୁ ସିଏମ୍‌ସିର ଯେପରି ରାଜସ୍ୱ ବୃଦ୍ଧି ପାଇବ ସେଦିଗରେ ପଦକ୍ଷେପ ନେବାକୁ ବିଧାୟକ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ କହିଥିଲେ।

ବୈଠକ ଶେଷରେ ବିଧାୟକ ମୋକିମ କହିଥିଲେ, ସହରକୁ ଚକାଚକ କରିବାରେ ଲୋକେ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ଖୁବ୍‌ଶୀଘ୍ର ପୂରଣ ହେବ। ସହରରେ ଯେପରି ସୁଚାରୁ ରୂପେ ଦୁଇଥର ସଫେଇ ହେବ ସେ ଦିଗରେ ପଦକ୍ଷେପ ନିଆଯିବ। ସହରକୁ ଜଳବନ୍ଦୀରୁ ମୁକ୍ତ କରିବା ପାଇଁ ଡ୍ରେନେଜ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ଜଳ ନିଷ୍କାସନ ପାଇଁ ସିଏମ୍‌ସି ପକ୍ଷରୁ ପମ୍ପସେଟ, ଜେନେରେଟର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ସିଏମ୍‌ସି କମିଶନର କହିଛନ୍ତି, ଚଳିତବର୍ଷ ବର୍ଷାକୁ ଦୃଷ୍ଟିରେ ରଖି ଡ୍ରେନ୍ ସଫେଇ କାର୍ଯ୍ୟ ଜୋରଦାର କରାଯାଇଛି। ସହରର ମୁଖ୍ୟ ଡ୍ରେନ ଜାଇକା କରୁଛି। ହେଲେ ତାହାର କାମ ସନ୍ତୋଷଜନକ ନ ଥିବାରୁ ସଫେଇ କାର୍ଯ୍ୟ ସିଏମ୍‌ସି କରୁଛି। ବିଶେଷକରି ଆଗାମୀ ଦିନରେ ସହରବାସୀ ଜଳବନ୍ଦୀରୁ ମୁକ୍ତ ରହିବା ଦିଗରେ ସିଏମ୍‌ସି ଯଥେଷ୍ଟ ଧ୍ୟାନ ଦେଉଛି।



ସମୀକ୍ଷା ବୈଠକରେ ବିଧାୟକଙ୍କ ସହ ଅଧିକାରୀମାନେ।



ପୁରୁଷାର୍ଥହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।

-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବିଜେଡିର ବିଜୟ ଶୋଭାଯାତ୍ରା

ଟାଙ୍ଗୀ(ଖୋର୍ଦ୍ଧା), ୧୧।୬ (ଡି.ଏନ୍.ଏ.)- ଚିଲିକା ନିର୍ବାଚନ ମଣ୍ଡଳୀର ବିଜୟୀ ବିଜେଡି ପ୍ରାର୍ଥୀ ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ମଙ୍ଗଳବାର ବିଜୟ ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଚଣ୍ଡେଶ୍ୱର, କଳକଳେଶ୍ୱର ଓ ଜରିପଡା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗଦେବ ଓ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କୁ ଏକ ବାଇକ୍ ର୍‌ୟାଲିରେ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଚଣ୍ଡେଶ୍ୱର ପଞ୍ଚାୟତର ଅଁଳାଡିହ ଗ୍ରାମରୁ ଶୋଭାଯାତ୍ରା ବାହାରି କଳକଳେଶ୍ୱର ପଞ୍ଚାୟତର ରାଜେନ୍ଦ୍ରପୁର, ହାଣ୍ଡିଓଳ, ତାରିମି, ବାଲିନାସି, ଚିଲିକା ସାହି, ତୋଟାପଡା ଆଦି ଗ୍ରାମଦେଇ ଚଣ୍ଡେଶ୍ୱର ପଞ୍ଚାୟତର ପୁତନା, ମୁଣ୍ଡାଳ, ବଡପୋଖରିଆ ଓ ଚଣ୍ଡେଶ୍ୱର ଆଦି ଗ୍ରାମ ପରିକ୍ରମା କରିଥିଲା। ଶେଷରେ ଶ୍ରୀ ଚଣ୍ଡୀହରଦେବଙ୍କ ପୀଠରେ କର୍ମୀ ଓ ସମର୍ଥକ ସମବେତ ହୋଇଥିଲେ। ବିଧାୟକ ଜଗଦେବ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀଚଣ୍ଡୀହରଦେବଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ଚିଲିକା ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ଯୁବ ବିଜେଡି ସଭାପତି ମହେଶ ବିଶ୍ୱାଳ, ସାଂସଦ ପ୍ରତିନିଧି ରମେଶ ଚନ୍ଦ୍ର ମହାପାତ୍ର, ସରପଞ୍ଚ ସୁଧାକର ମହାପାତ୍ର, ସରପଞ୍ଚ ଅସିତ୍ କୁମାର ନାଥ, ସରପଞ୍ଚ ଉମାକାନ୍ତ ବେହେରା, ଅର୍ଜୁନ ବିଶ୍ୱାଳ, ଶେଷଦେବ ରାୟଗୌରବ, ସୁରେଶ ସାମନ୍ତରାୟ, ତପନ ବିଶ୍ୱାଳ, ଜୟନ୍ତ ପ୍ରଧାନ, ଦାମୋଦର ଜେନା, ବିଶ୍ୱନାଥ ବେହେରା, ପ୍ରଭାତ ରାଉତରାୟ, ଶରତ ସାହୁ, ହରିବନ୍ଧୁ ପାତ୍ର, ନାରାୟଣ ରଣା ପ୍ରମୁଖ କର୍ମୀ ସାମିଲ ହୋଇଥିଲେ ।

### ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ,୧୧।୬: ଖୋର୍ଦ୍ଧା ନିକଟସ୍ଥ ଜାଗୁଳେଇପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ କ୍ଷେତ୍ରରେ ରଥଯାତ୍ରା ଓ ବାହୁଡା ଯାତ୍ରା ସୁଚାରୁ ରୂପେ ପାଳନ ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ସରୋଜ ସାହୁ ଅଧକ୍ଷତା କରିଥିଲେ। ଆଇନଶୃଙ୍ଖଳା, ପାନୀୟଜଳ, ବିଦ୍ୟୁତ୍, ରଥକାଠ ଉପରେ ସମୀକ୍ଷା କରିଥିଲେ। ସେହିଭଳି ୧୭ରେ ଦେବସ୍ନାନ ପୂର୍ଣ୍ଣିମା ଉପରେ ମଧ ଆଲୋଚନା ହୋଇଥିଲା।

### ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଖୋର୍ଦ୍ଧା ଅଫିସ,୧୧।୬:ଖୋର୍ଦ୍ଧା ସହରର ବରୁଣେଇ ପୀଠରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ, ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବରେ ଗୁଣନିଧି ମହାପାତ୍ର, ଗୋଦାବରୀଶ ପାଇକରାୟ, ରାଜକିଶୋର ପାଣିଗ୍ରାହୀ, ଭାସ୍କର ମଙ୍ଗରାଜ, ତାରେଶ୍ୱର ମହାକୁଡ ଓ ସ୍ୱପ୍ନେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

■ ଫନୀ ଯିବାର ୪୦ ଦିନ

# ସୁଧୁରିନି ସ୍କୁଲର ପରିବେଶ

**ଖୋର୍ଦ୍ଧା ଅଫିସ,୧୧।୬**

ଫନୀ ବାତ୍ୟା ଯିବାର ୪୦ ଦିନ ବିତିଯାଇଛି। ହେଲେ ଖୋର୍ଦ୍ଧା ଜିଲାର ସ୍କୁଲଗୁଡିକରେ ଶୈକ୍ଷିକ ପରିବେଶ ସୁଧୁରି ପାରିନାହିଁ। ଜିଲାର ଅଧିକାଂଶ ସ୍କୁଲର ଶ୍ରେଣୀଗୃହ ଭାଙ୍ଗିରୁଜି ଯାଇଛି। ରୋଷେଇ ଗୃହ ଓ ଶୌଚାଳୟ ମଧ ଭଙ୍ଗାରୁଜା ଅବସ୍ଥାରେ ରହିଛି। ସ୍କୁଲ ପରିସରରେ ବଡ଼ ବଡ଼ ଗଛ ମଧ ଭାଙ୍ଗି ପଡିରହିଛି। ଏଗୁଡିକ ସଫେଇ କରିବାକୁ ଲୋକ ମିଳୁନାହାନ୍ତି। ଗ୍ରୀଷ୍ମ ଛୁଟି ପ୍ରାୟ ଶେଷ ପର୍ଯ୍ୟାୟରେ। ଚଳିତମାସ ୧୯ ତାରିଖରେ ସ୍କୁଲ ଖୋଲିବ। ଯେଉଁ ଢାଞ୍ଚାରେ ବିଦ୍ୟାଳୟର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି ଶିକ୍ଷା ଉପରେ ନିଶ୍ଚିତ ପ୍ରଭାବ ପଡିବ। ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟାହତ ହେବାର ଆଶଙ୍କା ପ୍ରକାଶ ପାଇଲାଣି। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହ୍ରାସ ପାଇବାର ସମ୍ଭାବନା ରହିଛି।



ଚିନ୍ତାମଣି ବିଦ୍ୟା ନିକେତନ ନରଣଗଡର ଶ୍ରେଣୀଗୃହ ଆଜବେଷ୍ଟସ ଉଡିଯାଇଛି।

### ଶେଷ ହୋଇ ପାରିଲାନି ତଦନ୍ତ

ଜିଲାରେ କୃଷି ଓ ଉଦ୍ୟାନ ବିଭାଗର କେତେ କ୍ଷୟକ୍ଷତି ହୋଇଛି ସେ ସମ୍ପର୍କିତ ଫାଇନାଲ ରିପୋର୍ଟ ପ୍ରସ୍ତୁତ ହୋଇପାରିନାହିଁ। ଉଭୟ ବିଭାଗ ପକ୍ଷରୁ ପ୍ରାରମ୍ଭିକ ରିପୋର୍ଟ ଦିଆଯାଇଥିଲେ ହେଁ ଏଯାବତ ଚାଷୀ ଫନୀ କ୍ଷତିର ସହାୟତା ପାଇନାହାନ୍ତି। ଏବେ ଖରିଫ ଋତୁ ଚାଲିଛି। ଚାଷୀ ପାଖରେ ବିହନ କିଣିବାକୁ ଟଙ୍କା ନାହିଁ। ଚାଷୀଙ୍କ ପାଇଁ କ'ଣ ପ୍ୟାକେଜ ସରକାରଙ୍କର ଘୋଷଣା କରାଯାଇନି।

### ତଦନ୍ତ ସମ୍ପୂର୍ଣ୍ଣ କରି ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଫନୀର ସମୀକ୍ଷା ବୈଠକ ଜିଲାପାଳ ଭୂପିନ୍ଦର ସିଂ ପୁନିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା, କୃଷି, ଉଦ୍ୟାନ କୃଷି ବିଭାଗ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ଜୁନ ୧୯ରେ ସ୍କୁଲ ଖୋଲିବ। ହାତରେ ଆଉ ସ୍ୱଳ୍ପଦିନ ରହିଛି। ଏଥି ମଧ୍ୟରେ କ୍ୟାମ୍ପସ ସଫେଇ କାମ ଶେଷ କରିବା ସହ କ୍ଷତିଗ୍ରସ୍ତ ସ୍କୁଲ ଗୃହ, ରୋଷେଇ ଘର ଓ ଶୌଚାଳୟ ମରାମତି କର। ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡିକର ମରାମତି କାର୍ଯ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସରପଞ୍ଚମାନେ କରନ୍ତୁ। ଯେଉଁ ସରପଞ୍ଚ କାର୍ଯ୍ୟରେ ଅସହଯୋଗ କରିବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ। ଗ୍ରାମାଞ୍ଚଳ ହାଇସ୍କୁଲର ମରାମତି କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କରିବ। ସେହିପରି ସହରାଞ୍ଚଳ ପ୍ରାଥମିକ ବିଦ୍ୟାଳୟଗୁଡିକର ମରାମତି କାର୍ଯ୍ୟ ଗୃହ ଓ ନାଗର ଉନ୍ନୟନ ବିଭାଗ ଏବଂ ହାଇସ୍କୁଲଗୁଡିକର ମରାମତି କାର୍ଯ୍ୟ ପୂର୍ତ୍ତ ବିଭାଗ କରିବ। ଜୁଲାଇ ଶେଷ ସୁଦ୍ଧା ସ୍କୁଲ ମରାମତି କାର୍ଯ୍ୟ ଶେଷ କର। ତେବେ ସ୍କୁଲ ଖୋଲିବା ସମୟକୁ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସମ୍ଭବ ନୁହେଁ। ଏଣୁ କ୍ଷତିଗ୍ରସ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ସ୍କୁଲରେ ଶିକ୍ଷାଦାନର ବ୍ୟବସ୍ଥା କରିବାକୁ ଜିଲାପାଳ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆନୁଷଙ୍ଗିକ ବ୍ୟବସ୍ଥା ନ ଥିଲେ ବିକଳ୍ପ ଚିନ୍ତା କରି ପଦକ୍ଷେପ ନିଅ। ହାଇସ୍କୁଲ ଘର ଭାଙ୍ଗିଥିଲେ ନିକଟସ୍ଥ ହାଇସ୍କୁଲରେ ପଢ଼ାର ବ୍ୟବସ୍ଥା କର। ଦରକାର ପଡିଲେ ଦୁଇ ସିଫ୍ଟରେ ପାଠ ପଢ଼ାଅ। ଯେପରି ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦିଅ। ସେହିଭଳି କୃଷି ବିଭାଗ ଓ ଉଦ୍ୟାନ ବିଭାଗର କ୍ଷୟକ୍ଷତିର ବୃତ୍ତାନ୍ତ ରିପୋର୍ଟ ଶୀଘ୍ର ଦେବାକୁ ଜିଲାପାଳ ପୁନିଆ ନିର୍ଦ୍ଦେଶ ଦେଇଛନ୍ତି।

## ଫନୀ କ୍ଷୟକ୍ଷତି : ସହାୟତା ଦାବି କଲା ମତ୍ସ୍ୟଜୀବୀ ମହାସଂଘ



ବାତ୍ୟାରେ ଭାଙ୍ଗିଯାଇଥିବା ଡଙ୍ଗା।

**କୃଷ୍ଣପ୍ରସାଦ,୧୧।୬(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସାମୁଦ୍ରିକ ଝଡ଼ ଫନୀ ତାଣ୍ଡବ କରି ଚାଲିଯିବାର ଏକ ମାସ ବିତିଗଲା । ରିଲିଫ୍ ବାବଦରେ ୩ ହଜାର ଟଙ୍କା, ୫୦ କେଜି ଚାଉଳ ଓ ଖଣ୍ଡିଏ ପଲିଥିନ୍ ପରେ ଆଉ କୌଣସି ସହାୟତା ମିଳିପାରିନାହିଁ। ଚିଲିକା ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର ମତ୍ସ୍ୟଜୀବୀ ଡଙ୍ଗା, ଜାଲ ହରାଇ ସାରିବା ପରେ ଅର୍ଥ ଉପାର୍ଜନ କରିବାର ସାହା ନ ପାଇ ଏବେ ଭୋକ ଉପବାସରେ ଦିନ କାଟୁଛନ୍ତି । ସହାୟତା ତ ଦୂରର କଥା ପ୍ରଶାସନ ଏ ଯାଏ କ୍ଷୟକ୍ଷତି ଆକଳନ ପାଇଁ ବିପନ୍ନଙ୍କ ନିକଟରେ ପହଞ୍ଚିନାହାନ୍ତି । କୃଷ୍ଣପ୍ରସାଦ ବ୍ଲକର କୁମାରପୁର, ବାଲିନାସୀ, ମଳେଶ୍ୱରୀ, ପାଟନାସୀ, ଶ୍ରୀରାମପୁର, ରସକୁଦି ଏବଂ ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଜିଲାର ୧୨୦ ଗ୍ରାମର ହଜାର ହଜାର ଡଙ୍ଗା ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଏହାଦ୍ୱାରା କୋଟି କୋଟି ଟଙ୍କାର ଜାଲ ନଷ୍ଟ ହୋଇଯାଇଛି । ସ୍ଥାନୀୟ ମତ୍ସ୍ୟଜୀବୀ ଚିଲିକାକୁ ଗଲେ ମାଛ ଧରି ଜୀବିକା ନିର୍ବାହ କରୁଥାନ୍ତି । ଏବେ ଉପଯୁକ୍ତ ସହାୟତା ନ ପାଇ ଭୋକ ଉପବାସରେ ଦିନ କାଟୁଛନ୍ତି । ତେଣୁ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଡଙ୍ଗା ପ୍ରତି ୧ ଲକ୍ଷ ଟଙ୍କା, ଆଂଶିକ ଭାଙ୍ଗିଥିବା ଡଙ୍ଗା ପ୍ରତି ୪୦ ହଜାର ଟଙ୍କା, ଜାଲ କୁଇଣ୍ଟାଲ ପ୍ରତି ୩୦ ହଜାର ଟଙ୍କା ଦାବି କରିଛନ୍ତି ମତ୍ସ୍ୟଜୀବୀ ସଂଘ । ଏ ନେଇ ଖୁବ୍ ଶୀଘ୍ର ସହାୟତା ପାଇଁ ନିର୍ଦ୍ଦେଶକ ମତ୍ସ୍ୟସମ୍ପଦ (କଟକ), ମତ୍ସ୍ୟ ସଚିବ (ଓଡ଼ିଶା) , ରାଜସ୍ୱ ସଚିବ(ଓଡ଼ିଶା), ରାଜ୍ୟପାଳ (ଓଡ଼ିଶା) ଏବଂ ଗଞ୍ଜାମ, ପୁରୀ, ଖୋର୍ଦ୍ଧାର ଜିଲାପାଳ, ବାଲୁଗାଁ ମତ୍ସ୍ୟ ଅଧିକାରୀ (ଖୋର୍ଦ୍ଧା)ଙ୍କୁ ସଂଘ ଏକ ଲିଖିତ ଅଭିଯୋଗ ଦେଇଥିବା ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ମିଳିତ ମଞ୍ଚ ସଭାପତି ହଳଧର ବେହେରା ଜଣାଇଛନ୍ତି ।

■ ଧାନ ବିକ୍ରି ଟଙ୍କା ମିଳୁନି

## ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ



ଜିଲାପାଳଙ୍କୁ ଧାନ ବିକ୍ରି ବାବଦ ଟଙ୍କା ପାଇବା ପାଇଁ ଫେରାଦ ହେବାକୁ ଆସିଥିବା ଚାଷୀ ।

**ଖୋର୍ଦ୍ଧା ଅଫିସ,୧୧।୬:** ଖୋର୍ଦ୍ଧା ଜିଲାରେ ଧାନମଣ୍ଡି ବନ୍ଦ ହୋଇଗଲାଣି। ତେବେ ଚାଷୀ ଏଯାବତ ତାଙ୍କ ପ୍ରାପ୍ୟ ପାଇନାହାନ୍ତି। ଏଭଳି ଅଭିଯୋଗ ବେଗୁନିଆ ବ୍ଲକ ପୋଡାଡିହ ସେବା ସମବାୟ ସମିତିର ଚାଷୀମାନେ ଆଣିଛନ୍ତି। ମଙ୍ଗଳବାର ପୋଡାଡିହ, ଓସ୍ତପୁର, କୋଟପଲ୍ଲୀ, ଦିନିଆରୀ, ତାଳଗଡ, ତୁଳସୀପୁର ଅଞ୍ଚଳର ଚାଷୀ ଏପରି ଅଭିଯୋଗ ଆଣି ଜିଲାପାଳଙ୍କୁ ଭେଟିଛନ୍ତି। ଅଭିଯୋଗ ଅନୁସାରେ, ଏପ୍ରିଲ ୩ରେ ୩୫ ଜଣ ଚାଷୀ ଧାନ ବିକ୍ରି କରିଥିଲେ। ଅଳ୍ପ ଟଙ୍କା ପାଇଥିବାବେଳେ ଆଉ କିଛି ବକେୟା ରହିଛି। ଏଭଳିସ୍ଥଳେ ଖରିଫ ଋତୁ ହୋଇଥିବାବେଳେ ଚାଷ, ବିହନ ପାଇଁ ଟଙ୍କା ଦରକାର। ଏଣୁ ତୁରନ୍ତ ଧାନ ବିକ୍ରି ଟଙ୍କା ଯୋଗାଇ ଦେବାକୁ ଦାବି ହୋଇଛି।

## ବକ୍ସି ପୋଖରୀ ହୁଡ଼ା, ରାସ୍ତା ଜବରଦଖଲ

**ଖୋର୍ଦ୍ଧା ଅଫିସ,୧୧।୬**

ଖୋର୍ଦ୍ଧା ସହର ଗୁରୁଜଙ୍ଗର ବକ୍ସି ପୋଖରୀର ହୁଡା, ପୋଖରୀକୁ ପଡିଥିବା ରାସ୍ତା ଜବରଦଖଲ କରାଯାଇଛି। ଜଣେ ପ୍ରଭାବଶାଳୀ ଲୋକ ଏହାକୁ ଜବରଦଖଲ କରିଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବକ୍ସି ପୋଖରୀ ସାଧାରଣ ଲୋକଙ୍କର। ତେବେ ଏହି ପୋଖରୀର କିଛି ଅଂଶର ହୁଡାକୁ ଜେସିବି ଲଗାଯାଇ ସମତୁଲ କରାଯାଇଛି। ଏହାଦ୍ୱାରା ବର୍ଷାଋତୁ ବିପଦ ପାଲଟିବ। ବାହାର ପାଣି ଭିତରେ ପଶିବା ଦ୍ୱାରା ପୋଖରୀ ବନ୍ଧ ପ୍ରତି ବିପଦ ରହିଛି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରି ଜବରଦଖଲ ଉଚ୍ଛେଦ କରିବାକୁ ଗୁରୁଜଙ୍ଗ ଦେୱାନସାହିର ୧୬ ନଂ. ବାସିନ୍ଦା ଦାବି କରିଛନ୍ତି।

## ବର୍ଜ୍ୟବସ୍ତୁ ପରିଚଳନା ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ସଫେଇ କର୍ମଚାରୀ ଓ ଅନ୍ୟମାନେ ।

**ଜଟଣୀ,୧୧।୬(ଡି.ଏନ୍.ଏ.):** ଜଟଣୀ ମ୍ୟୁନିସିପାଲିଟି ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଟାଉନ୍‌ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଏହା ଆୟୋଜିତ ହୋଇଥିଲା। ବର୍ଜ୍ୟବସ୍ତୁର ପୃଥକୀକରଣ, ପରିବହନ ଓ ପରିଚାଳନା ଉପରେ ଦକ୍ଷ ବ୍ୟକ୍ତିମାନେ ସୂଚନା ଦେଇଥିଲେ। ବର୍ଜ୍ୟବସ୍ତୁ ଦ୍ୱାରା ପ୍ରଦୂଷଣ ହେବା ସହ ଜନସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବ ଏହାର ପରିଚାଳନାର ଆବଶ୍ୟକତା ନେଇ ଏଥିରେ ଆଲୋଚନା ହୋଇଥିଲା। ଏହାକୁ ଜନ ଆନ୍ଦୋଳନ ଭାବେ ଗ୍ରହଣ କରି ସମାଜକୁ ପ୍ରଦୂଷଣମୁକ୍ତ କରିବା ଉପରେ ସମସ୍ତେ ଗୁରୁତ୍ୱ ଦେଇଥିଲେ। ଏହାର ଠିକ୍ ପରିଚାଳନା ପାଇଁ ପ୍ରତି ପରିବାର, ସଫେଇ କର୍ମଚାରୀ ଓ ପୌରପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଏଥିରେ ଜିଲା ସହରାଞ୍ଚଳ ଉନ୍ନୟନ ପ୍ରତିଷ୍ଠାନର ପରିମଳ ଉପରେ ଅଭିଜ୍ଞ ତଥା ଦକ୍ଷ ଦେବବ୍ରତ ବେହେରା, ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ମହନ୍ତଙ୍କ ସମେତ ସଫେଇ ଓ ଅନ୍ୟ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ସଫେଇ କର୍ମଚାରୀଙ୍କୁ ସୁରକ୍ଷା ସରଞ୍ଜାମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

## ସଫା ନାଁରେ ଅପରିଷ୍କାର :ବିଏମ୍‌ସିର ଆବର୍ଜନା ଗାଁରେ

**ଯାଁଳା,୧୧।୬(ଡି.ଏନ୍.ଏ.)**

ଫନୀରେ ଭୁବନେଶ୍ୱରରେ ବହୁ ଗଛ ଭାଙ୍ଗି ପଡିଥିଲା। ଫଳରେ ଭୁବନେଶ୍ୱରର ଅଳିଆ, ଆବର୍ଜନାରେ ଭର୍ତ୍ତି ହୋଇପଡିଥିଲା। ଆବର୍ଜନାକୁ ସଫା କରିବାକୁ ଯାଇ ଶତାଧିକ ଟ୍ରକରେ ଏହାକୁ ଲୋଡ କରି ଯାଁଳାର ଇମ୍ପୋଭ୍ୟାଲି ସମ୍ମୁଖରେ ଥିବା ଏକ ପଥର ଖାଦାନରେ ଜମା କରାଯାଉଥିଲା। କିନ୍ତୁ କିଛିଦିନ ହେଲା ବିଏମ୍‌ସିରୁ ବାହାରୁଥିବା ଆବର୍ଜନାକୁ ୧୬ ନଂ. ଜାତୀୟ ରାଜପଥ ତଳଖେତା ଛକଠାରୁ ଇମ୍ପୋଭ୍ୟାଲି ରାସ୍ତା ଉପରେ, ଯାଁଳା ଫ୍ଲାଇ ଓଭର ବ୍ରିଜ୍ ସର୍ଭିସ ରାସ୍ତାରେ ମଧ ବିଏମ୍‌ସିର ଆବର୍ଜନାକୁ ପକାଯାଉଛି। ଫଳରେ ପଚା ଗନ୍ଧରେ ଜନସାଧାରଣ ଅତିଷ୍ଠ ହୋଇପଡିଲେଣି। ସେହି ବାଟ ଦେଇ ଯିବାକୁ ଲୋକେ ନାକ ଟେକୁଛନ୍ତି। ଏଥିରୁ ବୁଝାପଡୁଛି ଯେ, ବିଏମ୍‌ସି ଭୁବନେଶ୍ୱରକୁ ପରିଷ୍କାର କରିବାକୁ ଯାଇ ସହର ଉପକଣ୍ଠ ଥିବା ଗାଁକୁ ଅପରିଷ୍କାର କରୁଛି।



ଆବର୍ଜନା ବିଏମସି ପକ୍ଷରୁ ରାସ୍ତା ଉପରେ ପକାଇ ଦିଆଯାଇଛି ।

## ନାଇଜର ପରିସରରେ ଡାକଘର ଉଦ୍‌ଘାଟିତ

**ଜଟଣୀ,୧୧।୬(ଡି.ଏନ୍.ଏ.)**

ଜଟଣୀସ୍ଥିତ ଜାତୀୟ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ନାଇଜର) ପରିସରରେ ଭାରତୀୟ ଡାକସେବା ବିଭାଗ ପକ୍ଷରୁ ଶାଖା ଡାକଘର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ନାଇଜରର ନିର୍ଦ୍ଦେଶକ ସୁଧାକର ପଣ୍ଡା ଏହାକୁ ଉଦ୍‌ଘାଟନ କରି କହିଥିଲେ ଯୋଗାଯୋଗ ମାଧ୍ୟମରେ କାର୍ଯ୍ୟଦକ୍ଷତା ବଢ଼ିଥାଏ। ଯାହା ଡାକସେବା ବିଭାଗ ନାଇଜରକୁ ଯୋଗାଇ ଦେବାକୁ ଆଗେଇ ଆସିଛି। ଏଥିରେ ଭାରତୀୟ ଡାକସେବାର ଭୁବନେଶ୍ୱର ସର୍କଲର ନିର୍ଦ୍ଦେଶକ ଜି. ଗୁଣନାଥନ ଯୋଗଦେଇ କହିଥିଲେ, ଡାକସେବା ସମେତ ବ୍ୟାଙ୍କିଙ୍ଗ ସୁବିଧା ଏଠାରେ ପ୍ରଦାନ କରାଯିବ। ଏଥିସହ ଏଠାରେ ପିଏଲ୍‌ଆଇ ଓ ସାର୍ଟିଫିକେଟ୍ ସର୍ଭିସ୍ ମଧ ଏଠାରେ ଉପଲବ୍ଧ ହେବ। ନାଇଜର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ପରିପ୍ରେକ୍ଷୀରେ କହିଥିଲେ, ପ୍ରତିଷ୍ଠାର ସମସ୍ତ କର୍ମଚାରୀ, ବିଦ୍ୟାର୍ଥୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ଏହି ସେବା ଦ୍ୱାରା ଉପକୃତ ହେବେ।

■ ଆସୁଛି ରଜ ମଉଜ

## ବେଗୁନିଆରେ ପ୍ରସ୍ତୁତି ଜୋରଦାର

**ବେଗୁନିଆ,୧୧।୬(ଡି.ଏନ.ଏ.)**

ପାଖେଇ ଆସୁଛି ରଜ ମଉଜ। ଉତ୍ସାହିତ ହେଲେଣି କୁମାରୀ। ସେହିପରି ବିଭିନ୍ନ ସ୍ଥାନରେ ହେଉଥିବା ଯାତ୍ରା ଓ ପ୍ରତିଯୋଗିତା ପାଇଁ ଆୟୋଜକଙ୍କ ପକ୍ଷରୁ ପ୍ରସ୍ତୁତି ପର୍ବ ଜୋରଦାର ହେଲାଣି। ଏ ପରିପ୍ରେକ୍ଷୀରେ ବେଗୁନିଆ ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ୪ ଦିନ ଧରି ରଜ ଉତ୍ସବ ଅନୁଷ୍ଠିତ ହେବ। ସେଠାରେ ମଧ ମହିଳା ଓ କୁମାରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯିବାକୁ ସ୍ଥିର ହୋଇଛି। ଏଥିସହ କଣ୍ଟାବାଡ ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ନାଟ୍ୟ ପରିଷଦ ପକ୍ଷରୁ ୨ ରାତି ମୁକ୍ତ ମଞ୍ଚ ନାଟକ ପରିବେଷଣ କରାଯିବା ସହ କୁନି ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ବେଗୁନିଆ ବରମୂଳେଇଙ୍କ ପୀଠରେ ଚଳିତବର୍ଷ ରଜରେ କୁମାରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହେବ। ପୂର୍ବରୁ ବେଗୁନିଆ ବ୍ଲକ ଅଞ୍ଚଳରେ ରଜ ମଉଜ ନିଆରା ଢଙ୍ଗରେ ପାଳିତ ହୋଇଆସୁଥିଲା। ଏବେ ଅତ୍ୟାଧୁନିକତାର ସ୍ପର୍ଶରେ ଜଡିତ ରୀତିନୀତି ଓ ପରମ୍ପରା ବଦଳିବାରେ ଲାଗିଛି।

ବ୍ଲକ ଅଞ୍ଚଳରେ ଅନେକ ସଂସ୍କୃତି ଓ ଉତ୍ସବ ପାଳନ ହୋଇଆସୁଥିବା ବେଳେ ରଜପର୍ବ ହେଉଛି ଅନ୍ୟତମ। ୧୯୮୫ ମସିହା ପୂର୍ବରୁ ବ୍ଲକର ବିଭିନ୍ନ ଗ୍ରାମରେ ପୁରୁଣା ପରମ୍ପରା ଅନୁଯାୟୀ ପାଳନ ହୋଇ ଆସୁଥିବା ବେଳେ ସମୟାନୁକ୍ରମେ ତାହା ବଦଳିବାରେ ଲାଗିଛି। ବାଉଁଶ ଦୋଳି, ପାଇକ ଆଖଡା ଖେଳ, ପୁରଦିଆ ଚକୁଳି ପରିବର୍ତ୍ତେ ଏବେ କ୍ରେନ ଦୋଳି, ଡିଜେ ଓ ଫିଲ୍ମ ଗୀତ ଓ ନୁଡୁଲ୍ସରେ ପାଳନ କରୁଛନ୍ତି ଏହି ମଉଜ। ପୁରାତନ ପରମ୍ପରା ଅନୁଯାୟୀ, ବ୍ଲକ ଅଧୀନ ଗଡମାଣତୀର ଗ୍ରାମ ନିକଟରେ ପୂଜା ପାଉଥିବା ମା' ରାମଚଣ୍ଡୀଙ୍କ ପ୍ରସିଦ୍ଧି ରହିଛି। ଏହି ପୀଠରେ ପ୍ରତିବର୍ଷ ରଜ ଲାଗି ୪ ଦିନ ଧରି ଯାତ୍ରା ପାଳିତ ହୋଇଆସୁଛି। ତେବେ ଏଠାରେ ପହିଲି ରଜଦିନ ଗ୍ରାମର କପିଳେଶ୍ୱର ଦେବ ଠାକୁର ଥାନପତି ଭାବେ ଏହି ଯାତ୍ରା ପଡିଆକୁ ଆଗମନ କରିଥାନ୍ତି। ପରେ ଆଖପାଖ ବିଭିନ୍ନ ଗାଁରୁ ଆସିଥିବା ଠାକୁର ଏଠାରେ ଦୋଳ ବିମାନରେ ପୂଜା ପାଇଥାନ୍ତି। ରଜ ସମୟରେ ଏହି ଯାତ୍ରା ପଡିଆରେ ପାଇକମାନଙ୍କର ବାଡି ଖେଳ, ମୁଦଗର ଚାଳନା, ପଟା ଖେଳ, କୁସ୍ତି ଆଦି ଆଖଡା ପ୍ରତିଯୋଗିତା ହେଉଥିଲା। ଏବେ ଏହା କ୍ରମଶଃ କମିବାରେ ଲାଗିଛି। ଅନ୍ୟ ଏକ ସ୍ୱତନ୍ତ୍ର ପରମ୍ପରା ପଣସ ପ୍ରତିଯୋଗିତା ଏଠାରେ ବିଶେଷ ଆକର୍ଷଣ ହେଉଥିଲା। ହେଲେ ଏବେ ଆଉ ସେଭଳି ପଣସ ବାଡିରେ ନ ଥିବା ଯୋଗୁ ତାହା ବନ୍ଦ ହୋଇଯାଇଛି। ସେହିଭଳି ପଡିଆରେ ଚକୁଳି ପିଠାର ବାସ୍ନା ଆଉନାହିଁ। ସେ ସ୍ଥାନ ନେଇଛି ଆଧୁନିକତାର ସ୍ପର୍ଶ ଚାଟ୍, ଦହିବରା ଆଳୁଦମ୍ ଓ ନୁଡୁଲ୍ସ। ପଡିଆର ବିଭିନ୍ନ ସ୍ଥାନରେ ବାଉଁଶ ଦୋଳି, ପଟା ଦୋଳି ଓ ଚକ୍ର ଦୋଳି ପଡିଥାଏ। ଏବେ ଆଉ ଆଗଭଳି ଗହଳଚହଳ ଦେଖିବାକୁ ମିଳୁନାହିଁ। ଏ ସମ୍ପର୍କରେ ଶିକ୍ଷାବିତ୍ ବଳରାମ ରଣସିଂଙ୍କୁ ପଚାରିବାରେ ଗ୍ରାମାଞ୍ଚଳରେ ଏବେ ବି ବହୁ ଯାନିଯାତ୍ରା ବଞ୍ଚିଛି। ହେଲେ ଆଧୁନିକତାର ସ୍ପର୍ଶରେ ବଦଳି ଯାଇଛି ରୀତିନୀତି ଓ ପରମ୍ପରା ବୋଲି ସେ କହିଛନ୍ତି।

■ ଜଟଣୀ ମ୍ୟୁନିସିପାଲିଟି


## ପୋତିହୋଇ ରହିଛି ଅଧିକାଂଶ ଡ୍ରେନ୍

### ବର୍ଷା ପୂର୍ବରୁ ସଫା ନ ହେଲେ ପାଣି ରାସ୍ତାରେ ଚାଲିବ, ଘରେ ପଶିବ

**ଜଟଣୀ,୧୧।୬(ଡି.ଏନ.ଏ.):** ମୌସୁମୀ ବାୟୁ ସପ୍ତାହେ ମଧରେ ଓଡ଼ିଶାରେ ପହଞ୍ଚିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ବର୍ଷା ଆରମ୍ଭ ହେବ। ହେଲେ ଜଟଣୀ ପୌରାଞ୍ଚଳର ଅଧିକାଂଶ ଡ୍ରେନ୍ ପୋତି ହୋଇରହିଛି। କେତେକ ସ୍ଥାନରେ ଡ୍ରେନ୍ ଭାଙ୍ଗି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ବର୍ଷାଦିନ ପୂର୍ବରୁ ଏହି ଡ୍ରେନ୍‌ଗୁଡିକର ପୁନରୁଦ୍ଧାର କରା ନ ଗଲେ ପରିସ୍ଥିତି ସାଂଘାତିକ ହେବ। ରାସ୍ତାରେ ପାଣି ଚାଲିବ, ଘରେ ପଶିବ। ଏହାକୁ ନେଇ ପୌରାଞ୍ଚଳ ବାସିନ୍ଦା ଆଶଙ୍କା ମଧରେ ରହିଛନ୍ତି। ଏଠାରେ ସ୍ୱରେଜ ବ୍ୟବସ୍ଥା ନ ଥିବାବେଳେ ପାଣି ନିଷ୍କାସନର ଏକମାତ୍ର ବାଟ ହେଉଛି ଡ୍ରେନ୍। ତେବେ ଛୋଟରୁ ବଡ଼ ପର୍ଯ୍ୟନ୍ତ ଅଧିକାଂଶ ଡ୍ରେନ୍ ପୋତି ହୋଇପଡିଛି। ଏହାଛଡ଼ା ବାତ୍ୟା ଫନୀରେ ଭାଙ୍ଗି ପଡ଼ିଥିବା ଗଛ ଓ ଅଳିଆ ଆବର୍ଜନା ଡ୍ରେନ୍ ମଧରେ ଏବେ ବି ପଡିରହିଛି। ୧୨ ନଂ. ୱାର୍ଡର ପୂର୍ବତନ କାଉନ୍‌ସିଲର ଲକ୍ଷ୍ମୀନାରାୟଣ ସ୍ୱାଇଁ କୁହନ୍ତି, ଏହି ୱାର୍ଡ ଅନ୍ତର୍ଗତ ହରିଭାଇନା ଛକରୁ ପିଏନ୍‌ବି ଛକ, ଟାଉନ୍‌ହଲ୍ ନିକଟ, ମହୁଲଗୁଡ଼ିଆ ଛକ ସମେତ ୱାର୍ଡର ଅନ୍ୟ ଡ୍ରେନ୍‌ଗୁଡ଼ିକ ମାଟି କାଦୁଅରେ ପୋତି ହୋଇରହିଛି। ବର୍ଷାଦିନ ପୂର୍ବରୁ ଏହାକୁ ସଫା କରାଯିବା ଦରକାର। ପୌର ପ୍ରଶାସନ କାର୍ଯ୍ୟ ଆରମ୍ଭ କଲାବେଳକୁ ବର୍ଷା ଆରମ୍ଭ ହୋଇଯାଇଥିବ। କଢ଼ା ଯାଇଥିବା ମାଟି ଆବର୍ଜନା ପୁଣି ବର୍ଷା ପାଣିରେ ଡ୍ରେନ୍‌ରେ ପଶିବ। ପ୍ରତିବର୍ଷ ଏହା ହିଁ ହେଉଛି। ଏଣୁ ତୁରନ୍ତ ଏଥିପ୍ରତି ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ସେହିପରି ୪, ୫, ୭, ୧୫, ୨୨, ୨୩ ନଂ. ୱାର୍ଡର ପୂର୍ବତନ କାଉନ୍‌ସିଲର ସୁଶାନ୍ତ ସାହୁ, ବିଷ୍ଣୁ ସାହୁ, ରହିମା ବିବି, ଅନସୂୟା ପ୍ରଧାନ, ଲୁସେନ ରାୟ, ଅନନ୍ତ ବେହେରା ସମାନ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ୱାର୍ଡରେ ପୋତି ହୋଇପଡିଥିବା ଡ୍ରେନ୍‌ଗୁଡିକ ସଫା କରା ନ ଗଲେ ବର୍ଷାଦିନରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେମାନେ କହିଛନ୍ତି। ସେହିପରି ୧୦ ନଂ. ୱାର୍ଡର ବାସିନ୍ଦା ଅରୁଣ ମହାନ୍ତି କୁହନ୍ତି, ପୋତି ହୋଇପଡିଥିବା ଡ୍ରେନ୍ ସଫା କରିବାକୁ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ବହୁବାର ଅଭିଯୋଗ କରାଗଲାଣି। ହେଲେ ଏଯାବତ୍ କୌଣସି ପ୍ରତିକାର କରାଯାଇନାହିଁ ବୋଲି ସେ କହିଛନ୍ତି। ଏ ନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ପଚାରିବାରେ ପୋତି ହୋଇପଡିଥିବା ଡ୍ରେନ୍‌ଗୁଡିକର ପୁନରୁଦ୍ଧାର ପାଇଁ ଟେଣ୍ଡର ମାଧ୍ୟମରେ ଚାରିଜଣ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ବର୍ଷା ପୂର୍ବରୁ ସମସ୍ତ ଡ୍ରେନ୍‌ରୁ ମାଟି, କାଦୁଅ କଢାଯିବ। ତେବେ ମୁଖ୍ୟରାସ୍ତା ଉଭୟପାର୍ଶ୍ୱ ଓ ଅନ୍ୟ କେତେକ ସ୍ଥାନରେ ଥିବା ଡ୍ରେନ୍ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ସମ୍ପୃକ୍ତ ବିଭାଗ ଉପରୋକ୍ତ ଡ୍ରେନ୍‌ଗୁଡ଼ିକୁ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରୁନି କି ନିଜେ ସଫା କରୁନି ବୋଲି ସେ କହିଛନ୍ତି।



ଡ୍ରେନରେ ଅଳିଆ ପଡି ପୋତି ହୋଇଯାଇଛି ।



ପୁରୁଷାର୍ଥହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।

-ଶଙ୍କରାଚାର୍ଯ୍ୟ



## ଆଜି କ'ଣ କେଉଁଠି

ପୁରୀ

- ଶୀତଳ ବାଙ୍ଗ ସେବା, ପୌର ସଦନ ଛକ, ପୂର୍ବାହ୍ନ ୧୦ଟା।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ସାକ୍ଷୀଗୋପାଳ,୧୧।୬(ଡି.ଏନ୍.ଏ.):** ସାକ୍ଷୀଗୋପାଳ ନିକଟବର୍ତ୍ତୀ ପଟ୍ଟନାୟିକିଆ ଛକରେ ମଙ୍ଗଳବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ମଧୁବନ ପଞ୍ଚାୟତର ଡାହଣ କୁମ୍ଭାରପଡା ଗ୍ରାମର ବିକାଶ ବରାଳ (୪୦)। ପ୍ରକାଶ ଯେ, ବିକାଶ ଏକ ବାଇକରେ ସାତଶଂଖରୁ ଫେରୁଥିବା ବେଳେ ଏକ ନୀଳ ରଙ୍ଗର କାର ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସାକ୍ଷୀଗୋପଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଂକଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ କାର୍‌ଟି ଫେରାର ହୋଇଯାଇଛି। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ରୋଗ ଯନ୍ତ୍ରଣା ସହି ନ ପାରି ଗୃହକର୍ତ୍ତାଙ୍କ ଆତ୍ମହତ୍ୟା

**ସାକ୍ଷୀଗୋପାଳ,୧୧।୬(ଡି.ଏନ୍.ଏ.):** ସତ୍ୟବାଦୀ ଥାନା ଅନ୍ତର୍ଗତ ଜୟପୁର ସେଠୀ ସାହିର ପ୍ରସନ୍ନ କୁମାର ସେଠୀ(୩୬) ରୋଗ ଯନ୍ତ୍ରଣା ସହି ନ ପାରି ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ସକାଳୁ ସକାଳୁ ବେକରେ ପ୍ରସନ୍ନ ରସି ଲଗାଇ ଝୁଲୁଥିବାର ପରିବାର ଲୋକେ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି । ସତ୍ୟବାଦୀ ଥାନାରେ ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଏସ୍.ଆଇ ବୈଷ୍ଣବ ମହାରଣା କହିଛନ୍ତି। ସୂଚନାଯୋଗ୍ୟ ପ୍ରସନ୍ନ କିଛିମାସ ପୂର୍ବରୁ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ରୋଗକୁ ନେଇ ପ୍ରସନ୍ନ ସବୁବେଳେ ଚିନ୍ତାରେ ରହୁଥିଲେ। ସୋମବାର ପ୍ରସନ୍ନ ପରିବାର ସହ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଶ୍ୱଶୁରଘରକୁ ଯାଇଥିଲେ। କିନ୍ତୁ ହଠାତ ସେଠାରୁ ପୁତ୍ର ସହ ଘରକୁ ଫେରିବା ପରେ ଆତ୍ମହତ୍ୟା କରିଥିବା ପରିବାର ପୋଲିସ ନିକଟରେ କହିଛନ୍ତି।

## ପ୍ରବଚକଙ୍କ କ୍ଷମା ପ୍ରାର୍ଥନାକୁ ଅଗ୍ରାହ୍ୟ

**ପୁରୀ ଅଫିସ, ୧୧।୬:** ଏକ ଆଧାତ୍ମିକ ଟିଭି ଚ୍ୟାନେଲରେ ପ୍ରସାରିତ ପ୍ରବଚନ କାର୍ଯ୍ୟକ୍ରମରେ ଜନୈକ ପ୍ରବଚକ ବ୍ରାହ୍ମଣଙ୍କୁ ଭିକାରୀ ବୋଲି ସମ୍ବୋଧନ କରିଥିଲେ। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ମୁକ୍ତି ମଣ୍ଡପ ପଣ୍ଡିତ ସଭା ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ ସିଂହଦ୍ୱାର ଥାନାରେ ସମ୍ପୃକ୍ତ ଚ୍ୟାନେଲ ମୁଖ୍ୟ ପରିଚାଳକ ଏବଂ ପ୍ରବଚକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାପରେ ସମ୍ପୃକ୍ତ ପ୍ରବଚକ ଚ୍ୟାନେଲ ମାଧମରେ କ୍ଷମା ପ୍ରାର୍ଥନା କରିଥିଲେ। ଏହାକୁ ଅଭିଯୋଗକାରୀ ରଥ ଅଗ୍ରାହ୍ୟ କରିଛନ୍ତି। ରଥ କହିଛନ୍ତି, ସମ୍ପୃକ୍ତ ପ୍ରବଚକ କେଉଁ ଆଧାରରେ ଓ କେଉଁ ତଥ୍ୟ ଭିତ୍ତିରେ ବ୍ରାହ୍ମଣଙ୍କୁ ଭିକାରୀ ବୋଲି କହିଥିଲେ ମୁକ୍ତିମଣ୍ଡପ ଆଗରେ ତାହାର ପ୍ରମାଣ ଦିଅନ୍ତୁ। ସେ ମହାପ୍ରଭୁଙ୍କ ପାଖରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ରଥ ପ୍ରକାଶ କରିଛନ୍ତି।

## ଜିଲାସ୍ତରୀୟ ସପ୍ତମ ଆର୍ଥିକ ଜନଗଣନା ପ୍ରଶିକ୍ଷଣ

**ସାକ୍ଷୀଗୋପାଳ,୧୧।୬(ଡି.ଏନ୍.ଏ.):** ପୁରୀ ଜିଲାସ୍ତରୀୟ ସପ୍ତମ ଆର୍ଥିକ ଜନଗଣନା ନିମନ୍ତେ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ସତ୍ୟବାଦୀ କ୍ରିଷ୍ଣା ଗାର୍ଡେନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଯୋଜନା ଉପନିର୍ଦ୍ଦେଶକ ଦେବୀପ୍ରସାଦ ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଉପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଏନଏସ୍ଏସ୍ ଅଧିକାରୀ ଏସ.କେ. ନାୟକ ଓ ମନୋଜ କୁମାର ସାହୁ, ସତ୍ୟବ୍ରତ ସାହୁ ଓ ଜିଲା ପରିଚାଳକ ବିଶ୍ୱଭୂଷଣ ପଟ୍ଟନାୟକ, ସଂଯୋଜକ ସୁନୀଲ ସାହୁ ଓ ବିଶ୍ୱଜିତ ଆଚାର୍ଯ୍ୟ ଯୋଗଦେଇଥିଲେ। ଶିବିରରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ଗ୍ରାମକୁ ଯାଇ ମୋବାଇଲ ଆପ ଜରିଆରେ କିପରି ସର୍ଭେ କରିବେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭିନ୍ନ ବ୍ଲକର ୩୫୦ଜଣ ପ୍ରଶିକ୍ଷାର୍ଥୀ ଏଥିରେ ଯୋଗଦେଇଥିଲେ।

# ଧରାପଡ଼ିଲା ଗୋଚାଲାଣ

**ନିମାପଡ଼ା,୧୧।୬(ଡି.ଏନ୍.ଏ.)**

**୧୭ ଗୋରୁ ଉଦ୍ଧାର, ୨ ମୃତ**

- ୨ ପିକ୍‌ଅପ୍ ଭ୍ୟାନ୍ ଜବତ
- ବେପାରୀ, ଡ୍ରାଇଭର ଫେରାର

ଚାରିଛକ ଫାଣ୍ଡି ଅନ୍ତର୍ଗତ ତୁଳସୀପୁର ରତନପୁର ଅଞ୍ଚଳରୁ ଗୋ ଚାଲାଣ ହେଉଥିବା ବେଳେ ଦୋଳବେଦି ଛକଠାରେ ନିମାପଡ଼ା ପୋଲିସ ମଙ୍ଗଳବାର ଦୁଇ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଜବତ ପିକ୍‌ଅପ୍ ଭ୍ୟାନରୁ ୧୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସେଥିରୁ ୨ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଜୀବିତ ୧୫ ଗୋରୁଙ୍କୁ ସାକ୍ଷୀଗୋପାଳସ୍ଥିତ ଗୋ'ଶାଳାରେ ଛଡାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଜବତ ବେଳେ ଗୋରୁ ବେପାରୀ ଓ ଦୁଇ ପିକଅପ ଭ୍ୟାନର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ଦୁଇ ପିକଅପ ଭ୍ୟାନ(ଓଡି ୧୩କେ ୫୬୩୯) ଓ (ଓଡି ୦୨ଟି ୩୮୧୧)କୁ ଜବତ କରି ଗୋ' ନିରୋଧ ଆଇନରେ ମାମଲା(ନଂ.୧୪୯/୧୯)ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହାକୁ ନେଇ ନିମାପଡ଼ାର ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋ ନିରୋଧ ଆଇନ୍‌କୁ କଡାକଡ଼ି ପାଳନ କରାଯାଉ ନ ଥିବାରୁ ଚାରିଛକ, ତୁଳସୀପୁର, କୁସୁମାଠେଙ୍ଗ, ରତନପୁର ଆଦି ଅଞ୍ଚଳରୁ କୋଲକାତା, ବାଲେଶ୍ୱର, ଭଦ୍ରକ ଓ କଟକ ଅଞ୍ଚଳକୁ ବେଆଇନ ଭାବେ ଗୋ ଚାଲାଣ ହେଉଥିବା ବିଶ୍ୱହିନ୍ଦୁ ପରିଷଦର ନେତା ଉମାଶଙ୍କର ଆଚାର୍ଯ୍ୟ କହିଛନ୍ତି। ଗୋ ନିରୋଧ ଆଇନ୍‌କୁ କଡାକଡ଼ି ପାଳନ କରାଯିବା ସହ ବେଆଇନଭାବେ ଗୋଚାଲାଣ କରୁଥିବା ଗୋରୁ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଶ୍ୱ ହିନ୍ଦୁ ପରିଷଦ ନେତା ପ୍ରତାପ ମଲ୍ଲିକ, ରଞ୍ଜନ ନାୟକ, ଶରତ ସେନାପତି ପ୍ରମୁଖ ଦାବି କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଓ ସଚିବ ଏଦିଗରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସରିଲା ୪୨ ଚକ ଅଖ ଡେରା

**ପୁରୀ ଅଫିସ,୧୧।୬**



ରଥ ଖଳାରୁ...

- ଦଣ୍ଡା, ମୁହାଁଟ, କଣଗୁଜ, ନିରାଡ଼ି ଉଠିଲା
- ୩୮ କଣଗୁଜ ଶେଷ, ଚାଲିଛି ଗରଗରା କଣ୍ଟା ତିଆରି

ଶ୍ରୀନଅର ସମ୍ମୁଖ ରଥଖଳାରେ ତିନି ମୁଖ୍ୟ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥ କାର୍ଯ୍ୟ। ଶ୍ରୀକ୍ଷେତ୍ର ଉଭଁରୀରେ ୩ରଥର ଦୁଇଟି ଲେଖାଏଁ ଚକ ଅଖ ଡେରା ଯାଇଥିଲା। ମଙ୍ଗଳବାର ବଳକା ଚକ ଅଖ ଡେରା ଯାଇଛି। ନନ୍ଦିଘୋଷ ରଥର ୧୬ଟି, ତାଳଧ୍ୱଜର ୧୪ଟି ଓ ଦର୍ପଦଳନର ୧୨ଟି ଚକ ସହିତ ଯଥାକ୍ରମେ ୮, ୭ ଓ ୬ଟି ଅଖ ଡେରା ଯାଇଛି ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ସେହିପରି ୫ଟି ଦଣ୍ଡା ସହିତ ୨ଟି ମୁହାଁଟ, ୧୦ଟି ଲେଖାଏଁ କଣଗୁଜ ସଂଯୋଗ କରାଯାଇ ନିରାଡ଼ି (୨ପାର୍ଶ୍ୱରେ ୨ଟି) ଉଠିଛି। ଦଣ୍ଡାକାମ ଚାଲିଛି। ସେପଟେ ରୂପକାର ସେବକ ବଳକା କଣଗୁଜରେ ବ୍ୟସ୍ତ ରହିଛନ୍ତି। ତାଳଧ୍ୱଜ ରଥର ରୂପକାର ରାଜେନ୍ଦ୍ର ମହାପାତ୍ର କହିଛନ୍ତି, ମଙ୍ଗଳବାର ସୁଦ୍ଧା ୩୮ଟି କଣଗୁଜ ସରିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଲୁହାକଣ୍ଟା ତିଆରିରେ ଲାଗିଛନ୍ତି। ଦଣ୍ଡାକଣ୍ଟା ସରିବା ପରେ ଏବେ ଗରଗରା କଣ୍ଟା ତିଆରି ଚାଲିଛି। ୩ ରଥ ଲାଗି ୪ଟି ଲେଖାଏ ମୋଟ ୧୬ଟି କଣ୍ଟା ତିଆରି ହେବ ବୋଲି ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା କହିଛନ୍ତି। ଆଗକୁ ଗୟଲ ଓ ଯୋଖା କଣ୍ଟା ତିଆରି କରାଯିବ। ତାଳଧ୍ୱଜ ଓ ନନ୍ଦିଘୋଷ ରଥ ଗୟଲ କାଠ ଚିରଟ ସରିଛି। ଏବେ ଦର୍ପଦଳନର ରଥର କାଠ ଚିରଟ କରାଯିବ ବୋଲି କରତି ସେବକ ସୂଚନା ଦେଇଛନ୍ତି।

## ବ୍ରହ୍ମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତ

**ବ୍ରହ୍ମଗିରି,୧୧।୬(ଡି.ଏନ.ଏ)**

ବ୍ରହ୍ମଗିରି ବ୍ଲକ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ସୁଧୁରୁନି । ଦିନକୁ ଦିନ ଏହାର ସ୍ଥିତି ବିଗିଡିବାରେ ଲାଗିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ରୋଗୀ ହିନସ୍ତା ହେଉଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ରହ୍ମଗିରି ବ୍ଲକର ୨୫ ପଞ୍ଚାୟତ ଓ କୃଷ୍ଣପ୍ରସାଦ ବ୍ଲକର ୭ ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। କିନ୍ତୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାଂଶ ସମୟରେ ଡାକ୍ତର ରହୁ ନଥିବାରୁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ରୋଗୀ ସେବାରେ ନିୟୋଜିତ ହେଉଛନ୍ତି ଆୟୁଷ ଡାକ୍ତରମାନେ। ମଙ୍ଗଳବାର ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନଙ୍କ ଅନୁପସ୍ଥିତ ଥିବା ସମୟରେ କେବଳ ଜଣେ ଆୟୁଷ ଡାକ୍ତର ରୋଗୀ ଦେଖୁଥିବାର ଦେଖିବାକୁ ମିଳିଛି । ରୋଗୀ ସଂଖ୍ୟା ବଢୁଥିବା ସମୟରେ ଜଣେ ଡାକ୍ତର ଥିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାର ଦେଖିବାକୁ ମିଳିଥିଲା ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

- ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘ ବୈଠକ

# ଆବାସ ଯୋଜନାରେ ବିପନ୍ନଙ୍କୁ ସାମିଲ ଦାବି

- ଭଗ୍ନ ଗୋପବନ୍ଧୁ, ଜୟୀ ରାଜଗୁରୁଙ୍କ ମୂର୍ତ୍ତି ପୁନରୁଦ୍ଧାର ହେଉ
- କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଶୀଘ୍ର ମରାମତି କରାଯାଉ

**ପୁରୀ ଅଫିସ, ୧୧।୬**

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ ମଙ୍ଗଳବାର ସ୍ଥାନୀୟ ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ଶିକ୍ଷକମାନଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବାତ୍ୟା ଫନୀରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାସହୀନ ପରିବାରଙ୍କୁ ଇନ୍ଦିରା ଆବାସ, ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ଲାଗି ସଂଘ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଛନ୍ତି। ପୁରୀ ଜିଲାରେ ୨୨୫୦ ପ୍ରାଥମିକ ଓ ୧୭୨୦ ମାଧ୍ୟମିକ ବିଦ୍ୟାଳୟ ଗୃହ ଭାଙ୍ଗିଯାଇଛି। ସପ୍ତାହକ ପରେ ସ୍କୁଲ ଖୋଲିବ। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଏବଂ ଷ୍ଟେଶନ ବଜାରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିପଡ଼ିଛି। ଏହାର ପୁନରୁଦ୍ଧାର ଲାଗି ସଂଘ ଦାବି କରିଛି। ପେନ୍‌ସନ୍ ଭୋଗୀଙ୍କୁ ଶୀଘ୍ର ପେନ୍‌ସନ ଦେବାକୁ ଦାବି ହୋଇଛି। ବୈଠକରେ ଅଦ୍ୱୈତ ଚରଣ ଧଳ, ପ୍ୟାରୀମୋହନ ପଟ୍ଟନାୟକ, ପ୍ରଭାତ ରଞ୍ଜନ ମହାପାତ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ବ୍ରହ୍ମାନନ୍ଦ ଦାସ, ସନ୍ତୋଷ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ମିଶ୍ର, କୃଷ୍ଣମୋହନ ମହାନ୍ତି, ଚନ୍ଦ୍ରଶେଖର ମିଶ୍ର, ଗଣେଶ୍ୱର ମହାପାତ୍ର, କାହ୍ନୁଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରଥ ଉପରେ ହେଉନି ନିସଙ୍କୁଡ଼ି ଭୋଗ

**ପୁରୀ ଅଫିସ, ୧୧।୬**

**ଚାଲୁ କରିବାକୁ ପରିଚାଳନା କମିଟିରେ ପ୍ରସ୍ତାବ**

ମହାପ୍ରଭୁ ହେଉଛନ୍ତି ଭୋଜନପ୍ରିୟ। ସେଥିପାଇଁ ପ୍ରତିଦିନ ଶ୍ରୀମନ୍ଦିରରେ ଛପନ ପଉଟି ବ୍ୟଞ୍ଜନ ପ୍ରସ୍ତୁତ ହୁଏ। ହେଲେ ରଥରେ ଠାକୁର ବିରାଜମାନ କରିଥିବାବେଳେ ଏହି ସୁସ୍ୱାଦୁ ବ୍ୟଞ୍ଜନ ଲାଗି ହୋଇପାରେ ନାହିଁ। ଏହି ସମୟରେ ମହାପ୍ରଭୁଙ୍କ ପାଖରେ ନିସଙ୍କୁଡ଼ି ଭୋଗ ଲାଗି ହେବାର ବିଧି ରହିଛି। ମାତ୍ର ସେବକଙ୍କ ମଧ୍ୟରେ ଅସହମତି ଯୋଗୁ ଦୀର୍ଘବର୍ଷ ହେଲା ଏହି ନିସଙ୍କୁଡ଼ି ଭୋଗ ବନ୍ଦ ରହିଛି। ରଥରେ ଠାକୁର ଥିବାବେଳେ କେବଳ କୋରା ଭୋଗ ଲାଗି କରିଦେଇ ସମସ୍ତେ କାମ ସାରି ଦେଉଛନ୍ତି। ଦୀର୍ଘବର୍ଷ ହେବ ବନ୍ଦ ରହିଥିବା ଏହି ନିସଙ୍କୁଡ଼ି ଭୋଗ ପରମ୍ପରାକୁ ପୁନଶ୍ଚ ଚାଲୁ କରିବା ଲାଗି ମଙ୍ଗଳବାର ପରିଚାଳନା କମିଟି ବୈଠକରେ ପ୍ରସ୍ତାବ ଦେଇଛନ୍ତି ସଦସ୍ୟ ଅନନ୍ତ ତିଆଡ଼ି। ଏହାକୁ ଅନ୍ୟ ସଦସ୍ୟମାନେ ସମର୍ଥନ କରିଥିବାବେଳେ ଏହାର ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବାକୁ ସ୍ଥିର ହୋଇଛି।

ଶ୍ରୀମନ୍ଦିର ରତ୍ନସିଂହାସନରେ ଥିବା ବେଳେ ମହାପ୍ରଭୁଙ୍କ ପାଖରେ ଛପନ ପଉଟି ଭୋଗ ଲାଗି ହୋଇଥାଏ। ବିଭିନ୍ନ ପ୍ରକାର ବ୍ୟଞ୍ଜନରେ ମହକି ଉଠେ ବଡ଼ଦେଉଳ। ତେବେ ରଥଯାତ୍ରାରେ ଠାକୁର ବଡଦାଣ୍ଡକୁ ଓହ୍ଲାଇବା ପରେ ନିସ୍ତବ୍ଧ ହୋଇଯାଏ ଶ୍ରୀମନ୍ଦିର ରୋଷଘର। ରଥରେ ବିରାଜମାନ କରିଥିବାବେଳେ ମହାପ୍ରଭୁଙ୍କ ନିକଟରେ ନିସଙ୍କୁଡ଼ି (ବିରି ଏବଂ ଅନ୍ନ ବ୍ୟତୀତ) ଭୋଗ ଯେପରିକି ଅମ୍ବାଲୁ, କାକରା, ପାରିଜାତକ, ଛେନା ତାଡ଼ିଆ ଭଳି ବିଭିନ୍ନ ପ୍ରକାର ପିଠାପଣା ଲାଗି ହେବାର ପରମ୍ପରା ରହିଛି। କିନ୍ତୁ ସେବକମାନଙ୍କ ମଧ୍ୟରେ ବିବାଦ ଓ ଇଚ୍ଛାଶକ୍ତି ଅଭାବରୁ ଦୀର୍ଘବର୍ଷ ହେଲା ନିସଙ୍କୁଡ଼ି ଭୋଗ ହୋଇପାରୁନି। କେବଳ କୋରା ଭୋଗ କରାଯାଉଛି। ଏହାକୁ ନେଇ ପରିଚାଳନା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ ସଦସ୍ୟ ତିଆଡ଼ି। ପ୍ରଶାସନ ଚାହିଁଲେ ପ୍ରାୟ ୬୦ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଥିବା ଏହି ପରମ୍ପରା ପୁଣି ଉଜ୍ଜୀବିତ ହୋଇପାରିବ ବୋଲି କହି ସେ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ତିଆଡ଼ି କହିଛନ୍ତି, ଶ୍ରୀମନ୍ଦିର ଭିତରେ ଯେପରି ମହାପ୍ରଭୁଙ୍କ ନିକଟରେ ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପରେ ବିଭିନ୍ନ ପ୍ରକାର ଭୋଗ ଲାଗି ହୁଏ ରଥ ଉପରେ ମଧ ଏହି ସମୟରେ ନିସଙ୍କୁଡ଼ି ଭୋଗ ଲଗାଯିବାର ପରମ୍ପରା ରହିଛି । କିନ୍ତୁ ଏହା ବନ୍ଦ ରହିଥିବାରୁ ଭକ୍ତ ଏହି ରଥ ଭୋଗ ଦେଖିବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହାକୁ ପୁନର୍ବାର ଚାଲୁ କରାଯିବା ଦରକାର।





ବକେୟା ଦରମା ପ୍ରଦାନ ଏବଂ ଅନ୍ୟାନ୍ୟ ଦାବିରେ ମଙ୍ଗଳବାର ପୁରୀଠାରେ ରେଲ୍‌ୱେ ଠିକା କର୍ମଚାରୀମାନେ ଧାରଣାରେ ବସିଛନ୍ତି।

## ଫନୀ ଥଇଥାନ ସଂଗ୍ରାମ ପରିଷଦ ଗଠିତ

**ପୁରୀ ଅଫିସ, ୧୧।୬**

ବାତ୍ୟା ଫନୀରେ ପୁରୀ ସହର ଛାରଖାର ହୋଇଯାଇଛି। ଲକ୍ଷାଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଅଧିକାଂଶ ବିପନ୍ନ ପରିବାରଙ୍କୁ ବର୍ତ୍ତମାନ ସୁଦ୍ଧା ସରକାରୀ ସହାୟତା ମିଳି ନାହିଁ। ଘରଦ୍ୱାର ଭାଙ୍ଗିପଡ଼ିଥିବାବେଳେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ବିପନ୍ନ ପରିବାର। ବାତ୍ୟାର ମାସେ ପରେ ବି ଲୋକଙ୍କ ସମସ୍ୟା ଦୂର ହୋଇନାହିଁ। ସରକାରୀ ସହାୟତା ସ୍ୱରୂପ ମିଳିଥିବା ପଲିଥିନକୁ କାଳବୈଶାଖୀ ଉଡ଼ାଇନେଲା। ଖୋଲା ଆକାଶ ତଳେ ବହୁ ପରିବାର ରହିଛନ୍ତି। ସରକାର କେବଳ ଏକବସ୍ତା ଚାଉଳ ଓ ୨ହଜାର ଟଙ୍କା ଆର୍ଥିକ ସହାୟତା ଦେଇ ଚୁପ୍ ବସିଛନ୍ତି। ଅନେକ ଶିକ୍ଷାନୁଷ୍ଠାନ ମାଟି କାମୁଡ଼ିଛି। କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ସହଯୋଗ ତଥା ଥଇଥାନ କରିବା ଲାଗି ମଙ୍ଗଳବାର କେତେଜଣ ବୁଦ୍ଧିଜୀବୀ ଏବଂ ସାମାଜିକ କର୍ମୀଙ୍କୁ ନେଇ ଫନୀ ଥଇଥାନ ସଂଗ୍ରାମ ପରିଷଦ ଗଠନ ହୋଇଛି। ସୂର୍ଯ୍ୟନାରାୟଣ ରଥ ଏହି କମିଟିର ଆବାହକ ଥିବାବେଳେ ଆଇନଜୀବୀ ତଥା ସାମାଜିକ କର୍ମୀ ଉମାବଲ୍ଲଭ ମହାପାତ୍ର, ଦୁର୍ଗାପ୍ରସାଦ ମହାପାତ୍ର, ସତ୍ୟବ୍ରତ ରଥ ସଦସ୍ୟ ରହିଛନ୍ତି। ଏହି ପରିଷଦ ପୁରୀ ଜିଲାର ବିଭିନ୍ନ ଅଞ୍ଚଳ ବୁଲି କ୍ଷତିଗ୍ରସ୍ତଙ୍କୁ ସହଯୋଗର ହାତ ବଢାଇବା ସହିତ ବିପନ୍ନଙ୍କ ଥଇଥାନ ନେଇ ଜିଲା ପ୍ରଶାସନ ସହ ଆଲୋଚନା କରିବ।

- ଫନୀକୁ ବିତିଲା ୪୦ଦିନ

# ସ୍କୁଲ ବାରଣ୍ଡାରେ ବାସହରା

**ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ମିଳୁନି ସହାୟତା**



ବିଦ୍ୟାଳୟ ବାରଣ୍ଡାରେ ଆଶ୍ରୟ ନେଇଥିବା ପରିବାର।

**ଗୋପ,୧୧।୬(ଡି.ଏନ୍.ଏ.)**

ଫନୀକୁ ୪୦ ଦିନ ବିତିଯାଇଛି। ଇତି ମଧ୍ୟରେ କେତେକ ବିପନ୍ନ ନିଜ ବାସସ୍ଥଳୀକୁ ଫେରୁଥିବାବେଳେ ପ୍ରଶାସନ ସହାୟତା ମିଳି ନଥିବାରୁ ଏହି ବ୍ଲକ ଅଧୀନ ବାଲିକନ୍ଦଳ ଗ୍ରାମର ସୁବଳ ବେହେରା ପରିବାରସହ ଏପର୍ଯ୍ୟନ୍ତ ଭଇରିପୁର ସ୍କୁଲ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ଗୋରୁଙ୍କୁ ସ୍କୁଲ ପଡ଼ିଆରେ ରଖିଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କ ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଦୁର୍ଦ୍ଦଶାରେ ପଡ଼ିରହିଛନ୍ତି। ସୁବଳ ବାରମ୍ବାର ତହସିଲଦାର ଓ ବିଡିଓଙ୍କୁ ଅବଗତ କରାଉଥିଲେ ମଧ ତାଙ୍କ ପାଇଁ କିଛି ସାହାଯ୍ୟ ମିଳୁ ନ ଥିବା କୋହଭରା କଣ୍ଠରେ କହିଛନ୍ତି। ଗୋରୁଗୁଡ଼ିକ ପାଇଁ ମଧ ଦାନା ନ ଥିବାରୁ ସେମାନେ ବି ଉପାସରେ ପଡ଼ରହିଛନ୍ତି। ଫନୀରେ ତାଙ୍କ ଘର ନଷ୍ଟ ହୋଇଯାଇଥିବା ବେଳେ କୌଣସି ପ୍ରକାର ସହାୟତା ତାଙ୍କୁ ମଳିନାହିଁ। ଫଳରେ ବାତ୍ୟା ପରେ ସେହି ସ୍କୁଲ ବାରଣ୍ଡାରେ ପିଲାଛୁଆ ଧରି ସୁବଳ ରହିଛନ୍ତି। ଏ ସମ୍ପର୍କରେ ତହସିଲଦାର ପୃଥିରାଜ ମଣ୍ଡଳ ଓ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ମୋ ନିକଟରେ ଏପରି ଖବର ନାହିଁ। ତଥାପି ତଦନ୍ତ କରି ଦେଖିବି ବୋଲି ଉଭୟେ ପ୍ରକାଶ କରିଥିଲେ।

## 'ଶିକ୍ଷା ସମାଜର ଦର୍ପଣ ସଦୃଶ'

**ନିମାପଡ଼ା,୧୧।୬(ଡି.ଏନ୍.ଏ.)**

ଶିକ୍ଷା ହେଉଛି ସମାଜର ଦର୍ପଣ ସଦୃଶ। ସରକାରୀ ଶିକ୍ଷା ବ୍ୟବସ୍ଥା କିପରି ଲୋକଙ୍କ ଆସ୍ଥା ଭାଜନ ହେବ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ମଙ୍ଗଳବାର ନିମାପଡ଼ାରେ ଅୟୋଜିତ ନାଗରିକ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ସଭାରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କ୍ରୀଡାର ବିକାଶ ପାଇଁ ବିଭିନ୍ନ ଅଞ୍ଚଳରେ ଷ୍ଟାଡିୟମ ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଶିକ୍ଷାବିତ ଉମେଶ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, ଶହୀଦ ସ୍ମୃତି ସଂସଦ ସମ୍ପାଦକ ବେଣୁଧର ସେନାପତି ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ଶହୀଦ ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ଦେବୀ ମଣ୍ଡପ ପଡିଆରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ୧୫୦ଟି ସଙ୍ଗଠନ ପକ୍ଷରୁ ଦୁଇ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରତାପ ରାଉତ ଉତ୍ସବକୁ ସଂଯୋଜନା କରିଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

# ମରାମତିର ୨ ମାସ ପରେ ଫାଟିଲା ରାସ୍ତା

**ଗୋପ,୧୧।୬(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ମହଲପଡ଼ା ଓ ବନାଖଣ୍ଡି ପଞ୍ଚାୟତକୁ ସଂଯୋଗ କରୁଥିବା ଗ୍ରାମ୍ୟ ସାରଡ଼ା-କୁଣ୍ଡିସ ଗ୍ରାମ୍ୟ ଉନ୍ନୟନ ରାସ୍ତା ମରାମତି ହେବାର ଦୁଇମାସ ପରେ ଫାଟ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମର ରାଜେଶ ଲେଙ୍କା ସୂଚନା ଅଧିକାର ଆଇନ ବଳରେ ଏହି କାମ ଉପରେ ତଥ୍ୟ ମାଗିଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ତାଙ୍କୁ ତଥ୍ୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ମଧ ସେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉପରେ ମହଲପଡ଼ା, ବୀରତୁଙ୍ଗ, ସିମିଳି, ବନାଖଣ୍ଡିର ହଜାର ହଜାର ଜନସାଧାରଣ ନିର୍ଭର କରୁଥିବାବେଳେ ଏହି ରାସ୍ତା ମୂଳରୁ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏପରି କି ୩୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ମରାମତି ହୋଇଥିଲେ ମଧ ବିଭିନ୍ନ ସ୍ଥାନରେ ଫାଟ ରହିଥିବାରୁ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ସାରଡ଼ା ଗ୍ରାମର ମଣ୍ଟୁକିଶୋର ଜେନା, ସଞ୍ଜୟ ଜେନା, ସନ୍ତୋଷ ସ୍ୱାଇଁ, ପରମାନନ୍ଦ ସ୍ୱାଇଁ, ବିଶ୍ୱଜିତ୍ ନାୟକ ସମେତ ଶତାଧିକ ଜନସାଧାରଣ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ ଦେବା ସହ ଏହାର ନକଲ ଭିଜିଲାନ୍ସ ବିଭାଗକୁ ଦେଇଥିବା ଅଭିଯୋଗପତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ କୋଣାର୍କସ୍ଥିତ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ତାମଣି ସେଠୀ କୁହନ୍ତି, ଫାଟିଥିବା କାର୍ଯ୍ୟକୁ ମରାମତି କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏହି କାର୍ଯ୍ୟ ନ କରିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ରାସ୍ତାରୁ ପିଚୁ ଓ ମୋରମ ଉଠିଯାଇଛି।